

‘ନାଗଜିଲା’ରେ ରବି କିଷନ
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-26 ♦MONDAY ♦20 JULY 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୨୬ ♦ସୋମବାର ♦୨୦ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ୧୮,୦୦୦ ଭାରତୀୟଙ୍କୁ ତଡ଼ିବ ଆମେରିକା

■ ନ୍ୟୁୟର୍କ, ୧୯।୭ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଦେଶରେ ବେଆଇନ ଭାବେ ରହୁଥିବା ପ୍ରବାସୀମାନଙ୍କ ବିରୋଧରେ ଏକ ବଡ଼ ଧରଣର ବିତାଡ଼ନ ବା ଡିପୋର୍ଟେସନ୍ ଅଭିଯାନ ଆରମ୍ଭ କରିବାକୁ ଯାଉଛନ୍ତି। ଏହି ପ୍ରକ୍ରିୟାରେ ପ୍ରାୟ ୧୮,୦୦୦ ବେଆଇନ ଭାରତୀୟ ପ୍ରବାସୀଙ୍କୁ ଆମେରିକାରୁ ବାହାର କରିଦିଆଯିବାର ଆଶଙ୍କା ଦେଖାଦେଇଛି। ଏଥର ମଧ୍ୟ ପ୍ରଶାସନ ସେମାନଙ୍କୁ ପଠାଇବା ପାଇଁ ସାମରିକ ବିମାନ ବ୍ୟବହାର କରିବାକୁ ପ୍ରସ୍ତୁତି ଚଳାଇଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଗିରଫ ହେବାକୁ ଥିବା ବ୍ୟକ୍ତିମାନଙ୍କୁ କୌଣସି ଆଇନଗତ ସହାୟତା, ଓକିଲ କିମ୍ବା କୋର୍ଟରେ ଅପିଲ୍ କରିବାର ସୁଯୋଗ ମିଳିବ ନାହିଁ। ଆମେରିକାର

### ମିଳିବନି ଓକିଲ କିମ୍ବା ଅପିଲ୍‌ର ସୁଯୋଗ

ନ୍ୟୁୟର୍କ, ଟେକ୍ସାସ, କାଲିଫର୍ଣ୍ଣିଆ ଏବଂ ନ୍ୟୁଜର୍ସି ଭଳି ପ୍ରମୁଖ ସହରଗୁଡ଼ିକରେ ଇମିଗ୍ରେସନ ଆଣ୍ଡ କଷ୍ଟମ୍ସ ଏନଫୋର୍ସମେଣ୍ଟ (ଆଇସିଇ) ପକ୍ଷରୁ କ୍ରମାଗତ ଭାବେ ଚଢ଼ଉ ଜାରି ରହିଛି, ଯାହା ଭାରତୀୟମାନଙ୍କ ମଧ୍ୟରେ ହତୋତ୍ସାହ ଓ ଆତଙ୍କ ସୃଷ୍ଟି କରିଛି। ବିତାଡ଼ିତ ହେବାକୁ ଥିବା ଲୋକଙ୍କୁ ରଖିବା ପାଇଁ ସରକାର ପ୍ରାୟ ୧୬,୫୦୦ କୋଟି ଟଙ୍କା ଖର୍ଚ୍ଚ କରି ଦୁଇଟି ବିଶାଳ ଗୋଦାମ ଗୃହକୁ ନୂତନ ସ୍ପେଶାଲ ଡିଟେନସନ ସେଣ୍ଟର (ଅଟକ କେନ୍ଦ୍ର)ରେ ପରିଣତ କରିଛନ୍ତି। ବରିଷ୍ଠ ଆଇନଜୀବୀମାନଙ୍କ କହିବା ଅନୁଯାୟୀ, ପୂର୍ବରୁ ବେଆଇନ ପ୍ରବାସୀଙ୍କୁ ନିଜ ପକ୍ଷ ରଖିବାକୁ ଶୁଣାଣିର ସୁଯୋଗ ମିଳୁଥିଲା, କିନ୍ତୁ ଏବେ ସିଧାସଳଖ ଅଟକ କେନ୍ଦ୍ରକୁ ପଠାଯାଉଛି। ଭାରତୀୟ ବୈଦେଶିକ ମନ୍ତ୍ରାଳୟର ସୂଚନା ଅନୁଯାୟୀ, ଗତ ୨୦୨୫ ମସିହାରେ ଆମେରିକା

## ଜୀବନ ହାରିଲେ ଆଇଟି ଗୋଲ୍ଡ ମେଡାଲିଷ୍ଟ

■ କାନପୁର, ୧୯।୭ (ଏଜେନ୍ସି): ସରକାରୀ ଚାକିରି ପାଇଁ ଚାଲିଥିବା ଅନ୍ଧ ଦୌଡ଼ ଆଉ ଏକ ମୂଲ୍ୟବାନ ଜୀବନ ନେଇଛି। କାନପୁରର ଗୋବିନ୍ଦ ନଗର ଥାନା ଅନ୍ତର୍ଗତ ଗୁଜୈନୀ ଅଞ୍ଚଳରେ ଜଣେ ୨୩ ବର୍ଷୀୟ ବିଟେକ୍ ସ୍ୱର୍ଣ୍ଣ ପଦକ ବିଜେତା ଯୁବକ ପ୍ରାୟ ୫୦ ଥର ଚେଷ୍ଟା କରି ମଧ୍ୟ ସରକାରୀ ଚାକିରି ପାଇବାରେ ବିଫଳ ହେବା ପରେ ଫାଶୀଦେଇ ଆତ୍ମହତ୍ୟା କରିଛନ୍ତି।



ମୃତ ଯୁବକଙ୍କ ନାମ ଆନନ୍ଦ କୁମାର ବୋଲି ଜଣାପଡ଼ିଛି। ଘର ଭିତରୁ ପୁଲିସ ଏକ ସୁସାଇଡ୍ ନୋଟ୍ ଉଦ୍ଧାର କରିଛି। ସେଥିରେ ଆନନ୍ଦ ନିଜ ପିତାଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି, ‘ସରି ପାପା, ମୁଁ ୫୦ ଥର ସରକାରୀ ଚାକିରି ପାଇଁ ଚେଷ୍ଟା କଲି, କିନ୍ତୁ ସଫଳ

### ୫୦ ଥର ସରକାରୀ ଚାକିରି ପରୀକ୍ଷାରେ ବିଫଳ

ହୋଇପାରିଲି ନାହିଁ। ମୋତେ କ୍ଷମା କରିଦେବେ।’ ସୂଚନା ଅନୁଯାୟୀ, ଆନନ୍ଦଙ୍କ ପରିବାର ମୂଳତଃ ବିହାରର ବକ୍ସର ଅଞ୍ଚଳର ବାସିନ୍ଦା। ଆନନ୍ଦ ୨୦୨୪ରେ କାନପୁରର ଏକ ପ୍ରତିଷ୍ଠିତ ଇଞ୍ଜିନିୟରିଂ କଲେଜରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ରାଜ୍ୟରେ ତୃତୀୟ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ପାଇଥିଲେ। କଲେଜର ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଆନନ୍ଦୀବେନ ପଟେଲ ତାଙ୍କୁ ସମ୍ମାନିତ କରିଥିଲେ। ପାଠପଢ଼ା ପରେ ସେ ଏକ ବେସରକାରୀ ସଂସ୍ଥାରେ କାମ କରିବା ସହ ବିଭିନ୍ନ ସରକାରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। କିନ୍ତୁ ବାରମ୍ବାର ବିଫଳତା ଯୋଗୁଁ ସେ ଗଭୀର ମାନସିକ ଚାପରେ ଥିଲେ।

# ଆଜିଠୁ ସଂସଦର ମୌସୁମୀ ଅଧିବେଶନ

## ସରକାରଙ୍କ ପାଇଁ ଅଡୁଆ ନିଟ୍ ଓ ରାମମନ୍ଦିର ଦାନ ଚୋରି

### ଆଗତ ହୋଇପାରେ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍
### ସମର୍ଥନ ଦେଇପାରନ୍ତି ଶରଦ ପାୱାରଙ୍କ ଏନ୍‌ସିପି ଓ ଡିଏମ୍‌କେ
### ସଂସଦରେ ଦେଖିବାକୁ ମିଳିବ ନୂଆ ରାଜନୈତିକ ସମୀକରଣ
### ଆଗତ ହେବ ନାହିଁ ଲୋକପ୍ରତିନିଧିଙ୍କ ସଦସ୍ୟତା ରଦ୍ଦ ବିଲ୍

■ ନୂଆଦିଲ୍ଲୀ, ୧୯।୭ (ଏଜେନ୍ସି): ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି ସଂସଦର ମୌସୁମୀ ଅଧିବେଶନ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରବର୍ତ୍ତୀ ପ୍ରଥମ ସଂସଦ ଅଧିବେଶନ ହୋଇଥିବାରୁ ଏଥର ରାଜନୈତିକ ପରିବେଶ ପୂର୍ବାପେକ୍ଷା ଅଧିକ ଉଷ୍ମ ରହିବ ବୋଲି ଆକଳନ କରାଯାଉଛି। ସମ୍ପ୍ରତି ବିଭିନ୍ନ ଦଳରେ ହୋଇଥିବା ବିଭଜନ, ସାଂସଦମାନଙ୍କ ଦଳ ବଦଳ ଓ ପରିବର୍ତ୍ତିତ ସଂସଦୀୟ ସମୀକରଣ ଏହି ଅଧିବେଶନକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ କରିଛି। ଏକପଟେ ବିରୋଧୀ ଦଳ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଘେରିବାକୁ ପ୍ରସ୍ତୁତ ଥିବାବେଳେ, ଅନ୍ୟପଟେ କେନ୍ଦ୍ର ସରକାର ମଧ୍ୟ ନିଜ ବିଧାନଗତ ଏଜେଣ୍ଡାକୁ ଆଗକୁ ବଢ଼ାଇବା ପାଇଁ ଦୃଢ଼ ରଣନୀତି ପ୍ରସ୍ତୁତ କରିଛନ୍ତି।



ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସର ବିଦ୍ରୋହୀ ୨୦ ସାଂସଦ ଏନ୍‌ଡିଏକୁ ଇତିମଧ୍ୟରେ ସମର୍ଥନ ଘୋଷଣା କରିଛନ୍ତି। ଉଦ୍ଧବ ଠାକରେଙ୍କ ଶିବସେନାର ୬ ଜଣ ସାଂସଦ ମଧ୍ୟ ଏନଡିଏର ଅଂଶୀଦାର ଶିବସେନାରେ ସାମିଲ ହୋଇଛନ୍ତି। ଏହି ଘଟଣା ପରେ ▶ପୃଷ୍ଠା-୭

### ସର୍ବଦଳୀୟ ବୈଠକରେ ବିଦ୍ରୋହୀ ଟିଏମ୍‌ସି ସାଂସଦଙ୍କୁ ପୃଥକ ଆସନ

## ବିରୋଧୀଙ୍କ ହଙ୍ଗାମା, ୱାକଆଉଟ୍

■ ନୂଆଦିଲ୍ଲୀ, ୧୯।୭ (ଏଜେନ୍ସି): ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ଆହୂତ ସର୍ବଦଳୀୟ ବୈଠକରେ ତୃଣମୂଳ କଂଗ୍ରେସ(ଟିଏମ୍‌ସି)ର ବିଦ୍ରୋହୀ ସାଂସଦମାନଙ୍କୁ ପୃଥକ ଆସନ ପ୍ରଦାନ କରାଯିବାକୁ ନେଇ ପ୍ରବଳ ହଟ୍ଟଗୋଳ ଦେଖାଦେଇଛି। ଏହାର ପ୍ରତିବାଦରେ ବିରୋଧୀ ମେଣ୍ଟର ସାଂସଦମାନେ ବୈଠକ ବର୍ଜନ କରି ବାହାରକୁ ଚାଲିଯାଇଥିଲେ। ତେବେ ପରବର୍ତ୍ତୀ ସମୟରେ ଏହାକୁ ଏକ ସାଙ୍କେତିକ ପ୍ରତିବାଦ ଦର୍ଶାଇ ସେମାନେ ପୁଣି ବୈଠକରେ ଯୋଗ ଦେଇଛନ୍ତି। ସଂସଦ ଭବନ ପରିସରରେ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ଦ୍ୱାରା ଆୟୋଜିତ ଏହି ବୈଠକରେ ପ୍ରାୟ ୨୦ ଜଣ ବିଦ୍ରୋହୀ ସାଂସଦଙ୍କୁ ନେଇ ଗଠିତ ଏକ ନୂତନ ଗୋଷ୍ଠୀକୁ ସରକାର ନିମନ୍ତ୍ରଣ କରିଥିଲେ। ଏଥିସହିତ ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ମେଜର ବ୍ୟବସ୍ଥା କରାଯାଇଥିଲା। ଲୋକସଭା ବାଚସ୍ପତିଙ୍କ ଦ୍ୱାରା ଏହି ଗୋଷ୍ଠୀକୁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ସ୍ୱୀକୃତି ମିଳିନଥିବା ବେଳେ ସରକାରଙ୍କ ଏଭଳି ପଦକ୍ଷେପକୁ ବିରୋଧୀ ଦଳଗୁଡ଼ିକ ତୀବ୍ର ସମାଲୋଚନା କରିଛନ୍ତି। ବିଦ୍ରୋହୀ ସାଂସଦମାନେ ମୂଳ ଦଳର ସଦସ୍ୟଙ୍କ ସହ ବସିବାକୁ ମନା କରିବା ପରେ ସରକାର ଏହି ବ୍ୟବସ୍ଥା କରିଥିବା ଜଣାପଡ଼ିଛି। ଟିଏମ୍‌ସିର ମହୁଆ ମୈତ୍ର ଏହି ପଦକ୍ଷେପକୁ ସମ୍ପୂର୍ଣ୍ଣ ବେଆଇନ ବୋଲି ଅଭିହିତ କରିଛନ୍ତି। ସେ କହିଛନ୍ତି ଯେ ସମ୍ବିଧାନର ୯୧ତମ ସଂଶୋଧନ ଅନୁଯାୟୀ କୌଣସି ପୃଥକ ଗୋଷ୍ଠୀ ଗଠନର ସୁଯୋଗ ନାହିଁ ▶ପୃଷ୍ଠା-୭

### ପରୀକ୍ଷା ଅବ୍ୟବସ୍ଥାକୁ ନେଇ ନବୀନଙ୍କ କ୍ଷୋଭ

## ଭରସା ଭାଙ୍ଗିଛି ଶିକ୍ଷା ବ୍ୟବସ୍ଥା



■ ଭୁବନେଶ୍ୱର, ୧୯।୭ (ସମିସ): ଦେଶର କୋଟି କୋଟି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଜଡ଼ିତ ଶିକ୍ଷା ବ୍ୟବସ୍ଥା ଆଜି ଏକ ଗଭୀର ବିଶ୍ୱାସ ସଙ୍କଟର ସମ୍ମୁଖୀନ ହୋଇଛି। ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅନିୟମିତତା, ପ୍ରଶ୍ନପତ୍ର ଲିକ୍, ମୂଲ୍ୟାୟନରେ ତ୍ରୁଟି ଓ ପରୀକ୍ଷା ପରିଚାଳନାରେ ବାରମ୍ବାର ଦେଖାଦେଉଥିବା ବିଫଳତା କେବଳ ଗୋଟିଏ ପରୀକ୍ଷାକୁ ନୁହେଁ, ସମଗ୍ର ଶିକ୍ଷା ବ୍ୟବସ୍ଥାର ବିଶ୍ୱସନୀୟତା ପ୍ରଶ୍ନର କାଠଗଡ଼ାରେ ଠିଆ ହୋଇଛି। ଏଭଳି ପରିସ୍ଥିତିରେ ଦେଶର ଯୁବପିଢ଼ିଙ୍କ ଆସ୍ଥାକୁ ପୁନଃ ସ୍ଥାପନ କରିବା ପାଇଁ ସଂସଦରେ ଏହି ପ୍ରସଙ୍ଗକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ବ୍ୟାପକ ଆଲୋଚନା ସହ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ସହ ସରକାର ତୁରନ୍ତ ବାର୍ତ୍ତାଳାପ କରନ୍ତୁ ବୋଲି ପରାମର୍ଶ ଦେଇଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ । ଏପରି କରିପାରିଲେ ସେମାନଙ୍କ ମନରେ ଆମର ଶିକ୍ଷା ବ୍ୟବସ୍ଥା, ଗଣତନ୍ତ୍ର ପ୍ରତି ସେମାନଙ୍କର ବିଶ୍ୱାସକୁ ପୁନଃସ୍ଥାପିତ କରିପାରିବ ବୋଲି ନବୀନ କହିଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ଆମ ଦେଶର ଲକ୍ଷ ଲକ୍ଷ ପିଲାଙ୍କ ପାଇଁ ଶିକ୍ଷା ହିଁ ଏକ ଉଜ୍ଜ୍ୱଳ ଭବିଷ୍ୟତର ଏକମାତ୍ର ମାଧ୍ୟମ। ▶ପୃଷ୍ଠା-୭

**ଛାତ୍ରଙ୍କ ସହ ଆଲୋଚନା କରନ୍ତୁ ସରକାର**

**ସଜୀବ ଗଣତନ୍ତ୍ର ସଂଳାପ ମାଧ୍ୟମରେ ଆଗକୁ ବଢ଼େ**

**ପରୀକ୍ଷାର ସ୍ୱଚ୍ଛତା ସହ ସାଲିସ, ଭବିଷ୍ୟତ ସହ ସାଲିସ ସଦୃଶ**

**ପ୍ରାଥମିକତାର ସହ ସଂସଦରେ ହେଉ ଆଲୋଚନା**

## ନବୀନଙ୍କ ନେତୃତ୍ୱକୁ ସିନ୍ଧୁଙ୍କ ପ୍ରଶଂସା

■ ଭୁବନେଶ୍ୱର, ୧୯।୭ (ସମିସ): ପ୍ରଥମ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ପିଭି ସିନ୍ଧୁ ଜାପାନ ଓପନ ଟାଇଟଲ୍ ଜିତିଛନ୍ତି। ରବିବାର ଟୋକିଓରେ ଅନୁଷ୍ଠିତ ମହିଳା ଫାଇନାଲରେ ସିନ୍ଧୁ ୨୧-୧୭, ୨୧-୧୭ ସିଧାସଳଖ ଗେମରେ ଘରୋଇ ତାରକା ତଥା ତିନିଥରର ବିଶ୍ୱ ଚାମ୍ପିଅନ ଅକାନେ ୟାମାଗୁଚିଙ୍କୁ ପରାସ୍ତ କରିଥିଲେ। ଦୁଇ ବର୍ଷର ପ୍ରତୀକ୍ଷାର ଅନ୍ତ ପରେ ପ୍ରଥମ ଓ ମୋଟ୍ ଉପରେ ୬ଷ୍ଠ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଟାଇଟଲ୍ ଜିତିଥିବା ସିନ୍ଧୁଙ୍କୁ ଏହି ଅବସରରେ ଚାରିଆଡ଼ୁ ଶୁଭେଚ୍ଛାର ସୁଅ ଛୁଟିଛି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଏକ୍ସ’ ଜରିଆରେ ସିନ୍ଧୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ‘ଅକାନେ ୟାମାଗୁଚିଙ୍କୁ ପରାସ୍ତ କରି ଜାପାନ ଓପନ ଟାଇଟଲ୍ ଜିତିଥିବା ପିଭି ▶ପୃଷ୍ଠା-୭



**ପବିତ୍ର ରଥଯାତ୍ରାରେ ଟ୍ରଫି ଜିତି ଧନ୍ୟ ମନେ କରୁଛି**

### ଗୁପ୍ତା ପାୱାର ଦ୍ୱାରା ୧୧୦୯ କୋଟି ଟଙ୍କାର ବ୍ୟାଙ୍କ ଋଣ ଠକେଇ ଅଭିଯୋଗ

## ଓଡ଼ିଶା ସମେତ ୪ ରାଜ୍ୟରେ ସିବିଆଇ ଚଢ଼ଉ

■ ଭୁବନେଶ୍ୱର, ୧୯।୭ (ସମିସ): ଭୁବନେଶ୍ୱରସ୍ଥିତ ମେସର୍ସ ଗୁପ୍ତା ପାୱାର ଇନ୍ଫ୍ରାଷ୍ଟ୍ରକ୍‌ଚର ଲିମିଟେଡ୍ ଦ୍ୱାରା ୧୧୦୯ କୋଟି ଟଙ୍କାର ବ୍ୟାଙ୍କ ଋଣ ଠକେଇ ମାମଲାରେ ରବିବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସିବିଆଇ ଓଡ଼ିଶା ସମେତ ୪ଟି ରାଜ୍ୟରେ ଏକକାଳୀନ ଚଢ଼ଉ କରିଛି। ଭୁବନେଶ୍ୱର ସ୍ପେଶାଲ ଜଜ୍, ସିବିଆଇ କୋର୍ଟଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ଆଧାରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ଉତ୍ତରାଖଣ୍ଡ ଆଦି ୪ଟି ରାଜ୍ୟର ୬ଟି ସ୍ଥାନରେ ଏହି ଚଢ଼ଉ କରାଯାଇ ବିପୁଳ ପରିମାଣର ଆପତ୍ତିଜନକ କାଗଜପତ୍ର ଜବତ କରାଯାଇଛି।

ସୂଚନା ଅନୁଯାୟୀ, ଗୁପ୍ତା ପାୱାର ଇନ୍ଫ୍ରାଷ୍ଟ୍ରକ୍‌ଚର ଲିମିଟେଡ୍ କାନାରା ବ୍ୟାଙ୍କରୁ ବିଭିନ୍ନ ପ୍ରକାରର ଋଣ ଓ ଅଣ-ପାଣ୍ଠି ଭିତ୍ତିକ ଆର୍ଥିକ ସୁବିଧା ନେଇ ୧୧୦୯ କୋଟି ଟଙ୍କାର ଋଣ ଠକେଇ କରିଛି। କମ୍ପାନୀ ନିଜ ଷ୍ଟକ୍‌ର ମୂଲ୍ୟକୁ କୃତ୍ରିମ ଭାବେ ବଢ଼ାଇଦେଇଥିଲା। ଟ୍ରେଡ୍ ରିସିଭେବଲ୍‌କୁ ମଧ୍ୟ ଉଚ୍ଚା ଦେଖାଇଥିଲା। କମ୍ପାନୀର ଆର୍ଥିକ ବିବରଣୀରେ ମିଥ୍ୟା ତଥ୍ୟ ଦେଇ ବ୍ୟାଙ୍କଠାରୁ ଅଧିକ ଋଣ ସୁବିଧା ହାସଲ କରିଥିଲା। ତଦନ୍ତକାରୀ ସଂସ୍ଥା ଅଭିଯୋଗ କରିଛି ଯେ କମ୍ପାନୀ ଋଣ ଟଙ୍କାକୁ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରିଥିଲା। ଟଙ୍କାକୁ ଅନ୍ୟତ୍ର ପଠାଇ ଦେଇଥିଲା। ଏହା ବ୍ୟତୀତ ଆକାଉଣ୍ଟକୁ ଜୀବିତ ରଖିବା ପାଇଁ ଏଭରଗ୍ରୀନିଂ ମଧ୍ୟ କରାଯାଇଥିଲା। ଏହାଦ୍ୱାରା ବ୍ୟାଙ୍କକୁ ବହୁତ ବଡ଼ ଆର୍ଥିକ କ୍ଷତି ସହିବାକୁ ପଡ଼ିଛି।

ସିବିଆଇ ଅଧିକାରୀମାନେ ଭୁବନେଶ୍ୱରରେ ଥିବା କମ୍ପାନୀର କାରଖାନା ଏବଂ ଗୁପ୍ତା ପାୱାର ଇନ୍ଫ୍ରାଷ୍ଟ୍ରକ୍‌ଚର ଲିମିଟେଡ୍‌ର ୪ ଜଣ ନିର୍ଦ୍ଦେଶକଙ୍କ ବାସଭବନରେ ଚଢ଼ଉ କରିଥିଲେ। ଏହା ବ୍ୟତୀତ ପଶ୍ଚିମବଙ୍ଗର କୋଲକାତାରେ ଥିବା କମ୍ପାନୀର ପଞ୍ଜିକୃତ ଅଫିସ, ଉତ୍ତରାଖଣ୍ଡର ଉଧମ୍‌ସିଂ ନଗର ଜିଲ୍ଲା କାଶୀପୁରେ ଥିବା କାରଖାନା, ତାମିଲନାଡୁର ତିରୁଭଲ୍ଲୁରରେ ଥିବା ୟୁନିଟ୍ ଏବଂ ଭୁବନେଶ୍ୱରରେ ଥିବା ଅନ୍ୟ ଏକ କାରଖାନାରେ ମଧ୍ୟ ଚଢ଼ଉ ହୋଇଥିଲା। ଏବେ ମାମଲାର ତଦନ୍ତ ଜାରି ରହିଛି ବୋଲି ସିବିଆଇ ପକ୍ଷରୁ କୁହାଯାଇଛି। କେବଳ କାନାରା ବ୍ୟାଙ୍କ ନୁହେଁ; ଗତ ଫେବୃଆରୀ ମାସରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ ଇଣ୍ଡିଆ ବିଓଆଇ ମଧ୍ୟ ଗୁପ୍ତା ପାୱାର ଇନ୍ଫ୍ରାଷ୍ଟ୍ରକ୍‌ଚର ଲିମିଟେଡ୍ ଦ୍ୱାରା ଋଣ ଠକେଇ ହୋଇଥିବା ନେଇ ଆର୍‌ବିଆଇଙ୍କୁ ଅବଗତ କରାଇଥିଲେ।

### ସର୍ବଦଳୀୟ ବୈଠକରେ ବିଜେଡିର ଆଭିମୁଖ୍ୟ ସ୍ପଷ୍ଟ

## ରାଜ୍ୟସ୍ୱାର୍ଥ ସର୍ବାଗ୍ରେ

■ ଭୁବନେଶ୍ୱର, ୧୯।୭ (ସମିସ): ଆସନ୍ତାକାଲିଠାରୁ ମୌସୁମୀ ଅଧିବେଶନରେ ଓଡ଼ିଶାର ସ୍ୱାର୍ଥ ସହ ଜଡ଼ିତ ଏକାଧିକ ପ୍ରସଙ୍ଗକୁ ସଂସଦରେ ଉଠାଇବ ବିଜେଡି। ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ବିଜେପି ସରକାରଙ୍କ ଦୁଇ ବର୍ଷର ବିଫଳତା, କୋଇଲା ରୟାଲଟି ବୃଦ୍ଧି, ପାଠ୍ୟପୁସ୍ତକରେ ରହିଥିବା ତ୍ରୁଟି, କୃଷି ଓ କୃଷକଙ୍କ ସମସ୍ୟା ସହ ଓଡ଼ିଶା ଏବଂ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ନିଷ୍ପତ୍ତି ହୋଇଥିବା ନେଇ ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ ସୂଚନା ଦେଇଛନ୍ତି। ମୌସୁମୀ ଅଧିବେଶନ ପୂର୍ବରୁ ରବିବାର



▶▶ ସଂସଦରେ ଉଠିବ ରାଜ୍ୟ ସରକାରଙ୍କ ବିଫଳତା ପ୍ରସଙ୍ଗ

▶▶ ସାଂସଦମାନଙ୍କ ହାତପାଣ୍ଠି ବ୍ୟୟରେ ସଂକୋଚନ ଷଡ଼ଯନ୍ତ୍ର

ଦିଲ୍ଲୀରେ ଆୟୋଜିତ ସର୍ବଦଳୀୟ ବୈଠକରେ ଶ୍ରୀ ମଙ୍ଗରାଜ ଦଳ ପକ୍ଷରୁ ଓଡ଼ିଶାର ସ୍ୱାର୍ଥ ସମ୍ବନ୍ଧୀୟ ଏକାଧିକ ଦାବି ଉପସ୍ଥାପନ କରିବା ସହ ଏହି ସବୁ ପ୍ରସଙ୍ଗ ଉପରେ ସଂସଦରେ ସ୍ୱତନ୍ତ୍ର ଆଲୋଚନା ପାଇଁ ଦାବି କରିଛନ୍ତି। ଏହା ସହ ଗତ ଦୁଇ ବର୍ଷ ଧରି ଓଡ଼ିଶାରେ ବିଜେଡି ସାଂସଦମାନଙ୍କ ହାତପାଣ୍ଠି ବ୍ୟୟ କ୍ଷେତ୍ରରେ ଦିଆଯାଉଥିବା ବାଧା ଓ ସୃଷ୍ଟି କରାଯାଉଥିବା ପ୍ରତିବନ୍ଧକ ସମ୍ପର୍କରେ ମଧ୍ୟ ସଂସଦୀୟ ଦଳ ବୈଠକରେ ଉଠାଇଛନ୍ତି। ବୈଠକରେ ଉପସ୍ଥିତ ଶାସକଦଳର ତିନି ପ୍ରତିନିଧି ତଥା ବରିଷ୍ଠ ମନ୍ତ୍ରୀ ରାଜନାଥ ସିଂହ, ଜଗତପ୍ରକାଶ ନଡ୍ଡା ଓ କିରଣ ରିଜିଜୁ ଏହି ପ୍ରସଙ୍ଗକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ମଙ୍ଗରାଜ କହିଛନ୍ତି ଯେ, ବିଜେଡି ପକ୍ଷରୁ ଦକ୍ଷିଣ ଏସିଆର ବର୍ତ୍ତମାନର ଯୁଦ୍ଧ ପରିସ୍ଥିତି, ଅହେତୁକ ଦରବୃଦ୍ଧି, ପେଟ୍ରୋଲରେ ଇଥାନଲ ମିଶ୍ରଣ ଫଳରେ ଗାଡ଼ିର ଇଞ୍ଜିନରେ ସୃଷ୍ଟି ହେଉଥିବା ସମସ୍ୟା ଆଦି ପ୍ରସଙ୍ଗ ସଂସଦରେ ଉଠାଇବ। ସେହିପରି ଓଡ଼ିଶା ସମ୍ବନ୍ଧୀୟ ବିଭିନ୍ନ ଜନସ୍ୱାର୍ଥ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ମଧ୍ୟ ଦଳ ପ୍ରଶ୍ନ କରିବ। ରାଜ୍ୟରେ ବିଜେପି ସରକାରର ▶ପୃଷ୍ଠା-୭




# ଦେଶ ବିଦେଶ

ସକାଳ THE SAKALA
www.sakalaepaper.com

## ଉଲଗ୍ନ ହୋଇ ମନ୍ଦିରରୁ ମୂର୍ତ୍ତି ନେଇ ପୋଖରୀକୁ ଡେଇଁ ମୃତ୍ୟୁବରଣ କଲେ ମହିଳା ଆଇଟି ଇଞ୍ଜିନିୟର

ହାଇଦ୍ରାବାଦ,୧୯ ।୭ (ଏଜେନ୍ସି): ହାଇଦ୍ରାବାଦର ଜଣେ ମହିଳା ସଫ୍ଟୱେର୍ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟଣାରୁ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ପୁଲିସର ସୂଚନା ଅନୁଯାୟୀ, ତେଜସ୍ୱିନୀ ନାମକ ଜଣେ ଆଇଟି ସେକ୍ଟରର ମହିଳା କର୍ମଚାରୀ ନିଜ ପୋଷାକ ଖୋଲି ଉଲଗ୍ନ ଅବସ୍ଥାରେ ଏକ ସ୍ଥାନୀୟ ମନ୍ଦିରକୁ ଯାଇଥିଲେ। ସେଠାରୁ ସେ ମା' ଆମ୍ମାଭାରୁଙ୍କ ଏକ ମୂର୍ତ୍ତି ଧରି ନିକଟସ୍ଥ ପୋଖରୀକୁ ଦୌଡ଼ି ଯାଇଥିଲେ ଏବଂ ମୂର୍ତ୍ତି ସହ ପାଣିକୁ ଡେଇଁ ପଡ଼ିଥିଲେ, ଯାହାଫଳରେ ବୁଡ଼ିଯାଇ ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ମହିଳାଙ୍କ ମୃତଦେହ ଉଦ୍ଧାର କରିଥିଲେ ମଧ୍ୟ ସେ ଧରିଥିବା ଦେବୀ ମୂର୍ତ୍ତିଟି ଏପର୍ଯ୍ୟନ୍ତ ମିଳିନାହିଁ। ମୂର୍ତ୍ତିର ସନ୍ଧାନ ପାଇଁ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଡିଆରଏଫ) ପକ୍ଷରୁ ବୋଟ୍ ସାହାଯ୍ୟରେ ପୋଖରୀରେ ବ୍ୟାପକ ଖୋଜାଖୋଜି ଚାଲିଛି। ଏହି ଘଟଣା ସମ୍ପର୍କରେ ସୂଚନା ପାଇବା ପାଇଁ ପୁଲିସ ମୃତ ମହିଳାଙ୍କ ମା'ଙ୍କୁ ପଚରାଉଚରା କରିବା ସହ ତେଜସ୍ୱିନୀଙ୍କ ଶେଷ ସମୟର ଆର୍ଥିକ କାରବାର ଓ ଗତିବିଧି ଉପରେ ନଜର ରଖିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ତେଜସ୍ୱିନୀ ଏକ ଭଡ଼ା ଘରେ ରହୁଥିଲେ, ଯେଉଁଥିପାଇଁ ସେ ଦୈନିକ ପ୍ରାୟ ୩,୫୦୦ ଟଙ୍କା ହିସାବରେ ମାସକୁ ପ୍ରାୟ ୧ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିଲେ। ଉକ୍ତ ବିଲ୍ଡିଂର ଉପର ଦୁଇଟି ମହଲା ଏକ ଲଜ୍ ଭଳି ବେଆଇନ ଭାବେ ଚାଲୁଥିବା ଜଣାପଡ଼ିଛି, ଯାହାକୁ ନେଇ ପୁଲିସ ଖୋଳତାଡ଼ କରୁଛି।

## ଏଭରେଷ୍ଟରୁ ୩୦ ବର୍ଷ ପରେ ଫେରିବ ସହିଦ ଯବାନଙ୍କ ମୃତଦେହ

ଲେହ,୧୯ ।୭ (ଏଜେନ୍ସି): ବିଶ୍ୱର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଭରେଷ୍ଟର ୨୬,୨୪୭ ଫୁଟ୍ ଉଚ୍ଚତା ବିଶିଷ୍ଟ ବିପଜ୍ଜନକ 'ଡେଥ୍ ଜୋନ୍' (ମୃତ୍ୟୁ ବଳୟ)ରେ ଦୀର୍ଘ ୩୦ ବର୍ଷ ଧରି ବରଫାବୃତ ହୋଇ ରହିଥିବା ଜଣେ ଭାରତୀୟ ସେନା ଯବାନଙ୍କ ମୃତଦେହ ଶେଷରେ ନିଜ ଗାଁ ଲଦାଖକୁ ଫେରିବାକୁ ଯାଉଛି। ଏଭରେଷ୍ଟ ଆରୋହଣକାରୀଙ୍କ ପାଇଁ ଏକ ପରିଚିତ ଚିହ୍ନ ପାଲଟିଥିବା ଏବଂ ବିଶ୍ୱବ୍ୟାପୀ 'ଗ୍ରୀନ୍ ବୁଟ୍ସ' ନାମରେ ଜଣାଶୁଣା ଏହି ମୃତଦେହଟି ଆଇଟିବିପି ଯବାନ ତ୍ସେୱାଙ୍ଗ ପାଲଜୋରଙ୍କର ବୋଲି ପୂର୍ବରୁ ଭାବି ନିଆଯାଇଥିଲା। ତେବେ ସମ୍ପ୍ରତି ଡିଏନଏ ପରୀକ୍ଷା ଦ୍ୱାରା ଏହା ଲଦାଖର ସହିଦ ଯବାନ ଲାନ୍ସ ନାଏକ ଦୋର୍ଜେ ମୋରୁପ୍‌ଙ୍କର ବୋଲି ସ୍ପଷ୍ଟ ହୋଇଛି। ଆସନ୍ତା ଅକ୍ଟୋବର ସୁଦ୍ଧା ତାଙ୍କ ପାର୍ଥିବ ଶରୀର ପରିବାରକୁ ହସ୍ତାନ୍ତର କରାଯିବାର ସମ୍ଭାବନା ରହିଛି। ୧୯୯୬ ମସିହା ମେ ୧୦ରେ ଭାରତୀୟ ଏଭରେଷ୍ଟ ଅଭିଯାନ ଦଳର ସଦସ୍ୟ ଥିବା ଦୋର୍ଜେ ଏବଂ ତାଙ୍କର ଅନ୍ୟ ଦୁଇ ସହଯୋଗୀ ଏକ ବରଫ ଝଡ଼ରେ ଫସିଯାଇ ପ୍ରାଣ ହରାଇଥିଲେ। ସେ ସବୁଜ ରଙ୍ଗର ବୁଟ୍ ପିନ୍ଧିଥିବାରୁ ଏକ ଗୁମ୍ଫା ମଧ୍ୟରେ ଫ୍ରିଜ୍ ହୋଇଯାଇଥିବା ତାଙ୍କ ଶରୀରକୁ ପର୍ବତାରୋହୀମାନେ 'ଗ୍ରୀନ୍ ବୁଟ୍ସ କେଭ୍' ନାମରେ ଚିହ୍ନୁଥିଲେ। ଅତ୍ୟଧିକ ଉଚ୍ଚତାରେ ଅମ୍ଳଜାନର ଘୋର ଅଭାବ ଏବଂ ହେଲିକପ୍ଟର ଯାଇପାରିବା ଅସମ୍ଭବ ହୋଇଥିବାରୁ ଏହି ମୃତଦେହକୁ ୩୦ ବର୍ଷ ଧରି ଉଦ୍ଧାର କରାଯାଇ ପାରିନଥିଲା। ବର୍ତ୍ତମାନ ୭୫ ବର୍ଷୀୟା ପତ୍ନୀ କୋଞ୍ଚୋକ ନିଜ ସ୍ୱାମୀଙ୍କ ମୃତଦେହକୁ ଶେଷଥର ଦେଖିବା ପାଇଁ ଅପେକ୍ଷା କରି ରହିଛନ୍ତି।

### ■ ଅନ୍ତର୍ଜାତୀୟ ରସାୟନ, ଜୀବବିଜ୍ଞାନ ଅଲିମ୍ପିଆଡ୍

## ଦେବଦତ୍ତ ପ୍ରିୟଦର୍ଶୀଙ୍କ ସମେତ ୫ ଭାରତୀୟଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୧୯ ।୭ (ଏଜେନ୍ସି): ଅନ୍ତର୍ଜାତୀୟ ରସାୟନ ଓ ଜୀବବିଜ୍ଞାନ ଅଲିମ୍ପିଆଡ୍‌ରେ ଭାରତୀୟ ଛାତ୍ରଛାତ୍ରୀମାନେ ଚମତ୍କାର ପ୍ରଦର୍ଶନ କରି ମୋଟ ୫ଟି ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ ଜିତିଛନ୍ତି। ଏହା ସହ ଭାରତ ବିଶ୍ୱ ମଞ୍ଚରେ ଆଉ ଏକ ଗୌରବମୟ ସଫଳତା ହାସଲ କରିଛି। ଉଜବେକିସ୍ତାନର ତାସକେଣ୍ଟରେ ଆୟୋଜିତ ୫୮ତମ ଅନ୍ତର୍ଜାତୀୟ ରସାୟନ ଅଲିମ୍ପିଆଡ୍ (ଆଇସିଏଚ୍‌ଓ-୨୦୨୬)ରେ ଭାରତୀୟ ଦଳର ସମସ୍ତ ୪ ଜଣ ପ୍ରତିଯୋଗୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହା ରସାୟନ ଅଲିମ୍ପିଆଡ୍‌ରେ ଭାରତର ଇତିହାସର ସର୍ବଶ୍ରେଷ୍ଠ ପ୍ରଦର୍ଶନ ବୋଲି କୁହାଯାଉଛି। ସ୍ୱର୍ଣ୍ଣ ପଦକ ବିଜେତାମାନେ ହେଲେ ଭୁବନେଶ୍ୱରର ଦେବଦତ୍ତ ପ୍ରିୟଦର୍ଶୀ, ମାଣ୍ଡି ଗୋବିନ୍ଦଗଡ଼ର ହର୍ଷିତ ସିଂଘଲ, ଦିଲ୍ଲୀର କବୀର ଛିଲ୍ଲର ଏବଂ ହାଇଦ୍ରାବାଦର ସନ୍ଦୀପ କୁଚି। ଦେବଦତ୍ତ ପ୍ରିୟଦର୍ଶୀ ଓ ସନ୍ଦୀପ କୁଚି କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଅଲିମ୍ପିଆଡ୍‌ରେ ପଦକ ଜିତିବାରେ ସଫଳ ହୋଇଛନ୍ତି। ଏହାବ୍ୟତୀତ, ଲିଥୁଆନିଆରେ ଆୟୋଜିତ ୩୮ତମ ଅନ୍ତର୍ଜାତୀୟ ଜୀବବିଜ୍ଞାନ ଅଲିମ୍ପିଆଡ୍‌ରେ ଭାରତୀୟ ଦଳ ୧ଟି ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ ହାସଲ କରିଛି। ଦେଶର ବିଜ୍ଞାନ ଶିକ୍ଷା ଓ ପ୍ରତିଭାର ଅନ୍ତର୍ଜାତୀୟ ସ୍ତରରେ ବୃଦ୍ଧି ପାଉଥିବା ପ୍ରତିଷ୍ଠାକୁ ପୁଣିଥରେ ପ୍ରମାଣିତ ହୋଇଛି। ବିଶେଷକରି ଭୁବନେଶ୍ୱରର ଦେବଦତ୍ତ ପ୍ରିୟଦର୍ଶୀଙ୍କ ସଫଳତା ଓଡ଼ିଶା ପାଇଁ ଗର୍ବର ବିଷୟ ହୋଇଛି।

### ମୌସୁମୀର ଜବରଦସ୍ତ ପ୍ରତ୍ୟାବର୍ତ୍ତନ

## ଆସନ୍ତା ସପ୍ତାହରେ ଦେଶର ଉତ୍ତର, ପୂର୍ବ ଓ ମଧ୍ୟରେ ବ୍ୟାପକ ବର୍ଷା

ନୂଆଦିଲ୍ଲୀ,୧୯ ।୭ (ଏଜେନ୍ସି): ଜୁଲାଇ ମାସରେ ଦୀର୍ଘ ପ୍ରତୀକ୍ଷା ପରେ ଦେଶକୁ ଫେରୁଛି ମୌସୁମୀ ବାୟୁ। ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ଆସନ୍ତା ସପ୍ତାହ ଆରମ୍ଭରୁ ଦେଶର ଉତ୍ତର, ପୂର୍ବ ଏବଂ ମଧ୍ୟ ଭାଗରେ ବ୍ୟାପକ ବର୍ଷା ହେବାର ସମ୍ଭାବନା ରହିଛି। ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଏକ ନୂତନ ଲଘୁଚାପ ଯୋଗୁଁ ମୌସୁମୀ ପୁଣି ସକ୍ରିୟ ହେବ ଏବଂ ଏହାଦ୍ୱାରା ଗୁଳୁଗୁଳି ଜନିତ ଗରମରୁ ମୁକ୍ତି ମିଳିବ। ଆସନ୍ତା ସପ୍ତାହ ଆରମ୍ଭରୁ ସର୍ବପ୍ରଥମେ ଉତ୍ତର-ପୂର୍ବ ଭାରତରେ ବର୍ଷାର ପ୍ରଭାବ ଦେଖାଯିବ। ପରବର୍ତ୍ତୀ ସମୟରେ ଏହା ପୂର୍ବ, ମଧ୍ୟ ଏବଂ ଉତ୍ତର ଭାରତକୁ ସମ୍ପ୍ରସାରିତ ହେବ। ଅଧିକାଂଶ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷାର ପୂର୍ବାନୁମାନ କରାଯାଇଛି। ବିଶେଷ କରି ଗାଙ୍ଗେୟ ସମତଳ ଅଞ୍ଚଳ ଏବଂ ମଧ୍ୟ ଭାରତର ବାସିନ୍ଦାମାନଙ୍କୁ ଚଳିତ ବର୍ଷ ଅତ୍ୟଧିକ ଗରମରୁ ପ୍ରଥମ ଥର ପାଇଁ ଆଶ୍ୱସ୍ତି ମିଳିବ। ଏହି ପ୍ରତ୍ୟାବର୍ତ୍ତନର ମୁଖ୍ୟ ଉତ୍ସ ହେଉଛି ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଲଘୁଚାପ ବଳୟ। ଏହା ସମୁଦ୍ରରୁ ପ୍ରଚୁର ପରିମାଣର ଜଳୀୟବାଷ୍ପପୂର୍ଣ୍ଣ ବାୟୁକୁ ସ୍ଥଳଭାଗ ଆଡ଼କୁ ଟାଣି ଆଣିବ। ଏହି ବାୟୁ ପ୍ରବାହ ଫଳରେ ହିମାଳୟର ପାଦଦେଶ ଆଡ଼କୁ ଗତି କରୁଥିବା ମୌସୁମୀର ମୁଖ୍ୟ ଅକ୍ଷରେଖା ପୁଣି ନିଜ ସ୍ଥାନକୁ ଫେରିଆସିବ। ଏହାଦ୍ୱାରା ବଙ୍ଗୋପସାଗର ଏବଂ ଆରବ ସାଗର ଉଭୟ ପାର୍ଶ୍ୱରୁ ଆସୁଥିବା ଆର୍ଦ୍ର ବାୟୁ ଦେଶର ଆଭ୍ୟନ୍ତରୀଣ ଭାଗରେ ବ୍ୟାପକ ବର୍ଷା କରାଇବ। ଚଳିତ ମାସରେ ମୌସୁମୀ ଏକ ପ୍ରକାର ନିଷ୍କ୍ରିୟ ଅବସ୍ଥା ଦେଇ ଗତି କରୁଥିଲା। ସମୁଦ୍ରରେ କମ୍ ସଂଖ୍ୟକ ଲଘୁଚାପ ସୃଷ୍ଟି ହେବା ଏବଂ ଆରବ ସାଗରରୁ ଆସୁଥିବା ପବନ ଦୁର୍ବଳ ହେବା ଯୋଗୁଁ ବାଦଲ ସୃଷ୍ଟି ହୋଇପାରିନଥିଲା। ଏହି କାରଣରୁ ଦେଶରେ ସ୍ୱାଭାବିକ ତୁଳନାରେ ପ୍ରାୟ ଶତକଡ଼ା ୨୪ ଭାଗ କମ୍ ବର୍ଷା ରେକର୍ଡ କରାଯାଇଛି। ମେଘ ନଥିବା ଯୋଗୁଁ ପ୍ରଖର ସୂର୍ଯ୍ୟକିରଣ ମାଟିକୁ ଉତ୍ତପ୍ତ କରିଥିଲା ଏବଂ ବାୟୁମଣ୍ଡଳରେ ଥିବା ଆର୍ଦ୍ରତା ଯୋଗୁଁ ଅନେକ ସହରରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଭଳି ଅନୁଭୂତ ହେଉଥିଲା। ଆସନ୍ତା ସପ୍ତାହର ବର୍ଷା ଚାଷୀଙ୍କୁ ଧାନ, ସୋୟାବିନ, କପା ଏବଂ ଡାଲି ଜାତୀୟ ଶସ୍ୟ ବୁଣିବାରେ ବେଶ୍ ସହାୟକ ହେବ। ମାତ୍ର ଚଳିତ ଋତୁର ବର୍ଷା ନିଅଣ୍ଟିଆ ସ୍ଥିତିକୁ ସୁଧାରିବା ପାଇଁ କେବଳ ଗୋଟିଏ ସପ୍ତାହର ବର୍ଷା ଯଥେଷ୍ଟ ନୁହେଁ ବରଂ ଆଗାମୀ କିଛି ସପ୍ତାହ ଧରି କ୍ରମାଗତ ବର୍ଷାର ଆବଶ୍ୟକତା ରହିଛି। ମୌସୁମୀର ପ୍ରକୃତ ପରୀକ୍ଷା ଏବେ ଆରମ୍ଭ ହେବାକୁ ଯାଉଥିବା ବେଳେ ଆସନ୍ତା ଅଗଷ୍ଟ ମାସର ପାଣିପାଗ ହିଁ ଚଳିତ ବର୍ଷର ମୋଟ ବର୍ଷାର ସ୍ଥିତି ନିର୍ଦ୍ଧାରଣ କରିବ।

## ପୁଞ୍ଚ-ରାଜୌରୀରେ ପ୍ରଳୟଙ୍କରୀ ବନ୍ୟା, ଭୂସ୍ଖଳନ: ୮ ମୃତ, ୬ ନିଖୋଜ



ଜମ୍ମୁ,୧୯ ।୭ (ଏଜେନ୍ସି): ଜମ୍ମୁ ଓ କାଶ୍ମୀରର ପୁଞ୍ଚ ଏବଂ ରାଜୌରୀ ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଛି। ପ୍ରଳୟଙ୍କରୀ ଫ୍ଲାସ୍ ଫ୍ଲଡ୍ (ଆକସ୍ମିକ ବନ୍ୟା) ଏବଂ ଭୂସ୍ଖଳନ ଯୋଗୁଁ ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଜଣ ନିଖୋଜ ଅଛନ୍ତି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ନିଜର ଦିଲ୍ଲୀ ଗସ୍ତ ଅଧାରୁ ସ୍ଥଗିତ ରଖି ଜାମ୍ମୁ ଫେରିଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରିପୋର୍ଟ ଅନୁଯାୟୀ, ପୁଞ୍ଚ ଜିଲ୍ଲାର ସୁରନକୋଟ୍ ତହସିଲରେ ସବୁଠାରୁ ଅଧିକ କ୍ଷୟକ୍ଷତି ଘଟିଛି। ଏଠାରେ ଭୂସ୍ଖଳନ ଯୋଗୁଁ ଘର ଭୁଶୁଡ଼ି ପଡ଼ିବାରୁ ଗୋଟିଏ ପରିବାରର ଲୋକେ ମାଟି ତଳେ ଚାପି ହୋଇଯାଇଥିଲେ, ସେଥିମଧ୍ୟରୁ ଦୁଇ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି ଏବଂ ୬ ଜଣ ଏବେ ମଧ୍ୟ ନିଖୋଜ ଅଛନ୍ତି। ଅନ୍ୟ କେତେକ ସ୍ଥାନରେ ଘର କାନ୍ଥ ପଡ଼ି ଏବଂ ବନ୍ୟା ପାଣିରେ ଭାସିଯାଇ ଅନ୍ୟମାନଙ୍କର ମୃତ୍ୟୁ ଘଟିଛି। ସେହିପରି ରାଜୌରୀ ସହରରେ ଦରହାଲୀ ନଦୀର ସୁରକ୍ଷା ପ୍ରାଚୀର ଭାଙ୍ଗିଯିବା ଯୋଗୁଁ ତଳିଆ ଅଞ୍ଚଳ ଜଳମଗ୍ନ ହୋଇଯାଇଛି ଏବଂ ଶତାଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବନ୍ୟା ପାଣିରେ ପ୍ରବଳ ସ୍ରୋତ ଯୋଗୁଁ ଅନେକ ଗାଡ଼ି ମଧ୍ୟ ଭାସିଯାଇଛି। ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ଓ ସହାୟତା କାର୍ଯ୍ୟ ଜାରି ରହିଛି।

## କିଭ୍‌ରେ ରୁଷର ମିସାଇଲ୍ ମାଡ଼: ୧ ମୃତ, ୧୬ ଆହତ



କିଭ୍,୧୯ ।୭ (ଏଜେନ୍ସି): ରୁଷ ପକ୍ଷରୁ ୟୁକ୍ରେନ୍‌ର ରାଜଧାନୀ କିଭ୍ ଉପରେ ଏକ ବଡ଼ ଧରଣର ବାଲିଷ୍ଟିକ୍ ମିସାଇଲ୍ ଏବଂ ଡ୍ରୋନ୍ ଆକ୍ରମଣ କରାଯାଇଛି। ଏହି ଭୟାବହ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୬ ଜଣ ଆହତ ହୋଇଛନ୍ତି। ରୁଷର ଏହି ଆକ୍ରମଣ ପୁଣି ଥରେ ୟୁକ୍ରେନ ନିକଟରେ ଥିବା ଆମେରିକା ନିର୍ମିତ 'ପାଟ୍ରିଅଟ୍' ବାୟୁ ପ୍ରତିରକ୍ଷା ପ୍ରଣାଳୀର ଅଭାବକୁ ପଦାରେ ପକାଇଛି। ରୁଷ ଗତ ରାତିରେ ସମଗ୍ର ୟୁକ୍ରେନରେ ୪୧ଟି ମିସାଇଲ୍ ଏବଂ ୧୨୫ଟି ଡ୍ରୋନ୍ ମାଡ଼ କରିଥିଲା, ଯାହାର ମୁଖ୍ୟ ଲକ୍ଷ୍ୟ କିଭ୍ ଥିଲା ବୋଲି ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି କହିଛନ୍ତି। ଏହି ଆକ୍ରମଣ ଯୋଗୁଁ ସହରର ପାଞ୍ଚଟି ଜିଲ୍ଲାରେ ଥିବା ଆବାସିକ ବିଲ୍ଡିଂ, କାର୍ଯ୍ୟାଳୟ ଏବଂ ଶିଳ୍ପାଞ୍ଚଳରେ ନିଆଁ ଲାଗିଯିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅପରପକ୍ଷେ, ରୁଷର ପ୍ରତିରକ୍ଷା ମନ୍ତ୍ରଣାଳୟ ଦାବି କରିଛି ଯେ ସେମାନେ କେବଳ ୟୁକ୍ରେନର ସାମରିକ ଡ୍ରୋନ୍ ଏବଂ ମିସାଇଲ୍ ନିର୍ମାଣ କାରଖାନାକୁ ଲକ୍ଷ୍ୟ କରି ଏହି ଆକ୍ରମଣ କରିଛନ୍ତି। ଏଥିସହିତ, କୃଷ୍ଣ ସାଗର ନିକଟରେ ରୁଷର ଦୁଇଟି ତେଲ ଟ୍ୟାଙ୍କର ଉପରେ ମଧ୍ୟ ଆକ୍ରମଣ ହୋଇଛି, ଯାହା ଫଳରେ ସେଠାରେ ତେଲ ପରିବହନ ବାଧାପ୍ରାପ୍ତ ହୋଇଛି। ଏହି ସଂକଟ ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନକୁ ନିଜ ଦେଶରେ 'ପାଟ୍ରିଅଟ୍' ପ୍ରତିରକ୍ଷା ପ୍ରଣାଳୀ ନିର୍ମାଣ କରିବା ପାଇଁ ଲାଇସେନ୍ସ ପ୍ରଦାନ କରିବାକୁ ପ୍ରସ୍ତୁତ ଥିବା ପ୍ରକାଶ କରିଛନ୍ତି। ଯଦିଓ ଏହାର ସମୟସୀମା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ, ତଥାପି ଏହା ଆଗାମୀ ଦିନରେ ରୁଷର ବାଲିଷ୍ଟିକ୍ ମିସାଇଲ୍ ଆକ୍ରମଣରୁ ରକ୍ଷା ପାଇବା ପାଇଁ କିଭ୍‌ର ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବ ବୋଲି ଆଶା କରାଯାଉଛି।

## ସ୍ତ୍ରୀ, ୩ ସନ୍ତାନଙ୍କୁ ହତ୍ୟା ପରେ ବ୍ୟକ୍ତିଙ୍କ ଆତ୍ମହତ୍ୟା

ରାୟପୁର,୧୯ ।୭ (ଏଜେନ୍ସି): ଛତିଶଗଡ଼ର ରାୟପୁରରେ ଜଣେ ୫୦ ବର୍ଷୀୟ ବ୍ୟକ୍ତି ନିଜ ସ୍ତ୍ରୀ, ପୁଅ ଏବଂ ଦୁଇ ଝିଅଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପୁଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତକ ହେଲେ ସାଜିଦ ଅଲି ଓରଫ ସାଜୁ। ସେ ରାୟପୁରର ସଞ୍ଜୟ ନଗର ଅଞ୍ଚଳରେ ପରିବାର ସହ ରହୁଥିଲେ। ଅଭିଯୋଗ ଅନୁସାରେ, ସେ ପ୍ରଥମେ ତାଙ୍କ ସ୍ତ୍ରୀ ରାବିଆ ବାନୋ (୪୫), ପୁଅ ଇର୍ଶାଦ ଅଲି (୨୦), ଝିଅ ଶାହିଦା ବେଗମ (୧୫) ଓ ଇର୍ଶାବା ପରଭିନ (୧୨)ଙ୍କୁ ହତ୍ୟା କରିଥିଲେ। ପରେ ନିଜେ ଘର ଭିତରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ଗୁରୁବାରଠାରୁ ଘରର କବାଟ ବନ୍ଦ ଥିବାରୁ ପଡ଼ୋଶୀ ଓ ସମ୍ପର୍କୀୟମାନଙ୍କ ସନ୍ଦେହ ହୋଇଥିଲା। ସେମାନେ ଶୁକ୍ରବାର ପୁଲିସକୁ ସୂଚନା ଦେବା ପରେ ପୁଲିସ କବାଟ ଭାଙ୍ଗି ଘର ଭିତରୁ ପାଞ୍ଚଜଣଙ୍କ ମୃତଦେହ ଉଦ୍ଧାର କରିଥିଲା। ସହକାରୀ ପୁଲିସ କମିଶନର ନବନୀତ ପାଟିଲ କହିଛନ୍ତି, ଘଟଣାର ପ୍ରକୃତ କାରଣ ଜଣାପଡ଼ିନାହିଁ। ଘଟଣାସ୍ଥଳରୁ କୌଣସି ଆତ୍ମହତ୍ୟା ପତ୍ର ମିଳିନଥିବାବେଳେ ମୃତକଙ୍କ ମୋବାଇଲ ଫୋନକୁ ଯାଞ୍ଚ କରାଯାଉଛି। ପୁଲିସ ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରଖିଛି।

### ● ଡାକ୍ତରଖାନାରୁ ସୋନମ୍ ୱାଙ୍ଗଚୁକ୍‌ଙ୍କ ପ୍ରଥମ ବାର୍ତ୍ତା

## ସଂସଦ ଅଭିଯାନକୁ ସଫଳ କରିବାକୁ ଦେଲେ ଆହ୍ୱାନ

ନୂଆଦିଲ୍ଲୀ,୧୯ ।୭ (ଏଜେନ୍ସି): ଦିଲ୍ଲୀର ଜନ୍ତରମନ୍ତରରେ ଦୀର୍ଘ ଦିନ ଧରି ଅନଶନରେ ବସିଥିବା ପରିବେଶ କର୍ମୀ ସୋନମ୍ ୱାଙ୍ଗଚୁକ୍‌ଙ୍କୁ ପୁଲିସ ବଳପୂର୍ବକ ଡାକ୍ତରଖାନାରେ ଭର୍ତ୍ତି କରିଛି। ଏହାପରେ ସେ ଡାକ୍ତରଖାନାରୁ ନିଜ ସମର୍ଥକମାନଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ପ୍ରେରଣ କରିଛନ୍ତି। ନିଜର ଏହି ସ୍ଥାନାନ୍ତରଣକୁ ସେ "ବେଆଇନ ଅଟକ' ବୋଲି ଅଭିହିତ କରିବା ସହ ଆସନ୍ତାକାଲି ଅର୍ଥାତ୍ ଜୁଲାଇ ୨୦ ଆୟୋଜିତ ହେବାକୁ ଥିବା ସଂସଦ ଅଭିଯାନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ସେ ଏହି ଆନ୍ଦୋଳନକୁ ଭାରତର "ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମ' ବୋଲି ବର୍ଣ୍ଣନା କରିଛନ୍ତି। ୫୯ ବର୍ଷୀୟ ସୋନମ୍ ନିଜ ପତ୍ନୀ ଗୀତାଞ୍ଜଳିଙ୍କ ଜରିଆରେ ଏକ କାଗଜ ଖଣ୍ଡରେ ନିଜର ବାର୍ତ୍ତା ଲେଖି ସାମାଜିକ ଗଣମାଧ୍ୟମରେ ପ୍ରସାରିତ କରିଛନ୍ତି। ସେ ଭୟମୁକ୍ତ ଏବଂ ଅନ୍ୟାୟମୁକ୍ତ ଭାରତ ଗଠନ ଉପରେ ଜୋର ଦେଇଛନ୍ତି। ବିଶେଷ କରି ପରୀକ୍ଷା ପ୍ରଶ୍ନପତ୍ର ପ୍ରକାଶନରେ ହେଉଥିବା ଦୁର୍ନୀତି ଏବଂ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ସେ ଗତ ଜୁନ୍ ୨୮ ରୁ ଅନଶନ ଜାରି ରଖିଥିଲେ। କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଏହା ତାଙ୍କର ୨୧ତମ ଦିନର ଅନଶନ ଥିଲା। ଆସନ୍ତାକାଲି ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବା ବେଳେ ଏହି ପ୍ରତିବାଦ ଶୋଭାଯାତ୍ରା ପାଇଁ ପୁଲିସ ପକ୍ଷରୁ କୌଣସି ଆନୁଷ୍ଠାନିକ ଅନୁମତି ମିଳିନାହିଁ। ଦିଲ୍ଲୀ ପୁଲିସ ଅନୁଯାୟୀ, ଅଧିବେଶନ ସମୟରେ ନିରାପତ୍ତା ଦୃଷ୍ଟିରୁ ଏଭଳି କୌଣସି ଶୋଭାଯାତ୍ରା ପାଇଁ ଅନୁମତି ମିଳିବା ଆଶା କମ୍ ରହିଛି। ସଫଦରଜଙ୍ଗ ଡାକ୍ତରଖାନା ଅନୁଯାୟୀ, ଦୀର୍ଘ ଦିନର ଉପବାସ ଯୋଗୁଁ ୱାଙ୍ଗଚୁକଙ୍କ ଶରୀରର ଓଜନ ପ୍ରାୟ ଶତକଡ଼ା ୨୦ ଭାଗ ହ୍ରାସ ପାଇଛି। ତାଙ୍କର ରକ୍ତର କେତେକ ମାପଦଣ୍ଡରେ ପରିବର୍ତ୍ତନ ଦେଖାଦେଇଛି। ଡାକ୍ତରୀ ଦଳ ତାଙ୍କୁ କ୍ରମାଗତ ଭାବେ ଚିକିତ୍ସା ଯୋଗାଇବାକୁ ଚେଷ୍ଟା କରୁଥିଲେ ହେଁ, ସେ କୌଣସି ଔଷଧ କିମ୍ବା ଶିରାପ୍ରଶିରା ଜରିଆରେ ଖାଦ୍ୟସାର ଗ୍ରହଣ କରିବାକୁ ମନା କରିଦେଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୃଷ୍ଟିରେ ରଖି ପୁଲିସ ତାଙ୍କୁ ଡାକ୍ତରଖାନା ସ୍ଥାନାନ୍ତର କରିଥିବା ପ୍ରକାଶ କରିଛି। ଜାତୀୟ ସ୍ତରର ପରୀକ୍ଷା ଦୁର୍ନୀତି ବିରୋଧରେ ନ୍ୟାୟିକ ତଦନ୍ତ ଏବଂ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଦାବିରେ ଚାଲିଥିବା ଏହି ଆନ୍ଦୋଳନ ଏବେ ଡାକ୍ତରଖାନା ପରିସରରୁ ମଧ୍ୟ ସମର୍ଥକମାନଙ୍କୁ ଉତ୍ସାହିତ କରୁଛି। ଆସନ୍ତାକାଲି ସଂସଦ ସମ୍ମୁଖରେ ହେବାକୁ ଥିବା ଏହି ବିକ୍ଷୋଭ ପ୍ରଦର୍ଶନ ଏବଂ ପ୍ରଶାସନର ଆଭିମୁଖ୍ୟ ଉପରେ ଏବେ ସମସ୍ତଙ୍କର ନଜର ରହିଛି।



### ■ ଦିଲ୍ଲୀ ହାଇକୋର୍ଟଙ୍କ ବଡ଼ ନିଷ୍ପତ୍ତି

## ୱାଙ୍ଗଚୁକ୍‌ଙ୍କୁ ଡାକ୍ତରଖାନା ସ୍ଥାନାନ୍ତର ନିଷ୍ପତ୍ତି ବୈଧ, ମିଳିଲାନି ଆଶ୍ୱସ୍ତି

ନୂଆଦିଲ୍ଲୀ,୧୯ ।୭ (ଏଜେନ୍ସି): ବିଶିଷ୍ଟ ଶିକ୍ଷାବିତ୍ ତଥା ପରିବେଶବିତ୍ ସୋନମ ୱାଙ୍ଗଚୁକ୍‌ଙ୍କୁ ସଫଦରଜଙ୍ଗ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ରବିବାର ଦିଲ୍ଲୀ ହାଇକୋର୍ଟ ସଠିକ୍ ବୋଲି ଦର୍ଶାଇଛନ୍ତି। ଅନଶନ ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିବାରୁ ସରକାରଙ୍କ ଏହି ପଦକ୍ଷେପ ଆଦୌ ସ୍ୱେଚ୍ଛାଚାରୀ ନୁହେଁ ବୋଲି କୋର୍ଟ କହିଛନ୍ତି। ୱାଙ୍ଗଚୁକଙ୍କ ପତ୍ନୀ ଡକ୍ଟର ଗୀତାଞ୍ଜଳି ଜେ. ଆଙ୍ଗମୋଙ୍କ ଦ୍ୱାରା ଦାୟର ହୋଇଥିବା ଜରୁରୀକାଳୀନ ଆବେଦନ ଉପରେ ଶୁଣାଣି କରି ଜଷ୍ଟିସ ମିନି ପୁଷ୍କର୍ଣ୍ଣା କୌଣସି ଅନ୍ତରୀଣ ଆଶ୍ୱସ୍ତି ଦେବାକୁ ମନା କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ ୱାଙ୍ଗଚୁକ ଡାକ୍ତରଖାନାରେ କୌଣସି ଅଟକବନ୍ଦୀ ଭାବେ ନାହାନ୍ତି ଏବଂ ତାଙ୍କ ଉପରେ କୌଣସି ଚିକିତ୍ସା ଜବରଦସ୍ତ ଲଦି ଦିଆଯାଇ ନାହିଁ। ଡାକ୍ତରଖାନାରେ ତାଙ୍କ ପତ୍ନୀ ଏବଂ ଭାଇଙ୍କୁ ୨୪ ଘଣ୍ଟା ରହିବା ପାଇଁ ସ୍ୱତନ୍ତ୍ର କୋଠରୀ ସହ ଅବାଧ ସୁଯୋଗ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଚେତନ ଶର୍ମା କୋର୍ଟଙ୍କୁ ଜଣାଇଥିଲେ ଯେ ୧୮ ଦିନରୁ ଅଧିକ ସମୟ ଉପବାସ କରିବା ଯୋଗୁଁ ୱାଙ୍ଗଚୁକଙ୍କ ଶରୀରରେ ପୋଟାସିୟମ୍ ସ୍ତର ବିପଜ୍ଜନକ ଭାବେ ହ୍ରାସ ପାଇଥିଲା।

## ୨ ବର୍ଷରେ ରାଜ୍ୟସଭା ସାଂସଦଙ୍କ ଦରମା, ଭତ୍ତା ପାଇଁ ଖର୍ଚ୍ଚ ହେଲା ୨୬୨ କୋଟି

ନୂଆଦିଲ୍ଲୀ,୧୯ ।୭ (ଏଜେନ୍ସି): ବିଗତ ଦୁଇଟି ଆର୍ଥିକ ବର୍ଷରେ ରାଜ୍ୟସଭା ସାଂସଦମାନଙ୍କ ଦରମା, ଭତ୍ତା ଏବଂ ଅନ୍ୟାନ୍ୟ ସୁବିଧା ବାବଦରେ ସରକାରୀ କୋଷାଗାରରୁ ୨୬୨ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି। ସେଥିମଧ୍ୟରୁ କେବଳ ଭତ୍ତା ଏବଂ ଗସ୍ତ ଖର୍ଚ୍ଚ ବାବଦରେ ୧୫୧ କୋଟିରୁ ଅଧିକ ଟଙ୍କା ବ୍ୟୟ କରାଯାଇଛି। ସୂଚନା ଅଧିକାର ଆଇନ (ଆରଟିଆଇ) ଅଧୀନରେ ମିଳିଥିବା ଏକ ପ୍ରଶ୍ନର ଉତ୍ତରରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ତଥ୍ୟ ଅନୁଯାୟୀ, ରାଜ୍ୟସଭା ସାଂସଦମାନଙ୍କ ପାଇଁ ହେଉଥିବା ବାର୍ଷିକ ଖର୍ଚ୍ଚରେ ବଡ଼ ଧରଣର ବୃଦ୍ଧି ଘଟିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଖର୍ଚ୍ଚ ୯୮ କୋଟି ଟଙ୍କାରୁ ଅଧିକ ଥିବା ବେଳେ ୨୦୨-୨୬ ବର୍ଷରେ ଏହା ବୃଦ୍ଧି ପାଇ ୧୬୩ କୋଟି ଟଙ୍କାରୁ ଅଧିକ ହୋଇଛି, ଯାହାକି ଗୋଟିଏ ବର୍ଷରେ ପ୍ରାୟ ୬୫ କୋଟି ଟଙ୍କାର ବୃଦ୍ଧି ଦର୍ଶାଉଛି। ଏହି ସମୁଦାୟ ଖର୍ଚ୍ଚ ମଧ୍ୟରେ ସାଂସଦମାନଙ୍କ ଦରମା, ଦେଶ ଓ ବିଦେଶ ଗସ୍ତ ଖର୍ଚ୍ଚ, କାର୍ଯ୍ୟାଳୟ ଖର୍ଚ୍ଚ ଏବଂ ଚିକିତ୍ସା ଖର୍ଚ୍ଚ ଆଦି ଅନ୍ତର୍ଭୁକ୍ତ। ୨୦୨୫-୨୬ ଆର୍ଥିକ ବର୍ଷରେ ସାଂସଦମାନଙ୍କ ସାମଗ୍ରିକ ଦରମା ୪୪.୬ କୋଟି ଟଙ୍କା, ଚିକିତ୍ସା ଖର୍ଚ୍ଚ ୯.୬ କୋଟି ଟଙ୍କା, ଗସ୍ତ ଖର୍ଚ୍ଚ ୩୬ କୋଟି ଟଙ୍କା ଏବଂ ମୋଟ ଭତ୍ତା ୫୮.୭୮ କୋଟି ଟଙ୍କାରୁ ଅଧିକ ରହିଥିଲା। ଚନ୍ଦ୍ରଶେଖର ଗୌର ନାମକ ଜଣେ ବ୍ୟକ୍ତିଙ୍କ ଆବେଦନ ଆଧାରରେ ରାଜ୍ୟସଭା ସଚିବାଳୟ ଏହି ସୂଚନା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟସଭା ସାଂସଦମାନେ ଦରମା, ମୁଦ୍ରଣ, ଡିଜିଟାଲ୍ ସରଞ୍ଜାମ ଏବଂ ଇନ୍ଧନ ଭଳି ପ୍ରାୟ ୨୧ଟି ଭିନ୍ନ ଭିନ୍ନ ବ୍ୟୟ ବାବଦରେ ଏହି ସରକାରୀ ସୁବିଧା ପାଇବାକୁ ହକଦାର ଅଟନ୍ତି।

## ନେତନ୍ୟାହୁଙ୍କୁ ଗିରଫ କରିବାକୁ ଆଇନଗତ ବିକଳ୍ପ ଖୋଜୁଛନ୍ତି ମମଦାନି

ନ୍ୟୁୟର୍କ,୧୯ ।୭ (ଏଜେନ୍ସି): ନ୍ୟୁୟର୍କ ସହରର ମେୟର ଜୋହରାନ୍ ମମଦାନି କହିଛନ୍ତି ଯେ, ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ଆମେରିକା ଗସ୍ତରେ ଆସିଲେ ତାଙ୍କୁ ଗିରଫ କରାଯାଇପାରିବ କି ନାହିଁ, ସେନେଇ ତାଙ୍କ ପ୍ରଶାସନ ଆଇନଗତ ବିକଳ୍ପ ଉପରେ ବିଚାର କରୁଛି। ସେପ୍ଟେମ୍ବର ଜାତିସଂଘ ସାଧାରଣ ପରିଷଦ ଅଧିବେଶନରେ ଯୋଗଦେବା ପାଇଁ ନେତନ୍ୟାହୁ ଆମେରିକା ଗସ୍ତ କରିପାରନ୍ତି। ମମଦାନି କହିଛନ୍ତି ଯେ, ନେତନ୍ୟାହୁଙ୍କ ବିରୋଧରେ ଅନ୍ତର୍ଜାତୀୟ ଅପରାଧ ନ୍ୟାୟାଳୟ (ଆଇସିସି) ଯୁଦ୍ଧ ଅପରାଧ ସମ୍ପର୍କିତ ଅଭିଯୋଗ ଆଣିଥିବାରୁ ତାଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବା ଉଚିତ। ଅନ୍ୟପକ୍ଷରେ, ମମଦାନିଙ୍କ ଏହି ମନ୍ତବ୍ୟର ପ୍ରତିକ୍ରିୟାରେ ବେଞ୍ଜାମିନ୍ ନେତନ୍ୟାହୁ କହିଛନ୍ତି ଯେ, ଏପରି ଧମକକୁ ନେଇ ସେ ଚିନ୍ତିତ ନୁହନ୍ତି। ଏକ ରେଡିଓ ସାକ୍ଷାତ୍କାରରେ ସେ ମମଦାନିଙ୍କ ଉପରେ ହାମାସକୁ ସମର୍ଥନ କରୁଥିବା ଅଭିଯୋଗ ମଧ୍ୟ ଆଣିଛନ୍ତି।

ତେବେ ନେତନ୍ୟାହୁଙ୍କୁ ପ୍ରକୃତରେ ଗିରଫ କରାଯିବ କି ନାହିଁ, ସେନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନଥିବାବେଳେ ଏହି ପ୍ରସଙ୍ଗ ଆମେରିକାର ରାଜନୈତିକ ଓ କୂଟନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

### ପାହାଡ଼ିଆ ଅଞ୍ଚଳରେ ଦ୍ରୁତ ତାପମାତ୍ରା ବୃଦ୍ଧି ହେଉଥିବା ଗବେଷଣାରୁ ସ୍ପଷ୍ଟ

## ସମତଳ ଭୂମି ଅପେକ୍ଷା ଜମ୍ମୁ-କାଶ୍ମୀରର ପର୍ବତମାଳା ଅଧିକ ଗରମ



ନୂଆଦିଲ୍ଲୀ, ୧୯ ।୭ (ଏଜେନ୍ସି): ଜମ୍ମୁ-କାଶ୍ମୀରର ପାହାଡ଼ିଆ ଅଞ୍ଚଳଗୁଡ଼ିକ ସମତଳ ଅଞ୍ଚଳ ତୁଳନାରେ ଅଧିକ ଦ୍ରୁତ ଗତିରେ ଗରମ ହେଉଥିବା ଆଇଆଇଟି ଖଡ଼ଗପୁରର ଏକ ନୂତନ ଗବେଷଣାରୁ ଜଣାପଡ଼ିଛି। ବିଗତ ଦୁଇ ଦଶନ୍ଧି ମଧ୍ୟରେ ଏହି ଉଚ୍ଚ ପାର୍ବତ୍ୟ ଅଞ୍ଚଳଗୁଡ଼ିକର ତାପମାତ୍ରା ପ୍ରାୟ ୧ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇଛି। ପହଲଗାମ ଏବଂ ଗୁଲମାର୍ଗ ଭଳି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ଏହି ତାପମାତ୍ରା ବୃଦ୍ଧି ହାର ସବୁଠାରୁ ଅଧିକ ରହିଛି। ଗବେଷଣା ଅନୁଯାୟୀ, ପ୍ରତି ଏକ କିଲୋମିଟର ଉଚ୍ଚତା ବୃଦ୍ଧି ସହ ବାର୍ଷିକ ତାପମାତ୍ରା ୦.୧୮ ଡିଗ୍ରୀ ସେଲସିୟସ୍ ବଢ଼ୁଥିବା ବେଳେ ଶୀତଦିନେ ଏହି ହାର ପ୍ରତି ଦଶନ୍ଧିରେ ୦.୪୩ ଡିଗ୍ରୀ ସେଲସିୟସ୍‌କୁ ବୃଦ୍ଧି ପାଉଛି। ତାପମାତ୍ରା ବଢ଼ିବା ଯୋଗୁଁ ପାହାଡ଼ର ବରଫ ଶୀଘ୍ର ତରଳି ଯାଉଛି ଏବଂ ତା' ତଳେ ଥିବା କଳା ପଥରଗୁଡ଼ିକ ସୂର୍ଯ୍ୟକିରଣକୁ ପ୍ରତିଫଳିତ କରିବା ବଦଳରେ ଅଧିକ ଉତ୍ତାପ ଶୋଷଣ କରୁଛନ୍ତି। ଏହାସହ ବାୟୁମଣ୍ଡଳୀୟ ଆର୍ଦ୍ରତା ଯୋଗୁଁ ଏହି ଅଞ୍ଚଳଗୁଡ଼ିକରେ ଦିନ ଅପେକ୍ଷା ରାତିର ସର୍ବନିମ୍ନ ତାପମାତ୍ରା ଅଧିକ ବଢ଼ୁଛି। ଅପରପକ୍ଷରେ, ଜମ୍ମୁର ସମତଳ ଅଞ୍ଚଳରେ ବରଫ ଆସ୍ତରଣ ନଥିବା ଏବଂ କୃଷି ଜଳସେଚନ ଜନିତ ବାଷ୍ପୀଭବନ ଯୋଗୁଁ ସେଠାରେ ସାମାନ୍ୟ ଶୀତଳତା ଅନୁଭୂତ ହେଉଛି। ବିଶେଷଜ୍ଞମାନଙ୍କ ମତରେ, ବିଶ୍ୱ ଜଳବାୟୁ ପରିବର୍ତ୍ତନ ସହ ପାହାଡ଼ିଆ ଅଞ୍ଚଳକୁ ଅନିୟନ୍ତ୍ରିତ ଭାବେ ବହୁ ସଂଖ୍ୟାରେ ଗାଡ଼ିମୋଟର ପ୍ରବେଶ କରିବା ଏବଂ କଂକ୍ରିଟ୍‌ର ବେଆଇନ ବହୁତଳ ପ୍ରାସାଦ ନିର୍ମାଣ ଯୋଗୁଁ ସ୍ଥାନୀୟ ସ୍ଥିତି ବିଗିଡ଼ିବାରେ ଲାଗିଛି। ଗାଡ଼ିରୁ ନିର୍ଗତ କାର୍ବନ ମୋନୋକ୍ସାଇଡ୍ ଓ ବ୍ଲାକ୍ କାର୍ବନ ଯୋଗୁଁ ଗ୍ଲାସିଅରରେ ଅତ୍ୟଧିକ ଶୁଷ୍କତା ଯୋଗୁଁ ଜଙ୍ଗଲରେ ଲାଗୁଥିବା ନିଆଁ ବାୟୁମଣ୍ଡଳରେ କାର୍ବନ ପରିମାଣ ବଢ଼ାଇ ତାପମାତ୍ରାକୁ ଆହୁରି ଅଧିକ କରୁଛି। ହିମାଳୟ ଅଞ୍ଚଳରେ ଘଟୁଥିବା ଏହି ପରିବର୍ତ୍ତନ ଆଗାମୀ ଦିନରେ ସମଗ୍ର ଉତ୍ତର ଭାରତର ପାନୀୟ ଜଳ, କୃଷି, ଜଳବିଦ୍ୟୁତ୍ ଏବଂ ଜୈବବିବିଧତା ପ୍ରତି ଏକ ବଡ଼ ସଂକଟ ସୃଷ୍ଟି କରିବ ବୋଲି ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି।

## ମଧ୍ୟପ୍ରଦେଶ କ୍ୟାବିନେଟ୍‌ର ବଡ଼ ନିଷ୍ପତ୍ତି: ୟୁନିଫର୍ମ ସିଭିଲ୍ କୋଡ୍ ବିଲ୍‌କୁ ମଞ୍ଜୁରି

ଭୋପାଳ,୧୯ ।୭ (ଏଜେନ୍ସି): ମଧ୍ୟପ୍ରଦେଶର ଭୋପାଳ ନିକଟସ୍ଥ ଐତିହାସିକ ସହର ଜଗଦୀଶପୁର (ପୂର୍ବନାମ ଇସଲାମନଗର) ଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ରାଜ୍ୟ କ୍ୟାବିନେଟ୍ 'ୟୁନିଫର୍ମ ସିଭିଲ୍ କୋଡ୍' (ୟୁସିସି) ବା ସମାନ ନାଗରିକ ସଂହିତା ବିଲ୍‌କୁ ଅନୁମୋଦନ କରିଛି।

ଏହି ସ୍ଥାନର ସାଂସ୍କୃତିକ ଓ ଐତିହାସିକ ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହି ବିଲ୍‌କୁ ପାସ୍ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଏହି ଆଇନ ସମସ୍ତ ନାଗରିକଙ୍କୁ ସମାନ ଅଧିକାର ଓ ସୁଯୋଗ ପ୍ରଦାନ କରିବ ଏବଂ ଏହାଦ୍ୱାରା କାହାରି ମୌଳିକ ଅଧିକାର କ୍ଷୁର୍ଣ୍ଣ ହେବନାହିଁ। ସେ କହିଛନ୍ତି, "ଆମ ପାଇଁ ରାମଚନ୍ଦ୍ର ହୁଅନ୍ତୁ କିମ୍ବା ରହିମ, ସମସ୍ତେ ସମାନତା ପାଇବାକୁ ଯୋଗ୍ୟ।' ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ରଞ୍ଜନା ପ୍ରକାଶ ଦେଶାଇଙ୍କ ନେତୃତ୍ୱରେ ଗଠିତ ଏକ କମିଟି ରାଜ୍ୟର ସମସ୍ତ ଜିଲ୍ଲାରେ ବ୍ୟାପକ ଆଲୋଚନା କରି ଏହି ବିଲ୍‌ର ଚିଠା ପ୍ରସ୍ତୁତ କରିଛନ୍ତି।

ଏହି ଆଲୋଚନାରେ ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଂଗଠନ ଭାଗ ନେଇଥିବା ବେଳେ କଂଗ୍ରେସ ଏଥିରୁ ଦୂରେଇ ରହିଥିଲା, ଯାହାକୁ ମୁଖ୍ୟମନ୍ତ୍ରୀ କଡ଼ା ସମାଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ସର୍ଭେ ସମୟରେ ମୁସଲିମ ସମୁଦାୟର ପ୍ରାୟ ୮୦ ପ୍ରତିଶତ ମହିଳା ଏବଂ ୪୦ ପ୍ରତିଶତ ପୁରୁଷ ଏହି ଆଇନ ସପକ୍ଷରେ ମତ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ' ସଂକଳ୍ପକୁ ଆଧାର କରି ଏହି ପଦକ୍ଷେପ ନିଆଯାଇଛି। ଏହି ବିଲ୍‌କୁ ଆଗାମୀ ବିଧାନସଭା ଅଧିବେଶନରେ ଉପସ୍ଥାପନ କରାଯିବ।

VIKASH DEGREE COLLEGE, BARGARH
Excellence is a Habit @ VIKASH

PG Courses Offered:
• M.A. (English)
• M.Com. (Accountancy)
• M.Sc. (Chemistry)
UG Courses Offered:
• B.A. (Hons): Economics, Education, English, Pol. Science, Psychology
• B.Com. (Hons): Accountancy
• B.Sc. (Hons): Physics, Chemistry, Mathematics, Computer Science, Botany, Zoology
APPLY ONLINE
SAMS Portal
Vikash Higher Educational Institutions, Barahaguda, Bargarh (Odisha)
Visit us@ www.vdcbargarh.ac.in
Contact for Admission Details:
70080 41847
94372 10555
ADMISSION
OPEN FOR 2026-27
Vikash Degree College

### ମାଟ୍ରିକ ସପ୍ଲିମେଣ୍ଟାରି ଖାତା ଦେଖାରେ ବିଭ୍ରାଟ

# ଗଣିତ ଶିକ୍ଷକ ଦେଖୁଛନ୍ତି ଭୂଗୋଳ, ଇତିହାସ ଖାତା

ଭୁବନେଶ୍ୱର,୧୯।୭(ସମିସ): ଚଳିତ ବର୍ଷ ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷା ଖାତା ଦେଖାରେ ବିଭ୍ରାଟ ଦେଖାଦେଇଛି। ଖାତାଦେଖା ପାଇଁ ପୂର୍ବ ପ୍ରସ୍ତୁତି କରାଯାଇନଥିବାବେଳେ ଅନ୍‌ଲାଇନ୍ ମୂଲ୍ୟାଙ୍କନ ପୂର୍ବରୁ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇ ନାହିଁ। ଫଳରେ ବ୍ୟାପକ ବୈଷୟିକ ତ୍ରୁଟି ପରିଲକ୍ଷିତ ହୋଇଛି। ଏପରିକି ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ମୂଲ୍ୟାଙ୍କନ ପ୍ରକ୍ରିୟା ଦୁଇଦିନ ହେବ ସ୍ୱାଭାବିକ ହୋଇପାରୁନାହିଁ। ଯାହାକୁ ନେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବାବେଳେ ମୂଲ୍ୟାଙ୍କନରେ ସ୍ୱଚ୍ଛତା ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମୂଲ୍ୟାଙ୍କନ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ୟୁଜର ଆଇଡି ଖୋଲୁ ନ ଥିବାବେଳେ ଗଣିତ ଶିକ୍ଷକଙ୍କ ଆଇଡିରେ ଭୂଗୋଳ ଓ ଇତିହାସ ଖାତା ଦେଖାଉଛି। ଅର୍ଥାତ୍ ଗଣିତ ବିଷୟର ଶିକ୍ଷକ ଭୂଗୋଳ ଓ ଇତିହାସ ଖାତା ଦେଖିବେ। ବିଷୟ ଅସଙ୍ଗତିରେ ବିଭ୍ରାଟ କେବଳ ସିମିତ ନୁହେଁ, ଜଣେ ଶିକ୍ଷକଙ୍କ ଆଇଡିରେ ଅନ୍ୟ ଜଣଙ୍କ ନାମ ପ୍ରତିଫଳିତ ହେଉଛି। ଏପରିକି ମୂଲ୍ୟାଙ୍କନ ପରେ ସେଭ୍ କିମ୍ବା ସବମିଟ୍ ମଧ୍ୟ ହେଉନାହିଁ। ଫଳରେ ପିଲାଙ୍କ ପରୀକ୍ଷା ଖାତା ଅଦଳବଦଳ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସଫ୍ଟୱେର୍‌ରେ ବ୍ୟାପକ ଅସଙ୍ଗତି ଦେଖାଦେବା ସତ୍ତ୍ୱେ ନିରାକରଣ ନ ହେବାରୁ ପିଲାଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବ ବୋଲି ଅଭିଯୋଗ ହୋଇଛି। ଓଡ଼ିଶା ଏନ୍‌ପିଏସ୍

- ବୈଷୟିକ ତ୍ରୁଟି ପାଇଁ ୨ଦିନ ହେଲା ଖାତା ଦେଖା ଠପ୍
- ଅନ୍‌ଲାଇନ୍ ମୂଲ୍ୟାଙ୍କନ ପୂର୍ବରୁ ଦିଆଯାଇନି ପ୍ରଶିକ୍ଷଣ
- ବୋର୍ଡର ମନମୁଖୀ କାର୍ଯ୍ୟରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଶିକ୍ଷକ ସଂଘ

ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ପ୍ରଶ୍ନ କରିଛନ୍ତି ଯେ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ କୌଣସି ପ୍ରଶିକ୍ଷଣ ନ ଦେଇ ସିଧାସଳଖ ଅନଲାଇନ୍ ମାଧ୍ୟମରେ ଖାତା ଦେଖିବାକୁ ବାଧ୍ୟ କରାଯାଇଛି। ସମ୍ପ୍ରତି ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହୋଇଥିବାବେଳେ ୨ଶହରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମୂଲ୍ୟାଙ୍କନ ପାଇଁ ନିୟୋଜିତ କରାଯାଇଛି। କିନ୍ତୁ ବୈଷୟିକ ତ୍ରୁଟି ଯୋଗୁଁ ଖାତା ଦେଖା ସମ୍ଭବ ହେଉନଥିବାରୁ ଖାତାଦେଖା ବିଳମ୍ବ ହେବ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଉପରେ ମଧ୍ୟ ପ୍ରଭାବ ପକାଇବ। ଏପରିକି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମାନସିକ ଯନ୍ତ୍ରଣା ସଦୃଶ ରବିବାର ଦିନ ମଧ୍ୟ ଖାତା ଦେଖିବାକୁ ଡକାଯାଇଛି। ବୋର୍ଡ ପକ୍ଷରୁ ଶୀଘ୍ର ପରୀକ୍ଷା ଫଳ ପ୍ରକାଶ ପାଇଁ ଏପରି କରାଯାଉଥିବା ସଫେଇ ଦେଉଥିଲେ ମଧ୍ୟ ବୈଷୟିକ ତ୍ରୁଟି ପାଇଁ ଖାତାଦେଖା ସମ୍ଭବ ହେଉନାହିଁ ଓ ମାତ୍ରାଧିକ ବିଳମ୍ବିତ ହେଉଛି। ଏଣୁ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀ ଘଟଣାରେ ହସ୍ତକ୍ଷେପ କରି ବୋର୍ଡର ଏକାଧିକ ମନମୁଖୀ କାର୍ଯ୍ୟ ଉପରେ ପଦକ୍ଷେପ ନିଆଯାଉ। ଅନ୍ୟଥା ପାଠ୍ୟପୁସ୍ତକ ବିଭ୍ରାଟ ପରି ପରୀକ୍ଷା ଖାତା ମୂଲ୍ୟାୟନ କ୍ଷେତ୍ରରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ଶ୍ରୀ ପ୍ରଧାନ ଆଶଙ୍କା ବ୍ୟକ୍ତ କରିଛନ୍ତି।

### ବାଲିମେଳା ଜଳଭଣ୍ଡାରରେ ଜଳସ୍ତର ହ୍ରାସ

# ଦିନକୁ ମାତ୍ର ୬ ଘଣ୍ଟା ବିଦ୍ୟୁତ୍ ଉତ୍ପାଦନ

ମାଲକାନଗିରି,୧୯।୭(ସମିସ): ବାଲିମେଳା ଜଳଭଣ୍ଡାରରେ ଜଳସ୍ତର କ୍ରମାଗତ ହ୍ରାସ ପାଇଥିବାରୁ ବିଦ୍ୟୁତ୍ ଉତ୍ପାଦନ ପ୍ରଭାବିତ ହୋଇଛି। ଖରିଫ ଚାଷ ପାଇଁ ଜଳ ସଂରକ୍ଷଣକୁ ପ୍ରାଥମିକତା ଦେଇ ଜଳସମ୍ପଦ ବିଭାଗ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେସନ୍ (ଓଏଚପିସି)କୁ ଜଳଯୋଗାଣ ସୀମିତ କରିଛି। ଏହାର ପ୍ରଭାବରେ ବାଲିମେଳା ଜଳବିଦ୍ୟୁତ କେନ୍ଦ୍ରରେ ବର୍ତ୍ତମାନ ଦିନକୁ ମାତ୍ର ୬

**ଦିନକୁ ମାତ୍ର ୬ ଘଣ୍ଟା ବିଦ୍ୟୁତ ଉତ୍ପାଦନ**

ଘଣ୍ଟା, ସନ୍ଧ୍ୟା ୬ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ବିଦ୍ୟୁତ ଉତ୍ପାଦନ କରାଯାଉଛି। ପୋଟେରୁ ଜଳସେଚନ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ସୂଚନା ଅନୁସାରେ ବାଲିମେଳା ଜଳାଶୟର ଜଳସ୍ତର ୧,୪୫୫.୬୦ ଫୁଟ୍‌କୁ ଖସିଥିବାବେଳେ ପୂର୍ଣ୍ଣ ଜଳସ୍ତର ୧,୫୧୬ ଫୁଟ୍। ଲାଇଭ୍ ଷ୍ଟୋରେଜ୍ ୧୩.୧୩ ପ୍ରତିଶତକୁ ହ୍ରାସ ପାଇଛି। ଯାହା ଗତବର୍ଷ ଏହି ସମୟରେ ୧୯.୯୪ ପ୍ରତିଶତ ଥିଲା। ଚଳିତ ବର୍ଷ କ୍ୟାଚମେଣ୍ଟ ଅଞ୍ଚଳରେ ୫୧୯ ମିଲିମିଟର ବର୍ଷା ହୋଇଥିବାବେଳେ ଗତବର୍ଷ ଏହି ସମୟରେ ୭୭୮ ମିଲିମିଟର ବର୍ଷା ହୋଇଛି। ଏଲ୍‌ନିନୋ ପ୍ରଭାବ ଓ ଦୁର୍ବଳ ମୌସୁମୀ ବର୍ଷା ଏହାର ପ୍ରମୁଖ କାରଣ ବୋଲି ବିଭାଗ କହିଛି। ଓଏଚପିସିର ଏଜିଏମ୍ ମାଟା ଆନନ୍ଦ ରାଓ କହିଛନ୍ତି, ଜଳସ୍ତର କମିଥିବାରୁ ବର୍ତ୍ତମାନ ସୀମିତ ସମୟ ପାଇଁ ବିଦ୍ୟୁତ ଉତ୍ପାଦନ କରାଯାଉଛି। ଅନ୍ୟପକ୍ଷରେ ଚିତ୍ରକୋଣ୍ଡା ମାଟିବନ୍ଧ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ କୈଳାଶ ସେଠୀ



କହିଛନ୍ତି, ମାଛକୁଣ୍ଡ ଜଳବିଦ୍ୟୁତ କେନ୍ଦ୍ରରୁ ପର୍ଯ୍ୟାୟକ୍ରମେ ୫୦୦, ୧୦୦୦ ଓ ୨୦୦୦ କ୍ୟୁସେକ୍ ଜଳ ବାଲିମେଳାକୁ ଛଡ଼ାଯାଇଛି। ଏହାଫଳରେ ସୋମବାର ସୁଦ୍ଧା ଜଳସ୍ତର ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଜଳସ୍ତର ସ୍ୱାଭାବିକ ହେଲେ ବିଦ୍ୟୁତ୍ ଉତ୍ପାଦନ ମଧ୍ୟ ପୂର୍ବବତ୍ ଆରମ୍ଭ ହେବ। ତେବେ ଜଳସ୍ତରରେ ସୁଧାର ନ ଆସିଲେ ବିଦ୍ୟୁତ ଉତ୍ପାଦନ ଅଧିକ ପ୍ରଭାବିତ ହେବା ସହ କୋଟି କୋଟି ଟଙ୍କାର କ୍ଷତି ହେବାର ଆଶଙ୍କା ରହିଛି।

### ଜନ୍ମବେଦୀରେ ଦର୍ଶନ ଦେଲେ ଦାରୁଦିଅଁ

# ଭକ୍ତଙ୍କୁ ମିଳିଲା ପ୍ରଥମ ଆଡ଼ପ ଅବଢ଼ା

ପୁରୀ,୧୯।୭(ସମିସ): ଜନ୍ମବେଦୀରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଦାରୁଦିଅଁ। ରବିବାର ଆଡ଼ପ ମଣ୍ଡପରେ ହଜାର ହଜାର ଶ୍ରଦ୍ଧାଳୁ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରି କୃତାର୍ଥ ହୋଇଛନ୍ତି। ପ୍ରବଳ ଖରା ସତ୍ତ୍ୱେ ବିଶ୍ୱନିୟନ୍ତାଙ୍କ ସାନିଧ୍ୟ ପାଇବା ପାଇଁ ଦର୍ଶନାର୍ଥୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଲମ୍ବା ଲାଇନ୍ ଲଗାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ ଶ୍ରଦ୍ଧାଳୁ। ଯଜ୍ଞବେଦୀରେ କଳାସାଆନ୍ତଙ୍କୁ ଦେଖି ଓଦା ହୋଇଛି ଭକ୍ତଙ୍କ ଆଖି। ଅନ୍ୟପଟେ ରାସମଣ୍ଡପରେ



ରବିବାର ଦାରୁବିଗ୍ରହଙ୍କୁ ଲାଗି ହୋଇଛି ଅନ୍ନ ପ୍ରସାଦ। ଶ୍ରଦ୍ଧାଳୁ ବି ପାଇଛନ୍ତି ଚଳିତବର୍ଷ ପ୍ରଥମ ଆଡ଼ପ ଅବଢ଼ା। ପୁଣି ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ଶ୍ରୀମୁଖ ଶୃଙ୍ଗାର।

ଶନିବାର ଗୋଟିପହଣ୍ଡିରେ ଜନ୍ମବେଦୀକୁ ବିଜେ କରିଥିଲେ ଚତୁର୍ଦ୍ଧାମୂର୍ତ୍ତି। ସ୍ୱାଭାବିକ ହୋଇଥିଲା ଆଡ଼ପ ପହଣ୍ଡି। ସନ୍ଧ୍ୟା ୭ଟା ୪୫ରୁ ପହଣ୍ଡି ଆରମ୍ଭ ହୋଇ ରାତି ସାଢ଼େ ୧୧ଟାରେ ଶେଷ ହୋଇଥିଲା। ଜନ୍ମବେଦୀରେ ଠାକୁର ପହଞ୍ଚିବା ପରେ ବଡ଼ସିଂହାର ଓ ପହୁଡ଼ ନୀତି ହେବାର ବିଧି ରହିଛି। କିନ୍ତୁ ସମୟ ଅଭାବରୁ ଏହି ନୀତି ହୋଇପାରି ନ ଥିଲା। ରାତି ୩ଟା ୩୦ରେ ରୁନ୍ଧା ଶେଷ ହୋଇଥିଲା। ରବିବାର ସକାଳ ୬ଟା ୩୫ରେ ଚାରମାଳ ଫିଟାଇବାକୁ କୋଠସୁଆଁସିଆମାନେ ପ୍ରବେଶ କରି ୮ଟାରେ ବାହାରିଥିଲେ। ଏହାପରେ ସୁଦର୍ଶନ ରୁନ୍ଧା, ଶ୍ରୀମୁଖ ଖଣ୍ଟୁଆ ମଇଲମ, ଚକାପୋଛା, ସିଂହାସନ ଧୂଆ ହୋଇ ସକାଳ ୯ଟା ୨୫ରେ ମହାସ୍ନାନ ଶେଷ ହୋଇଥିଲା। ପରେ ୯ଟା ୫୫ରେ ମଙ୍ଗଳ ଆଳତି କରାଯାଇଥିଲା। ମଧ୍ୟାହ୍ନ ୧୨ଟା ୨୫ରେ ଅବକାଶ ବଢ଼ିବା ପରେ ୧୨ଟା ୩୦ରେ ସାହାଣମେଲା ଦର୍ଶନ ଆରମ୍ଭ ହୋଇଥିଲା। ଯଦିଓ ପୂର୍ବାହ୍ଣ ୧୦ଟାରୁ ଦର୍ଶନ ଆରମ୍ଭ ହେବ ବୋଲି ପୂର୍ବରୁ ସୂଚନା ଦିଆଯାଇଥିଲା କିନ୍ତୁ ଶ୍ରଦ୍ଧାଳୁମାନେ ରବିବାର ରାତି ୩ଟାରୁ ଧାଡ଼ି ଲଗାଇଥିଲେ। ପ୍ରବଳ ଖରାରେ କିଛି ଭକ୍ତ ମଧ୍ୟ ଅସୁସ୍ଥ ହୋଇପଡ଼ିଥିଲେ। ଭିତରେ ଉଭୟ ଟିକଟଧାରୀ ଓ ସର୍ବସାଧାରଣ ଦର୍ଶନ ପାଇଁ ହୋଇଛି ସୁଲଭ ବ୍ୟବସ୍ଥା। ଶୀତତାପ ନିୟନ୍ତ୍ରିତ ନାଟମଣ୍ଡପରେ ନୂଆ ଅନୁଭୂତି ପାଇଛନ୍ତି ଶ୍ରଦ୍ଧାଳୁ। ମୁଖ୍ୟ ଦ୍ୱାର ଦେଇ ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରି ନାକଚଣା ଦ୍ୱାର ଦେଇ ବାହାରକୁ ବାହାରିଥିଲେ ଭକ୍ତ। ଅପରାହ୍ଣ ୨ଟା ୩୫ରେ ଗୋପାଳ ବଲ୍ଲଭ ସରିଥିବାବେଳେ

**ମହାପ୍ରଭୁଙ୍କର ହେଲା ଶ୍ରୀମୁଖ ଶୃଙ୍ଗାର**

ଅପରାହ୍ଣ ୩ଟା ୫୫ରେ ସକାଳ ଧୂପ ନୀତି ବଢ଼ିଥିଲା। ଏହାପରେ ବାହାରିଥିଲା ଆଡ଼ପ ଅବଢ଼ା। ପ୍ରଥମ ଦିନରେ ହଜାର ହଜାର ଶ୍ରଦ୍ଧାଳୁ ଆଡ଼ପ ଦର୍ଶନ କରି ପାଇଥିଲେ ଆଡ଼ପ ଅବଢ଼ା। ସକାଳ ଧୂପରେ କମ୍ ଅବଢ଼ା ବାହାରିଥିବାବେଳେ ଭୋଗମଣ୍ଡପରେ ପର୍ଯ୍ୟାପ୍ତ ମହାପ୍ରସାଦ ବାହାରିଥିଲା। ବର୍ଷକୁ ଥରେ ଆଡ଼ପ ଅବଢ଼ା ମିଳୁଥିବାରୁ ଶ୍ରଦ୍ଧାଳୁମାନେ ଉତ୍କଣ୍ଠାର ସହ ପାଇ ସାଙ୍ଗରେ ମଧ୍ୟ ନେଇଯାଉଥିଲେ।

ଅନ୍ୟପକ୍ଷରେ ସୋମବାର ହେରାପଞ୍ଚମୀ। ଏହାର ପୂର୍ବଦିନ ମହାପ୍ରଭୁଙ୍କ ବନକଲାଗି ହେବାର ପରମ୍ପରା ରହିଛି। ତେଣୁ ରବିବାର ଗୁଣ୍ଡିଚା ମନ୍ଦିରରେ ଦ୍ୱିତୀୟ ଭୋଗମଣ୍ଡପ ପରେ ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହୋଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି କରାଯାଇଥିଲା। ସନ୍ଧ୍ୟାରେ ଦତ୍ତମହାପାତ୍ର ସେବକମାନେ ପ୍ରବେଶ କରି ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ଏହି ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ।

### ସିଡିଏ ସେକ୍ଟର-୧୩ରେ ମହାଠକେଇ

# ଆନ୍ତଃଜିଲ୍ଲା ଅଭିଯୁକ୍ତ ଶଶଧର ଗିରଫ

କଟକ,୧୯।୭(ସମିସ): କଟକ ମଙ୍ଗଳାବାଗ ଥାନା ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ଜମି କିଣାଇଦେବା ଓ ପୁଅ ପାଠପଢ଼ା ନାଁରେ କୋଟି କୋଟି ଟଙ୍କା ଠକେଇ କରି ଫେରାର ଥିବା ଜଣେ କୁଖ୍ୟାତ ଆନ୍ତଃଜିଲ୍ଲା ମହାଠକକୁ ପୁଲିସ ଗିରଫ କରିଛି। ଗିରଫ ହୋଇଥିବା ଏହି ବହୁରୂପୀ ଠକ ଜଣକ ହେଉଛନ୍ତି ଭଦ୍ରକ ଜିଲ୍ଲା ଧୁସୁରୀ ଥାନା ଅନ୍ତର୍ଗତ ପଣ୍ଡାପାଟଣା ଗ୍ରାମର ଶଶଧର ପଣ୍ଡା। ସେ କଟକ

**ଅଭିଯୁକ୍ତ ନାଁରେ ବାଲିଅନ୍ତା ଥାନାରେ ୨ କୋଟି ୨୪ ଲକ୍ଷ ଟଙ୍କା, ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ୬୪ ଲକ୍ଷ, ନିମାପଡ଼ା ଥାନାରେ ୫୮ ଲକ୍ଷ ଏବଂ ରାଜ୍ୟ ଅର୍ଥନୈତିକ ଅପରାଧ ଶାଖାରେ ୩ କୋଟି ୫୦ ଲକ୍ଷ ଟଙ୍କାର ଠକେଇ ମାମଲା**

ସିଡିଏ ସେକ୍ଟର-୧୩ ଅଞ୍ଚଳରେ ରହୁଥିଲେ। ଦୀର୍ଘ ଦିନର ଖୋଜାଖୋଜି ଏବଂ ବୈଷୟିକ ଜ୍ଞାନକୌଶଳର ସହାୟତା ନେଇ ମଙ୍ଗଳାବାଗ ଥାନା ପୋଲିସ ବାଲେଶ୍ୱର ଜିଲ୍ଲାର ଖଇରା ଅଞ୍ଚଳରୁ ତାଙ୍କୁ କାବୁ କରିବାରେ ସଫଳ ହୋଇଛି।

ଘଟଣାରୁ ପ୍ରକାଶ ଯେ, କଟକ ମଙ୍ଗଳାବାଗ ଫ୍ରେଣ୍ଡସ କଲୋନୀର ଦୀପାରାଣୀ ପଟ୍ଟନାୟକ ନାମକ ଜଣେ ମହିଳା ଗତ ୨୦୨୫ ମସିହା ଜାନୁଆରୀ ମାସରେ ନଖରାଠାରେ ଆୟୋଜିତ ଏକ ସ୍ୱେଚ୍ଛାସେବୀ ସଂଗଠନର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେଠାରେ ତାଙ୍କର ଦେଖା ଏହି ଠକ ଶଶଧରଙ୍କ ସହ ହୋଇଥିଲା। ଏହାପରେ ଶଶଧର ନିଜ ପରିବାର ସହ




ଦୀପାରାଣୀଙ୍କ ଘରକୁ ଯିବା ଆସିବା କରି ସେମାନଙ୍କ ସହ ନିବିଡ଼ ସମ୍ପର୍କ ଗଢ଼ି ତୋଳିଥିଲେ। ସେ ନିଜକୁ ଜଣେ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ବୋଲି ପରିଚୟ ଦେଇଥିଲେ। ପରେ ନିଜ ପୁଅର ଉଚ୍ଚଶିକ୍ଷା ପାଇଁ ଅର୍ଥର ଆବଶ୍ୟକତା ଥିବା ଦର୍ଶାଇ ଦୀପାରାଣୀଙ୍କୁ ୨୦ ଲକ୍ଷ ଟଙ୍କାର ଋଣ ମାଗିଥିଲେ। ପ୍ରଥମେ ଦୀପାରାଣୀ ଏତେ ଟଙ୍କା ଦେବାକୁ ମନା କରିଥିଲେ ମଧ୍ୟ ଶଶଧର ତାଙ୍କୁ ବିଶ୍ୱାସ ଜନ୍ମାଇବା ପାଇଁ ଏକ ନୂଆ ଚାଲ୍ ଖେଳିଥିଲେ। ସେ କହିଥିଲେ ଯେ ଋଣ ବଦଳରେ ସେ ତାଙ୍କ ସ୍ତ୍ରୀଙ୍କ ନାଁରେ କଟକ ସିଡିଏ ସେକ୍ଟର-୧୩ରେ ଥିବା ଏକ ପ୍ଲଟକୁ ଦୀପାରାଣୀଙ୍କ ନାମରେ ରେଜିଷ୍ଟ୍ରି କରିଦେବେ। ଏହି କଥାରେ ବିଶ୍ୱାସ କରି ଦୀପାରାଣୀ ନଗଦ ଏବଂ ମୋବାଇଲ ବ୍ୟାଙ୍କିଙ୍ଗ୍ ମାଧ୍ୟମରେ ସେହି ଠକକୁ ସମୁଦାୟ ୨୦ ଲକ୍ଷ ଟଙ୍କା ଦେଇଥିଲେ। ତେବେ ଟଙ୍କା ପାଇବା ପରେ ଶଶଧର ଜମି ରେଜିଷ୍ଟ୍ରି କରିନଥିଲେ କି ଟଙ୍କା ଫେରସ୍ତ କରିନଥିଲେ। ଓଲଟା ଟଙ୍କା ମାଗିବାରୁ ଦୀପାରାଣୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଗଳା ଚିପି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ଏବଂ ନିଜ ମୋବାଇଲ ଫୋନ ବନ୍ଦ କରି ଫେରାର ହୋଇଯାଇଥିଲେ। ଏ ନେଇ ଗତ ମେ ମାସରେ ମଙ୍ଗଳାବାଗ ଥାନାରେ ଏକ ମାମଲା ରୁଜୁ ହୋଇଥିଲା।

ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ ଶଶଧର ଜଣେ ପେଶାଦାର ଏବଂ ଅଭ୍ୟାସଗତ ମହାଠକ। ସେ କେବଳ କଟକରେ ନୁହେଁ, ବରଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ଲୋକଙ୍କୁ ଏଭଳି ପ୍ରଲୋଭନ ଦେଖାଇ କୋଟି କୋଟି ଟଙ୍କା ଲୁଟିଛନ୍ତି। ତାଙ୍କ ନାମରେ ବାଲିଅନ୍ତା ଥାନାରେ ୨ କୋଟି ୨୪ ଲକ୍ଷ ଟଙ୍କା, ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ପ୍ରାୟ ୬୪ ଲକ୍ଷ ଟଙ୍କା, ନିମାପଡ଼ା ଥାନାରେ ୫୮ ଲକ୍ଷ ଟଙ୍କା ଏବଂ ରାଜ୍ୟ ଅର୍ଥନୈତିକ ଅପରାଧ ଶାଖା ବା ଇଓଡବ୍ଲ୍ୟୁରେ ୩ କୋଟି ୫୦ ଲକ୍ଷ ଟଙ୍କାର ଠକେଇ ମାମଲା ସମେତ ବନ୍ଧମୁଣ୍ଡା ଓ ଭଦ୍ରକ ଟାଉନ ଥାନାରେ ମଧ୍ୟ ଏକାଧିକ ସଙ୍ଗିନ ମାମଲା ରହିଛି। ଲୋକଙ୍କୁ ଠକି ଆଦାୟ କରିଥିବା କୋଟି କୋଟି ଟଙ୍କାରେ ଶଶଧର ଅତି ବିଳାସପୂର୍ଣ୍ଣ ଜୀବନ ବିତାଉଥିଲେ। ସେ ଏହି ଠକେଇ ଟଙ୍କାରେ କଟକ ସିଡିଏରେ ଦୁଇଟି ପ୍ଲଟ, ଭୁବନେଶ୍ୱର ସୁନ୍ଦରପଦାରେ ଦୁଇଟି ପ୍ଲଟ କିଣିବା ସହ କଟକ ବିଡ଼ାନାସୀ ନୂଆସାହି ଅଞ୍ଚଳରେ ଏକ ବିରାଟ ତିନି ମହଲା କୋଠା ଘର ମଧ୍ୟ ନିର୍ମାଣ କରିଛନ୍ତି। ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ ପୁଲିସ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ୨୩ ତାରିଖ ଯାଏଁ ପଶ୍ଚିମ ଓ ଉତ୍ତର ଓଡ଼ିଶାରେ ବର୍ଷା

ଭୁବନେଶ୍ୱର,୧୯।୭(ସମିସ): ଲଘୁଚାପ ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ହେଉଥିବା ବର୍ଷାର ପ୍ରକୋପ କମିଛି। ବିଶେଷକରି ଉପକୂଳ ଓଡ଼ିଶାରେ ରବିବାର ବର୍ଷାର ପରିମାଣ ଖୁବ କମ ରହିଥିବା ବେଳେ ସୋମବାରଠାରୁ ଉତ୍ତର ତଥା ପଶ୍ଚିମ ଓଡ଼ିଶାର କେତେକ ଜିଲ୍ଲାରେ ବର୍ଷାର ପରିମାଣ ବଢ଼ିପାରେ। ସୋମବାର ବାଲେଶ୍ୱର, ସୁନ୍ଦରଗଡ, ସମ୍ବଲପୁର, ଦେବଗଡ, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ମଙ୍ଗଳବାର ସୁନ୍ଦରଗଡ, ସମ୍ବଲପୁର, ଦେବଗଡ, କେନ୍ଦୁଝର ଓ ମୟୂରଭଞ୍ଜକୁ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର। ସେହିପରି ୨୨ ଓ ୨୩ ତାରିଖରେ ଉତ୍ତର ଏବଂ ପଶ୍ଚିମ ଓଡ଼ିଶାରେ ଝଡ଼ବର୍ଷାର ସମ୍ଭାବନା ରହିଛି। ୨୪ ତାରିଖରୁ ପାଗରେ ପରିବର୍ତ୍ତନ ଦେଖାଦେବ।

# ପୁଣି ଖଟିଆରେ ଭରାନାଳ ପାରିହେଲେ ରୋଗୀ



କୋଇଡା,୧୯।୭(ସମିସ): ପୁଣି ଗୁରୁତର ରୋଗୀଙ୍କୁ ଖଟିଆରେ ବୋହି ଜୀବନକୁ ବାଜି ଲଗାଇ ଭରାନାଳ ପାର ହେଲେ ଗ୍ରାମବାସୀ ଓ ପରିବାର ଲୋକେ। ଏଭଳି ଘଟଣା ଦେଖିବାକୁ ମିଳିଛି କୋଇଡା ବ୍ଲକ୍ କେ. ବଲାଙ୍ଗ ଥାନା ଗାଡ଼ାଟୋଲା ନିକଟସ୍ଥ ସମିଜ ନାଳରେ।

ପ୍ରକାଶ ଯେ, ଗାଡାଟୋଲା ଅଞ୍ଚଳର ତେଲାନ ସାମଦ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଗୁରୁତର ହୋଇପଡ଼ିଥିଲେ। ଆମ୍ବୁଲାନ୍ସକୁ ଡକାହେଲା ହେଲେ ଆମ୍ବୁଲାନ୍ସ ରହିଲା ନାଳ ଆରପାରିରେ। ବର୍ଷା ଯୋଗ ନାଳ ଉଛୁଳି ଥିବାବେଳେ ସ୍ରୋତ ମଧ୍ୟ ପ୍ରଖର ଥିଲା। ମାତ୍ର ବାଧ ହୋଇ ଗ୍ରାମବାସୀ ଭରାନାଳକୁ ବିପଦପୂର୍ଣ୍ଣ ଭାବେ ପାର କରାଇ ରୋଗୀଙ୍କୁ କେ.ବଲାଙ୍ଗ ପିଏଚ୍‌ସିକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ପରୀକ୍ଷା କରି ଅବସ୍ଥା

**ପୋଲ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦାବି**

ଗୁରୁତର ଥିବାରୁ ରାଉରକେଲା ସ୍ଥାନାନ୍ତର କରିଥିଲେ।

ପ୍ରକାଶ ଯେ, ପ୍ରତ୍ୟେକ ବର୍ଷ ଜୋର୍ ବର୍ଷା ହେଲେ ଉପର ମୁଣ୍ଡରୁ ବୋହି ଆସିଥିବା ସମିଜ ନାଳ ଫୁଲିଉଠେ। ଫଳରେ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହୁଅନ୍ତି କେବଳାଙ୍ଗ ପଞ୍ଚାୟତର ଗାଡାଟୋଲା ଓ ବାକରଟୋଲା ଗ୍ରାମବାସୀ। ସ୍ୱାସ୍ଥ୍ୟକେନ୍ଦ୍ର, ବିଦ୍ୟାଳୟ, ବଜାର ହେଉ କିମ୍ବା ପ୍ରତ୍ୟେକ ଦିନ ରେଲୱେ ସାଇଡିଂକୁ ଆସିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି ଅଞ୍ଚଳବାସୀ। ବାରମ୍ବାର ପୋଲ ନିର୍ମାଣ ପାଇଁ ଦାବି ହେଉଥିଲେ ମଧ୍ୟ ପ୍ରଶାସନ ଶୁଣୁନାହିଁ। ଫଳରେ ଅଞ୍ଚଳବାସୀ ପ୍ରତ୍ୟକ ବର୍ଷ ଏମିତି ଜୀବନକୁ ବାଜି ଲଗାଇ ଭରା ନାଳ ପାର ହେଉଛନ୍ତି।

### ଜୀବନସାଥୀ ହେଲେ ଦୁଇ ବିଚାରାଧୀନ କଏଦୀ

# ଜେଲ୍‌ରେ ପଡ଼ିଲା ହାତଗଣ୍ଠି

ଜୟପୁର, ୧୯।୭(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ୱତନ୍ତ୍ର ଜେଲରେ ୨ ବିଚାରାଧୀନ କଏଦୀ ହିନ୍ଦୁ ରୀତିନୀତିରେ ବିବାହ କରିଛନ୍ତି। ।

ସୂଚନା ଅନୁଯାୟୀ, ଅଭିଯୁକ୍ତ ନୃସିଂହ ପ୍ରସାଦ ଖମାରୀ ଏବଂ ଯୁବତୀ ନିବେଦିତା ତରାଇଙ୍କର ଗିରଫ ପୂର୍ବରୁ ବିବାହ ପାଇଁ ନିର୍ବନ୍ଧ ହୋଇଥିଲା। ଖୋର୍ଦ୍ଧା ଅଞ୍ଚଳରେ ଉଭୟ 'ଲିଭ ଇନ୍'ରେ ଏକାଠି

**ଠକେଇ ଅଭିଯୋଗରେ ଗିରଫ ହୋଇଛନ୍ତି**

ରହି ଆସୁଥିଲେ। କିନ୍ତୁ ମାଲକାନଗିର ଜିଲ୍ଲାର ବିଭିନ୍ନ ଲ୍ୟାମ୍ପସରୁ ଚାଷୀଙ୍କ ଋଣ ଟଙ୍କା ହଡ଼ପ ଏବଂ ଏ ନେଇ ୧ କୋଟି ୮ ଲକ୍ଷ ଟଙ୍କା ହଡପ ଅଭିଯୋଗରେ ସଦର ମହକୁମା କୋରାପୁଟ କେନ୍ଦ୍ରୀୟ ସମବାୟ (କେସିସି) ମ୍ୟାନେଜରଙ୍କୁ ସୁଧାଂଶୁ ଖରାଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ବ୍ୟାଙ୍କ ମ୍ୟାନେଜର ଉକ୍ତ ଟଙ୍କା ମଧ୍ୟରୁ ୬୩ ଲକ୍ଷ ଟଙ୍କା ଅଭିଯୁକ୍ତ ନୃସିଂହ ଏବଂ ନିବେଦିତାଙ୍କ ୧୨ଟି ଜମାଖାତାକୁ ଅନ୍‌ଲାଇନ ମାଧ୍ୟମରେ ପଠାଇଥିଲେ। ତେଣୁ ଭିଜିଲାନ୍ସ ପକ୍ଷରୁ ଦୁଇ



ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକ୍ କରାଯାଇ ଗତ ମେ ୭ ତାରିଖରେ ଖୋର୍ଦ୍ଧାରେ ରହିଥିବା ତାଙ୍କ ଦୋକାନ ଉପରେ ଚଢଉ କରାଯାଇ ଗିରଫ କରି ଜୟପୁର ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟ ହାଜର କରାଯାଇ ଜେଲ ହାଜତକୁ ପଠାଯାଇଥିଲା। ଉଭୟଙ୍କ ନାମରେ ବାଙ୍ଗାଲୁରୁ ପୁଲିସ ସମେତ ଓଡିଶାର ବିଭିନ୍ନ ଜିଲ୍ଲାର ଥାନା ଗୁଡିକରେ ଠକେଇ ମାମଲା ରହିଛି। ଉଭୟ ଏବେ ଜୟପୁର ସ୍ୱତନ୍ତ୍ର ଜେଲରେ ବିଚାରଧିନ କଏଦୀ ଭାବେ ରହୁଛନ୍ତି।

ତେବେ ଉଭୟ ବିବାହ କରିବାକୁ ନିଷ୍ପତ୍ତି ନେବା ପରେ ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍, ଜିଲ୍ଲା ପ୍ରଶାସନ ଏବଂ ଜେଲ୍ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି କ୍ରମେ ପୁରୋହିତଙ୍କ ଉପସ୍ଥିତିରେ ହିନ୍ଦୁ ରୀତିନୀତିରେ ହୋମଯଜ୍ଞ ସହିତ ବିବାହ ଆୟୋଜନ ହେବା ସହିତ ଭୋଜିଭାତ କରାଯାଇଥିଲା

ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଉପସ୍ଥିତ ଥିଲେ। ଏହି ଅବସରରେ ଉଭୟ ଯୁବକ ଓ ଯୁବତୀଙ୍କ ପରିବାର ଲୋକଙ୍କ ସମେତ ଜୟପୁର ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ, ଜେଲ କର୍ମଚାରୀ ଏବଂ ଅନ୍ତେବାସୀ ଉପସ୍ଥିତ ରହିଥିଲେ। ଜେଲ ଅଧିକ୍ଷକ ସନ୍ତୋଷ କୁମାର ପଟ୍ଟନାୟକ କହିଛନ୍ତି, ଉଭୟ ମେ ମାସରୁ ଏକ ଠକେଇ ନେଇ ଭିଜିଲାନ୍ସ ବିଭାଗ ଦ୍ୱାରା ଗିରଫ ହୋଇ ଜୟପୁର ସ୍ୱତନ୍ତ୍ର ଜେଲରେ ବିଚାରଧିନ କଏଦୀ ଭାବେ ରହୁଛନ୍ତି। ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍, ଜିଲ୍ଲା ପ୍ରଶାସନ ଏବଂ ଜେଲ୍ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି କ୍ରମେ ଏହି ବିବାହ ଉତ୍ସବ ଆୟୋଜିତ ହୋଇଛି।

# ୨ ସହଯୋଗୀ ସହ ମିଶି ପ୍ରେମିକାକୁ ମାରି ଫିଙ୍ଗିଦେଲା ପ୍ରେମିକ

**କୁଚିଣ୍ଡା, ୧୯ ।୭(ସମିସ)** : ପ୍ରେମ ସମ୍ପର୍କର ଏକ ଦୁଃଖଦ ପରିଣତି ସାମ୍ନାକୁ ଆସିଛି। ବିବାହ ପାଇଁ ବାରମ୍ବାର ଚାପ ପକାଉଥିବା ପ୍ରେମିକାଙ୍କୁ ପ୍ରେମିକ ଯୋଜନାବଦ୍ଧ ଭାବେ ହତ୍ୟା କରି ମୃତଦେହକୁ ଜଙ୍ଗଲରେ ଫିଙ୍ଗି ଦେଇଥିବା ଅଭିଯୋଗରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଘଟଣାଟି ସମ୍ବଲପୁର ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ଯୁବତୀ ହେଲେ ମହୁଲପାଲି ଥାନା ଅଧୀନ କୁସୁମୀ ଫିଣ୍ଡି ଅଧୀନ ମହୁଲମୁଣ୍ଡାର ସରିତା ସା (୨୪)। ସେ କୁଚିଣ୍ଡାର ଘୋଷା ରୋଡ଼ସ୍ଥିତ ସାହେଲୀ ବ୍ୟୁଟି ପାର୍ଲରରେ କାର୍ଯ୍ୟରତ ଥିଲେ। ତାଙ୍କ ବାପା ମନୋଜ ସାଙ୍କ ଅଭିଯୋଗ ଆଧାରରେ କୁଚିଣ୍ଡା ଥାନାରେ ମାମଲା ରୁଜୁ ହୋଇଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, କୁଚିଣ୍ଡା ଥାନା ଅଧୀନ ତେଲି କୁଣ୍ଡାପୋଷି ଗ୍ରାମର ଦିବ୍ୟଲୋଚନ ପ୍ରୁସେଠ ଓରଫ ଅନିଲ ପ୍ରୁସେଠ (୨୭)ଙ୍କ ସହ ସରିତାଙ୍କ ପ୍ରାୟ ଦୁଇ ବର୍ଷ ଧରି ପ୍ରେମ ସମ୍ପର୍କ ଥିଲା। ବିବାହର ପ୍ରତିଶ୍ରୁତି ଦେଇ ଦିବ୍ୟଲୋଚନ ସମ୍ପର୍କ ରଖିଥିଲେ ମଧ୍ୟ

**ବିବାହ ପାଇଁ ବାରମ୍ବାର ଚାପ ପକାଇବାରୁ ଯୋଜନାବଦ୍ଧ ହତ୍ୟା**
**ଚୁନରୀରେ ଗଳା ଚିପି ହତ୍ୟା**
**୩ ଅଭିଯୁକ୍ତ ଗିରଫ**

ପରବର୍ତ୍ତୀ ସମୟରେ ବିଭିନ୍ନ ଆଳ ଦେଖାଇ ବିବାହକୁ ଏଡ଼ାଇ ଚାଲିଥିଲେ। ଏଥିରେ ସରିତା ବିବାହ ପାଇଁ ଚାପ ପକାଇବାରୁ ଅଭିଯୁକ୍ତ ତାଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ। ଗତ ୧୬ ତାରିଖ ସନ୍ଧ୍ୟା ପ୍ରାୟ ୭ଟା ୫୦ରେ ଦିବ୍ୟଲୋଚନ ତାଙ୍କ ଦୁଇ ସହଯୋଗୀ ଅଶୋକ କିଶାନ ଓ ସୁଭିତ ମାକରଙ୍କ ସହ ଏକ ବୋଲେରୋରେ ଘୋଷା ରୋଡ଼ରୁ ସରିତାଙ୍କୁ ନେଇ ଜମନକିରା ଅଭିମୁଖେ ଯାଇଥିଲେ। ରାସ୍ତାରେ ବିବାହକୁ ନେଇ



ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ଦିବ୍ୟଲୋଚନ ସରିତା ପିନ୍ଧିଥିବା ଚୁନରୀ ସାହାଯ୍ୟରେ ତାଙ୍କ ଗଳା ଚିପି ହତ୍ୟା କରିଥିବା ପୁଲିସ କହିଛି। ପରେ ବଡ଼ରମା ଘାଟି ନିକଟରେ ଗାଡ଼ି ଅଟକାଇ ମୃତଦେହକୁ ରାସ୍ତା କଡ଼ରେ ଥିବା ଜଙ୍ଗଲ ଭିତରକୁ ଫିଙ୍ଗି ଦିଆଯାଇଥିଲା। ଘଟଣାସ୍ଥଳରୁ କିଛି ଦୂରରେ ହତ୍ୟାରେ ବ୍ୟବହୃତ ଚୁନରୀକୁ ମଧ୍ୟ ଫିଙ୍ଗି ଦେଇଥିବା ଜଣାପଡ଼ିଛି। ଘଟଣାର ତଦନ୍ତ କରି ପୁଲିସ ଦିବ୍ୟଲୋଚନ ପ୍ରୁସେଠ, ଅଶୋକ କିଶାନ (୩୦) ଓ ସୁଭିତ ମାକର (୨୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ଘଟଣାରେ ବ୍ୟବହୃତ ବୋଲେରୋ, ଚୁନରୀ, ଏକ ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ନମୁନା ଜବତ କରାଯାଇଛି। କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହର ବ୍ୟବଚ୍ଛେଦ କରାଯାଇଥିବା ବେଳେ ଫରେନସିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରୁ ନମୁନା ସଂଗ୍ରହ କରିଛି। ବ୍ୟବଚ୍ଛେଦ ଓ ଫରେନସିକ୍ ରିପୋର୍ଟକୁ ପୁଲିସ ଅପେକ୍ଷା କରିଥିବା ବେଳେ ତଦନ୍ତ ଜାରି ରହିଛି।

# ହୀରାକୁଦ ଡ୍ୟାମର ପୁଣି ୪ ଗେଟ୍ ଖୋଲିଲା

**ସମ୍ବଲପୁର, ୧୯।୭ (ସମିସ)** : ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ରେ କଲମା ବ୍ୟାମ ଓ ବ୍ୟାରେଜରୁ ଜଳ ନିଷ୍କାସନ ପରେ ଗତ ଦୁଇଦିନ ହେବ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଆଜି ସକାଳେ ଜଳସ୍ତର ୬୧୨ ଫୁଟ୍ ପାଖାପାଖି ହେବାପରେ ନଦୀବନ୍ଧରୁ ପୁଣି ୪ଟି ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସନ କରାଯାଉଛି। ଆଜି ସକାଳେ ବନ୍ୟାଜଳ ଛଡ଼ାଯିବା ପୂର୍ବରୁ ନିରବଚ୍ଛିନ୍ନ ଭାବେ ହୀରାକୁଦ ଡ୍ୟାମର ସାଇରନ୍ ବାଜିଥିଲା। ଉଲ୍ଲେଖଯୋଗ୍ୟ ଯେ, ଗତ ୯ ତାରିଖ ହୀରାକୁଦ ନଦୀବନ୍ଧରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ୧୦ଟି ଗେଟ୍ ଦେଇ ଆରମ୍ଭ ହୋଇଥିଲା। ଜଳପ୍ରବେଶ ପରିମାଣ ଓ ଜଳସ୍ତର ହ୍ରାସ ପାଇବାପରେ ବର୍ଷା ବନ୍ଦ ହୋଇଯିବାରୁ ପରବର୍ତ୍ତୀ ଦିନ ମାନଙ୍କରେ ପର୍ଯ୍ୟାୟକ୍ରମେ ଗେଟ୍ ଗୁଡ଼ିକ ବନ୍ଦ କରି ଦିଆଯାଇଥିଲା। ୧୪ ତାରିଖ ସନ୍ଧ୍ୟା ପରଠାରୁ ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଥିଲା।

ଆଜି ରବିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୨.୨୯ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୩ଟି ଏବଂ ଡାହାଣ ପାର୍ଶ୍ୱର ଗୋଟିଏ ଏହିପରି ମୋଟ ୪ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧, ୬୨, ୧୭୨ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୯୩, ୩୬୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ଲୁଇସ ଦେଇ ୬୦୫୮୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚାନେଲ ଦେଇ ୩୧୦୮୫ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୫୭ କ୍ୟୁସେକ୍, କେନାଲ ପାଇଁ ୩୨୫୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୫, ୨୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପଠାଣିଠାରେ ୫୪, ୪୧୦ କ୍ୟୁସେକ୍, ଖଇରମାଳଠାରେ ୧, ୦୯, ୦୦୦ କ୍ୟୁସେକ୍, ବଡ଼ମୂଳଠାରେ ୧, ୦୮, ୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୧, ୪୪, ୩୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ରବିବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧୦.୧୪ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୯.୭୨ ମିମି ବର୍ଷା ହୋଇଥିବା ସୂଚନା ମିଳିଛି।

### ୪୫ କେଜି ଗଞ୍ଜେଇ ଜବତ

## ଦୁଇ ଆନ୍ତଃରାଜ୍ୟ ଚାଲାଣକାରୀ ଗିରଫ

**ସମ୍ବଲପୁର, ୧୯।୭ (ସମିସ)** : ସମ୍ବଲପୁର ଜିଲ୍ଲା ଧମା ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଛି। ଭୋର ପ୍ରାୟ ସାଢ଼େ ୫ଟା ସମୟରେ ଯୁଯୋମୁରା ଥାନା ଅନ୍ତର୍ଗତ ହାତୀବାରୀ ଛକ ନିକଟରେ ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ଉ କରିଥିଲା। ଏହି ମାମଲାରେ ଦୁଇଜଣ ଆନ୍ତଃରାଜ୍ୟ ଚାଲାଣକାରୀ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

ଅବକାରୀ ବିଭାଗର ସୂଚନା ଅନୁଯାୟୀ, ଗଞ୍ଜେଇ ଚୋରାଚାଲାଣ ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗର ଏକ ଟିମ୍ ହାତୀବାରୀ ଛକ ନିକଟରେ ନାକାବନ୍ଦୀ କରିଥିଲେ। ଯାଞ୍ଚ ସମୟରେ ଏକ ସ୍ୱିଫ୍ଟ କାର୍‌ରୁ ୪୫ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ମଧ୍ୟପ୍ରଦେଶ ଟିକମଗଡ଼ ଜିଲ୍ଲା ଚାନ୍ଦେରା ଥାନା ଅଧୀନ ମୈଦୱାରା ଗ୍ରାମର ଦୀପକ କୁମାର ଛିପା (୨୫) ଏବଂ ଉତ୍ତରପ୍ରଦେଶ ଝାନ୍‌ସୀ ଜିଲ୍ଲା ଗରୋଠା ଥାନା ଅଧୀନ ମୋତିକାଟ୍ରା ଗ୍ରାମର ଜୀବନ ଛିପା (୩୨)। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଏହି ଜବତ ଗଞ୍ଜେଇ କନ୍ଧମାଳରୁ ବିଳାସପୁର ଅଭିମୁଖେ ଚୋରା ଚାଲାଣ କରାଯାଉଥିଲା। ଏହି ଘଟଣାରେ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏହି ବେଆଇନ କାରବାର ପଛରେ ଥିବା ଅନ୍ୟମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।

## ଫାଶୀମାଲରୁ ୯୦ ଲିଟର ବିଦେଶୀ ମଦ ଜବତ

**ଜମନକିରା, ୧୯ ।୭(ସମିସ)**: ଜମନକିରା ଥାନା ଫାଶୀମାଲ ଗ୍ରାମର ମିନା ନାୟକଙ୍କ ନିକଟରୁ ଜମନକିରା ପୁଲିସ ପ୍ରାୟ ୯୦ ଲିଟର ବିଦେଶୀ ମଦ ଜବତ କରିଛି। ଏ ନେଇ ଏକ ମାମଲା ରୁଜୁ କରି କରାଯାଇଛି ବୋଲି ଜମନକିରା ଆଇଆଇସି ରଞ୍ଜନ ନାଗ ସୁଚନା ପ୍ରଦାନ କରିଛନ୍ତି।

## ବିଲ୍ ପଇଠ କଲେ ଟାଟାପାୱାର କଲେକ୍ସନ ଏଜେଣ୍ଟ

**ସମ୍ବଲପୁର, ୧୯।୭ (ସମିସ)** : ଟାଟା ପାୱାରର କଲେକ୍ସନ ବାବୁଙ୍କ ୟୁପିଆଇ ଆକାଉଣ୍ଟକୁ ଦୁଇମାସର ବିଦ୍ୟୁତ ବିଲ୍ ଟଙ୍କା ପଠାଇ ଗ୍ରାହକ ହଟହଟା ହୋଇଥିବା ଖବର ଦୈନିକ 'ସକାଳ'ର ୧୯ ତାରିଖ ସମ୍ବଲପୁର ସଂସ୍କରଣରେ ପ୍ରକାଶିତ ହୋଇଥିଲା। ଅଭିଯୋଗ ଅନୁଯାୟୀ, ଜଣେ ଗ୍ରାହକ ବିଲ୍ ଆଦାୟ କରିବାକୁ ଆସିଥିବା ସମ୍ପୃକ୍ତ କର୍ମଚାରୀଙ୍କ ନିଜସ୍ୱ ୟୁପିଆଇ ଆକାଉଣ୍ଟକୁ ଦୁଇମାସର ବିଲ୍ ବାବଦ ଟଙ୍କା ଟ୍ରାନ୍ସଫର କରିଥିଲେ। ତେବେ ଟଙ୍କା କଟିଯାଇଥିଲେ ସୁଦ୍ଧା ଅଫିସିଆଲ୍ ରେକର୍ଡରେ ତାହା ଜମା ହୋଇନଥିଲା। ଅଭିଯୋଗ ହେବାର ଦୀର୍ଘ ଦିନ ବିତିଯାଇଥିଲେ ସୁଦ୍ଧା ଟାଟା ପାୱାର କର୍ତ୍ତୃପକ୍ଷ କିମ୍ବା ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେନାହିଁ। ଏପରିକି ଏନେଇ ସମ୍ପୃକ୍ତ ଜେଇଙ୍କୁ ମଧ୍ୟ ଅଭିଯୋଗ କରାଯାଇଥିଲା। ତେବେ ଆଜି ଏହି ଖବର 'ସକାଳ'ରେ ପ୍ରକାଶିତ ହେବାପରେ ସମ୍ପୃକ୍ତ କଲେକ୍ସନ ଏଜେଣ୍ଟ ଗ୍ରାହକଙ୍କ ଘରକୁ ଯାଇ ତାଙ୍କ ସାମ୍ନାରେ ବିଲ୍ ଟଙ୍କା ନିଜ ଆକାଉଣ୍ଟରୁ ପଇଠ କରି ରସିଦ ଦେଇଥିବା ସୂଚନା ମିଳିଛି। ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ କମ୍ପାନୀ ଏଭଳି ତ୍ରୁଟି ଭବିଷ୍ୟତରେ ନ ଦୋହରାଇବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାହକଙ୍କ ମଧ୍ୟରେ ଦାବି ହେଉଛି।

## ଭାରତ ବିକାଶ ପରିଷଦର ରକ୍ତହୀନତା ଚିହ୍ନଟ ଶିବିର

**ସମ୍ବଲପୁର, ୧୯।୭ (ସମିସ)** : ଭାରତ ବିକାଶ ପରିଷଦ, ସମ୍ବଲପୁର ଶାଖା ପକ୍ଷରୁ ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ, ସମ୍ବଲପୁରର ସହଯୋଗରେ ଆଜି ମୁଦିପଡ଼ାସ୍ଥିତ ନନ୍ଦରାମ ଟେଙ୍କ-୨ ଅଙ୍ଗନବାଡ଼ି କେନ୍ଦ୍ରଠାରେ ଏକ 'ରକ୍ତହୀନତା ସଚେତନତା ଓ ନିରାକରଣ ଶିବିର' ଆୟୋଜିତ ହୋଇଯାଇଛି। ଶାଖା ସଭାପତି ହେମନ୍ତ ପ୍ରଧାନ, ଶାଖା ସମ୍ପାଦକ ସରୋଜ ମିଶ୍ର, କ୍ଷେତ୍ରୀୟ ସମ୍ପର୍କ ସଂଯୋଜକ ଶ୍ୟାମ ସୁନ୍ଦର ଶର୍ମା, ସଦସ୍ୟ ରାମେଶ୍ୱର ପୁରୋହିତ ଓ ଭୋଳାନାଥ ମେହେରଙ୍କ ମିଳିତ ପ୍ରୟାସରେ କାର୍ଯ୍ୟକ୍ରମଟି ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ସଂସ୍କାର ଟୋଲି ସଂଯୋଜକ ପ୍ରଫୁଲ୍ଲ ଭୋଇ, ମହିଳା ସହଭାଗିତା ଟୋଲି ସଂଯୋଜିକା ତୃପ୍ତି ପୁରୋହିତ ଏବଂ ସମ୍ପର୍କ ଟୋଲି ସଂଯୋଜକ ଶ୍ୟାମସୁନ୍ଦର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଶିବିରରେ ମୋଟ ୮୧ ଜଣ ହିତାଧିକାରୀଙ୍କର ହିମୋଗ୍ଲୋବିନ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୪ ଜଣଙ୍କର ହିମୋଗ୍ଲୋବିନ ମାତ୍ରା ସାଧାରଣ ମାନଠାରୁ କମ୍ ଥିବା ଜଣାପଡ଼ିଥିଲା। ସେମାନଙ୍କୁ ଆବଶ୍ୟକ ଔଷଧ ପ୍ରଦାନ କରାଯିବା ସହ ସ୍ୱାସ୍ଥ୍ୟ ପରାମର୍ଶ ମଧ୍ୟ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଭାରତ ବିକାଶ ପରିଷଦର ପୃଷ୍ଠପୋଷକ ସଦସ୍ୟ ଡା. ରାଜକୁମାର ବଡ଼ପଣ୍ଡା, ଡା. ରାଜେନ୍ଦ୍ର ପଣ୍ଡା, ଡା. ସଞ୍ଜୀବ ମିଶ୍ର, ଡା. ନରେନ୍ଦ୍ର ବେହେରା ଓ ମକରଧ୍ୱଜ ଯୋଶୀ ଉପସ୍ଥିତ ଥିଲେ। ପରୀକ୍ଷଣ ଦଳର ନେତୃତ୍ୱ ନେଇଥିବା ତନୁଶ୍ରୀ ପାତ୍ର ଓ ତାଙ୍କ ସହଯୋଗୀମାନେ, ଏବଂ ଅଙ୍ଗନବାଡ଼ି କର୍ମୀ ଦୀପାଳି ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଭାରତ ବିକାଶ ପରିଷଦର ସଦସ୍ୟ ମିହିର ମହାନ୍ତି, ଅମିତ ଝାଙ୍କର, ମୋହିନୀ ମୋହନ ଦାଶ ସହଯୋଗ କରିଥିଲେ।

## କଲମର କବିତା ବର୍ଷା ଆସର

**ସମ୍ବଲପୁର, ୧୯।୭ (ସମିସ)** : ସାହିତ୍ୟିକ ଅନୁଷ୍ଠାନ କଲମ ପରିବାର ଟ୍ରଷ୍ଟ ପକ୍ଷରୁ କବିତା ଆସର କବିତା ବର୍ଷା 'ମେଘ ବରଷିଲା ଟୁପୁରୁ ଟାପୁରୁ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ କ୍ଷେତ୍ରମଣି ବିଭାର ପ୍ରାରମ୍ଭିକ ସୂଚନା ଦେଇଥିଲେ। ପରେ ସଭାପତି ତଫିଜୁଲ ହୁସେନ କଲମ ଅନୁଷ୍ଠାନର ଆଗାମୀ କାର୍ଯ୍ୟକ୍ରମ ବାବଦରେ ସୂଚନା ପ୍ରଦାନ କରିଥିଲେ। ଆଗକୁ ଲେଖକଙ୍କ ସହଯୋଗରେ 'ମୋର୍ ସମ୍ବଲପୁର' ପୁସ୍ତକ ପ୍ରକାଶ ପାଇବ। ଏଥିରେ ସମ୍ବଲପୁରର ଇତିହାସ, ବର୍ତ୍ତମାନ, କଳା ସଂସ୍କୃତି, ଖାଦ୍ୟ, ସମ୍ବଲପୁରର ଦର୍ଶନୀୟ ସ୍ଥାନ, ସାହିତ୍ୟ, ଲେଖକ, ନାଟକ, ଖେଳ କୁଦ, ଚିତ୍ରଶିଳ୍ପୀ, ଚିତ୍ରକଳା, ଆନ୍ଦୋଳନ, ବିସ୍ଥାପନ ଭଳି ବିଷୟବସ୍ତୁ ଏଥିରେ ସ୍ଥାନ ପାଇବ। ଏହାପରେ ଏକ କବିତା ଆସର ଆୟୋଜିତ ହୋଇଥିଲା। ଶେଷରେ ଉପସଭାପତି ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତାରେ ଗାଈଗୋଠ; ଶୋଇଛି ମହାନଗର ନିଗମ

**ସମ୍ବଲପୁର, ୧୯।୭ (ସମିସ)** : ସମ୍ବଲପୁର ମହାନଗର ନିଗମର ରାସ୍ତାଘାଟ ଏବେ ଗାଈଗୋଠ ପାଲଟିଛି। ବହୁ ସମୟରେ ରାସ୍ତାଘାଟରେ ଗାଈଗୋରୁ ଯୋଗୁଁ ଦୁର୍ଘଟଣା ମଧ୍ୟ ଘଟୁଛି। ସହରାଞ୍ଚଳରେ ମୁଖ୍ୟ ରାସ୍ତାରେ ଗାଈଗୋରୁ ବିଚରଣ କରୁଛନ୍ତି। ପ୍ରତିଦିନ ବିଭିନ୍ନ ମୁଖ୍ୟ ରାସ୍ତାରେ ମଇଁଷିମାନେ ଯିବା ସମୟରେ ଟ୍ରାଫିକ



ସମସ୍ୟା ସୃଷ୍ଟି ହୋଇଥାଏ। ଜାତୀୟ ରାଜପଥରେ ବିଗତ ଦିନରେ ଅନ୍ଧାରରେ ଗାଡ଼ି ଧକ୍କାରେ ଗାଈଗୋରୁ ପ୍ରାଣ ହରାଇବା ସହ ଗାଡ଼ିଚାଳକ ମଧ୍ୟ ଆହତ ହୋଇଛନ୍ତି। ସମ୍ବଲପୁରକୁ ଘେରି ଚାରୋଟି ଜାତୀୟ ଓ ରାଜ୍ୟ ରାଜପଥ ଯାଇଛି। ଅଭିଯୋଗ ହେଲେ ମହାନଗର ନିଗମ କର୍ତ୍ତୃପକ୍ଷ କିଛି ଗାଈଗୋରୁଙ୍କୁ ଉଠାଇନେଇ ଅନ୍ୟତ୍ର ଛାଡ଼ିଦେଇ ପୁଣି ଶୋଇ ପଡ଼ୁଛନ୍ତି। ଜନସାଧାରଣଙ୍କଠାରୁ ଟିକସ ଆଦାୟ କରୁଥିବାବେଳେ ସୁବିଧା ଅସୁବିଧା ପ୍ରତି ଧ୍ୟାନ ଦିଆଯାଉନାହିଁ। ମହାନଗର ନିଗମ ପକ୍ଷରୁ ଗାଈଗୋରୁଙ୍କୁ ନେଇ ଚିପିଲିମା ଅଞ୍ଚଳରେ ଏକ ସ୍ୱତନ୍ତ୍ର ଆବଦ୍ଧ ସ୍ଥାନରେ ରଖାଯିବା ସହ ପରବର୍ତ୍ତୀ ସମୟରେ ଗୋଶାଳା ନିର୍ମାଣ କରି ସେବାଯତ୍ନ କରିବା କାଗଜ କଲମରେ ସୀମିତ ହୋଇ ରହିଯାଇଛି। ବିଭିନ୍ନ ଅଞ୍ଚଳବାସୀ ଗାଈଗୋରୁଙ୍କ ଯୋଗୁଁ ଦୁର୍ଘଟଣାକୁ ନେଇ ଜଣାଇଲେ ସୁଦ୍ଧା ତାହାକୁ କର୍ଣ୍ଣପାତ କରାଯାଉନାହିଁ। ପ୍ରାୟ ୧୫ରୁ ୨୦ ବର୍ଷ ପୂର୍ବେ ସମ୍ବଲପୁର ମହାନଗର ନିଗମର ଧନକଉଡ଼ା, ବଡ଼ବଜାର ଆଦି କେତେକ ଅଞ୍ଚଳରେ କାଞ୍ଜିଆହୁଦା ରହିଥିଲା। ଗାଈଗୋରୁଙ୍କୁ ରାସ୍ତାରେ ଛାଡ଼ିଲେ କାଞ୍ଜିଆହୁଦାକୁ ନେଇଯାଇ ମାଲିକଙ୍କୁ ଜୋରିମାନା କରାଯାଉଥିଲା। ବିଭିନ୍ନ କାରଣରୁ ସେଗୁଡ଼ିକ ବନ୍ଦ କରିଦିଆଯାଇଛି। ସମ୍ପ୍ରତି ଗାଈଗୋରୁ ମାଲିକ କେବଳ ଦୁଗ୍ଧ ଦେବା ସମୟ ବ୍ୟତୀତ ଅନ୍ୟ ସମୟରେ ରାସ୍ତାରେ ଛାଡ଼ିଦେଲେ ସୁଦ୍ଧା ମହାନଗର ନିଗମ ଚୁପ୍ ହୋଇ ରହିଯାଉଛି।

ଅନ୍ୟପକ୍ଷରେ ଘନଜନବସତି ମଧ୍ୟରେ ଅନେକ ପଡ଼ାରେ ଗାଇ, ମଇଁଷି ଆଦି ପାଳିତ ହେଉଥିବା ଖଟାଲ ବା ଗୁହାଳ ରହିଛି। ଏହାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ କିମ୍ବା ମହାନଗର ନିଗମ ପ୍ରଶାସନ ତତ୍ପରତା ପ୍ରକାଶ କରୁନଥିବା ଦେଖାଯାଉଛି। ମିଳିଥିବା ସୂଚନାନୁଯାୟୀ, ସମ୍ବଲପୁର ସହରାଞ୍ଚଳ ଓ ଆଖପାଖ ଅଞ୍ଚଳରେ ୩୦ରୁ ଅଧିକ ଖଟାଲ ଥିବାବେଳେ ହଜାର ହଜାର ସଂଖ୍ୟାରେ ଗାଈ ଓ ମଇଁଷି ଅଛନ୍ତି। କେତେକେ ପୁରୁଷାନୁକ୍ରମେ ନିଜସ୍ୱ ଜମିରେ ଘର କରି ଗୋପାଳନ କରୁଥିବାବେଳେ ଅନ୍ୟମାନେ ସରକାରୀ ଜମିରେ ଜବରଦଖଲ କରି ରହିଛନ୍ତି। ସହରର ଦଲେଇପଡ଼ା, ଚାରବାଟି, ତାଲଭଟାପଡ଼ା, ଚନ୍ଦନ ନଗର, ଏ.ଏନ୍ ଗୁହା ଲେନ, ଗୋପାଳମାଳ, ରାମଜୀ ମନ୍ଦିର, ବନବଜାର, ଗୋବିନ୍ଦଟୋଲା, ଧନୁପାଲି, ଦାନୀପାଲି, ଦେହେରିପାଲି, ବୁଢ଼ାରଜା, ସଂକର୍ମା, କ୍ଷେତରାଜପୁର, ବଡ଼ବଜାର, ଅଇଁଠାପାଲି, ବରେଇପାଲି, ରେମେଡ ଆଦି ଅଞ୍ଚଳରେ ଖଟାଲ ବା ଗୁହାଳ ରହିଛି।

## କାର୍ ଧକ୍କାରେ ଗାଈ ମୃତ

**ସମ୍ବଲପୁର, ୧୯।୭ (ସମିସ)** : ସମ୍ବଲପୁରର ରାସ୍ତାଘାଟରେ ଗାଈଗୋରୁ ଗୋଠ କରିଥିବାବେଳେ ରାତି ଅନ୍ଧାରରେ ତାହା ଦେଖାଯାଉନାହିଁ। ଆଜି ସନ୍ଧ୍ୟାରେ ଏଭଳି ସ୍ଥିତିରେ କାର୍ ସମ୍ମୁଖକୁ ଗୋଟିଏ ଗାଈ ଧାଇଁ ଆସିବାରୁ ଧକ୍କାରେ ଗାଈଟି ମରିଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ କାର୍‌ର ସମ୍ମୁଖ ଭାଗ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ସମ୍ବଲପୁର ମହାନଗର ନିଗମର ଅବହେଳା ଯୋଗୁଁ ଗୋଟିଏ ଗାଈର ଜୀବନ ଯିବାସହ ଜଣେ ବ୍ୟକ୍ତିଙ୍କ କ୍ଷତି ହୋଇଛି। ଏହି କ୍ଷେତ୍ରରେ ଦୁଇଚକିଆ ଯାନ ହୋଇଥିଲେ ଘଟଣାସ୍ଥଳରେ ବଡ଼ ଅଘଟଣ ଘଟିଥାନ୍ତା। ପ୍ରତିଦିନ ସହରର ବିଭିନ୍ନ ରାସ୍ତାରେ ଏଭଳି ଛୋଟବଡ଼ ଦୁର୍ଘଟଣା ଘଟୁଛି। ମହାନଗର ନିଗମର ବେପରୁଆ ଭାବକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଦଣ୍ଡକାଳୀ ମନ୍ଦିରରେ ପାନୀୟଜଳ ପ୍ରକଳ୍ପ ସ୍ଥାପନ

**ସମ୍ବଲପୁର, ୧୯।୭ (ସମିସ)** : ୟୁ.ଏସ.ଜି ଫାଉଣ୍ଡେସନ ଓ ଲାୟନ୍ସ କ୍ଲବ ମହାନଦୀ ଦ୍ୱାରା ମିଳିତ ଭାବେ ହୀରାକୁଦ ଦଣ୍ଡକାଳୀ ମନ୍ଦିରରେ ଶୀତଳ ପାନୀୟ ଜଳ ପ୍ରକଳ୍ପ ଓ ଟଏଲେଟ ପ୍ରକଳ୍ପ ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ଲାୟନ୍ସ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ୩୨୨ସି୨ ଚରଣଜିତ କୌର ହୁରା ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଏହି ପ୍ରକଳ୍ପକୁ ପ୍ରଦାନ କରିଥିଲେ ୟୁ.ଏସ. ଜି ଫାଉଣ୍ଡେସନର ନିର୍ଦ୍ଦେଶକ ଉମାଶଙ୍କର ଗୌଡ଼। ଲାୟନ୍ସ କ୍ଲବ ମହାନଦୀର ସଭାପତି ମୁକେଶ ଚୌହାନଙ୍କ ନିର୍ଦ୍ଦେଶ କ୍ରମେ ସମ୍ପାଦକ ଆକାଶ ପଟ୍ଟନାୟକ ପରିଚାଳନା କରିଥିଲେ। ପୂର୍ବତନ ସଭାପତି ପ୍ରୀତମ ଚୌହାନ, କ୍ଲବ ନିର୍ଦ୍ଦେଶକ ରବୀନ୍ଦ୍ର ସେଠୀ, ସର୍ଭିସ ଚେୟାରପର୍ସନ ଗଗନ ମହାନ୍ତି, ମେମ୍ବରସିପ ଚେୟାରପର୍ସନ ସୁରେନ୍ଦ୍ର ସ୍ୱାଇଁ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳାମ୍ବର ବାଗ, ସଞ୍ଜୟ ବେହେରା, ସୁରଜ ଚୌଧୁରୀ, ସାନନ୍ଦ ବାଗ ଏବଂ ମନ୍ଦିର କମିଟିର ସମ୍ପାଦକ ସୁଶାନ୍ତ ସ୍ୱାଇଁ ଓ କୋଷାଧ୍ୟକ୍ଷ ଭଗବାନ ବେହେରା, ସଞ୍ଜୟ, ଶରତ ଲେଙ୍କା ତଥା ଅନ୍ୟମାନେ ଉପସ୍ଥିତ ଥିଲେ।




# କେଜିରୁ ପିଜି ମାଗଣା ଶିକ୍ଷା ଘୋଷଣା ଉପରେ ବଜେଟ୍ ପ୍ରାବଧାନ ଦାବି

**ସମ୍ବଲପୁର, ୧୯।୭ (ସମିସ)** : ଓଡ଼ିଶା ରାଜ୍ୟ ପଛୁଆ ଅଞ୍ଚଳ ବେସରକାରୀ କଲେଜ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ଅଇଁଠାପାଲିସ୍ଥିତ ସମ୍ବଲପୁର ପ୍ରେସ୍ କ୍ଲବ୍‌ଠାରେ ଆଜି 'ସମାନ କାମକୁ ସମାନ ଦରମା' ଏବଂ ଶିକ୍ଷା ବଜେଟ୍ ବୃଦ୍ଧି ଭଳି ପ୍ରମୁଖ ଦାବି ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ସାଧାରଣ ସମ୍ପାଦକ ଅଧ୍ୟାପକ ପ୍ରଣୟ ଅନନ୍ତ ତ୍ରିପାଠୀ ସରକାରଙ୍କ ଶିକ୍ଷା ନୀତି ଏବଂ ବଜେଟ୍ ବ୍ୟବସ୍ଥା ଉପରେ ଅସନ୍ତୋଷ ପ୍ରକାଶ କରିବା ସହ ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି। ସଂଘ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ସରକାରଙ୍କ 'କେଜି ରୁ ପିଜି' ମାଗଣା ଶିକ୍ଷା ଘୋଷଣା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିଲେ ମଧ୍ୟ ଏଥିପାଇଁ ବଜେଟ୍‌ରେ କୌଣସି ସ୍ପଷ୍ଟ ପ୍ରାବଧାନ ନାହିଁ। ଏଥିସହିତ, ସରକାର ଅନୁଦାନ ପ୍ରାପ୍ତ କଲେଜଗୁଡ଼ିକୁ ଯେଉଁ ଟଙ୍କା ଫେରସ୍ତ (ରିମ୍‌ବର୍ସମେଣ୍ଟ) କରିବାକୁ କହିଛନ୍ତି, ତାହା ୫ଟି କିସ୍ତିରେ (୧୦%, ୧୫%, ୨୫%, ୨୫% ଓ ୨୫%) ନଦେଇ ପ୍ରଥମେ ୫୦% ଏବଂ ବର୍ଷ ଶେଷରେ ବାକି ୫୦% ପ୍ରଦାନ କରନ୍ତୁ, ଯାହାଦ୍ୱାରା କଲେଜ କର୍ତ୍ତୃପକ୍ଷ କର୍ମଚାରୀଙ୍କ ଦରମା ଓ ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇପାରିବେ। ଏହାବାଦ୍, ବି.ଏଡ୍. ଏବଂ ଅନ୍ୟାନ୍ୟ ବୃତ୍ତିଗତ ତଥା ବୈଷୟିକ ପାଠ୍ୟକ୍ରମକୁ ଏହି ମାଗଣା ଶିକ୍ଷା ବ୍ୟବସ୍ଥାରୁ ବାଦ୍ ଦିଆଯାଇଥିବାରୁ ସଂଘ ଆପତ୍ତି ଉଠାଇଛି। ବିଶେଷ କରି ରାଜ୍ୟର ପଛୁଆ ଅଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ସରକାର ସ୍ଥାୟୀ ଅନୁଦାନ ନୀତି ଆପଣାନ୍ତୁ, ବ୍ଲକ ଗ୍ରାଣ୍ଟ ଉଚ୍ଛେଦ କରି ଚାକିରି ସର୍ତ୍ତାବଳୀ ଲାଗୁ କରନ୍ତୁ ଏବଂ ଶିକ୍ଷକମାନଙ୍କର ଗ୍ରାଚ୍ୟୁଇଟି ତଥା ଏରିୟର ପ୍ରଦାନ କରନ୍ତୁ ବୋଲି ସଂଘ ଦାବି କରିଛି।

ପ୍ରଫେସର ତ୍ରିପାଠୀ ରାଜ୍ୟ ସରକାରଙ୍କ ଫିଛାଡ଼ ନିଷ୍ପତ୍ତିର ପ୍ରଭାବ, ଅନୁଦାନ ପ୍ରଦାନ ବେଳେ ଡିଇଓ ମାନଙ୍କୁ ଅନ୍ତର୍ଭୁକ୍ତ କରାଯିବା, ସମସ୍ତ ବର୍ଗର ବ୍ଲକଗ୍ରାଣ୍ଟ ପ୍ରାପ୍ତ ଅଧ୍ୟାପକ କର୍ମଚାରୀ ମାନଙ୍କୁ ଚାକିରୀ ସର୍ତ୍ତାବଳୀ ପ୍ରଦାନ, ନୂତନ ଲେଭେଲ ଧାର୍ଯ୍ୟ, ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ, ସପ୍ତମ ବେତନ ବକେୟା ଦରମା ପ୍ରଦାନ, ଅବସରକାଳୀନ ବୟସ ସୀମା ବୃଦ୍ଧି, ପ୍ରଦୋନ୍ନତି, ୟୁଜିସି ଦରମାର ପୁନଃପ୍ରଚଳନ, ସହାୟକ ଚୟନ ବୋର୍ଡ ମାଧ୍ୟମରେ ନିଯୁକ୍ତି, ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି, ସ୍ୱାସ୍ଥ୍ୟ ବୀମା ପ୍ରଚଳନ, ବଜେଟ୍‌ରେ ବ୍ୟୟବରାଦ ଆଦି ବିଭିନ୍ନ ଦାବି ସମ୍ପର୍କରେ କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ଆବାହକ ପ୍ରଫେସର ଅଶୋକ ବହିଦାରଙ୍କ ସଭାପତିତ୍ୱ କରିଥିବାବେଳେ ଡଃ ଅଶ୍ୱିନୀ ସୁପକାର ପରିଚାଳନା କରିଥିଲେ।

# ଡିଗ୍ରୀ କଲେଜ ସ୍ଥାପନ ପାଇଁ ଆଲୋଚନା

**ରେଢ଼ାଖୋଲ, ୧୯ ।୭(ସମିସ)**: ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ବଡମାଳ ପଞ୍ଚାୟତରେ ଏକ ଡିଗ୍ରୀ କଲେଜ ସ୍ଥାପନ ପାଇଁ ଜୟ ଜଗନ୍ନାଥ ଯୁକ୍ତ ଦୁଇ କଲେଜ ପରିସରରେ ପ୍ରଥମ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବ ସମ୍ମତି କ୍ରମେ ଏକ



ପରିଚାଳନା କମିଟି ଗଠିତ ହୋଇଥିଲା। ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଜୁନିଅର କଲେଜ ଅଧ୍ୟକ୍ଷ ରାଜେଶ ଦାସ ପରିଚାଳନା କରିଥିଲେ। ଆଜକୁ ୩୦ ବର୍ଷ ପୂର୍ବେ ଉପାନ୍ତ ବଡ଼ମାଳରେ ଅଞ୍ଚଳବାସୀଙ୍କ ସହଯୋଗରେ ରେଢ଼ାଖୋଲ ବ୍ଲକର ପ୍ରଥମ ଯୁକ୍ତ ଦୁଇ କଲେଜ ସ୍ଥାପନ କରାଯାଇଥିଲା। ଏଠାରୁ ୪୦ କିମି ଦୂର ପର୍ଯ୍ୟନ୍ତ କୌଣସି ଡିଗ୍ରୀ କଲେଜ ନ ଥିବାରୁ ବହୁ ଛାତ୍ରଛାତ୍ରୀ ଯୁକ୍ତ ଦୁଇ ପରେ ଅଧ୍ୟୟନରୁ ବଞ୍ଚିତ ରହି ଯାଉଛନ୍ତି। ଏଣୁ ଏଠାରେ ଏକ ଡିଗ୍ରୀ କଲେଜ ସ୍ଥାପନ ପାଇଁ ଆଜି ପ୍ରଥମ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।। ସଭାପତି ଭାବେ ମଧୁସୂଦନ ସାହୁ, ସମ୍ପାଦକ ଭାବେ ଲବଣୀଧର ସାହୁ, କୋଷାଧ୍ୟକ୍ଷ ଭାବେ ରିକେଶ ଅଗ୍ରୱାଲ, ଆଇନ ପରାମର୍ଶଦାତା ଭାବେ ଓକିଲ ରୁଦ୍ର ପ୍ରସାଦ ଧଳ, ଜନ ସମ୍ପର୍କ ଅଧିକାରୀ ଭାବେ ଷଡ଼ାନନ ପ୍ରଧାନଙ୍କୁ ଚୟନ କରାଯାଇଥିଲା। ଭାଲିଆକଟା ପଞ୍ଚାୟତ ଅଧିବାସୀ ଗୁରୁବାରୀ ମାଝୀ ମହାବିଦ୍ୟାଳୟ ସ୍ଥାପନ ପାଇଁ ଆବଶ୍ୟକ ସମସ୍ତ ଅର୍ଥ ରାଶି ଦାନସୂତ୍ରରେ ପ୍ରଦାନ କରିବାକୁ ସମ୍ମତି ପ୍ରକାଶ କରିଥିଲେ। ତାଙ୍କ ସ୍ୱାମୀ ସ୍ୱର୍ଗତ ପ୍ରହଲ୍ଲାଦ ମାଝୀଙ୍କ ନାମରେ ନାମକରଣ କରାଯିବାକୁ ବୈଠକରେ ସ୍ଥିର ହୋଇଥିଲା। ବୈଠକରେ ଶିକ୍ଷାବିତ ରାଜେନ୍ଦ୍ର ଜଗତ, ଦେବେନ୍ଦ୍ର ପ୍ରଧାନ, ଭୀମସେନ ସାହୁ, ପ୍ରଦୀପ ଧଳ, ଲବଣୀଶ୍ୱର ସାହୁ, ନବୀନ ଦାସ, ଯାଦବ ପ୍ରଧାନ, ବୈଷ୍ଣବ ପ୍ରଧାନ, ରମଣୀ ରଞ୍ଜନ ପ୍ରଧାନ, ଅଗସ୍ତି ଧଳ, ଶରତ ପ୍ରଧାନ, ସୁଦାମ ମାଝୀ, ପଞ୍ଚାନନ ସାହୁ, ରମାକାନ୍ତ ଗଡ଼ନାୟକ, ହିମାଂଶୁ ଶେଖର ସାହୁ, ରମେଶ ମାଝୀ, ରମେଶ ସାହୁ, ଅଜାଣୁ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ।

# ଅଧାବାଟରେ ଅଟକିଲା ଆମ୍ବୁଲାନ୍ସ

## ରୋଗୀଙ୍କୁ ଆଣି ନ ପାରି ନିରାଶ ହୋଇ ଫେରିଲେ କର୍ମଚାରୀ

**ରେଢ଼ାଖୋଲ, ୧୯ ।୭(ସମିସ)**

କାଦୁଅ ପଚପଚ ରାସ୍ତା ଯୋଗୁଁ ଅଧା ବାଟରେ ଅଟକିଲା ଆମ୍ବୁଲାନ୍ସ। ରୋଗୀଙ୍କୁ କର୍ମଚାରୀ ଆଣି ନ ପାରି ନିରାଶ ହୋଇ ଫେରିଲେ। ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ତ୍ରିବଣପୁର ପଞ୍ଚାୟତ ଅଧୀନ ତୁମ୍ବାମାଲ ଗାଁରେ। ରାଜ୍ୟ ସରକାର ଗ୍ରାମାଞ୍ଚଳର ଗମନାଗମନ ଏବଂ ଉନ୍ନତି ସକାଶେ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; କିନ୍ତୁ ଏବେ ବି ଅନେକ ଗାଁର ରାସ୍ତା ରହିଛି; ଯେଉଁଠି ଆଜି ବି ସରକାରୀ ଯୋଜନା ଠିକ୍ ଭାବେ ପହଞ୍ଚି ପାରୁ ନ ଥିବା ସ୍ପଷ୍ଟ ପରିଲକ୍ଷିତ ହେଉଛି। ଅନେକ ଗାଁ ଏବେ ମଧ୍ୟ ଦେଖିବାକୁ ମିଳିଛି ଯେଉଁଠି କି ରାସ୍ତା ଦୁର୍ଗମ ହୋଇ ରହିଛି। ବର୍ଷା ଦିନରେ ବଣ, ଜଙ୍ଗଲ ଭିତରେ ଆଣ୍ଠୁଏ କାଦୁଅ ପଚପଚ ରାସ୍ତାରେ ଅତିକ୍ରମ କରି ନିଜ କାର୍ଯ୍ୟ ପାଇଁ ପଞ୍ଚାୟତ, ବସଷ୍ଟପ୍ ତଥା ବ୍ଲକ କାର୍ଯ୍ୟାଳୟ, ବ୍ୟାଙ୍କ, କଲେଜ୍, ସ୍କୁଲ, ଏବଂ ଡାକ୍ତରଖାନାକୁ ଯାତାୟାତ କରିବାକୁ ବହୁ ସମସ୍ୟା ସମ୍ମୁଖୀନ ହେବାକୁ ପଡୁଛି। ତୁମ୍ବାମାଳ ଗାଁର ଜଣେ ବୃଦ୍ଧାଙ୍କ ଦେହ ଅଧିକ ଅସୁସ୍ଥ




ହେବାରୁ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସ ସେବାକୁ ଫୋନ୍ କରି ଡକାଇଥିଲେ। ଆମ୍ବୁଲାନ୍ସ ଆସିଲା; କିନ୍ତୁ ରାସ୍ତା ଖରାପ୍ ଯୋଗୁଁ ଗାଁକୁ ଆସି ପାରିଲା ନାହିଁ। ଏହାଫଳରେ ଅଧା ବାଟରେ ପାଖାପାଖି ୧ ଘଣ୍ଟା ଅଟକିଲା। ଅନ୍ୟପଟେ ରୋଗୀଙ୍କୁ ବାଇକ ଯୋଗେ ଆଣିବାକୁ ଯାଇଥିଲେ କର୍ମଚାରୀ କିନ୍ତୁ ଅବସ୍ଥା ଗୁରୁତର ଥିବାରୁ ବିଫଳ ହୋଇ ଫେରି ଆସିଥିଲେ। ବର୍ଷା ଦିନେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଗାଁଟି ଉଭୟ କଦଳୀଗଡ଼ ଓ ତ୍ରିବଣପୁର ପଞ୍ଚାୟତର ମଝିରେ ଥିବାରୁ ସାନ ରେଙ୍ଗାଲି ଛକଠାରୁ ଦୀର୍ଘ ୮ କିମି ରାସ୍ତା ବର୍ଷା ଦିନ ଅତି ଶୋଚନୀୟ ହୋଇ ପଡୁଛି। ଏହା ଫଳରେ ଦୁର୍ଦ୍ଦିନ ଅବସ୍ଥା ଭୋଗୁଛନ୍ତି। ଏଠାକାର ଗ୍ରାମବାସୀ ସମେତ ଆଖପାଖ ୫ଟି ଗାଁର ୩ ହଜାର ଗ୍ରାମବାସୀ ଏନେଇ ବିଭାଗୀୟ ଅଧିକାରୀ, ନେତାମନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳି ପାରିନାହିଁ। ଏହି ରାସ୍ତାରେ ଦୀର୍ଘ ବର୍ଷ ଧରି ଏମିତି ଅବସ୍ଥାରେ ଗ୍ରାମବାସୀ ଯାତାୟତ କରୁଛନ୍ତି। କିନ୍ତୁ ଏଥି ପ୍ରତି କାହାରି ବି ଦୃଷ୍ଟି ଗୋଚର ହୋଇ ପାରିନାହିଁ। ସରକାର ତଥା ସ୍ଥାନୀୟ ପ୍ରଶାସନ ଦୃଷ୍ଟି ନ ଦେଲେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ ସହ ରାସ୍ତାରୋକ କରାଯିବ ବୋଲି ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରି ଚେତାବନୀ ଦେଇଛନ୍ତି।

## ବିଜେଡି ବୁଥସ୍ତରୀୟ ଏଜେଣ୍ଟ କର୍ମଶାଳା




**ସମ୍ବଲପୁର, ୧୯।୭ (ସମିସ)** : ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ଅଧୀନ ମାନେଶ୍ୱର ବ୍ଲକର ୩୮ ବୁଥରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ଚାଲିଥିବା ପ୍ରକ୍ରିୟାରେ ବିଜୁ ଜନତା ଦଳର ବୁଥସ୍ତରୀୟ ଏଜେଣ୍ଟଙ୍କୁ ନେଇ ବରଗାଁ କଲ୍ୟାଣ ମଣ୍ଡପଠାରେ ବିଧାୟକ ରେଢ଼ାଖୋଲ ପ୍ରସନ୍ନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ବିଧାୟକ ଯେପରି ଯୋଗ୍ୟ ଭୋଟର ତାଲିକାରୁ ବାଦ୍ ପଡ଼ିବେ ନାହିଁ ତାହାକୁ ଗୁରୁତ୍ୱର ସହିତ ନେବାକୁ ନେତୃମଣ୍ଡଳୀଙ୍କୁ ଅନୁରୋଧ କରିଥିଲେ। ଏହାକୁ ସୁଚାରୁରୂପେ ନିର୍ବାହ କରିବା ପାଇଁ ଦେଓଗାଁ ପଞ୍ଚାୟତରେ ସହଦେବ ସାହୁ, ଧମା ପଞ୍ଚାୟତରେ ଗୋବିନ୍ଦ ପଟ୍ଟନାୟକ, ହୁମା ପଞ୍ଚାୟତରେ ପ୍ରଶାନ୍ତ ପୂଜାରୀ, ସାହାସପୁର ପଞ୍ଚାୟତରେ ଚିତ୍ତରଞ୍ଜନ ବାଗ, ଡକରା ପଞ୍ଚାୟତରେ ବିପିନ ନାୟକ, ବଦୁଆପାଲି ପଞ୍ଚାୟତରେ ସଞ୍ଜୟ ଭୋଇ, ବରଗାଁ ପଞ୍ଚାୟତରେ ବଳରାମ ସାହୁଙ୍କୁ ସଂଯୋଜକ ଭାବରେ ଦାୟିତ୍ୱ ଦିଆଗଲା। ଏଥି ଶିବିରରେ ଧମା, ହୁମା ସରପଞ୍ଚ, ସାହାସପୁର ସମିତି ସଭ୍ୟଙ୍କ ସହିତ ସମସ୍ତ ବୁଥସ୍ତରୀୟ ଏଜେଣ୍ଟ ଓ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ଏହି ଶିବିରକୁ ବିଧାୟକଙ୍କ ପ୍ରତିନିଧି ମନୋଜ ମହାପାତ୍ର ପରିଚାଳନା କରିଥିଲେ।

# ନଦୀରୁ ଭାଲୁର ମୃତଦେହ ଉଦ୍ଧାର



**ନୂଆପଡ଼ା/କୋମନା, ୧୯।୭ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ରେଞ୍ଜ ଝରଣାମାଲ ଗାଁ ନିକଟସ୍ଥ ଇନ୍ଦ୍ର ନଦୀରୁ ଏକ ଭାଲୁର ମୃତଦେହ ଉଦ୍ଧାର ହୋଇଛି । ନଦୀ ପାଣିରେ ଭାସି ଆସିଥିବା ଭାଲୁର ମୃତଦେହକୁ ସ୍ଥାନୀୟ ଲୋକେ ଦେଖି କୋମନା ବନ ବିଭାଗକୁ ଖବର ଦେଇଥିଲେ । ବନ ବିଭାଗର ଏକ ଟିମ ପହଞ୍ଚି ଭାଲୁର ମୃତଦେହ ଉଦ୍ଧାର କରିଥିଲେ । ମୃତଦେହ ଜବତ କରି ବରନ୍ଦାପାଟ ନର୍ସରୀକୁ ନିଆଯାଇ ବ୍ୟବଚ୍ଛେଦ କରାଯାଇଥିଲା । ପ୍ରାଥମିକ ଯାଞ୍ଚରେ ଭାଲୁର ଶରୀରରେ କଟା ଚିହ୍ନ ଥିବା ଦେଖାଯାଇଥିବାରୁ ଭାଲୁକୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି । ଶବ ବ୍ୟବଚ୍ଛେଦ ସମୟରେ ଖଡ଼ିଆଳ ବନଖଣ୍ଡର ଏସିଏଫ୍ ପ୍ରସନ୍ନଜିତ ନାଏକ, କୋମନା ରେଞ୍ଜର ଭରତ ବନ୍ଧୁ ଶବର, ୱାଇଲ୍ଡ ଲାଇଫ ୱାର୍ଡେନ ମାୟାଧର ସରାଫ, ଫରେଷ୍ଟର ଗୋପାଳ ମହାନନ୍ଦ, ପ୍ରାଣୀ ଚିକିତ୍ସକ ଡା. ଲୀଳାମୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# କୂଅରେ ଖସି ପଡ଼ିଥିବା ଭାଲୁ ଉଦ୍ଧାର



**ନୂଆପଡ଼ା/କୋମନା, ୧୯।୭ (ସମିସ):** ନୂଆପଡ଼ା ଜିଲ୍ଲା ସଦର ରେଞ୍ଜ ଅନ୍ତର୍ଗତ ଗୋଡ଼ଫୁଲା ଗାଁରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ଗାଁ ନିକଟରେ ଥିବା ଏକ କୂଅରେ ଏକ ଭାଲୁ ଖସି ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ତୁରନ୍ତ ଗ୍ରାମବାସୀଙ୍କ ପକ୍ଷରୁ ବନ ବିଭାଗକୁ ଖବର ଦିଆଯାଇଥିଲା । ନୂଆପଡ଼ା ଫରେଷ୍ଟର ଜ୍ୟୋତ୍ସ୍ନାମୟୀ ଛତର ଏବଂ ବନ ବିଭାଗର ରେପିଡ୍ ରେସ୍ପନ୍ସ ଟିମ୍ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷିତ ଭାବେ ଉଦ୍ଧାର କରିବାକୁ ପ୍ରୟାସ ଆରମ୍ଭ କରିଥିଲେ । କୂଅ ଭିତରକୁ ଏକ ଲମ୍ବା ସିଡ଼ି ପକାଯିବା ପରେ ଭାଲୁଟି ଧୀରେ ଧୀରେ ସେହି ସିଡ଼ି ସାହାଯ୍ୟରେ ଉପରକୁ ଚଢ଼ି ଆସିଥିଲା ଏବଂ କୂଅ ବାହାରକୁ ଆସିବା ମାତ୍ରେ ସେଠାରୁ ସିଧା ଜଙ୍ଗଲ ଆଡ଼କୁ ଦୌଡ଼ି ପଳାଇଥିଲା ।

# ଲକ୍ଷ୍ମୀ ବିକାଶର ଅଭିଭାବକ କର୍ମଶାଳା



**ଭବାନୀପାଟଣା, ୧୯।୭ (ସମିସ):** ଲକ୍ଷ୍ମୀ ବିକାଶ ଗ୍ଲୋବାଲ ସ୍କୁଲ ଆନୁକୂଲ୍ୟରେ ଏକ ଅଭିଭାବକ କର୍ମଶାଳା ସ୍କୁଲ ପରିସରରେ ଆୟୋଜିତ ହୋଇଯାଇଛି । ଆଲ୍‌ଫା ଯୁଗର ପିଲାମାନଙ୍କୁ ମାନସିକ ସ୍ତରରେ କିପରି ପ୍ରସ୍ତୁତ କରାଯିବା ସହିତ ଆଧୁନିକ ପିତାମାତା କିପରି ଚିରାଚରିତ ଢଙ୍ଗରୁ ବାହାରି ଏକ ନୂତନ କୌଶଳକୁ ଆପଣେଇ ନିଜର ଦାୟିତ୍ୱ ନିର୍ବାହ କରିପାରିବେ ସେ ବିଷୟରେ ଆଲୋକପାତ କରାଯାଇଥିଲା । ଏଥିରେ ଜେସିଆଇର ଆଞ୍ଚଳିକ ପ୍ରଶିକ୍ଷକ ତଥା ଲକ୍ଷ୍ମୀ ବିକାଶ ଅନୁଷ୍ଠାନର ନିର୍ଦ୍ଦେଶକ ଦଶାରୀ ଶ୍ୟାମ ପ୍ରଶିକ୍ଷଣ ଦେଇଥିଲେ ।

କର୍ମଶାଳାରେ ସ୍କୁଲର ଅଧ୍ୟକ୍ଷା ଲିପ୍ସା ରାଣୀ ପଟେଲ ସ୍ୱାଗତ ଭାଷଣ ଦେଇଥିବା ସ୍ଥଳେ ସ୍କୁଲର ପ୍ରଶାସନିକ ଅଧିକାରୀ ଶ୍ରୀ ଗୋପାଳ ଚନ୍ଦ୍ର ସାବତ ଅଭିବାଦନ ଦେଇଥିଲେ ଏବଂ ଶିକ୍ଷୟିତ୍ରୀ ବର୍ଷା ବୈଶାଳୀ ଉଦ୍‌ଗାତା କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଶିକ୍ଷୟିତ୍ରୀ ସୁଶ୍ରୀ ସ୍ମୃତି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।ଏ ଥିରେ ଶତାଧିକ ପିତାମାତା ଏବଂ ଅଭିଭାବକ ଯୋଗଦାନ କରି ନିଜର ପିଲାମାନଙ୍କ କ୍ଷେତ୍ରରେ ଅଙ୍ଗେ ନିଭାଉଥିବା ଅସୁବିଧାକୁ ଆଲୋଚନା କରିଥିଲେ ।

## ନିଶାନ୍ତ ବାର୍ ସ୍ଥାନାନ୍ତର ପ୍ରସଙ୍ଗ

# ସାଂସଦଙ୍କ ନିର୍ଦ୍ଦେଶ କାମ ଦେଲାନି; ଜନଶୁଣାଣି ଶେଷ ଭରସା

କେସିଙ୍ଗା, ୧୯।୭ (ସମିସ)



ନିଶାନ୍ତ ବାର୍ ପାଇଁ ଅଶାନ୍ତ ପଡ଼ିଥିବା କେସିଙ୍ଗାର ଜନସାଧାରଣ ଓ ୱାର୍ଡବାସୀଙ୍କ ଭାବନାକୁ ପ୍ରଶାସନର ଅଣଦେଖା କାରଣରୁ ଅସନ୍ତୋଷ ଆହୁରି ବଢ଼ିବାରେ ଲାଗିଛି । ଦିନ ଗଡୁଛି ହେଲେ ଭଲ ଖବର ମିଳୁନାହିଁ । କିଛିମାସ ତଳେ କେସିଙ୍ଗା ଆରଏମସି ଶେଷ ମୁଣ୍ଡରେ ଥିବା ନିଶାନ୍ତ ବାର୍ ଏନଏସିରୁ ଏନ୍‌ଓସି ପାଇବା ପରେ ନିଜ ବିୟରବାରକୁ କେସିଙ୍ଗା-ଟିଟଲାଗଡ଼ ରାସ୍ତାରେ ଥିବା ଓମ୍‌ନଗର ପାଖକୁ ସ୍ଥାନାନ୍ତର ପାଇଁ କ୍ଷେତ୍ର ପ୍ରସ୍ତୁତ କରୁଛି । ଯାହାକି ୱାର୍ଡବାସୀଙ୍କ ସମେତ ସମଗ୍ର କେସିଙ୍ଗାର ବୁଦ୍ଧିଜିବୀ ଓ ସଚେତନ ନାଗରିକ ବିରୋଧ କରି ଅବକାରୀ ବିଭାଗର ବଡ଼ ଅଧିକାରୀଙ୍କ ଠାରୁ ଆରମ୍ଭ କରି ନିର୍ବାଚିତ ପ୍ରତିନିଧିମାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ମାତ୍ର ଆଜି ପର୍ଯ୍ୟନ୍ତ କୌଣସି ଭଲ ଖବର ମିଳିନାହିଁ । ଦାବିପତ୍ର ପ୍ରଦାନ ପରେ ବି ସମାଧାନ ବାଟ ନବହାରିବାରୁ ଗୁରୁବାର ରଥଯାତ୍ରା ଦିନ ସାଂସଦ ମାଳବିକା ଦେବୀ ଏକ ବିଦ୍ୟାଳୟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେବାକୁ କେସିଙ୍ଗା ଆସିଥିବା ବେଳେ ବୁଦ୍ଧିଜୀବୀ ଓ ୱାର୍ଡବାସୀ ସାଂସଦଙ୍କୁ ନିଶାନ୍ତ ବାର୍ ସ୍ଥାନାନ୍ତର ସ୍ଥାନକୁ ପରିଦର୍ଶନରେ ଯିବା ପାଇଁ ଅନୁରୋଧ କରିବା ପରେ ସାଂସଦ କ୍ଷେତ୍ର ପରିଦର୍ଶନ କରିଥିଲେ । ସେହି ସ୍ଥାନରୁ ଜିଲ୍ଲା ଅବକାରୀ ଅଧୀକ୍ଷକ ରଞ୍ଜନ ନାଏକଙ୍କୁ ଫୋନ୍ କରି ୱାର୍ଡବାସୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ମୁଖରେ ୨୪ ଘଣ୍ଟା ମଧ୍ୟରେ ନୂତନ ଭାବରେ ତିଆରି ହେଉଥିବା ବାର୍‌କୁ ସିଲ୍ କରି ଫଟୋ ଓ ଅଗ୍ରଗତି ସମ୍ପର୍କରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଯାହାକୁ ନେଇ ଅଞ୍ଚଳବାସୀ ବଡ଼ ସମସ୍ୟାର ସମାଧାନ ହୋଇଗଲା ଭାବି ଖୁସି ବ୍ୟକ୍ତ କରିଥିଲେ ।

ହେଲେ ୧୬ ତାରିଖରେ ସାଂସଦ ଦେଇଥିବା ନିର୍ଦ୍ଦେଶ ୧୯ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଲାନାହିଁ । ଶେଷ ଭରସା ୨୦ ତାରିଖରେ କେସିଙ୍ଗା ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର । ସମସ୍ତ ୱାର୍ଡବାସୀ ଓ ବୁଦ୍ଧିଜୀବୀ ଯାଇ ଜିଲ୍ଲାପାଳଙ୍କ ଜନଶୁଣାଣରେ ସମସ୍ୟା ପଞ୍ଜୀକୃତ କରିବା ସହିତ ସମସ୍ୟାର ଶୀଘ୍ର ସମାଧାନ କରିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯିବ ବୋଲି ନିଷ୍ପତି ନିଆଯାଇଛି । ବର୍ତ୍ତମାନ ପର୍ଯ୍ୟନ୍ତ ବାର୍ ଖୋଲିନାହିଁ ସତ ହେଲେ ଆଗକୁ ବାର ଉକ୍ତ ସ୍ଥାନରେ ଖୋଲିବ ନାହିଁ ବୋଲି କେହି ପ୍ରତିଶ୍ରୁତି ଦେଇ ପାରୁ ନଥିବାରୁ ୱାର୍ଡବାସୀ ଓ ବୁଦ୍ଧିଜୀବୀ ଆଗକୁ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି ।

## କଳମପୁରରେ ଖୁସିର ଲହରୀ

# ନିଟ୍ ପାଇଲେ ମୋନାଲିସା, କ୍ଷୀରୋଦ

**କଳମପୁର, ୧୯।୭ (ସମିସ):** କଳାହାଣ୍ଡି ଜିଲ୍ଲା କଳମପୁରରେ ଖସିର ଲହରୀ । ଅଞ୍ଚଳର ଛାତ୍ରୀ ମୋନାଲିସା ସୁନାନୀ ଓ କ୍ଷୀରୋଦ କାଣ୍ଡ ନିଟ୍‌ରେ କୃତକାର୍ଯ୍ୟ ହୋଇଛନ୍ତି ।





ମୋନାଲିସାଙ୍କ ବାପା ବ୍ୟାଙ୍କ ମେସେଞ୍ଜର ଥିବାବେଳେ ତାଙ୍କ ଦେହାନ୍ତ ପରେ ମା' ଆଥିକ ଅନଟନ ସତ୍ତ୍ୱେ ୪ ସନ୍ତାନଙ୍କୁ ବହୁ କଷ୍ଟରେ ପାଠ ପଢ଼ାଉଥିଲେ । ମୋନାଲିସା କଳମପୁର ଶିଶୁ ମନ୍ଦିର ବିଦ୍ୟାଳୟ ଠାରୁ ଅଧ୍ୟୟନ ଆରମ୍ଭ କରିଥିଲେ, ସେଠାରୁ ସେ ନବୋଦୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନର୍ଲା ସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟରେ +୨ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ । +୨ ପାଠପଢ଼ା ସମୟରେ ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ପୋଷ୍ଟ ମାଷ୍ଟର ପଦବୀ ପାଇଁ ଆବେଦନ କରିଥିଲେ, ସେଥିରେ ମଧ୍ୟ ମୋନାଲିସା କୃତକାର୍ଯ୍ୟ ହୋଇ ରଣମାଳ ସ୍ଥିତ ଡାକଘରେ ବ୍ରାଞ୍ଚ ପୋଷ୍ଟ ମାଷ୍ଟର ଭାବେ ନିୟୋଜିତ ହେଲେ । ପୋଷ୍ଟ ମାଷ୍ଟର ପଦବୀ ସମ୍ଭାଳିବା ସହିତ ସେ ନିଟ ପାଇଁ ପ୍ରସ୍ତୁତି ଚଳାଇଥିଲେ । ଆଜି ପରିଶ୍ରମର ଫଳ ମୋନାଲିସାଙ୍କୁ ମିଳିଛି । ସେ ୨୮୫୩ ରାଙ୍କ ଓ ସର୍ବ ଭାରତୀୟ ସ୍ତରରେ ୭୭୦୬୩ ରାଙ୍କ ପାଇଛନ୍ତି ।ମୋନାଲିସା ନିଜ ପରିବାର ସଦସ୍ୟଙ୍କୁ ସଫଳତାର ଶ୍ରେୟ ଦେଇଛନ୍ତି ।

ସେହିଭଳି ବଲାଗାଁ ଗ୍ରାମର କ୍ଷୀରୋଦ କାଣ୍ଡ ୫୭୮ ମାର୍କ ରଖି ପ୍ରାୟ ୧୮ ହଜାର ରାଙ୍କ ରଖିଛନ୍ତି । କ୍ଷୀରୋଦ ଭୁବନେଶ୍ୱର ବିଦ୍ୟାପୀଠ କଲେଜରେ ଅଧ୍ୟୟନ କରୁଥିଲେ ।

# ରାସ୍ତା କଡ଼ରେ ଭଙ୍ଗା ଷ୍ଟ୍ରିଟ୍ ଲାଇଟ୍ ଲୁହାଖମ୍ବ

## ବିପଦରେ ଛାତ୍ରଛାତ୍ରୀ ଓ ପଥଚାରୀ; ପ୍ରଶାସନ ନିରବ

**ଖଡ଼ିଆଳ, ୧୯।୭ (ସମିସ):** ନୂଆପଡ଼ା ଜିଲ୍ଲା ବୋଡେନ ସହରର ମୁଖ୍ୟ ରାସ୍ତା କଡ଼ରେ ଦୀର୍ଘ ଦିନ ଧରି ଭଙ୍ଗା ଅବସ୍ଥାରେ ପଡ଼ିରହିଛି ଏକ ଷ୍ଟ୍ରିଟ୍ ଲାଇଟ୍ ଲୁହାଖମ୍ବ । ଏହା ଯେକୌଣସି ସମୟରେ ବଡ଼ ଦୁର୍ଘଟଣାର କାରଣ ପାଲଟିପାରେ । ପ୍ରତିଦିନ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ବିଶେଷ କରି ଛାତ୍ରଛାତ୍ରୀ, ପଥଚାରୀ ଓ ଦୁଇଚକିଆ ଯାନଚାଳକମାନେ ଭୟଭୀତ ଅବସ୍ଥାରେ ଯାତାୟାତ କରୁଛନ୍ତି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବାରମ୍ବାର



ସମ୍ପୃକ୍ତ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଭଙ୍ଗା ଖମ୍ବକୁ ମରାମତି କିମ୍ବା ହଟାଇବା ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ । ବିଶେଷକରି ରାତି ସମୟରେ ଏହା ଅଧିକ ବିପଦଜନକ ହୋଇପଡୁଛି । କୌଣସି ଅଘଟଣ ଘଟିବା ପୂର୍ବରୁ ସମ୍ପୃକ୍ତ ବିଭାଗ ତୁରନ୍ତ ଭଙ୍ଗା ଷ୍ଟ୍ରିଟ୍ ଲାଇଟ୍ ଲୁହା‌ଖମ୍ବକୁ ଘୁଞ୍ଚାଇ ନୂତନ ଖମ୍ବ ଲଗାଇ ସୁରକ୍ଷିତ ଯାତାୟାତ ସୁନିଶ୍ଚିତ କରିବାକୁ ସ୍ଥାନୀୟବାସିନ୍ଦା ଦାବି କରିଛନ୍ତି ।

# ଉଦନ୍ତୀ ୟୁଥ୍ କ୍ଲବର ମେଗା ରକ୍ତଦାନ ଶିବିର

**ନୂଆପଡ଼ା/ ସିନାପାଲି, ୧୯।୭(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲିର ଜଣାଶୁଣା ଯୁବ ଅନୁଷ୍ଠାନ ଉଦନ୍ତୀ ୟୁଥ କ୍ଲବ ତରଫରୁ ରବିବାର ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ




## ୫ ଦମ୍ପତି ଓ ୧୫ ମହିଳାଙ୍କ ସହ ୧୧୮ ଜଣ କଲେ ରକ୍ତଦାନ

ଆୟୋଜିତ ଶିବିରରେ ୫ ଯୋଡି ଦମ୍ପତି ଓ ୧୫ ମହିଳାଙ୍କ ସହ ମୋଟ ୧୧୮ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । ଶିବିରରେ ମୁଖ୍ୟଅତିଥି ଭାବରେ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବରେ ବ୍ଲକ ଉପାଧ୍ୟକ୍ଷା ମୀନା ଘିଭେଲା, ଆଇଆଇସି ମହେଶ୍ୱର ପାଣିଗ୍ରାହୀ, ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେର, ପୂର୍ବ ବ୍ଲକଅଧ୍ୟକ୍ଷ ନୀଳମଣି ମେହେର, ନନ୍ଦକୁମାର ପାତ୍ର, ତୁଳସୀରାମ ମେହେର, ଅରିଗଞ୍ଜନ ଯୋଷୀ ପ୍ରମୁଖ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ ।

କ୍ଲବ ଉପଦେଷ୍ଟା ରବୀନ୍ଦ୍ରନାଥ ଯୋଷୀ, ତ୍ରିନାଥ ମେହେର, ବୈଷ୍ଣବ ମେହେର, ହାଡୁରାମ ମେହେର, ରୁପେଶ ଚନ୍ଦ୍ର ମେହେର, ନୀଳାଞ୍ଚଳ ମେହେର, ପ୍ରେମାନନ୍ଦ ମେହେର, ଗଣେଶରାମ ମେହେର ଉପସ୍ଥିତ ରହି ଆୟୋଜକଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ୟୁଥ କ୍ଲବ ସଭାପତି ପ୍ରଭାତ କୁମାର ମେହେର, ସମ୍ପାଦକ ବେଣୁଧର ମେହେରଙ୍କ ସହ ଜିତେନ୍ଦ୍ର ମେହେର, କିଶନଲାଲ ମେହେର, କିରଣ ମେହେର, ବଳରାମ ମେହେର, ଝସକେତନ ମେହେର, ଚୈତନ୍ୟ ମେହେର, ଡୋଲାମଣି ମେହେର, ଲୋହିତାକ୍ଷ ମେହେର, ଟିକେଲାଲ ମେହେର, ନିତେଶ ମେହେର, ନିତୁ ମେହେର ପ୍ରମୁଖ ରକ୍ତଦାନ ଓ ସହଯୋଗ କରିଥିଲେ । ନୂଆପଡ଼ା ଜିଲ୍ଲା ମୁଖ୍ୟ ଡାକ୍ତରଖାନାର କର୍ମଚାରୀ ମାନେ ରକ୍ତ ସଂଗ୍ରହରେ ସହଯୋଗ କରିଥିବା ବେଳେ ସଂଗୃହୀତ ରକ୍ତକୁ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ପଠାଯାଇଛି ।

# ବିକାଶ ଉଇଜ୍‌ଡମ୍ ପାର୍କରେ ଇନଭେଷ୍ଟିଚର୍ ସେରିମନି



**ଭବାନୀପାଟଣା, ୧୯।୭ (ସମିସ):** ଆଜିର ଛାତ୍ର ଆଗାମୀ କାଲିର ଭବିଷ୍ୟତ । ନେତୃତ୍ୱ ନେବାର ମୂଳଦୁଆ ଛାତ୍ର ସମୟରୁ ହିଁ ପଡ଼ିଥାଏ । ତେଣୁ ଏହି ଆଧାରରେ ବିକାଶ ଶିକ୍ଷାନୁଷ୍ଠାନରେ ଉଭୟ ସିବିଏସଇ ଏକାଦଶ, ଦ୍ୱାଦଶ ଓ ସିଏଚଏସସି ଉଚ୍ଚ ମାଧ୍ୟମିକ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଷ୍ଟୁଡେଣ୍ଟ କାଉନସିଲ ନିମନ୍ତେ ଇନଭେଷ୍ଟିଚର୍ ସେରିମନି ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଅନୁଷ୍ଠାନର ନିର୍ଦ୍ଦେଶକ ଡି ଶ୍ୟାମ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନିର୍ଦ୍ଦେଶକ ଡି ରାମ କୁମାର, ଉଭୟ ମୁଖ୍ୟ ଶିକ୍ଷା ଅଧିକାରୀ ଡି ବିଜୟା, ଡି ପଦ୍ମିନୀ, ଅଧ୍ୟକ୍ଷ ତଥା ମୁଖ୍ୟ ପ୍ରଶାସକ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତୀ ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ଉପାଧ୍ୟକ୍ଷ ପ୍ରସନ୍ନଜିତ୍ ଦତ୍ତ, ପ୍ରବନ୍ଧକ ଗୁପ୍ତେଶ୍ୱର ଖୁଣ୍ଟିଆ ପ୍ରମୁଖ ମଞ୍ଚାସୀନ ଥିଲେ । ଉଭୟ ସିବିଏସଇ ଓ ସିଏଚ୍‌ଏସସି ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାରେ ହେଡବୟ୍, ହେଡଗର୍ଲ ତଥା ବିଭିନ୍ନ ବିଭାଗ ଓ କ୍ଲବ୍ ନିମନ୍ତେ କ୍ୟାପଟେନ୍ ବଛାଯାଇ ଏକ ଭବ୍ୟ ସମାରୋହର ଆୟୋଜନ କରି ସମସ୍ତ ନବନିର୍ବାଚିତ ନେତୃବୃନ୍ଦଙ୍କୁ ଅତିଥିମାନଙ୍କ ଦ୍ୱାରା ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଅତିଥିଗଣ ନବନିର୍ବାଚିତ ନେତୃବର୍ଗଙ୍କ ମାର୍ଗ ଦର୍ଶନ କରାଇଥିଲେ । ମୁଖ୍ୟ ପ୍ରଶାସକ ଯୁବରାଜ ନାୟକ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ, କ୍ରୀଡ଼ା ଶିକ୍ଷକ ପ୍ରବୀଣ କୁମାର ଶପଥ ପାଠ କରାଇଥିଲେ ।

## ତଲାଗାଁରେ ବାଆଦୀ ଠାକୁରଙ୍କ ଗୁଣ୍ଡିଚା ମଣ୍ଡେଇ

# କଣ୍ଟା ଦୋଳିରେ ଝୁଲିଲେ ଦେବତା

କୋକସରା, ୧୯ ।୭ (ସମିସ)

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ ତଲାଗାଁଠାରେ ରବିବାର ଆରାଧ୍ୟ ଦେବତା ପ୍ରଭୁ ବାଆଦୀ ଠାକୁରଙ୍କ ପ୍ରସିଦ୍ଧ ଗୁଣ୍ଡିଚା ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରବିବାର ସକାଳୁ ପ୍ରଭୁ ବାଆଦୀ ଠାକୁରଙ୍କ ମନ୍ଦିରରେ ବିଧି ମୁତାବକ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା । ସନ୍ଧ୍ୟାରେ ପରିବେଶ ଅଧିକ ଆଧ୍ୟାତ୍ମିକ ଓ ଭକ୍ତିମୟ ହୋଇଉଠିଥିଲା, ଯେତେବେଳେ ଦେବାଦେବୀଙ୍କ ପାରମ୍ପରିକ ଲାଠି ଓ କାଳିସୀମାନଙ୍କ ଶୋଭାଯାତ୍ରା ମା' ମାଉଳୀଙ୍କ ମନ୍ଦିର ଅଭିମୁଖେ ବାହାରିଥିଲା । ମା' ମାଉଳୀ ଦେବୀଙ୍କ ମନ୍ଦିର ପ୍ରାଙ୍ଗଣରେ ଶୋଭାଯାତ୍ରା ପହଞ୍ଚିବା ପରେ ସେଠାରେ ଏକ ଅଲୌକିକ ଦୃଶ୍ୟ ଦେଖିବାକୁ ମିଳିଥିଲା । ଦେବାଦେବୀଙ୍କ କାଳିସୀମାନେ ଭକ୍ତଙ୍କ ଗହଣରେ



କଣ୍ଟା ଦୋଳିରେ ଝୁଲି ଦର୍ଶନ ଦେଇଥିଲେ । ଆଖପାଖ ଅଞ୍ଚଳରୁ ଆସିଥିବା ଶହ ଶହ ଶ୍ରଦ୍ଧାଳୁ ଦେବାଦେବୀଙ୍କ ପାଖରେ ଭୋଗରାଗ ଅର୍ପଣ କରିବା ସହ ନିଜର ଓ ପରିବାରର ସୁଖ-ସମୃଦ୍ଧି ଏବଂ ମଙ୍ଗଳ କାମନା କରି ଆଶୀର୍ବାଦ ଭିକ୍ଷା କରିଥିଲେ । ସମସ୍ତ ପୂଜାକାର୍ଯ୍ୟକୁ ମୁଖ୍ୟ ପୂଜକ ବଳଭଦ୍ର ପୁଝାରୀ ଏବଂ ପୁଝାରୀ ଅଭିମନ୍ୟୁ ପୁଝାରୀ ଓ ଚମାର ପୁଝାରୀ ଏବଂ ଶିରା ସପୁର ସିଂ ନାଗ, ଅମର ରାଉତ, ଚନ୍ଦ୍ର ଭାଟି, ଦାମୁଧର ରାଉତ, ତୁଲାରାମ ଧଙ୍ଗଡ଼ାମାଝୀ ପ୍ରମୁଖ ସମ୍ପାଦନ କରିଥିଲେ ।

ଯାତ୍ରାକୁ ଶୃଙ୍ଖଳିତ କରିବାରେ ବାଆଦୀ ପୂଜା କମିଟିର ସଭାପତି ଧର୍ମାନନ୍ଦ ନାଏକ, ଉପସଭାପତି ଭଜମନ ନାଏକ, ଲାଲ ସିଂ ବାଗ, ହରିଶ୍ଚନ୍ଦ୍ର ନାଏକ, ହେମନ୍ତ ସୁନାନୀ, ଜଗଦୀଶ ନାଏକ, ଦେବୀ ସିଂ ନାଏକ, ବିଶ୍ୱମ୍ବର କାଣ୍ଡ, ଇଶ୍ୱର କାଣ୍ଡ, ଅମର ନାଏକ, ହେମରାଜ ବିଶି, ଧବଳେ ରାଉତ, ଭବାନୀ ନାଏକ, ଇନ୍ଦ୍ରଜିତ ନାଏକ, ମହେଶ୍ୱର ଧଙ୍ଗଡ଼ାମାଝୀ, ଅଭିରାମ ପୁଝାରୀ, ଘାସିରାମ ନାଗ ସମେତ ଗ୍ରାମର ପ୍ରମୁଖ ବ୍ୟକ୍ତିବିଶେଷ ଓ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

# ଜାତୀୟ ରାଜପଥରୁ ସ୍ପିଡ୍ ବ୍ରେକର ଉଭାନ



**କୋମନା, ୧୯।୭ (ସମିସ):** ସହର ରାଜ ରାସ୍ତାରେ ଯାନବାହାନର ଗତି କମାଇବାକୁ ରାସ୍ତାର ବିଭିନ୍ନ ସ୍ଥାନରେ ସ୍ପିଡ୍ ବ୍ରେକର ବ୍ୟବସ୍ଥା କରାଯାଇଥିଲା । କିନ୍ତୁ କୋମନା ପୁଲିସ ଜାତୀୟ ରାଜପଥରେ ଲଗାଇ ଥିବା ସ୍ପିଡ୍ ବ୍ରେକର ଏବେ ରାସ୍ତାରୁ ଉଭାନ ହୋଇ ଯାଇଛି ।

ନୂଆପଡ଼ା ଜିଲ୍ଲା କୋମନା ଦେଇ ଜାତୀୟ ରାଜପଥ ୩୫୩ ଯାଇଛି । ଗାଡ଼ିର ଗତି ନିୟନ୍ତ୍ରଣ ପାଇଁ ଆଗରୁ ହନୁମାନ ଛକ, ଥାନା ସାମନା, ବାଘମୁଣ୍ଡା ଛକ, ବିଇଓ ଅଫିସ ସାମନାରେ ସ୍ପିଡ୍ ବ୍ରେକର ବ୍ୟବସ୍ଥା ଥିଲା । କିନ୍ତୁ ଏବେ ସ୍ପିଡ୍ ବ୍ରେକର ବିହୀନ କୋମନା ହୋଇଯାଇଥିବାରୁ ସ୍ପିଡ୍‌ରେ ଗାଡି ଚଳାଚଳ କରୁଛି । ଏହି ରାସ୍ତାରେ ବିଦ୍ୟାଳୟ, ଥାନା, ବ୍ୟାଙ୍କ୍, ଦୋକାନ ବଜାର ଥିବାରୁ ଅନେକ ସମୟରେ ଜନ ସମାଗମ ହୋଇଥାଏ । ସ୍ପିଡ୍ ବ୍ରେକର ନ ଥିବାରୁ ଯାନବାହନ ଦ୍ରୁତ ଗତିରେ ଯାଉଛି । ଯାହାଦ୍ୱାରା ସମ୍ଭାବ୍ୟ ଦୁର୍ଘଟଣାକୁ ଏଡାଇ ଦିଆଯାଇ ନ ପାରେ । କୋମନା ପୁଲିସ ଜନ ଜୀବନର ସୁରକ୍ଷା ପାଇଁ ପୁଣି ସ୍ପିଡ୍ ବ୍ରେକର ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

ସକାଳ
THE SAKALA

# ସମ୍ପାଦକୀୟ



ପୁରାଣ ଓ କିମ୍ବଦନ୍ତୀ ଆମ ପରିଚୟର ଅଂଶ ଓ ଅସ୍ତିତ୍ୱର ଆଧାର
-ସୁଧାମୂର୍ତ୍ତି

## ଇସ୍ତଫା-ଦଶନ୍ଧି

ଗତ ଦଶବର୍ଷ ଭିତରେ ଆମ ଦେଶରେ ବିଭିନ୍ନ କ୍ଷେତ୍ରରେ ଇସ୍ତଫା ଦେବାର ଅବାଞ୍ଛିତ ଧାରା ଆରମ୍ଭ ହୋଇଛି । ସେଥିମଧ୍ୟରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଭଳି କେତେକ ଆଶ୍ଚର୍ଯ୍ୟଜନକ, ଅହେତୁକ, ଅପ୍ରତ୍ୟାଶିତ, ଆକସ୍ମିକ ଓ ବିରଳତମ ଇସ୍ତଫାର ଉଦାହରଣ ମଧ୍ୟ ରହିଛି । ସୀମିତ ସମୟ ମଧ୍ୟରେ ଇସ୍ତଫା ପରିସଂଖ୍ୟାନ ଆଧାରରେ ଯଦି ଗତ ଦଶନ୍ଧିକୁ 'ଇସ୍ତଫା-ଦଶନ୍ଧି' ରୂପେ ଅଭିହିତ କରାଯାଏ ତେବେ ଭୁଲ୍ ହେବ ନାହିଁ । ସଦ୍ୟତମ ଉଦାହରଣ ଭାବେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ରୁ ଚଳିତ ମାସରେ ୧୦୦ ଜଣ ବୈଜ୍ଞାନିକ ଇସ୍ତଫା ଦେଇଛନ୍ତି । ସେମାନଙ୍କ ମଧ୍ୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଦାୟିତ୍ୱରେ ଥିବା ବରିଷ୍ଠ ବୈଜ୍ଞାନିକମାନେ ମଧ୍ୟ ସାମିଲ୍ ଅଛନ୍ତି । ୨୦୨୨ରୁ ୨୦୨୪ ଭିତରେ ଇସ୍ରୋରୁ ପାଖାପାଖି ୬୦୦ ବୈଜ୍ଞାନିକ ବିଭିନ୍ନ କାରଣରୁ ଇସ୍ତଫା ଦେଇଥିବା ବେଳେ ସଦ୍ୟତମ ଘଟଣା ପରେ ଇସ୍ରୋ ନିଯୁକ୍ତି ନିୟମକୁ କେନ୍ଦ୍ର ସରକାର କଡ଼ା କରିବାକୁ ଚିନ୍ତା କରୁଛନ୍ତି । ଏହି ପୃଷ୍ଠଭୂମିରେ ଇସ୍ରୋ ଭଳି ଭାରତର ଗୁରୁତ୍ୱପୂର୍ଣ୍ଣ ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ଦେଖା ଦେଉଥିବା ବୈଜ୍ଞାନିକ ଅଭାବ, ଗବେଷଣାରେ ଅସ୍ଥିରତା, ଏହାର ପ୍ରଭାବ ଏବଂ ଇସ୍ତଫାର ଔଚିତ୍ୟ, ନୈତିକତା ଆଦିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଏଥିସହିତ ଦେଶର ବ୍ୟବସ୍ଥାର ବିସଙ୍ଗତିକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି ।

ମହାକାଶ ଗବେଷଣା କ୍ଷେତ୍ରକୁ ଘରୋଇ କମ୍ପାନୀମାନଙ୍କ ପାଇଁ ଉନ୍ମୁକ୍ତ କରିବା ପରେ ଭାରତରେ ଏକାଧିକ ବିଶାଳକାୟ ସଂସ୍ଥା କାର୍ଯ୍ୟାରମ୍ଭ କରିଛନ୍ତି । ସେମାନେ ଉଚ୍ଚ ବେତନରେ ଇସ୍ରୋରୁ ବୈଜ୍ଞାନିକମାନଙ୍କୁ ନିଯୁକ୍ତି ଦେଉଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି । ଏହି ତର୍କ ପଛରେ ଯୁକ୍ତିସଙ୍ଗତତାକୁ ଅସ୍ୱୀକାର କରାଯାଇପାରିବ ନାହିଁ । ବାକି ରହିଲା ଜାତୀୟତାବୋଧ ଓ ନୈତିକତାର ପ୍ରଶ୍ନ । ଯଦି ସ୍ୱାର୍ଥ ପାଇଁ ନୀତି ନିର୍ଦ୍ଧାରଣ ସ୍ଥାନରେ ଅବସ୍ଥାପିତ ନିର୍ବାଚିତ ଜନପ୍ରତିନିଧିମାନେ ଦଳରୁ ଇସ୍ତଫା ଦେଇପାରୁଛନ୍ତି, ବେତନଭୋଗୀମାନେ ନିଜ ଭବିଷ୍ୟତକୁ ଚାହିଁ ନିଷ୍ପତ୍ତି ନେବାରେ ବା ନିଯୁକ୍ତି କ୍ଷେତ୍ର ବଦଳାଇବାରେ ଭୁଲ୍ ରହିଲା କେଉଁଠି? ଦଳବଦଳ ଆଇନ କାର୍ଯ୍ୟକାରୀ ହେବା ସତ୍ତ୍ୱେ ତାହାର ଗଳାବାଟଟିଏ ବାହାର କରି ଅନ୍ୟଦଳର ସାଂସଦ ଓ ବିଧାୟକଙ୍କୁ ଯଦି ଦଳ ଛାଡ଼ି ଆସିବାକୁ ପ୍ରରୋଚିତ ଓ ପ୍ରଲୁବ୍ଧ କରାଯାଇପାରୁଛି ତେବେ ବେତନଭୋଗୀମାନଙ୍କ ଇସ୍ତଫା ଉପରେ କଟକଣା ଜାରି କରିବାର ଚିନ୍ତା କାହିଁକି? ଗୋଟିଏ ଦଳର ଚିହ୍ନରେ ନିର୍ବାଚନ ଜିତି ଅନ୍ୟ ଦଳରେ ଯୋଗ ଦେଉଥିବା ଜନପ୍ରତିନିଧିମାନେ ଯଦି ପୂର୍ବ ଦଳର ହାଇକମାଣ୍ଡଙ୍କ ବିରୋଧରେ ଅଗଣତାନ୍ତ୍ରିକ ବା ସ୍ୱେଚ୍ଛାଚାର ଅଭିଯୋଗ ଆଣିପାରୁଛନ୍ତି, ବେତନଭୋଗୀ ବୈଜ୍ଞାନିକମାନଙ୍କ ପାଇଁ ମଧ୍ୟ ସେଭଳି ପରିସ୍ଥିତି ଓ ପରିବେଶ ସୃଷ୍ଟି ହେଉ ନ ଥିବା ତାହା ନିଶ୍ଚିତ କରିହେବ କେମିତି?

ଇସ୍ରୋ ଓ ଅନ୍ୟାନ୍ୟ ସରକାରୀ ସଂସ୍ଥାରୁ ଉଚ୍ଚପଦସ୍ଥ ଅଧିକାରୀ/ବୈଜ୍ଞାନିକ/ବିଶେଷଜ୍ଞମାନଙ୍କ ସରକାରୀ ଚାକିରି ଛାଡ଼ିବା ପଛରେ ଦରମା ଓ ଅନ୍ୟାନ୍ୟ ସୁବିଧା ହିଁ ଏକମାତ୍ର କାରଣ ନୁହେଁ । ସମ୍ପ୍ରତି ଦେଶର ସ୍ଥିତି ଏଭଳି ହୋଇଛି ଯେ ସୃଜନଶୀଳତାର ସ୍ୱାଧୀନତା କିମ୍ବା ଅଭିଜ୍ଞତା ଆଧାରିତ ପରାମର୍ଶର କୌଣସି ମୂଲ୍ୟ ଓ ଗୁରୁତ୍ୱ ରହୁନାହିଁ । 'ବସ୍ ଇଜ୍ ଅଲ୍‌ୱେଜ୍ ରାଇଟ୍'(ସର୍ବୋଚ୍ଚ କର୍ତ୍ତା ହିଁ ଏକମାତ୍ର ଜ୍ଞାନୀ ଏବଂ ତାଙ୍କ ସବୁ ନିଷ୍ପତ୍ତି ହିଁ ଶିରୋଧାର୍ଯ୍ୟ)' ବୋଲି ଗ୍ରହଣ କରିନେବାର ଏକ ଅଦୃଶ୍ୟ ପରମ୍ପରା ଧୀରେ ଧୀରେ ଆମ ଦେଶର ରାଜନୀତି, ସୃଜନଶୀଳତା, ଜ୍ଞାନ-ବିଜ୍ଞାନ ଆଦି ସମସ୍ତ କ୍ଷେତ୍ରରେ କାୟାବିସ୍ତାର କରି ଚାଲିଛି । ଏହି କଳୁଷିତ ପରମ୍ପରାରେ ଏଭଳି ବିରଳ ଓ ଅପ୍ରତ୍ୟାଶିତ ଘଟଣାମାନ ଘଟିଚାଲିଛି ଯେ ସେଗୁଡ଼ିକ ସ୍ୱାଧୀନ ଭାରତ ଇତିହାସରେ ଅଲିଭା କାଳିରେ ଲିପିବଦ୍ଧ ହୋଇ ରହିଯାଉଛି । ୨୦୨୪ ସେପ୍ଟେମ୍ବର ମାସରେ ୨୦୦ ରୁ ଊର୍ଦ୍ଧ୍ୱ ବୈଜ୍ଞାନିକ ଓ ପ୍ରଧ୍ୟାପକ 'ରାଷ୍ଟ୍ରୀୟ ବିଜ୍ଞାନ ପୁରସ୍କାର'ର ଚୟନର ସ୍ୱଚ୍ଛତା ଓ ସଂଶୋଧିତ ନିୟମାବଳୀକୁ ନେଇ ଆପତ୍ତି ଉଠାଇଥିବା ବେଳେ ୨୬ ଜଣ ବରିଷ୍ଠ ବୈଜ୍ଞାନିକ ପ୍ରଧାନମନ୍ତ୍ରୀଙ୍କ ବୈଜ୍ଞାନିକ ଉପଦେଷ୍ଟାଙ୍କ ନିକଟକୁ ପତ୍ର ଲେଖିଥିଲେ । କିନ୍ତୁ 'ବସ୍ ଇଜ୍ ଅଲ୍‌ୱେଜ୍ ରାଇଟ୍' ନୀତିରେ ବୈଜ୍ଞାନିକମାନଙ୍କ ଉଦ୍‌ବେଗ, ଭାବାବେଗକୁ ଗୁରୁତ୍ୱ ଦିଆଗଲା ନାହିଁ କି ସେ ବିଷୟରେ ବିଚାର କରିବାର ସାମାନ୍ୟତମ ଉଦ୍ୟମଟିଏ ମଧ୍ୟ ହେଲା ନାହିଁ । ଏଭଳି ଘଟଣାମାନ ସାଧାରଣ ଜନତାଙ୍କ ଅଲକ୍ଷ୍ୟ ଓ ଅଜ୍ଞାତରେ ବିଭିନ୍ନ କ୍ଷେତ୍ରରେ ଅହରହ ଘଟିଚାଲୁଛି । ତେଣୁ ଇସ୍ରୋ ସମେତ ବିଭିନ୍ନ ସରକାରୀ କ୍ଷେତ୍ରରେ କାର୍ଯ୍ୟରତ ମେଧାବୀମାନଙ୍କ ପଳାୟନ ପଛରେ ଉପରୋକ୍ତ ଅବାଞ୍ଛିତ ପରିବେଶକୁ କାହିଁକି ଦାୟୀ କରାଯାଇପାରିବ ନାହିଁ? ସେ ପ୍ରଶ୍ନ ଉଠୁଛି ।

ପ୍ରାୟ ଦଶବର୍ଷରୁ ଅଧିକ ସମୟ ଧରି ଭାରତରେ ରାଜତ୍ୱ କରୁଥିବା ଇସ୍ତଫା-ଋତୁର ପ୍ରାରମ୍ଭିକ ପ୍ରଭାବରେ ନିତି ଆୟୋଗ, ଅର୍ଥନୈତିକ ଉପଦେଷ୍ଟା ପରିଷଦ, ପରିସଂଖ୍ୟାନ କାର୍ଯ୍ୟାଳୟ ପରି ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଭାଗର ବହୁ ବିଜ୍ଞ ଓ ଦକ୍ଷ ଅର୍ଥନୀତିଜ୍ଞ ଆକ୍ରାନ୍ତ ହୋଇଛନ୍ତି । ନିତି ଆୟୋଗର ପ୍ରଥମ ଉପାଧ୍ୟକ୍ଷ ବିଶିଷ୍ଟ ଅର୍ଥନୀତିଜ୍ଞ ଅରବିନ୍ଦ ପାନଗାରିଆ କାର୍ଯ୍ୟକାଳ ସମାପ୍ତ ହେବା ପୂର୍ବରୁ ୨୦୧୭ ଅଗଷ୍ଟ ମାସରେ ଇସ୍ତଫା ଦେଲେ । ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଅରବିନ୍ଦ ସୁବ୍ରମଣ୍ୟନ୍ ମଧ୍ୟ ତାଙ୍କ କାର୍ଯ୍ୟକାଳର ଦ୍ୱିତୀୟ ଅବଧିର ଅଧାରୁ ଆକସ୍ମିକ ଭାବେ ଇସ୍ତଫା ଦେଇଥିଲେ । ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ତଥା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବିଚକ୍ଷଣ ଅର୍ଥନୀତିଜ୍ଞ ରଘୁରାମ ରାଜନ୍‌ଙ୍କଠାରୁ ଆରମ୍ଭ କରି ଆରବିଆଇ ଗଭର୍ଣ୍ଣର ଉର୍ଜିତ ପଟେଲ, ଡେପୁଟି ଗଭର୍ଣ୍ଣର ବିରଳ ଆଚାର୍ଯ୍ୟଙ୍କ ପରି ଅର୍ଥନୀତିଜ୍ଞଙ୍କ ଇସ୍ତଫା ପଛରେ ବି ଉଠିଥିଲା ପ୍ରଶ୍ନ । କେନ୍ଦ୍ର ପରିସଂଖ୍ୟାନ ଆୟୋଗର ପୂର୍ବତନ କାର୍ଯ୍ୟକାରୀ ଅଧ୍ୟକ୍ଷ ପି ସି ମୋହାନନ୍ ଓ ଜେ ଭି ମୀନାକ୍ଷି କାର୍ଯ୍ୟକାଳ ପୂର୍ବରୁ ଇସ୍ତଫା ଦେଲେ । ଇସ୍ତଫାର କାରଣ ଦର୍ଶାଇବାକୁ ଯାଇ ମୋହାନନ୍ କହିଥିଲେ ଯେ ଆୟୋଗ ଆଉ ପୂର୍ବ ପରି କ୍ରିୟାଶୀଳ ନଥିବାରୁ ଆମେ ଦାୟିତ୍ୱ ନିର୍ବାହ କରିବାକୁ ଅକ୍ଷମ । ଦେଶର ବେକାରି ହାର ୪୫ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି ବୋଲି ସେତେବେଳେ ପ୍ରକାଶ ପାଇଥିବା ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥାନର ରିପୋର୍ଟକୁ ଉଦ୍ଦେଶ୍ୟମୂଳକ ଭାବେ ବିଳମ୍ବିତ କରାଯାଉଛି ଓ ପରିସଂଖ୍ୟାନ ଆୟୋଗକୁ ଗୁରୁତ୍ୱପୂର୍ଣ୍ଣ ନୀତି ନିର୍ଦ୍ଧାରଣ ଆଲୋଚନାରୁ ଦୂରେଇ ରଖାଯାଉଛି ବୋଲି ମୋହାନନ୍ ପରବର୍ତ୍ତୀ ସମୟରେ ଅଭିଯୋଗ ଆଣିଥିଲେ । ଏହି ପୃଷ୍ଠଭୂମିରେ ଇସ୍ରୋ ବୈଜ୍ଞାନିକଙ୍କ ଇସ୍ତଫା ପଛର ପ୍ରକୃତ କାରଣ ସାର୍ବଜନୀନ ହେବା ଆବଶ୍ୟକ ।

# କ୍ରୀଡ଼ାଙ୍ଗନ ଓ କୂଟନୀତି

ବରୁଣ କୁମାର ମହାପାତ୍ର

ଅନେକଙ୍କ ମତରେ କ୍ରୀଡ଼ାକୁ ରାଜନୀତି ଓ କୂଟନୀତିଠାରୁ ଅଲଗା ରଖାଯିବା ଉଚିତ । କାରଣ କ୍ରୀଡ଼ାକୁ ଶାନ୍ତି, ସୌହାର୍ଦ୍ଦ୍ୟ, ସମାନତା ଓ ବିଶ୍ୱ ଏକତାର ପ୍ରତୀକ କୁହାଯାଏ । ତେବେ ନିଷେଧାଦେଶ ଓ କଟକଣା ସତ୍ତ୍ୱେ ଅନେକ ସମୟରେ କ୍ରୀଡ଼ା ଓ କ୍ରୀଡ଼ାଙ୍ଗନକୁ ରାଜନୈତିକ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରାଯାଇଛି । ଆଉ ଏଥିପାଇଁ ଅଯଥା ବିବାଦର ସୂତ୍ରପାତ ହୋଇଛି । ଏହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି 'ଫିଫା' ବିଶ୍ୱକପ୍ ୨୦୨୬ର ଇଂଲଣ୍ଡ-ଆର୍ଜେଣ୍ଟିନା ସେମିଫାଇନାଲ ମ୍ୟାଚ୍‌ରେ ।

ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ୨-୧ ଗୋଲ୍‌ରେ ଜିତିବା ପରେ ଦଳର କିଛି ଖେଳାଳି ପଡ଼ିଆ ଭିତରେ ଏକ ରାଜନୈତିକ ବ୍ୟାନର ପ୍ରଦର୍ଶନ କରି ଇଂଲଣ୍ଡକୁ ଚିଡ଼ାଇଥିଲେ । ସେଥିରେ ସ୍ପେନୀୟ ଭାଷାରେ ଲେଖାଥିଲା 'ଲାସ୍ ମାଲଭିନାସ୍ ସନ୍ ଆର୍ଜେଣ୍ଟିନାସ୍', ଯାହାର ଅର୍ଥ ହେଉଛି 'ଫକ୍‌ଲ୍ୟାଣ୍ଡ ବାସିନ୍ଦା ଆର୍ଜେଣ୍ଟିନୀୟ ନାଗରିକ ଅଟନ୍ତି' । ଏହି ଘଟଣା ଫକ୍‌ଲ୍ୟାଣ୍ଡ ଦ୍ୱୀପପୁଞ୍ଜ ଉପରେ ଅଧିକାର ସାବ୍ୟସ୍ତ କରିବାକୁ ନେଇ ଦୁଇଦେଶ ମଧ୍ୟରେ ବହୁବର୍ଷର ବିବାଦକୁ ପୁଣିଥରେ ଉଜ୍ଜୀବିତ କରିଛି । ଇଂଲଣ୍ଡ ସରକାର ଆର୍ଜେଣ୍ଟିନା ଦଳ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । 'ଫିଫା'ର ନିୟମ ଅନୁଯାୟୀ, ଷ୍ଟାଡିୟମ୍ ମଧ୍ୟରେ କୌଣସି ପ୍ରକାରର ରାଜନୈତିକ ବ୍ୟାନର କିମ୍ବା ବାର୍ତ୍ତା ପ୍ରଦର୍ଶନ କରିବା ନିଷିଦ୍ଧ । ତଥାପି ଆର୍ଜେଣ୍ଟିନା ଦଳ କାର୍ଯ୍ୟାନୁଷ୍ଠାନ ଭୟକୁ ଭ୍ରୂକ୍ଷେପ ନକରି ଏପରି ଏକ ବିବାଦୀୟ ରାଜନୈତିକ ବାର୍ତ୍ତା ସହ ବିଜୟ ଉତ୍ସବ ପାଳନ କରିଥିଲା ।

ଉପରୋକ୍ତ ଘଟଣା ପୁଣି ଥରେ ପ୍ରମାଣ କଲା ଯେ କ୍ରୀଡ଼କୁ ରାଜନୀତିଠାରୁ ଅଲଗା ରଖିବା କଷ୍ଟକର । ବିଶ୍ୱ କ୍ରୀଡ଼ା ଇତିହାସରେ ଏପରି ଅନେକ ଉଦାହରଣ ଦେଖିବାକୁ ମିଳେ । ଏପରି ଏକ ଚର୍ଚ୍ଚିତ ଘଟଣା ଘଟିଥିଲା ୧୯୬୮ ମେକ୍ସିକୋ ସିଟି ଅଲିମ୍ପିକ୍ସରେ । ଆମେରିକାର ଦୁଇ କୃଷ୍ଣକାୟ ଆଥଲେଟ୍ ଟମି ସ୍ମିଥ୍ ଓ ଜନ୍ କାର୍ଲୋସ ପଦକ ଗ୍ରହଣ ସମୟରେ କଳାରଙ୍ଗର ଗ୍ଲୋଭ୍ସ ପିନ୍ଧି ହାତମୁଠା ଉପରକୁ ଉଠାଇ 'ବ୍ଲାକ୍ ପାୱାର' ସାଲ୍ୟୁଟ୍ ଦେଇଥିଲେ । ଏହା ଥିଲା ଆମେରିକାରେ ଚାଲିଥିବା ବର୍ଣ୍ଣବୈଷମ୍ୟ ବିରୋଧରେ ଏକ ମୌନ ପ୍ରତିବାଦ । ଖେଳ ପଡ଼ିଆରେ କିଛି ସେକେଣ୍ଡର ସେହି ବାର୍ତ୍ତା ଆଜି ମଧ୍ୟ ସାମାଜିକ ନ୍ୟାୟ ଇତିହାସରେ ଏକ ରେଖାଙ୍କିତ ଅଧ୍ୟାୟ ହୋଇ ରହିଛି । ପରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ସେହି ଦୁଇ ଆଥଲେଟ୍‌ଙ୍କୁ ଦଣ୍ଡିତ କରିଥିଲେ ମଧ୍ୟ କ୍ରୀଡ଼ାଙ୍ଗନରେ ସେମାନଙ୍କ ଏପରି ଅଭିନବ ପ୍ରତିବାଦ ପରବର୍ତ୍ତୀ ପିଢ଼ିକୁ ପ୍ରେରଣା ଦେଇଥିଲା । ୧୯୩୬ ବର୍ଲିନ ଅଲିମ୍ପିକ୍ସ ରାଜନୈତିକ ପ୍ରଭାବରୁ ମୁକ୍ତ ହୋଇପାରି ନ ଥିଲା । ଜର୍ମାନ ଶାସକ ଆଡଲଫ୍ ହିଟଲର ଏହି କ୍ରୀଡ଼ା ମହାକୁମ୍ଭକୁ ନାଜିବାଦର ପ୍ରଚାର ମାଧ୍ୟମ ଭାବେ ବ୍ୟବହାର କରିଥିଲେ । ସେତେବେଳେ ଅଲିମ୍ପିକ୍ସକୁ ଏକ 'ପ୍ରପାଗାଣ୍ଡା ମେସିନ୍' ଭାବେ ବ୍ୟବହାର କରାଯାଇଥିଲା, ଯାହା କ୍ରୀଡ଼ା ଇତିହାସରେ ଏକ କଳା ଅଧ୍ୟାୟ ଭାବେ ଅପଯଶ ଅର୍ଜିଛି । ଅଶୀ ଦଶକରେ ଶୀତଳ ଯୁଦ୍ଧର ରାଜନୈତିକ ପ୍ରତ୍ୟକ୍ଷ ପ୍ରଭାବ ଖେଳ ଉପରେ ପଡ଼ିଥିଲା । ୧୯୮୦ ମସିହାରେ ସୋଭିଏତ୍ ସଂଘର ଆଫଗାନିସ୍ତାନ ଆକ୍ରମଣର ପ୍ରତିବାଦରେ ଆମେରିକା ସମେତ ଅନେକ ଦେଶ ମସ୍କୋ ଅଲିମ୍ପିକ୍ସ ବର୍ଜନ କରିଥିଲେ । ତାହାର ପ୍ରତିଶୋଧ ସ୍ୱରୂପ ସୋଭିଏତ୍ ଦେଶ ସମୂହ ମଧ୍ୟ ୧୯୮୪ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିଲେ । ରୁଷ-ୟୁକ୍ରେନ ଯୁଦ୍ଧ ପରେ ପ୍ରମୁଖ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ରୁଷୀୟ କ୍ରୀଡ଼ାବିତଙ୍କ ଉପରେ ବାସନ୍ଦ ଲାଗିଥିଲା । ପରିଣାମ ସ୍ୱରୂପ ଅନେକ ରୁଷୀୟ ଖେଳାଳି ନିରପେକ୍ଷ ପତାକା ଅଧୀନରେ ଖେଳିବାକୁ ବାଧ୍ୟ ହୋଇଥିଲେ ।

ଫୁଟବଲ ଇତିହାସରେ ବି ଅନେକ ଥର ରାଜନୈତିକ ଛାପ ଦେଖିବାକୁ ମିଳିଛି । ୧୯୬୯ ମସିହାରେ ହଣ୍ଡୁରାସ୍ ଓ ଏଲ୍ ସାଲଭାଡୋର ମଧ୍ୟରେ 'ଫିଫା' ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌କୁ କେନ୍ଦ୍ର କରି ଦୁଇ ଦେଶ ମଧ୍ୟରେ ତିକ୍ତତା ଏତେ ବଢ଼ି ଯାଇଥିଲା ଯେ ଶେଷରେ ତାହା ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧର ରୂପ ନେଇଥିଲା । ଫୁଟବଲ୍ ମ୍ୟାଚକୁ କେନ୍ଦ୍ର କରି ହୋଇଥିବାରୁ ଏହି ଯୁଦ୍ଧ 'ସକର୍ ୱାର୍' ଭାବେ ଖ୍ୟାତ । ଏହି ଘଟଣା ପ୍ରମାଣ କରିଥିଲା କ୍ରୀଡ଼ା କିପରି କୂଟନୈତିକ ଉତ୍ତେଜନାର କାରଣ ହୋଇପାରେ । ଆର୍ଜେଣ୍ଟିନା ଓ ଇଂଲଣ୍ଡ ମଧ୍ୟରେ ଫୁଟବଲ ପ୍ରତିଦ୍ୱନ୍ଦ୍ୱିତାର ଏକ ତିକ୍ତତାପୂର୍ଣ୍ଣ ରାଜନୈତିକ ଇତିହାସ ରହିଛି । ୧୯୮୨ର ଫକଲ୍ୟାଣ୍ଡ ଯୁଦ୍ଧ ପରେ ଏହି ଦୁଇ ଦେଶ ମଧ୍ୟରେ ପ୍ରତିଟି ବଡ଼ ମ୍ୟାଚ୍ ସହ ଯୋଡ଼ି ହୋଇଯାଏ ଭାବାବେଗ, ଜାତୀୟତାବାଦ ଓ ରାଜନୀତି, ଯାହାର ସଦ୍ୟତମ ଉଦାହରଣ ଆମେ ୨୦୨୬ 'ଫିଫା' ବିଶ୍ୱକପ ସେମିଫାଇନାଲରେ ଦେଖିଲେ । ୧୯୮୬ ବିଶ୍ୱକପରେ ମଧ୍ୟ ଇଂଲଣ୍ଡ ବିପକ୍ଷରେ ଡିଏଗୋ ମାରାଡୋନାଙ୍କ ଚର୍ଚ୍ଚିତ 'ହ୍ୟାଣ୍ଡ ଅଫ୍ ଗଡ୍' ଗୋଲକୁ ଅନେକ ଆର୍ଜେଣ୍ଟିନୀୟ କେବଳ ଏକ କ୍ରୀଡ଼ା ମୁହୂର୍ତ୍ତ ଭାବେ ନୁହେଁ, ବରଂ ଜାତୀୟ ଗର୍ବର ପ୍ରତୀକ ଭାବେ ଦେଖିଥିଲେ ।

କ୍ରିକେଟ୍ ମଧ୍ୟ ରାଜନୈତିକ ପ୍ରଭାବରୁ ବାଦ୍ ପଡ଼ିନାହିଁ । ଭାରତ-ପାକିସ୍ତାନ ମ୍ୟାଚ୍ କେବଳ କ୍ରୀଡ଼ା ପ୍ରତିଯୋଗିତା ନୁହେଁ, ଏହା ଦୁଇ ଦେଶର ରାଜନୈତିକ ଓ କୂଟନୈତିକ ସମ୍ପର୍କର ପ୍ରତିଫଳନ ହୋଇଥାଏ । 'ଅପରେସନ ସିନ୍ଦୂର' ପରେ ହୋଇଥିବା ଏସିଆ କପ୍ ଓ ଅନ୍ୟ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଦୁଇ ଦେଶର ଖେଳାଳି ହାତ ମିଳାଇ ନ ଥିଲେ । ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଖରାପ ହେଲେ ଦ୍ୱିପାକ୍ଷିକ କ୍ରିକେଟ୍ ଖେଳ ବନ୍ଦ ହୋଇଯାଏ । ଅନେକ ସମୟରେ 'କ୍ରିକେଟ୍ କୂଟନୀତି' ମାଧ୍ୟମରେ ସମ୍ପର୍କ ସୁଧାରିବାକୁ ଉଦ୍ୟମ କରାଯାଇଛି । ସତୁରୀ ଦଶକରେ ଦକ୍ଷିଣ ଆଫ୍ରିକା ସରକାରଙ୍କ ବର୍ଣ୍ଣବୈଷମ୍ୟ ନୀତି ବିରୋଧରେ ସେହି ଦେଶର କ୍ରିକେଟ ଦଳକୁ ଦୁଇ ଦଶନ୍ଧି ଧରି ବାସନ୍ଦ କରାଯାଇଥିଲା । ୨୦୧୪ରେ ଇଂଲଣ୍ଡ ଖେଳାଳି ମୋଇନ ଅଲ୍ଲୀ ପାଲେଷ୍ଟିନୀୟମାନଙ୍କ ସମର୍ଥନରେ ବାର୍ତ୍ତା ଥିବା ଗ୍ଲୋଭ୍ସ ପିନ୍ଧି ଖେଳିବାରୁ ବିବାଦ ସୃଷ୍ଟି ହୋଇଥିଲା । ଆଇସିସିର ଚେତାବନୀ ପରେ ସେ ଏଥିରୁ ନିବୃତ ରହିଥିଲେ । ଅଷ୍ଟ୍ରେଲିଆ କ୍ରିକେଟ୍ ଟିମ୍ ମହିଳାଙ୍କ ଶିକ୍ଷା ଉପରେ ତାଲିବାନ ସରକାରର କଟକଣାକୁ ବିରୋଧ କରି ଆଫଗାନିସ୍ତାନ ସହ ଦ୍ୱିପାକ୍ଷିକ କ୍ରିକେଟ୍ ସିରିଜ୍ ଖେଳିବାକୁ ମନା କରିଆସିଛି ।

ଉପର୍ଯ୍ୟୁକ୍ତ ଘଟଣା କ୍ରୀଡ଼ା ଉପରେ ରାଜନୀତିର କିପରି ଗଭୀର ପ୍ରଭାବ ରହିଛି ପୁଣି ପ୍ରମାଣିତ କରିଛି । ସାମ୍ପ୍ରତିକ ସମୟରେ କ୍ରୀଡ଼ା ଓ କ୍ରୀଡ଼ାଙ୍ଗନ ସାମାଜିକ ଆନ୍ଦୋଳନର ମାଧ୍ୟମ ପାଲଟିଛି । ଆମେରିକୀୟ ଫୁଟବଲ୍ ଖେଳାଳି କଲିନ୍ କାପର୍ନିକ୍ ଜାତୀୟ ସଙ୍ଗୀତ ଗାନ ସମୟରେ ଆଣ୍ଠୁ ମାଡ଼ି ବସି ପୁଲିସ ନିର୍ଯାତନା ଓ ବର୍ଣ୍ଣବୈଷମ୍ୟ ବିରୋଧରେ ପ୍ରତିବାଦ କରି ଚର୍ଚ୍ଚିତ ହୋଇଥିଲେ । ପରବର୍ତ୍ତୀ ସମୟରେ 'ବ୍ଲାକ୍ ଲାଇଭ୍ସ ମ୍ୟାଟର' ଆନ୍ଦୋଳନର ପ୍ରଭାବରେ ବିଶ୍ୱର ଅନେକ ଖେଳାଳି ସେହି ପ୍ରତିବାଦ ଶୈଳୀକୁ ଅନୁସରଣ କରିଥିଲେ । ଏପରିକି ଭାରତରେ ଅନୁଷ୍ଠିତ ୨୦୨୩ କ୍ରିକେଟ୍ ବିଶ୍ୱକପରେ ମଧ୍ୟ ଏପରି ପ୍ରତୀକାତ୍ମକ ପ୍ରତିବାଦ ଦେଖିବାକୁ ମିଳିଥିଲା ।

ତେବେ ପ୍ରଶ୍ନ ଉଠୁଛି କ୍ରୀଡ଼ାମଞ୍ଚ ଓ କ୍ରୀଡ଼ାଙ୍ଗନ ରାଜନୈତିକ ବ୍ୟବହାର ପାଇଁ ସମ୍ପୂର୍ଣ୍ଣ ନିଷିଦ୍ଧ ହେବା ଉଚିତ କି? କିଛି ଲୋକଙ୍କ ମତ ହେଲା ଯେ ଖେଳପଡ଼ିଆ କେବଳ କ୍ରୀଡ଼ା ପାଇଁ ଉଦ୍ଦିଷ୍ଟ । ଏଥିରେ ରାଜନୀତି ପ୍ରବେଶ କଲେ ବିଭାଜନ, ଘୃଣା ଓ ହିଂସା ବଢ଼ିପାରେ । ଅନ୍ୟପକ୍ଷରେ ମାନବାଧିକାର କର୍ମୀମାନେ ଯୁକ୍ତି ଦିଅନ୍ତି ଯେ ଖେଳାଳିମାନେ ସମାଜର ଅଂଶବିଶେଷ । ସେମାନଙ୍କର ମଧ୍ୟ ମତ ପ୍ରକାଶ କରିବାର ଅଧିକାର ରହିଛି । ଯଦିଓ ରାଜନୀତି ଓ କ୍ରୀଡ଼ାକୁ ଅଲଗା ରଖାଯାଇ ପାରିବ ନାହିଁ, ତଥାପି କ୍ରୀଡ଼ାର ମର୍ଯ୍ୟାଦା ରକ୍ଷା କରିବା ପ୍ରତ୍ୟେକ ଖେଳାଳି ଓ ଦେଶର ଦାୟିତ୍ୱ । ଖେଳ ପଡ଼ିଆରେ କେବଳ ପ୍ରତିଭା ଓ କଠିନ ପରିଶ୍ରମର ବିଜୟ ଉତ୍ସବ ପାଳନ ହେବା ଉଚିତ, ରାଜନୈତିକ କିମ୍ବା କୂଟନୈତିକ ବାଦବିବାଦ ନୁହେଁ ।

ବ୍ରହ୍ମପୁର, ମୋ: ୭୦୦୮୦୭୮୩୯୬

# ଇଂଲଣ୍ଡରେ ପାକିସ୍ତାନ ଗ୍ରୁମିଂ ଗ୍ୟାଙ୍ଗ

ଅମର ପଟ୍ଟନାୟକ

ଇଂଲଣ୍ଡରେ ଦୀର୍ଘଦିନ ଧରି ଚାଲିଥିବା ଶିଶୁ ଯୌନ ଅପରାଧୀ ଗୋଷ୍ଠୀକୁ ନେଇ ସେଠାକାର ରାଜନୀତି ଓ ସାମାଜିକ ବ୍ୟବସ୍ଥା ଦୋହଲି ଯାଇଛି । ବିଶେଷକରି ପାକିସ୍ତାନୀ ଅପରାଧୀ ଗୋଷ୍ଠୀଙ୍କର ଏଭଳି ଜଘନ୍ୟ ଅପରାଧକୁ ନେଇ ବ୍ରିଟେନ ସମେତ ସମଗ୍ର ୟୁରୋପରେ ହଇଚଇ ଆରମ୍ଭ ହୋଇଯାଇଛି । ବ୍ରିଟେନରେ ଏସିଆ, ମଧ୍ୟପ୍ରାଚ୍ୟ ଓ ଆଫ୍ରିକାର ଲକ୍ଷ ଲକ୍ଷ ଶରଣାର୍ଥୀଙ୍କ ଉପସ୍ଥିତି ସେଠାକାର ସାମାଜିକ ବ୍ୟବସ୍ଥା ଓ ଆଇନ ଶୃଙ୍ଖଳା ପାଇଁ ବଡ଼ ଆହ୍ୱାନ ହୋଇଛି । ନିକଟରେ ବେସରକାରୀ ଭାବେ ଏଭଳି ପାକିସ୍ତାନୀ ଅପରାଧୀ ଗ୍ୟାଙ୍ଗମାନଙ୍କ କାର୍ଯ୍ୟକୁ ନେଇ କରାଯାଇଥିବା ତଦନ୍ତ ରିପୋର୍ଟ ବ୍ରିଟିଶ ସମାଜରେ ସୃଷ୍ଟି କରିଛି ନୂଆ ବିତର୍କ । ପୂର୍ବତନ ବ୍ରିଟିଶ ପ୍ରଧାନମନ୍ତ୍ରୀ କେର ଷ୍ଟାର୍ମରଙ୍କ ଇସ୍ତଫା ପଛରେ ମଧ୍ୟ ଏହା ଅନ୍ୟତମ କାରଣ ବୋଲି କୁହାଯାଉଛି ।

ପ୍ରବାସୀ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ପୁଲିସ ଓ ପ୍ରଶାସନର ନିଷ୍କ୍ରିୟତା ବ୍ରିଟିଶ ନାଗରିକଙ୍କୁ ଅସନ୍ତୁଷ୍ଟ କରିଛି । ବିଶେଷକରି ପ୍ରବାସୀ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସେଠାକାର ଭୋଟ୍ ବ୍ୟାଙ୍କ ରାଜନୀତିକୁ ପ୍ରଭାବିତ କରିବା ଏବଂ ବର୍ଣ୍ଣବୈଷମ୍ୟ ଅପବାଦ ଆଣିବାର ଆଶଙ୍କା ଥିବାରୁ ପୂର୍ବତନ ସରକାରମାନେ ପଛଘୁଞ୍ଚା ଦେଇଥିବା ଅନେକ ବ୍ରିଟିଶ ଜାତୀୟତାବାଦୀ ସଂଗଠନ ଅଭିଯୋଗ ଆଣିଛନ୍ତି । ଏହି ଘଟଣା ସାମ୍ନାକୁ ଆସିବା ପରେ ଇଂଲଣ୍ଡ ସମେତ ୟୁରୋପର ଅନ୍ୟାନ୍ୟ ଦେଶ ଓ ଅଷ୍ଟ୍ରେଲିଆରେ ଏଭଳି ଗ୍ରୁମିଂ ଗ୍ୟାଙ୍ଗମାନଙ୍କ କାର୍ଯ୍ୟକଳାପ ଉପରେ ସେଠାକାର ପ୍ରଶାସନ ସତର୍କ ଦୃଷ୍ଟି ରଖିବା ଆରମ୍ଭ କରିଛି ।

ପ୍ରକାଶିତ ରିପୋର୍ଟ ଅନୁଯାୟୀ ନାବାଳିକା ଏପରିକି ଶିଶୁ କନ୍ୟାମାନଙ୍କୁ ଯୋଜନାବଦ୍ଧ ଭାବେ ଏହି ପାକିସ୍ତାନୀ ଗ୍ୟାଙ୍ଗ ଟାର୍ଗେଟ କରୁଛନ୍ତି । ଇଂଲଣ୍ଡର ଉତ୍ତରାଞ୍ଚଳ ସହର, ବିଶେଷକରି ରୋଦରହାମ, ରୋଚଡେଲ, ଟେଲଫୋର୍ଡ ଓ ଲେଡେମ୍ ଭଳି ପାକିସ୍ତାନୀ ବହୁଳ ସହରାଞ୍ଚଳରେ ଏହି ଗ୍ୟାଙ୍ଗମାନଙ୍କର ଆପରାଧିକ କାର୍ଯ୍ୟକଳାପ ଅଧିକ ରହିଛି । ପୁଲିସ ଅନୁସନ୍ଧାନରୁ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ଏଭଳି ଗ୍ୟାଙ୍ଗରେ ପ୍ରାୟ ୧୨୫୦ ଜଣ ଅପରାଧୀ ସାମିଲ୍ ଅଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଟାକ୍ସି ଚାଳକ, ଛୋଟ ବ୍ୟବସାୟୀ, ଗ୍ୟାରେଜ ମେକାନିକ ଭଳି ପେସାରେ ରହିଛନ୍ତି । ଏଭଳି ଏକ ବଡ଼ ଗ୍ୟାଙ୍ଗର ମୁଖ୍ୟ ପାକିସ୍ତାନ ଜନ୍ମିତ ସବୀର ଅହମ୍ମଦ ଓ ତା'ର ସହଯୋଗୀଙ୍କ ଗିରଫଦାରୀ ପରେ ଅନେକ ଜଘନ୍ୟ କାରନାମା ଧୀରେ ଧୀରେ ପଦାକୁ ଆସୁଛି । ପ୍ରାୟ ୧୪ ଶହ ଶିଶୁ କନ୍ୟା ଓ ନାବାଳିକା କେବଳ ରୋଦରହାମରେ ଏହି ପାକିସ୍ତାନୀ ଯୌନ ଅପରାଧୀ ଗୋଷ୍ଠୀଙ୍କ ଜଘନ୍ୟ ଅପରୋଧର ଶିକାର ହୋଇଛନ୍ତି । କେତେକ ନାବାଳିକାଙ୍କ ଧର୍ମ ପରିବର୍ତ୍ତନ କରିବା ସହିତ ଯୌନ ଦାସୀ ଭାବେ ମଧ୍ୟପ୍ରାଚ୍ୟ ଓ ପାକିସ୍ତାନକୁ ଚାଲାଣ କରାଯାଇଥିବାର ଚାଞ୍ଚଲ୍ୟକର ଅଭିଯୋଗ ଆସିଛି ।

ପ୍ରାଥମିକ ତଦନ୍ତରୁ ପୁଲିସ୍‌କୁ ମିଳିଥିବା ପ୍ରମାଣ ଅନୁଯାୟୀ, ଏହି ପାକିସ୍ତାନୀ ଗୋଷ୍ଠୀ ପ୍ରଥମେ ନାବାଳିକାମାନଙ୍କୁ ଯୋଜନାବଦ୍ଧ ଭାବେ ଚକଲେଟ୍, ବିଭିନ୍ନ ପ୍ରକାର ଉପହାର ସାମଗ୍ରୀ, ମଦ, ଡ୍ରଗ୍ସ ସହ ଅଭ୍ୟସ୍ତ କରାଇଥା'ନ୍ତି । ନିଷ୍ପାପ ଶିଶୁ କନ୍ୟା ଓ ନାବାଳିକାମାନେ ସେମାନଙ୍କ କବ୍‌ଜାକୁ ଆସିଯିବା ପରେ ସେମାନଙ୍କର ଅସଲ ଖେଳ ଆରମ୍ଭ ହୁଏ । ବିଭିନ୍ନ ଦୋକାନ ଘର, ଗୋଦାମ, ନିରୋଳା ସ୍ଥାନ ଏପରିକି କାର ଭିତରେ ଯୋଜନାବଦ୍ଧ ଭାବେ ନାବାଳିକାଙ୍କୁ ଗଣଯୌନ ଶୋଷଣ କରାଯାଏ । ଏକ ବେସରକାରୀ ଅନୁସନ୍ଧାନ ରିପୋର୍ଟ ଅନୁଯାୟୀ କେବଳ ଇଂଲଣ୍ଡରେ ୨ ଲକ୍ଷ ୫୦ ହଜାର ଶିଶୁ କନ୍ୟା ଓ ନାବାଳିକାଙ୍କୁ 'ଗ୍ରୁମିଂଗ୍ୟାଙ୍ଗ'ମାନେ ଅତି ଜଘନ୍ୟ ଯୌନ ଶୋଷଣ କରିଛନ୍ତି ।

ପୁଲିସ ପ୍ରଶାସନ ଓ ରାଜନୈତିକ ବ୍ୟକ୍ତିବିଶେଷ ଏହି ଯୌନରାକ୍ଷସମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହେବା ଘଟଣା ସାମ୍ନାକୁ ଆସିବା ପରେ ଏହା ବ୍ରିଟିଶ ସାମାଜିକ ଓ ରାଜନୈତିକ ବ୍ୟବସ୍ଥାକୁ ଦୋହଲାଇ ଦେଇଛି । ବିଭିନ୍ନ ଦେଶରେ ନିର୍ଯାତନାର ଶିକାର ହେଉଥିବା ରାଜନୈତିକ ନେତା, ଲେଖକ, ମୁକ୍ତଚିନ୍ତକମାନଙ୍କୁ ରାଜନୈତିକ ଶରଣ ଦେବାରେ ବ୍ରିଟିଶ ସମାଜ ଓ ସରକାର ସବୁବେଳେ ଆଗରେ । କିନ୍ତୁ ପାକିସ୍ତାନ, ମଧ୍ୟପ୍ରାଚ୍ୟ ଓ ଗୃହ ଯୁଦ୍ଧ କବଳିତ ଆଫ୍ରିକୀୟ ଦେଶ ସମୂହରୁ ହଜାର ହଜାର ଶରଣାର୍ଥୀ ବେଆଇନ ଭାବେ ଜଳପଥରେ ବ୍ରିଟିଶ ମାଟିରେ ପାଦ ଦେବା ଏବଂ ଆଇନ ସମ୍ମତ ଶରଣାର୍ଥୀର ମାନ୍ୟତା ପାଇବା ପାଇଁ ଆବେଦନ କରିବା ନୂଆ ସଂକଟ ସୃଷ୍ଟି କରିଛି । ବିଶେଷକରି ବ୍ରିଟିଶ ନାଗରିକ ଓ କରଦାତାଙ୍କ ଟିକସ ଅର୍ଥର ସିଂହଭାଗ ଏଭଳି ଶରଣାର୍ଥୀଙ୍କ କଲ୍ୟାଣ ଓ ଥଇଥାନ ପାଇଁ କାହିଁକି ଖର୍ଚ୍ଚ କରାଯିବ ତାହା ବ୍ରିଟିଶ ଜାତୀୟତାବାଦୀ ସଂଗଠନମାନେ ଏବେ ପ୍ରଶ୍ନ କଲେଣି । ସେମାନଙ୍କ ଅର୍ଥରେ ପ୍ରତିପାଳିତ ଏହି ପ୍ରବାସୀ ଅପରାଧୀ ଗୋଷ୍ଠୀଙ୍କ ଦ୍ୱାରା ବ୍ରିଟିଶ ଶିଶୁ କନ୍ୟା ଓ ନାବାଳିକାମାନେ ଯୌନ ଶୋଷଣ ଓ ନିର୍ଯାତିତ ହେବା ଘଟଣା ଯୁକ୍ତ ରାଜ୍ୟ ବ୍ରିଟେନ୍‌ରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ଏପରିକି ସ୍ଥାନୀୟ ଲୋକଙ୍କ ପ୍ରତିକ୍ରିୟା ନିକଟରେ ଆୟରଲାଣ୍ଡ ବେଲଫାଷ୍ଟରେ ଦଙ୍ଗାର ସୂତ୍ରପାତ କରିବା ଭଳି ଘଟଣା ସାମ୍ନାକୁ ଆଣିଛି ।

ତେବେ ଗୋଟିଏ କଥା ନିଶ୍ଚିତ ଯେ ପାକିସ୍ତାନୀ କିମ୍ବା ଆଫ୍ରିକୀୟ ଅପରାଧୀ ଗୋଷ୍ଠୀଙ୍କ ଜଘନ୍ୟ କାଣ୍ଡକୁ ଦୃଢ଼ହସ୍ତରେ ଦମନ ନ କରି ପ୍ରବାସୀଙ୍କ ବିରୋଧରେ ଇଂଲଣ୍ଡରେ ହିଂସାକାଣ୍ଡ ଘଟିଲେ ନିରୀହ ପ୍ରବାସୀମାନେ ହଇରାଣ ହେବେ । ବିଶେଷକରି ଭାରତ ଭଳି ଦେଶରୁ ଡାକ୍ତର, ଇଂଜିନିୟର, ବ୍ୟବସାୟୀ ଓ ବିଭିନ୍ନ କ୍ଷେତ୍ରରେ ସର୍ବାଧିକ ବୃତ୍ତିଧାରୀ ବ୍ରିଟେନରେ ରହିବା ସହିତ ଜୀବିକା ନିର୍ବାହ କରୁଛନ୍ତି । ଇଂଲଣ୍ଡରେ ରହୁଥିବା ବିଭିନ୍ନ ଦେଶର ପ୍ରାୟ ୯୨ ଲକ୍ଷ ପ୍ରବାସୀଙ୍କ ମଧ୍ୟରୁ ଭାରତୀୟଙ୍କ ସଂଖ୍ୟା ୮ ଲକ୍ଷ ୪୭ ହଜାରରୁ ଅଧିକ । ପ୍ରବାସୀ ତାଲିକାର ଶୀର୍ଷରେ ଅଛନ୍ତି ଭାରତୀୟମାନେ । ସେମାନେ ବ୍ରିଟିଶ ସଂସ୍କୃତି, ସାମାଜିକ ବ୍ୟବସ୍ଥା ଓ ଆଇନକୁ ସମ୍ମାନ ଦେଇ ଶୃଙ୍ଖଳିତ ଭାବରେ ଜୀବିକା ନିର୍ବାହ କରୁଥିବା ବେଳେ ସେଠାକାର ସମାଜରେ ଦିନକୁ ଦିନ ବଢ଼ୁଥିବା ପ୍ରବାସୀ ବିରୋଧୀ ଆଭିମୁଖ୍ୟ ସେମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି ।

ଭଣ୍ଡାରିଡିହା(କେନ୍ଦୁଝର), ମୋ:୭୯୭୮୫୨୮୧୪୫

# ମହାପ୍ରଭୁ ଶ୍ରୀଜଗନ୍ନାଥ ଓ କୈବଲ୍ୟ ମୁକ୍ତି

ରୋହିତ କୁମାର ଶତପଥି

'ସର୍ବଂ ରହସ୍ୟ ପୁରୁଷୋତ୍ତମସ୍ୟ, ଦେବାଃ ନ ଜାନାତି କୁତଃ ମନୁଷ୍ୟା ।' ଜଗତରନାଥ ଶ୍ରୀଜଗନ୍ନାଥ । ସେ ପରଂବ୍ରହ୍ମ, ପରମାତ୍ମା, ନିର୍ବିକାର । ସର୍ବଧର୍ମ ସମନ୍ୱୟର ପୀଠସ୍ଥଳୀ ହେଉଛି ଶ୍ରୀକ୍ଷେତ୍ର । ଜନମାନସରେ ଜଗନ୍ନାଥ ଧର୍ମ ବା ଜଗନ୍ନାଥ ସଂସ୍କୃତି ଯେପରି ଭାବରେ ପ୍ରତିଭାତ ହୋଇଛି ତାହା ଅନ୍ୟ କୌଣସି ଧର୍ମରେ ଦେଖିବାକୁ ମିଳେ ନାହିଁ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଶବରମାନେ ଦାରୁଦେବତା ଭାବେ ପୂଜା କରୁଥିବା ବେଳେ ବୈଷ୍ଣବମାନେ ଶ୍ରୀପତି ରୂପେ ପୂଜା କରନ୍ତି । ଶାକ୍ତମାନେ ଶକ୍ତି, ଶୈବମାନେ ଭୈରବ, ବୌଦ୍ଧମାନେ ବୁଦ୍ଧ ଏବଂ ଜୈନମାନେ ଋଷଭଦେବ ରୂପେ ପୂଜା କରିଥା'ନ୍ତି । ବିଭିନ୍ନ ଧର୍ମ, ଦର୍ଶନ, ସଂସ୍କୃତି ତଥା ପରମ୍ପରାକୁ ଆଧାର କରି ଶ୍ରୀଜଗନ୍ନାଥ ଧର୍ମ ତଥା ସଂସ୍କୃତି ଏକ ଚିରନ୍ତନ ସମନ୍ୱୟର ପ୍ରତୀକ ଭାବେ ଦଣ୍ଡାୟମାନ । ଶ୍ରୀଗୁଣ୍ଡିଚା ବା ରଥଯାତ୍ରା ହେଉଛି ଜଗନ୍ନାଥ ସଂସ୍କୃତିର ଏକ ମହାନ ତଥା ସର୍ବଧର୍ମ ସମନ୍ୱୟର ଯାତ୍ରା । ଏହି ଯାତ୍ରା ହେଉଛି ସର୍ବପ୍ରାଚୀନ ।

## ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



ଜଗନ୍ନାଥ ଦେବତା ହେଲେ ମଧ୍ୟ ମାନବୋଚିତ ଗୁଣାବଳୀ ମଧ୍ୟରେ ତାଙ୍କର ସେବା ପୂଜାର ସୃଷ୍ଟି । ଓଡ଼ିଶାର ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥଙ୍କର ଯାନିଯାତ୍ରା ଓ ପର୍ବପର୍ବାଣୀ କୃଷି ସହିତ ସମ୍ପୃକ୍ତ ହୋଇଥିବାରୁ ତାହାଙ୍କ ନିମନ୍ତେ ଉଦ୍ଦିଷ୍ଟ ନୀତି, ଭୋଗ ଓ ଦୈନନ୍ଦିନ ସେବାକାର୍ଯ୍ୟ ଆଦି ଶସ୍ୟର ରୋପଣ, ଉତ୍ପନ୍ନ, ଅମଳ ଓ ସଂରକ୍ଷଣ ସହିତ ସମ୍ପୃକ୍ତ । ଏଗୁଡ଼ିକ ହିଁ ମାନବ କର୍ମ ଓ ଧର୍ମର ପ୍ରତିଛବି । ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ବର୍ଷସାରା ପର୍ବପର୍ବାଣି ଲାଗି ରହିଥିଲେ ମଧ୍ୟ ତନ୍ମଧ୍ୟରୁ ବାରଗୋଟି ବିଶିଷ୍ଟ ଉତ୍ସବ ଭାବରେ ପାଳିତ ହୁଏ । ସେଗୁଡ଼ିକ 'ଦ୍ୱାଦଶଯାତ୍ରା' ନାମରେ ଅଭିହିତ ।

ଓଡ଼ିଆ ଜାତିର ମହାନ ପ୍ରାଚୀନ ସଂସ୍କୃତିର ପ୍ରତୀକ ଏ ଯାତ୍ରା ରଥଯାତ୍ରା । ଜୈନ, ବୌଦ୍ଧ, ଶୈବ, ଶାକ୍ତ, ଗାଣପତ୍ୟ, ମହିମା ଓ ବୈଷ୍ଣବବାଦୀ ଧର୍ମର ଧାରା ଓ ଦର୍ଶନକୁ ଆତ୍ମସ୍ଥ କରି ଦାରୁଦେବତା ଜଗନ୍ନାଥ ଏ କଳିଯୁଗରେ ମୁକ୍ତିକାମୀ ପାପୀ ପତିତମାନଙ୍କୁ ଉଦ୍ଧାର କରିବା ପାଇଁ ଏ ରଥଯାତ୍ରାର ସୃଷ୍ଟି କରିଛନ୍ତି । ରଥାରୂଢ଼ ଦାରୁଦେବତା-ଜଗନ୍ନାଥ ଭକ୍ତି, ଜ୍ଞାନ ଓ କର୍ମର ମୂଳାଧାର ଭାବରେ ଶ୍ରଦ୍ଧାଳୁ ଭକ୍ତ ହୃଦୟରେ ସାକାର ନିରାକାର ଭାବନା ସୃଷ୍ଟି କରିଛି । ରଥରେ ବିରାଜିତ ମହାପ୍ରଭୁ ଶ୍ରୀଜଗନ୍ନାଥ 'କ୍ଲୀଂ' ଶ୍ରୀବଳଭଦ୍ର 'ଶ୍ଲୀଂ' ଓ ଦେବୀ ସୁଭଦ୍ରା 'ହ୍ଲୀଂ' ରୂପରେ ସତ୍-ଚିତ୍-ଆନନ୍ଦ ତଥା ଶକ୍ତି, ମୁକ୍ତି ଓ ବିଭୂତିର ମହତ୍ତର ଚିନ୍ତାରେ ପ୍ରତିପ୍ରକାଶିତ । ସର୍ବଧର୍ମ ସମନ୍ୱୟର ପ୍ରତୀକ ମହାପ୍ରଭୁଙ୍କ ଏଭଳି ମହୋତ୍ସବରେ କର୍ମରେ, ଧର୍ମରେ, ଜନ୍ମରେ ଓ ଜାତିରେ ସାମ୍ୟବୋଧର ମହାମନ୍ତ୍ରକୁ ପ୍ରଚାର କରୁଥିବା ଏ ରଥଯାତ୍ରା ମହାଜାଗତିକ ଭାବ ସୃଷ୍ଟି କରି ଚାଲିଛି । ରଥଚକ୍ରର ଘୋଷନାଦରେ ଜନମାନସରୁ ସକଳ ପ୍ରକାର ଅକଲ୍ୟାଣ ଓ ଦୁଷ୍କୃତ ଦୂରୀଭୂତ ହୋଇ ଜଗତର ହିତସାଧନ ହେଉଥିବାରୁ ଏ ଯାତ୍ରାର ଅନ୍ୟନାମ ଘୋଷଯାତ୍ରା ।

ପୁରୀ ବଡ଼ଦାଣ୍ଡର ଅଗାଧ ଜନସମୁଦ୍ର ବିନ୍ଦୁଟିଏ ହୋଇ ମିଶିଗଲେ ମନରୁ ଗୋଷ୍ଠୀଗତ, ଧର୍ମଗତ, ଭାଷାଗତ, ଜାତିଗତ ଓ ସାମ୍ପ୍ରଦାୟିକ ସଂକୀର୍ଣ୍ଣତା ଦୂରେଇଯାଏ । ସେଇ ଗୋଟିଏ ମୁହୂର୍ତ୍ତ ପାଇଁ ପୃଥିବୀ, ଈଶ୍ୱର ଓ ମଣିଷ ଏକ ଓ ଅଭିନ୍ନ ହୋଇଯାଆନ୍ତି । ସେହି ଐକ୍ୟ, ସଂହତି ଓ ସମନ୍ୱୟର ପ୍ରତୀକ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସ୍ୱଚକ୍ଷୁରେ ଦେଖିବା ପାଇଁ ଏ ମର୍ତ୍ତ୍ୟର ମାନବ କେତେ ବ୍ୟଗ୍ର । କାରଣ ଏ ମାନବ ଜାତିର ଆରାଧ୍ୟ ଦେବତା ଜଗନ୍ନାଥ ଶାନ୍ତି-ପ୍ରୀତି-ମୈତ୍ରୀର ପ୍ରତୀକ । ଗତିମୁକ୍ତି-ପ୍ରଗତିର ପ୍ରତିଭୂ । ଶ୍ୱେତ-କୃଷ୍ଣ-ଲୋହିତର ପରିପ୍ରକାଶ-ସର୍ବଧର୍ମର ସମନ୍ୱୟ - ଜଗତରନାଥ ଶ୍ରୀଜଗନ୍ନାଥ ।

ରଥଯାତ୍ରା ହେଉଛି ପରଂବ୍ରହ୍ମଙ୍କ ପାବନୀ ଯାତ୍ରା । ଭାଗବତ ସଂହତି, ଧର୍ମଗତ ସହିଷ୍ଣୁତା ଓ ଜାତିଗତ ଐକ୍ୟ ପ୍ରତିଷ୍ଠା ହିଁ ଏହାର ପ୍ରଧାନ ଲକ୍ଷ୍ୟ । ରଥାରୂଢ଼ ଦାରୁଦେବତା ଶ୍ରୀଜଗନ୍ନାଥ ହେଉଛନ୍ତି ପ୍ରତ୍ୟେକ ଓଡ଼ିଆଙ୍କ ଅପରାଜେୟ ଆତ୍ମା । ପ୍ରତି ଓଡ଼ିଆ ପ୍ରାଣରେ ଶ୍ରୀଜଗନ୍ନାଥ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ଓଡ଼ିଆ ଜାତିର ଅତି ଅନ୍ତରଙ୍ଗ ଆତ୍ମୀୟ ଶ୍ରୀଜଗନ୍ନାଥ । ଅତଏବ ଏ ରଥଯାତ୍ରା ଏକ ସାଂସ୍କୃତିକ ଜାତୀୟ ଜିଜ୍ଞାସା । ପିଣ୍ଡ ମଧ୍ୟରେ ବ୍ରହ୍ମାଣ୍ଡର ସ୍ଥିତି, ଶରୀର ଭିତରେ ଆତ୍ମ ବ୍ରହ୍ମଲୀଳା, ଦୃଷ୍ଟି ଭିତରେ ଦୃଶ୍ୟାତୀତ ଭାବସତ୍ତା, ଚଳମାନତା ଭିତରେ ଅବିଚଳିତ ଚେତନାର ପରିପ୍ରକାଶ ତଥା ବିଶ୍ୱାସ ଓ ମୂଲ୍ୟବୋଧର ପ୍ରତୀକ ଏ ରଥଯାତ୍ରା । ରଥଯାତ୍ରା ହେଉଛି ଦିବ୍ୟଭାବର ପ୍ରୀତି ଓ ମଧୁରତମ ଲୀଳା । ତେଣୁ ଶ୍ରୀଜଗନ୍ନାଥଙ୍କ ନୀତି ଓ ଚେତନା ରହସ୍ୟମୟ, ଚଳଣି ମାନବୋଚିତ ଏବଂ ତାଙ୍କ ଯାତ୍ରା ଓ ପର୍ବପର୍ବାଣି ପୁଣ୍ୟ ଓ ଆଦର୍ଶମୟ । ତେଣୁ ଏହି ସୃଷ୍ଟିତତ୍ତ୍ୱକୁ ନେଇ 'ରଥ ସଂସ୍କୃତି'ର ପରିକଳ୍ପନା । ରଥ ରୂପକ ପିଣ୍ଡରେ ଦଶଦିଗପାଳ, ପଚିଶ ପ୍ରକୃତି, ପଞ୍ଚଲୀଳା, ଷଡ଼ଋତୁ, ତ୍ରିଭାବ, ତ୍ରିଗୁଣ, ତ୍ରିଫଳ, ତ୍ରିଭୋଗ, ତ୍ରିରୂପ ଓ ତ୍ରିଲୀଳା ଆଦି ବ୍ରହ୍ମାଣ୍ଡସୂଚକ ସତ୍ୟ ବିରାଜମାନ । ସେଇଥିପାଇଁ ଉପନିଷଦରେ କୁହାଯାଇଛି - 'ଆତ୍ମାନଂ ରଥିନଂ ବିଦ୍ଧି, ଶରୀରଂ ରଥମେବତୁ' ଅର୍ଥାତ୍ ଦେହ ରୂପକ ନନ୍ଦିଘୋଷ ରଥରେ ଆତ୍ମାରୂପୀ ଜଗନ୍ନାଥ ବିଜେ କରିଛନ୍ତି । ତେଣୁ ରଥ ହିଁ ପିଣ୍ଡ ଓ ତହିଁରେ ବ୍ରହ୍ମାଣ୍ଡର ବ୍ରହ୍ମସତ୍ୟ-ଶ୍ରୀଜଗନ୍ନାଥ । ଶରୀରରୂପୀ ନନ୍ଦିଘୋଷ ରଥରେ ଆତ୍ମତତ୍ତ୍ୱର ନିଗୂଢ଼ ରହସ୍ୟ ପୂରି ରହିଛି ।

କଳିଯୁଗରେ ନାମ ଭଜନରେ ମିଳେ କୈବଲ୍ୟମୁକ୍ତି । ନାମ ବିନୁ ଅନ୍ୟ ଗତି ନାହିଁ । ନାମ ଭଜନକରି ଶରୀର ନନ୍ଦିଘୋଷରେ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କଲେ ମଣିଷ ମୁକ୍ତି ଓ ମୋକ୍ଷ ଲାଭ କରେ । ମନର ପବିତ୍ରତା, ଏକାଗ୍ରତା ଓ ଦିବ୍ୟତା ବଳରେ ଶ୍ରୀଜଗନ୍ନାଥଙ୍କ ନାମକୁ ଭକ୍ତିରେ ସ୍ମରଣ କରି ତିନିରଥର ତ୍ରିଗୁଣ ରଜ୍ଜୁକୁ ସୁମନରେ ଏକତ୍ର କରିଦେଲେ ସାକ୍ଷାତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ହିଁ ମିଳିଥାଏ । ତେଣୁ ନନ୍ଦିଘୋଷ ଯାତ୍ରା ହେଉଛି ଜୀବ ଓ ପରମର ମିଳନଯାତ୍ରା - ଭକ୍ତ ଭଗବାନଙ୍କର ଯୁଗଳ ଯାତ୍ରା ।

ଜାମସେଦପୁର(ଝାଡ଼ଖଣ୍ଡ)

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

ସକାଳ THE SAKALA
ସୋମବାର ୨୦ ଜୁଲାଇ, ୨୦୨୬



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୮,୦୦୦ ଭାରତୀୟଙ୍କୁ...

୩,୫୬୭ ଜଣ ଭାରତୀୟଙ୍କୁ ବାହାର କରିଥିବା ବେଳେ ଚଳିତ ୨୦୨୬ ଜୁନ୍ ସୁଦ୍ଧା ୧,୦୭୬ ଜଣଙ୍କୁ ଡେପୋର୍ଟ କରାସରିଲାଣି। ୨୦୨୫ ଫେବୃଆରୀ ୫ ତାରିଖରେ ପ୍ରଥମ ଥର ପାଇଁ ୧୦୪ ଜଣ ଭାରତୀୟଙ୍କୁ ହାତକଡ଼ି ଓ ଗୋଡ଼ରେ ବେଡ଼ି ପକାଇ ସାମରିକ ବିମାନ ଯୋଗେ ଅମୃତସର ପଠାଯାଇଥିଲା, ଯାହାକୁ ନେଇ ସେତେବେଳେ ଭାରତୀୟ ସଂସଦରେ ପ୍ରବଳ ହଟ୍ଟଗୋଳ ହୋଇଥିଲା।

## ଆଜିଠୁ ସଂସଦର...

ଲୋକସଭାରେ ଶାସକ ମେଣ୍ଟର ସଂଖ୍ୟାବଳ ବଢ଼ିଥିବାରୁ ଏହାର ପ୍ରଭାବ ମୌସୁମୀ ଅଧିବେଶନରେ ସ୍ପଷ୍ଟ ଭାବେ ପ୍ରତିଫଳିତ ହେବା ଆକଳନ କରାଯାଉଛି। ଅନ୍ୟପକ୍ଷରେ ଏଥର ଅଧିବେଶନରେ ବିରୋଧୀ ଦଳ ନିଟ୍ ଅନିୟମିତତା, ଦେଶବ୍ୟାପୀ ଛାତ୍ର ଆତ୍ମହତ୍ୟା ଓ ଆନ୍ଦୋଳନ, ବିଭିନ୍ନ ଆଞ୍ଚଳିକ ଦଳରେ ରାଜନୈତିକ ବିଭାଜନ, ରାମମନ୍ଦିର ଦାନ ଅର୍ଥ ଦୁର୍ନୀତି ସମେତ ଅନ୍ୟାନ୍ୟ ଜନସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗ ଉଠାଇ ସରକାରଙ୍କୁ କଡ଼ା ଭାବେ ଘେରିବାକୁ ଯୋଜନା କରିଛନ୍ତି। ଏହି ସବୁ ପ୍ରସଙ୍ଗକୁ ନେଇ ସଂସଦର ଉଭୟ ସଦନରେ ହଟ୍ଟଗୋଳ ଓ ତୀବ୍ର ବାକ୍ୟୁଦ୍ଧ ହେବାର ସମ୍ଭାବନା ରହିଛି। ବିରୋଧୀଙ୍କ ସମସ୍ତ ଆକ୍ରମଣର ଜବାବ ଦେବା ସହିତ ସରକାର ନିଜର ବିଧାନଗତ କାର୍ଯ୍ୟସୂଚୀ ସଫଳତାର ସହ ଆଗକୁ ବଢ଼ାଇବାକୁ ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ମନ୍ତବ୍ୟ ପରେ ସଂସଦରେ ଉଭୟ ବିରୋଧୀ ଓ ଶାସକ ମୁହାଁମୁହିଁ ହେବା ଆଶଙ୍କା କରାଯାଉଛି। ସରକାର ଏହି ଅଧିବେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରିବାକୁ ଯୋଜନା କରିଛନ୍ତି। ସେଥିରେ ଜାତୀୟ ଗୀତକୁ ଜାତୀୟ ସଙ୍ଗୀତ ସହ ସମାନ ସାମ୍ବିଧାନିକ ମର୍ଯ୍ୟାଦା ପ୍ରଦାନ, ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ସମ୍ପର୍କିତ ବିଲ୍ ପ୍ରମୁଖ ରହିଛି। ତେବେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ସାଂସଦ, ବିଧାୟକଙ୍କ ବହିଷ୍କାର ସମ୍ପର୍କିତ ପ୍ରସ୍ତାବିତ ବିଲ୍‌କୁ ବିଭିନ୍ନ ମହଲରେ ଅସହମତି ଦେଖାଦେଇଥିବାରୁ ଚଳିତ ଅଧିବେଶନରେ ଏହାକୁ ଆଗତ କରାଯିବା ସମ୍ଭାବନା କମ୍ ବୋଲି କୁହାଯାଉଛି।

ଅନ୍ୟପକ୍ଷରେ, ନିର୍ବାଚନମଣ୍ଡଳୀ ପୁନଃନିର୍ଦ୍ଧାରଣ ଓ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ପ୍ରସ୍ତାବିତ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଆଣିବାକୁ କେନ୍ଦ୍ର ସରକାର ଗମ୍ଭୀର ଭାବେ ବିଚାର କରୁଥିବା ଜଣାପଡ଼ିଛି। ଯଦିଓ ଏହି ବିଲ୍ ବର୍ତ୍ତମାନର ସଂସଦୀୟ କାର୍ଯ୍ୟସୂଚୀରେ ସ୍ଥାନ ପାଇନାହିଁ, ତଥାପି ଶେଷ ମୁହୂର୍ତ୍ତରେ ଏହାକୁ ସଦନରେ ଆଗତ କରାଯାଇପାରେ ବୋଲି ସୂତ୍ରରୁ ଜଣାପଡ଼ିଛି। ଗତ ଅଧିବେଶନରେ ଆବଶ୍ୟକ ସଂଖ୍ୟାବଳର ଅଭାବ ଯୋଗୁଁ ଏହି ବିଲ୍ ଲୋକସଭାରେ ପାରିତ ହୋଇପାରିନଥିଲା। କିନ୍ତୁ ବର୍ତ୍ତମାନର ନୂଆ ରାଜନୈତିକ ସମୀକରଣ ସରକାରଙ୍କୁ ପୁଣିଥରେ ଏହି ବିଲ୍ ଆଣିବା ପାଇଁ ଉତ୍ସାହିତ କରିଛି। ସମ୍ବିଧାନ ସଂଶୋଧନ ବିଲ୍ ପାରିତ କରିବା ପାଇଁ ଲୋକସଭାରେ ଦୁଇ-ତୃତୀୟାଂଶ, ଅର୍ଥାତ୍ ପ୍ରାୟ ୩୬୦ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ। ପୂର୍ବରୁ ଏନଡିଏ ଏହି ସଂଖ୍ୟାଠାରୁ ବହୁତ ପଛରେ ଥିଲା। କିନ୍ତୁ ଟିଏମସିର ୨୦ ବିଦ୍ରୋହୀ ସାଂସଦ ଏବଂ ଉଦ୍ଧବ ଠାକରେ ଶିବସେନାର ୬ ଜଣ ସାଂସଦ ସିନ୍ଧେ ଗୋଷ୍ଠୀରେ ଯୋଗଦେଇ ଏନ୍‌ଡ଼ିଏକୁ ସମର୍ଥନ ପରେ ଶାସକ ଦଳର ସଂଖ୍ୟା ସଂସଦରେ ୩୧୮ ହୋଇଛି। ଏହାଛଡ଼ା ଶରଦ ପାୱାର ଗୋଷ୍ଠୀ ଏବଂ ଉଦ୍ଧବ ଠାକରେଙ୍କ ସମର୍ଥନ ମିଳିଲେ ଏହି ସଂଖ୍ୟା ୩୨୯ରେ ପହଞ୍ଚିପାରେ। ଅନ୍ୟପକ୍ଷରେ ପୂର୍ବରୁ ବିଲ୍‌କୁ ବିରୋଧ କରୁଥିବା ଡ଼ିଏମ୍‌କେ ଏବେ ବିଲ୍‌କୁ ସମର୍ଥନ ଦେଇପାରେ ବୋଲି ମନେ କରାଯାଉଛି। ବିଲ୍‌ରେ କିଛି ସଂଶୋଧନ କରାଗଲେ ଦଳ ଏହାକୁ ସମର୍ଥନ କରିବା ବିଷୟରେ ବିଚାର କରିପାରେ ବୋଲି ମଧ୍ୟ ପ୍ରକାଶ କରିଛି। ଡିଏମକେର ୨୨ ଜଣ ଲୋକସଭା ସାଂସଦ ଥିବାରୁ ସେମାନଙ୍କ ସମର୍ଥନ ମିଳିଲେ ଏନଡିଏର ସଂଖ୍ୟାବଳ ୩୫୮ରେ ପହଞ୍ଚିବ। ଏହି ସଂଖ୍ୟା ହାସଲ ହେବା ପରେ ହିଁ ସରକାର ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ସଦନରେ ଆଗତ କରିବାର ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରନ୍ତି ବୋଲି ସଂସଦୀୟ ସୂତ୍ରରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ, ତାମିଲନାଡୁ ବିଧାନସଭା ନିର୍ବାଚନ ପରେ ଡିଏମକେ ବିରୋଧୀ 'ଇଣ୍ଡିଆ' ମେଣ୍ଟରୁ ଅଲଗା ହୋଇଥିବାରୁ ଜାତୀୟ ରାଜନୀତିରେ ନୂଆ ସମୀକରଣ ସୃଷ୍ଟି ହୋଇଛି। ଏହାର ପ୍ରଭାବ ମୌସୁମୀ ଅଧିବେଶନରେ ସରକାରଙ୍କ ବିଧାନଗତ କାର୍ଯ୍ୟସୂଚୀ ଓ ବିରୋଧୀଙ୍କ ରଣନୀତି ଉପରେ କିପରି ପଡ଼ିବ, ତାହା ଉପରେ ସମଗ୍ର ଦେଶର ନଜର ରହିଛି।

## ବିରୋଧୀଙ୍କ ହଙ୍ଗାମା...

ଏବଂ ସେମାନଙ୍କର ସଦସ୍ୟତା ରଦ୍ଦ ଆବେଦନ ଏବେ ବି ବାଚସ୍ପତିଙ୍କ ନିକଟରେ ବିଚାରାଧୀନ ରହିଛି। ଅନ୍ୟପଟେ କଂଗ୍ରେସ ଏବଂ ଶିବସେନାର ପ୍ରତିନିଧିମାନେ ମଧ୍ୟ ଏହାକୁ ସମ୍ବିଧାନର ଅବମାନନା ଏବଂ ଗଣତନ୍ତ୍ରର ହତ୍ୟା ବୋଲି ଦର୍ଶାଇଛନ୍ତି। ଆମ ଆଦମୀ ପାର୍ଟି ପକ୍ଷରୁ ମଧ୍ୟ ଅନୁରୂପ ଅଭିଯୋଗ ଅଣାଯାଇଛି। ଆଜିର ବୈଠକରେ ସରକାରଙ୍କ ପକ୍ଷରୁ ପ୍ରତିରକ୍ଷା ମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଉପସ୍ଥିତ ଥିଲେ। ବିରୋଧୀ ଦଳ ତରଫରୁ କଂଗ୍ରେସ, ସମାଜବାଦୀ ପାର୍ଟି, ଡିଏମ୍‌କେ, ବାମପନ୍ଥୀ ଏବଂ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଭଳି ଅନେକ ପ୍ରମୁଖ ଦଳର ବରିଷ୍ଠ ନେତାମାନେ ସାମିଲ ହୋଇଥିଲେ। ଆସନ୍ତାକାଲିଠାରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହୋଇ ଅଗଷ୍ଟ ୧୩ ପର୍ଯ୍ୟନ୍ତ ଚାଲିବ। ଏହି ଅଧିବେଶନ ପୂର୍ବରୁ ସରକାରୀ ଓ ବିରୋଧୀ ଦଳ ମଧ୍ୟରେ ସହମତି ପ୍ରତିଷ୍ଠା ପାଇଁ ବୈଠକ ଡକାଯାଇଥିଲା। ମାତ୍ର ପ୍ରଥମ ଦିନରୁ ହିଁ ବିଦ୍ରୋହୀ ସାଂସଦଙ୍କ ଆସନ ବ୍ୟବସ୍ଥାକୁ ନେଇ ସୃଷ୍ଟି ହୋଇଥିବା ଏହି ତିକ୍ତତା ଆଗାମୀ ଦିନରେ ସଂସଦୀୟ କାର୍ଯ୍ୟଧାରାକୁ ପ୍ରଭାବିତ କରିବ।

## ଭରସା ଭାଙ୍ଗିଛି...

ପ୍ରତ୍ୟେକ ବିକଶିତ ରାଷ୍ଟ୍ର ଏକ ସୁଦୃଢ଼ ଶିକ୍ଷା ବ୍ୟବସ୍ଥା, ଏକ ସ୍ୱଚ୍ଛ ଓ ବିଶ୍ୱାସଯୋଗ୍ୟ ପରୀକ୍ଷା ପ୍ରକ୍ରିୟା ଉପରେ ଆଧାରିତ। ନିଜର ଶିକ୍ଷା ବ୍ୟବସ୍ଥାର ଶକ୍ତି ଯୋଗୁଁ ଭାରତ ମଧ୍ୟ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି। ଏହା ପିଢ଼ି ପିଢ଼ି ଧରି ପ୍ରତିଭାବାନ ଡାକ୍ତର, ବୈଜ୍ଞାନିକ, ଇଞ୍ଜିନିୟର, ଶିକ୍ଷକ ଏବଂ ଉଦ୍ଭାବକମାନଙ୍କୁ ଗଢ଼ିଛି, ଯେଉଁମାନେ ଆଧୁନିକ ଭାରତ ଗଠନରେ ଏକ ଅମୂଲ୍ୟ ଅବଦାନ ରଖିଛନ୍ତି; କିନ୍ତୁ ଆଜି ଏହି ବ୍ୟବସ୍ଥା ଉପରେ ବିଶ୍ୱାସ ଭାଙ୍ଗିଯାଇଛି। ଏହା କେବଳ ଗୋଟିଏ ପରୀକ୍ଷାର ବିଫଳତା ନୁହେଁ; ଏହା ସମଗ୍ର ଶିକ୍ଷା ବ୍ୟବସ୍ଥାର ମୂଳଦୁଆକୁ ଆଘାତ ଦେଇଛି। ଏହା ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଏହି ବାର୍ତ୍ତା ଦେଉଛି ଯେ କଠିନ ପରିଶ୍ରମର ଆଉ କୌଣସି ମୂଲ୍ୟ ନାହିଁ; ଅନ୍ୟପକ୍ଷରେ ଦାରିଦ୍ର୍ୟରୁ ମୁକ୍ତି ପାଇବାର ସେମାନଙ୍କର ଏକମାତ୍ର ସୋପାନକୁ ମଧ୍ୟ ଛଡ଼ାଇ ନେଉଛି। ଯେଉଁ ଦେଶ ନିଜର ପରୀକ୍ଷା ବ୍ୟବସ୍ଥାର ସ୍ୱଚ୍ଛତା ତଥା ନିରପେକ୍ଷତା ସହ ସାଲିସ କରେ, ସେ ନିଜର ଭବିଷ୍ୟତ ସହ ମଧ୍ୟ ସାଲିସ କରିଥାଏ ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି। ସାରା ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କୁ ପ୍ରଭାବିତ କରୁଥିବା ଏହି ଗମ୍ଭୀର ସମସ୍ୟାକୁ ସଂସଦରେ ସର୍ବୋଚ୍ଚ ପ୍ରାଥମିକତା ସହ ଉପସ୍ଥାପନ କରାଯିବା ଉଚିତ୍। ଆମ ଗଣତନ୍ତ୍ରର ମନ୍ଦିରରେ ଏହା ଉପରେ ଏକ ବିସ୍ତୃତ ଆଲୋଚନା ହେବା ଆବଶ୍ୟକ। ଯାହା ଦ୍ୱାରା ପ୍ରଶ୍ନପତ୍ର ଲିକ୍, ତ୍ରୁଟିପୂର୍ଣ୍ଣ ମୂଲ୍ୟାଙ୍କନ ଏବଂ ବ୍ୟାବସ୍ଥାଗତ ବିଫଳତାର ଯେପରି ପୁନରାବୃତ୍ତି ନ ହୁଏ, ତାହା ନିଶ୍ଚିତ କରିବା ପାଇଁ ବଳିଷ୍ଠ ସଂସ୍କାର ଅଣାଯାଇପାରିବ। ଏହି ବିଶ୍ୱାସଭଙ୍ଗ ପାଇଁ ଉତ୍ତରଦାୟିତ୍ୱ ମଧ୍ୟ ନିର୍ଦ୍ଧାରଣ କରାଯିବା ଜରୁରୀ ବୋଲି ନବୀନ ମତବ୍ୟକ୍ତ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜନୀତିକୁ ପଛରେ ପକାଇ, ମୁଁ ସରକାରଙ୍କୁ ଅନୁରୋଧ କରୁଛି ଯେ ଗତ କିଛିଦିନ ଧରି ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ସହ ଏକ ଅର୍ଥପୂର୍ଣ୍ଣ ଆଲୋଚନା ଆରମ୍ଭ କରନ୍ତୁ। ସେମାନଙ୍କୁ ନିଜର ମତାମତ ପ୍ରକାଶ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରାଯିବା ଉଚିତ। ଏକ ସଜୀବ ଗଣତନ୍ତ୍ର ନିରବତା ନୁହେଁ, ବରଂ ସଂଳାପ ମାଧ୍ୟମରେ ଆଗକୁ ବଢ଼େ । ଯେତେବେଳେ ଏହି ସଂଳାପ ଦେଶର ଯୁବପିଢ଼ିଙ୍କ ସହ ଜଡ଼ିତ ଥାଏ, ସେତେବେଳେ ଏହାର ଗୁରୁତ୍ୱ ଆହୁରି ବଢ଼ିଯାଏ। ଭାରତର ଶିଶୁ ଓ ଯୁବପିଢ଼ି ଆଜି ଆମଠାରୁ ନେତୃତ୍ୱର ଆଶା ରଖିଛନ୍ତି। ଆମେ ସେମାନଙ୍କୁ ନିରାଶ କରିପାରିବା ନାହିଁ।

ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଯୁବପିଢ଼ିଙ୍କ ସହ ସରଳ, ଆନ୍ତରିକ ଏବଂ ଖୋଲା ମନରେ ଆଲୋଚନା କଲେ ହିଁ ଆମ ଗଣତନ୍ତ୍ର, ଶିକ୍ଷା ବ୍ୟବସ୍ଥା ଏବଂ ସେମାନଙ୍କ ଭବିଷ୍ୟତ ଗଢ଼ିବାର ଦାୟିତ୍ୱ ନେଇଥିବା ନେତୃତ୍ୱ ପ୍ରତି ସେମାନଙ୍କର ବିଶ୍ୱାସକୁ ପୁନଃସ୍ଥାପିତ କରିବ। ବିଜୁ ଜନତା ଦଳ ଦେଶର ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ସହ ସର୍ବଦା ଦୃଢ଼ତାର ସହ ଛିଡ଼ା ହୋଇ ରହିଛି ବୋଲି ନବୀନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ନବୀନଙ୍କ ନେତୃତ୍ୱକୁ...

ସିନ୍ଧୁଙ୍କୁ ଅଭିନନ୍ଦନ। ସେ ପ୍ରଥମ ଭାରତୀୟ ଭାବରେ ଏହି ଟାଇଟଲ୍ ବିଜୟୀ ହୋଇଛନ୍ତି। ଫାଇନାଲରେ ତାଙ୍କର ନିଖୁଣ ପ୍ରଦର୍ଶନ ତାଙ୍କୁ ଘରୋଇ ତାରକା ଏବଂ ତିନିଥର ବିଶ୍ୱ ଚାମ୍ପିଅନ ୟାମାଗୁଚିଙ୍କୁ ସିଧାସଳଖ ଗେମରେ ପରାସ୍ତ କରିବାରେ ସାହାଯ୍ୟ କରିଥିଲା। ସେ ତାଙ୍କର ଚମତ୍କାର ପ୍ରଦର୍ଶନ ଜାରି ରଖନ୍ତୁ ଏବଂ ଦେଶ ପାଇଁ ଅଧିକ ଗୌରବ ଆଣନ୍ତୁ। ଶୁଭକାମନା' ବୋଲି ନବୀନ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି।

ନବୀନଙ୍କ ଅଭିନନ୍ଦନକୁ ସ୍ୱୀକାର କରି ସିନ୍ଧୁ ତୁରନ୍ତ ଧନ୍ୟବାଦ ଜଣାଇବା ସହ ତାଙ୍କର ଏହି ସ୍ମରଣୀୟ ବିଜୟକୁ ମହାପ୍ରଭୁ ଜଗନ୍ନାଥଙ୍କୁ ଉତ୍ସର୍ଗ କରିଛନ୍ତି। ଏଥିସହ ଏକ ହୃଦୟସ୍ପର୍ଶୀ ବାର୍ତ୍ତାରେ, ସିନ୍ଧୁ ରାଜ୍ୟ ସହିତ ତାଙ୍କର ଗଭୀର ବ୍ୟକ୍ତିଗତ ସମ୍ପର୍କ ଓ ନବୀନଙ୍କ ଶାସନକୁ ବେଶ୍ ପ୍ରଶଂସା କରିଛନ୍ତି। ସିନ୍ଧୁ କହିଛନ୍ତି, "ମୋର ଶ୍ୱଶୁର, ଯିଏ ଜଣେ ବରିଷ୍ଠ ବ୍ୟୁରୋକ୍ରାଟ ଭାବରେ କାର୍ଯ୍ୟ କରିଥିଲେ, ସର୍ବଦା ଆପଣଙ୍କୁ, ଆପଣଙ୍କ ନେତୃତ୍ୱକୁ ଏବଂ ଓଡ଼ିଶାର ଶାସନ ବିଷୟରେ ବହୁତ ଉଚ୍ଚ ପ୍ରଶଂସା କରିଛନ୍ତି। ଧନ୍ୟ ମନେ କରୁଛି ଯେ ଏହି ବିଜୟ ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ସମୟରେ ଆସିଛି। ମୁଁ ଆଶା କରୁଛି ଯେ ଶୀଘ୍ର ପୁରୀ ଫେରିବି ଏବଂ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଲୋଡ଼ିବି। ପୁଣିଥରେ ଧନ୍ୟବାଦ, ମହାଶୟ। ଆପଣଙ୍କ ଶୁଭେଚ୍ଛା ମୋ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ।"

## ସର୍ବଦଳୀୟ ବୈଠକରେ...

ଦୁଇ ବର୍ଷର ବିଫଳତାକୁ ବିଜେଡି ଏଥର ମୌସୁମୀ ଅଧିବେଶନର ପ୍ରମୁଖ ପ୍ରସଙ୍ଗ କରିବ। ନୂତନ ଶିକ୍ଷା ନୀତି ଅନୁଯାୟୀ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରକାଶିତ ପାଠ୍ୟପୁସ୍ତକରେ ଅନେକ ତ୍ରୁଟି ରହିଛି। ଏହି ତ୍ରୁଟି ଯୋଗୁଁ ୪୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପ୍ରଭାବିତ ହୋଇଛି। ଏହା ପରି ଏକ ଗୁରୁତର ପ୍ରସଙ୍ଗକୁ ରାଜ୍ୟ ସରକାର ଅତ୍ୟନ୍ତ ହାଲୁକା ଭାବରେ ନେଉଥିବାରୁ ରାଜ୍ୟସଭାରେ ଏହା ଉପରେ ଆଲୋଚନା ପାଇଁ ବିଜେଡି ଦାବି କରିଛି। ପୁନଶ୍ଚ ଓଡ଼ିଶାରୁ ଦେଶର ସର୍ବାଧିକ ପରିମାଣର କୋଇଲା ଉତ୍ତୋଳନ ହେଉଥିବା ସତ୍ତ୍ୱେ ରାଜ୍ୟ ଯଥୋଚିତ କୋଇଲା ରୟାଲଟିରୁ ବଞ୍ଚିତ ହେଉଛି। ଏହା ସହ କୃଷକଙ୍କ ସମସ୍ୟା, କୃଷି ସଙ୍କଟ ଓ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ନେଇ ସଂସଦରେ ସ୍ୱତନ୍ତ୍ର ଆଲୋଚନା କରିବାକୁ ବିଜେଡି ଦାବି କରିଛି।

ସେ ପୁଣି କହିଛନ୍ତି ଯେ ବୈଠକରେ ଅନେକ ସାଂସଦ ହାତପାଣ୍ଠିକୁ ୫ କୋଟିରୁ ଅଧିକ ବୃଦ୍ଧି କରିବାକୁ ଦାବି କରିଛନ୍ତି। ମାତ୍ର ବର୍ତ୍ତମାନର ମିଳୁଥିବା ହାତପାଣ୍ଠିର ଉପଯୋଗ ଠିକରେ ହୋଇପାରୁ ନାହିଁ। ଓଡ଼ିଶାରେ ବିଜେପି ସରକାର ବିରୋଧୀ ଦଳର ସାଂସଦମାନଙ୍କ ହାତପାଣ୍ଠି ବ୍ୟୟ କରିବାରେ ଯୋଜନାବଦ୍ଧ ଭାବେ ବାଧା ସୃଷ୍ଟି କରୁଛନ୍ତି। ଫଳରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସେ ନିଜେ ଏହାର ଭୁକ୍ତଭୋଗୀ। ଚିଲିକା ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ସାଂସଦ ହାତପାଣ୍ଠିରୁ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ତାହାର ସଠିକ୍ ବ୍ୟୟ ହେଉନାହିଁ। କେତେକ ସ୍ଥାନରେ ସାଂସଦ ହାତପାଣ୍ଠିରେ କାମ ହେଉଥିଲେ ମଧ୍ୟ ଉଦ୍ଘାଟନ ଫଳକରେ ସ୍ଥାନୀୟ ମନ୍ତ୍ରୀଙ୍କ ନାମ ଉଲ୍ଲେଖ କରାଯାଉଛି। ଏହି ପ୍ରସଙ୍ଗରେ ସେ ପୂର୍ବରୁ ସଂସଦର ସ୍ୱାଧିକାର କମିଟି ନିକଟରେ ଅଭିଯୋଗ କରିଥିଲେ। ଆଲୋଚନା ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଇନାହିଁ।

ରାଜ୍ୟ ସରକାରଙ୍କ ଇଙ୍ଗିତରେ ଅଧିକାରୀମାନେ ବିଜେଡି ସାଂସଦମାନଙ୍କ ହାତପାଣ୍ଠି ବ୍ୟୟ କରିବାକୁ ଦେଉନାହାନ୍ତି ଏବଂ ଗତ ଦୁଇ ବର୍ଷ ଧରି ଏହି ପାଣ୍ଠିକୁ ଅଟକାଇ ରଖିଛନ୍ତି। ଏହି ପ୍ରସଙ୍ଗରେ ସଂସଦରେ ସ୍ୱତନ୍ତ୍ର ଆଲୋଚନା ପାଇଁ ସେ ସର୍ବଦଳୀୟ ବୈଠକରେ ଦାବି କରିଛନ୍ତି । ପୁନଶ୍ଚ ଓଡ଼ିଶାର ସ୍ୱାର୍ଥ ସହ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଥିବାରୁ ବିଜେଡି ସଂସଦରେ ସେଗୁଡ଼ିକୁ ଦୃଢ଼ତାର ସହ ଉପସ୍ଥାପନ କରିବ। ସାମ୍ବିଧାନିକ ବିଧିବ୍ୟବସ୍ଥା ଓ ସଂସଦୀୟ ପରମ୍ପରାକୁ ସମ୍ମାନ ଦେଇ ବିଜେଡି ରାଜ୍ୟ ସ୍ୱାର୍ଥ ସମ୍ପର୍କିତ ପ୍ରତ୍ୟେକ ପ୍ରସଙ୍ଗରେ ସରକାରଙ୍କୁ ଉତ୍ତରଦାୟୀ କରିବ ବୋଲି ସେ କହିଛନ୍ତି ।

---

**ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ଚିନ୍ତନ ବୈଠକ**

# ଯଥାଶୀଘ୍ର କାର୍ଯ୍ୟକାରୀ ହେଉ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ

ଭୁବନେଶ୍ୱର, ୧୯।୭(ସମିସ): ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ଚିନ୍ତନ ବୈଠକ ସ୍ଥାନୀୟ ସହିଦ ଲକ୍ଷ୍ମଣ ନାଏକ କମ୍ୟୁନିଟି ହଲରେ ଅନୁଷ୍ଠିତ ହୋଇଛି। ପରିଷଦର ସଭାପତି ଭୃଗୁ ବକ୍ସିପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦକ୍ଷିଣ ଓଡ଼ିଶାର ୭ ଜିଲ୍ଲାର ତୃଣମୂଳସ୍ତରରେ ସାଧାରଣ ଜନତାଙ୍କ ସ୍ୱର ଉଠାଉଥିବା ବିଭିନ୍ନ ସଂଗଠନ ଏବଂ ବ୍ୟକ୍ତିବିଶେଷ ଯୋଗଦାନ କରି ସେମାନଙ୍କ ମତାମତ ଏବଂ ପ୍ରସ୍ତାବ ପ୍ରଦାନ କରିଥିଲେ। ଏହି ବୈଠକରେ ରାଜ୍ୟ ସରକାରଙ୍କର ଦ୍ୱାରା ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନକୁ ସ୍ୱାଗତ କରାଯିବା ସହ ଏହାର କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ବାସ୍ତବବାଦୀ ପଦକ୍ଷେପ ଗ୍ରହଣ ପାଇଁ ପ୍ରସ୍ତାବ ଦିଆଯାଇଛି । ଏହା ସହ ଏସ୍‌ଓଡ଼ିସି ଗଠନ ଓ ରୂପରେଖ ଉପରେ ମତାମତ ଗ୍ରହଣ, ଶିକ୍ଷା, ରୋଜଗାର, ସ୍ୱାସ୍ଥ୍ୟ ଚିକିତ୍ସାର ଭିତ୍ତିଭୂମି, କୃଷି ଓ ଜଙ୍ଗଲ ପରି ପ୍ରମୁଖ ୧୫ ସୂତ୍ରୀ ବିଷୟବସ୍ତୁକୁ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି। ଏଥିସହ ସେଥିରେ ଅନେକ ବିକାଶମୂଳକ ପ୍ରସଙ୍ଗ ଯୋଡ଼ି ଏକ ଚିଠା ଖସଡ଼ା ପ୍ରସ୍ତୁତ କରି ସରକାରଙ୍କୁ ଦେବା ପାଇଁ ଉନ୍ନୟନ ପରିଷଦର ଚିନ୍ତନ ବୈଠକରେ ନିଷ୍ପତ୍ତି ନିଆଯାଇଛି।

**ତୃଣମୂଳସ୍ତରର ବିକାଶ ପାଇଁ ପ୍ରସ୍ତୁତ ହେଉ ବାସ୍ତବ ନକ୍ସା**




ସମଗ୍ର ବୈଠକ ଓ ଆଲୋଚନା ପ୍ରସଙ୍ଗକୁ ଦୁଇଟି ଅଧିବେଶନରେ ବିଭକ୍ତ କରାଯାଇ ବିସ୍ତୃତ ଭାବରେ ମାନସମନ୍ଥନ କରାଯାଇଛି। ଏଥିରେ ୭ ଜିଲ୍ଲାର ୪୫ରୁ ଅଧିକ ସଂଗଠନ ଏବଂ ୧୫୦ରୁ ଅଧିକ ବ୍ୟକ୍ତି ବିଶେଷ ଅଂଶଗ୍ରହଣ କରିଥିଲେ। ବହୁ ଅବସରପ୍ରାପ୍ତ ପ୍ରଫେସର, ପ୍ରଶାସନିକ ଅଧିକାରୀ, ବିବିଧ କ୍ଷେତ୍ରର ଗବେଷକ ଏବଂ ଅଭିଜ୍ଞ ବ୍ୟକ୍ତିସମୂହ ସେମାନଙ୍କ ଅନୁଭବ ଓ ଅଭିଜ୍ଞତା ଉପରେ ନିଜର ମତ ପ୍ରଦାନ କରିଥିଲେ। ଦକ୍ଷିଣ ଓଡ଼ିଶାରେ ଜନସାଧାରଣଙ୍କ ବାସ୍ତବ ଆବଶ୍ୟକତା, ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକୁ ତୃଣମୂଳସ୍ତରରେ ଅଧ୍ୟୟନ କରାଯାଇ ଏକ ବିକାଶର ଏକ ବାସ୍ତବାମୁଖୀ ନକ୍ସା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ବୈଠକରେ ସରକାରଙ୍କ ନିଷ୍ପତ୍ତି କେବଳ ଘୋଷଣାରେ ନ ରହି ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ଚାପ ସୃଷ୍ଟି ପାଇଁ ମାଲକାନଗିରି ଠାରୁ ଗଞ୍ଜାମ ଯାଏ ଏକ ବ୍ୟାପକ ଆନ୍ଦୋଳନ ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ହୋଇଥିଲା। କାର୍ଯ୍ୟକାରୀ କମିଟି ସଦସ୍ୟ ସ୍ୱଦେଶ ସୁନ୍ଦର ପଟ୍ଟନାୟକ ଉପସଂହାର କରିଥିବା ବେଳେ ଉପାଧ୍ୟକ୍ଷ ଇଂ.ବିପିନବିହାରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# କଳିଙ୍ଗ ଜିମ୍ନାସିୟମ୍‌ରେ ରାଜ୍ୟ ଯୋଗାସନ କ୍ରୀଡ଼ା ଚାମ୍ପିଅନ୍‌ସିପ




କଟକ, ୧୮।୭(ସମିସ): କଳିଙ୍ଗ ଜିମ୍ନାସିୟମ୍‌ରେ ଓଡ଼ିଶା ଯୋଗାସନ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ହୋଇଛି ୩୨ତମ ଓଡ଼ିଶା ରାଜ୍ୟ ଯୋଗାସନ କ୍ରୀଡ଼ା ଚାମ୍ପିଅନସିପ। ଦୁଇ ଦିନ ଧରି ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ୧୫ ଜିଲ୍ଲାର ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ବିଭିନ୍ନ ବୟସ ବର୍ଗରେ ପ୍ରତିଯୋଗୀଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଆସନ ବା ମୁଦ୍ରାରେ ପ୍ରତିଦ୍ୱନ୍ଦ୍ୱିତା ହେବା ପରେ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। କଟକ କଳିଙ୍ଗ ଜିମ୍ନାସିୟମ ପରିସରରେ ଚାରି ଦଶନ୍ଧି ଧରି ଅତି ସଫଳତାର ସହ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାକୁ ଅଶି ଦଶକର ଶେଷ ଆଡକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଓ ଜଣାଶୁଣା ଯୋଗଗୁରୁ ସୀତାରାମ ଶର୍ମା ଆରମ୍ଭ କରିଥିଲେ। ସେବେଠାରୁ କୁନି କୁନି ପିଲା, କିଶୋର କିଶୋରୀ, ଯୁବକଯୁବତୀ ଓ ବୟସ୍କଙ୍କ ପାଇଁ ଏହା ଦେଶ ସୁନ୍ଦର ପ୍ଲାଟଫର୍ମ ସାଜିଛି। ଏହି ଉତ୍ସବରେ ଓଡିଶା ଯୋଗାସନ ଆସୋସିଏସନ ସଭାପତି ଭକ୍ତବଲ୍ଲଭ ଦାସ କହିଛନ୍ତି, ଦୁଇ ଦିନ ଧରି ଏହି ପ୍ରତିଯୋଗିତାରେ ପିଲାଙ୍କୁ ବିଭିନ୍ନ ଆସନ ଉପରେ ଶ୍ରେଷ୍ଠ କୌଶଳ ପ୍ରଦର୍ଶନ କରିବାର ସୁଯୋଗ ଦିଆଯାଉଛି। ଯେଉଁ ଖେଳାଳି ସର୍ବାଧିକ ପଏଣ୍ଟ ହାସଲ କରିବେ ସେମାନଙ୍କୁ ଟ୍ରଫି ସହ ଟାଇଟଲ ପ୍ରଦାନ କରାଯିବ। ଏଥିସହିତ ଯୋଗାସନର ବିଭିନ୍ନ ସୁଫଳ ଉପରେ ଏହି ସଚେତନତା ସୃଷ୍ଟି କରାଯାଉଛି। ପୂର୍ବତନ ବିଚାରପତି ବିମଳ ପ୍ରସାଦ ଦାସ, ମାନସ ସାର୍, ଡାକ୍ତର ସି ଭି କେ ମହାନ୍ତି, ଡାକ୍ତର ଅନଙ୍ଗ ଦ୍ୱିବେଦୀ ପ୍ରମୁଖ ଅତିଥି ଯୋଗ ଦେଇଥିଲେ।

# ଅଭିଷେକଙ୍କ କାର୍ଯ୍ୟାଳୟ ଉଚ୍ଛେଦ ଉପରେ ହାଇକୋର୍ଟଙ୍କ ରୋକ

ନୂଆଦିଲ୍ଲୀ,୧୯।୭(ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ ଅଭିଷେକ ବାନାର୍ଜୀଙ୍କ ଦକ୍ଷିଣ ୨୪ ପ୍ରଗଣାର ଆମତଳାସ୍ଥିତ କାର୍ଯ୍ୟାଳୟ ଉଚ୍ଛେଦ ପ୍ରକ୍ରିୟା ଉପରେ ରବିବାର କଲିକତା ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେଠାରେ ସମସ୍ତ ପ୍ରକାର ଭଙ୍ଗାରୁଜା କାର୍ଯ୍ୟ ବନ୍ଦ ରଖିବାକୁ କୋର୍ଟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। କଡ଼ା ସୁରକ୍ଷା ମଧ୍ୟରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହି ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହେବାର ମାତ୍ର କିଛି ଘଣ୍ଟା ମଧ୍ୟରେ ହାଇକୋର୍ଟ ଏହି ହସ୍ତକ୍ଷେପ କରିଛନ୍ତି। ସୂଚନାଯୋଗ୍ୟ, ଗତ ଶନିବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ସଂସଦୀୟ କାର୍ଯ୍ୟାଳୟଟି ବେଆଇନ ଭାବେ ଏବଂ ବିନା ନକ୍ସା ଅନୁମୋଦନରେ ନିର୍ମାଣ ହୋଇଥିବା ଦର୍ଶାଇ ଭାଙ୍ଗିବା ଆରମ୍ଭ କରାଯାଇଥିଲା। ଏହାକୁ ନେଇ ଅଭିଷେକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ କାର୍ଯ୍ୟାନୁଷ୍ଠାନକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଥିଲେ। ସମସ୍ତ ଆଇନଗତ ଅନୁମତି ନେଇ ଦଳ ପକ୍ଷରୁ ଜମି କିଣାଯାଇ ଏହି କାର୍ଯ୍ୟାଳୟ ତିଆରି ହୋଇଥିବା ସେ ଦାବି କରିବା ସହ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବର୍ତ୍ତମାନ ସେଠାରେ ଉଚ୍ଛେଦ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଛି।

**ଇରାନରେ ଆଭ୍ୟନ୍ତରୀଣ କନ୍ଦଳ**

# ଆମେରିକା ସହ ଚୁକ୍ତିକୁ ନେଇ ନେତୃତ୍ୱ ବିରୋଧରେ ଗର୍ଜିଲେ କଠୋରପନ୍ଥୀ

ତେହେରାନ,୧୯।୭(ଏଜେନ୍ସି): ଇରାନର ସର୍ବୋଚ୍ଚ ନେତା ମୋଜତାବା ଖାମେନେଇ ସର୍ବସାଧାରଣଙ୍କ ସମ୍ମୁଖକୁ ନ ଆସିବା ଏବଂ ଆମେରିକା ସହିତ ଏକ ଚୁକ୍ତି ସ୍ୱାକ୍ଷରିତ ହେବା ପରେ ଦେଶର ରାଜନୈତିକ ବ୍ୟବସ୍ଥାରେ ଏକ ବଡ଼ ଧରଣର କ୍ଷମତା ଯୁଦ୍ଧ ଆରମ୍ଭ ହୋଇଯାଇଛି। ଇରାନର କଟ୍ଟରପନ୍ଥୀ ଗୋଷ୍ଠୀଗୁଡ଼ିକ ବର୍ତ୍ତମାନର ସରକାରୀ ନେତୃତ୍ୱ ବିରୋଧରେ ଏକ "ନରମ ସାମରିକ ବିପ୍ଲବ' ବା କ୍ଷମତା ଅପହରଣର ଅଭିଯୋଗ ଆଣିଛନ୍ତି। ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଅଲ୍ଲୀ ଖାମେନେଇଙ୍କ ଶେଷକୃତ୍ୟ ସମୟରେ ଏହି ତିକ୍ତତା ସର୍ବସାଧାରଣରେ ପ୍ରକାଶ ପାଇଥିଲା। ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଶୋଭାଯାତ୍ରାରେ ଚାଲୁଥିବା ବେଳେ କେତେକ ପ୍ରତିବାଦକାରୀ ତାଙ୍କ ବିରୋଧରେ "ଆପୋଷ ବୁଝାମଣାକାରୀଙ୍କ ମୃତ୍ୟୁ ହେଉ' ବୋଲି ସ୍ଲୋଗାନ ଦେଇଥିଲେ। ସେହିପରି ଆମେରିକା ସହ ଚୁକ୍ତି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚିଙ୍କ ଉପରକୁ ଉତ୍ତ୍ୟକ୍ତ ଲୋକେ ପଥର ମାଡ଼ କରିବାରୁ ସେ ସେଠାରୁ ଚାଲିଯିବାକୁ ବାଧ୍ୟ ହୋଇଥିଲେ। ନୂତନ ସର୍ବୋଚ୍ଚ ନେତା ମୋଜତାବା ଖାମେନେଇ ସୁରକ୍ଷା କିମ୍ବା ସ୍ୱାସ୍ଥ୍ୟଗତ କାରଣରୁ ଦୀର୍ଘ ଦିନ ହେବ ସାମ୍ନାକୁ ଆସୁନାହାନ୍ତି। ତାଙ୍କ ଅନୁପସ୍ଥିତିରେ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ, ରାଷ୍ଟ୍ରପତି ଏବଂ ବୈଦେଶିକ ମନ୍ତ୍ରୀ ଶାସନ କାର୍ଯ୍ୟ ପରିଚାଳନା କରୁଛନ୍ତି। କଠୋରପନ୍ଥୀଙ୍କ ଅଭିଯୋଗ ଅନୁଯାୟୀ, ଏହି ନେତାମାନେ ସଂସଦ ଏବଂ ସର୍ବୋଚ୍ଚ ନେତାଙ୍କ ନିର୍ଦ୍ଦେଶକୁ ଅବମାନନା କରି ଆମେରିକା ଆଗରେ ଆତ୍ମସମର୍ପଣ କରିଛନ୍ତି ଏବଂ ନିଜର କ୍ଷମତା ଜାହିର କରୁଛନ୍ତି। ଇସ୍ରାଏଲ ଆକ୍ରମଣରେ ପୂର୍ବତନ ନେତାଙ୍କ ମୃତ୍ୟୁର ପ୍ରତିଶୋଧ ନେବା ପରିବର୍ତ୍ତେ ଏଭଳି ଶାନ୍ତି ଚୁକ୍ତିକୁ ସେମାନେ ଗ୍ରହଣ କରିପାରୁନାହାନ୍ତି। ଚୁକ୍ତି ସତ୍ତ୍ୱେ ହର୍ମୁଜ ପ୍ରଣାଳୀରେ ଇରାନର ସାମରିକ ବାହିନୀ ପକ୍ଷରୁ ଜାହାଜଗୁଡ଼ିକ ଉପରେ ଆକ୍ରମଣ କରାଯିବା ଏବଂ ଏହାର ଜବାବରେ ଆମେରିକା ପକ୍ଷରୁ ଓଲଟା ଆକ୍ରମଣ ଯୋଗୁଁ ପରିସ୍ଥିତି ଅଧିକ ଜଟିଳ ହୋଇଛି। କେତେକ କଟ୍ଟରପନ୍ଥୀ ସାଂସଦ ଏବଂ ନେତା ସରକାରଙ୍କୁ ଖୋଲାଖୋଲି ଧମକ ଦେବା ସହ ଆମେରିକୀୟ ସୈନ୍ୟମାନଙ୍କୁ ବନ୍ଦୀ କରିବାକୁ ଆହ୍ୱାନ ଦେଇଛନ୍ତି। ଚୁକ୍ତିର ବିରୋଧ କରୁଥିବା କେତେକ ପ୍ରମୁଖ ସଦସ୍ୟଙ୍କୁ ଜାତୀୟ ସୁରକ୍ଷା କମିଟିରୁ ବାଦ୍ ଦିଆଯିବା ପରେ ସଂସଦ ମଧ୍ୟରେ ମଧ୍ୟ ବିବାଦ ତୀବ୍ର ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ଏହି ଆଭ୍ୟନ୍ତରୀଣ ବିଭାଜନ ଉପରେ ମନ୍ତବ୍ୟ ଦେଇଛନ୍ତି। ବିଶ୍ଳେଷକଙ୍କ ମତରେ, ଆର୍ଥିକ କଟକଣାରୁ ମୁକ୍ତି ପାଇଁ ଦେଶର ଶୀର୍ଷ ନେତୃତ୍ୱ ଚୁକ୍ତି ଚାହୁଁଥିବା ବେଳେ, କ୍ରାନ୍ତିକାରୀ ଆଦର୍ଶ ରକ୍ଷା ନାମରେ କଟ୍ଟରପନ୍ଥୀ ସେନା ଏବଂ ଧାର୍ମିକ ଗୋଷ୍ଠୀ ଏହାକୁ ବିରୋଧ କରୁଛନ୍ତି। ଏହି ଆଭ୍ୟନ୍ତରୀଣ ସଂଘର୍ଷ ଆଗାମୀ ଦିନରେ ଇରାନର ସ୍ଥିରତା ଏବଂ ଅନ୍ତର୍ଜାତୀୟ ସମ୍ପର୍କକୁ ବେଶ୍ ପ୍ରଭାବିତ କରିବ।

■ ଇରାନର କ୍ଷେପଣାସ୍ତ୍ର ଆକ୍ରମଣ

# ଜୋର୍ଡାନରେ ୨ ଆମେରିକୀୟ ସୈନ୍ୟ ନିହତ, ଜଣେ ନିଖୋଜ

ୱାସିଂଟନ/ଅମ୍ମାନ,୧୯।୭(ଏଜେନ୍ସି): ଜୋର୍ଡାନରେ ମୁତୟନ ଥିବା ଆମେରିକୀୟ ସେନା ଉପରେ ଇରାନ ପକ୍ଷରୁ କରାଯାଇଥିବା ବାଲିଷ୍ଟିକ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣରେ ୨ ଜଣ ଆମେରିକୀୟ ସୈନ୍ୟ ନିହତ ହୋଇଥିବାବେଳେ ଜଣେ ସୈନ୍ୟ ନିଖୋଜ ଅଛନ୍ତି। ଆମେରିକାର କେନ୍ଦ୍ରୀୟ କମାଣ୍ଡ (ସେଣ୍ଟକମ୍) ଶନିବାର ଏହି ସୂଚନା ଦେଇଛି। ପେଣ୍ଟାଗନ୍‌ର ବିବୃତ୍ତି ଅନୁସାରେ, ଜୁଲାଇ ୧୭ରେ ସେଣ୍ଟକମ୍ ଓ ତାହାର ସହଯୋଗୀ ବାହିନୀ ଇରାନର କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣକୁ ପ୍ରତିହତ କରୁଥିବା ବେଳେ ଏହି ଘଟଣା ଘଟିଥିଲା। ଏହା ସହିତ ଯୁଦ୍ଧ ଆରମ୍ଭ ହେବା ପରଠାରୁ ନିହତ ଆମେରିକୀୟ ସେନା ସଦସ୍ୟଙ୍କ ସଂଖ୍ୟା ୧୬ରେ ପହଞ୍ଚିଥିବାବେଳେ ୪୩୦ରୁ ଅଧିକ ଆହତ ହୋଇଛନ୍ତି। ଆକ୍ରମଣ ପରେ ୪ ଜଣ ଆମେରିକୀୟ ସୈନ୍ୟଙ୍କୁ ଜୋର୍ଡାନର ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଯାଇଥିଲା। ସେମାନେ ସୁସ୍ଥ ହୋଇ ହସ୍ପିଟାଲରୁ ଛାଡ଼ ପାଇଥିବାବେଳେ ସାମାନ୍ୟ ଆହତ ହୋଇଥିବା ଅନ୍ୟ ସୈନ୍ୟମାନେ ପୁଣି କର୍ତ୍ତବ୍ୟରେ ଯୋଗ ଦେଇଛନ୍ତି। ସେଣ୍ଟକମ୍ କହିଛି, ନିହତ ସୈନ୍ୟମାନଙ୍କ ପରିବାରକୁ ଆନୁଷ୍ଠାନିକ ଭାବେ ସୂଚନା ଦିଆଯିବା ପର୍ଯ୍ୟନ୍ତ ସେମାନଙ୍କ ପରିଚୟ ପ୍ରକାଶ କରାଯିବ ନାହିଁ। ଏହାରି ମଧ୍ୟରେ ଇରାନର ସର୍ବୋଚ୍ଚ ନେତା ମୋଜତବା ଖାମେନେଇ ଆମେରିକାକୁ କଡ଼ା ଚେତାବନୀ ଦେଇ କହିଛନ୍ତି, ଯଦି ଆମେରିକା ଆକ୍ରମଣ ଜାରି ରଖେ, ତେବେ ତାହାକୁ "ଅଭୁଲା ଶିକ୍ଷା" ମିଳିବ। ସେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କରାଯାଇଥିବା ପୋଷ୍ଟରେ ଆମେରିକା ଉପରେ ଯୁଦ୍ଧକୁ ଉସୁକାଇବାର ଅଭିଯୋଗ ଆଣିବା ସହ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱାକ୍ଷର ଥିବା କୌଣସି ଚୁକ୍ତିକୁ "ମୂଲ୍ୟହୀନ ଓ ଅବୈଧ' ବୋଲି ବର୍ଣ୍ଣନା କରିଛନ୍ତି। ଅନ୍ୟପକ୍ଷରେ, ଆମେରିକୀୟ ସେନା ଲଗାତାର ସପ୍ତମ ରାତି ପାଇଁ ଇରାନର ନଜରଦାରି କେନ୍ଦ୍ର, ସାମରିକ ରସଦ ବ୍ୟବସ୍ଥା, ଭୂତଳ ତଳେ ଥିବା ଅସ୍ତ୍ର ଭଣ୍ଡାର ଓ ସାମୁଦ୍ରିକ କ୍ଷମତାକୁ ଲକ୍ଷ୍ୟ କରି ଆକ୍ରମଣ କରିଥିବା ଦାବି କରିଛି।

**AFFIDAVIT**

By virtue of an affidavit sworn before the Executive Magistrate, Surada, Ganjam, dtd. 06.07.2026, I, Mamajini Swain, Vill- Balighai, P.O. Amrutulu, P.S. Surada, Dist. Ganjam hereby declare that my name has been wrongly recorded as Mamajin Swain in my Aadhaar Card instead of my correct name Mamajini Swain. Henceforth I shall be known as **Mamajini Swain** for all purposes.

**Mamajini Swain**

**ପୌର ପରିଷଦ ପରିଷଦ କାର୍ଯ୍ୟାଳୟ, ଉମରକୋଟ**

**ବିଜ୍ଞାପନ**

୧. ରାସ୍ତା ଉପରେ ବାଲି, ମାଟି ବା ଅନ୍ୟାନ୍ୟ ଗୃହ ନିର୍ମାଣ ସାମଗ୍ରୀ ଜମା କରି ରାସ୍ତା ଅବରୋଧ ଓ ନାଳର କ୍ଷତି କରନ୍ତୁ ନାହିଁ।

୨. ପ୍ଲାଷ୍ଟିକ, ପଲିଥିନ ବ୍ୟାଗ ବଦଳରେ ଝୋଟ ଓ କପଡା ବ୍ୟାଗ ବ୍ୟବହାର କରି ପରିବେଶକୁ ସୁରକ୍ଷା କରନ୍ତୁ ।

୩. ପରିମଳ ବ୍ୟବସ୍ଥାର ସୁରକ୍ଷା ଓ ଉନ୍ନତି ଘଟାଇ ସୁସ୍ଥ ପରିବେଶ ଗଠନ କରନ୍ତୁ ।

୪. ନୂତନ ଘର ନିର୍ମାଣ ପୂର୍ବରୁ ଗୃହର ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ ।

୫ ରାସ୍ତା ଉପରେ ଗୃହ ପାଳିତ ପଶୁ ଗୁଡିକୁ ଅନଧିକାର ଭାବେ ଛାଡନ୍ତୁନାହିଁ ।

୬. ବୃକ୍ଷ ରୋପଣ କରି ପରିବେଶକୁ ରକ୍ଷା କରନ୍ତୁ ଓ ପରବର୍ତ୍ତୀ ପିଢି ପାଇଁ ଉପହାର ଦିଅନ୍ତୁ ।

୭. ଜଳ ନଷ୍ଟ କରୁନ୍ତୁ ନାହିଁ, ବର୍ଷା ଜଳକୁ ସଂରକ୍ଷଣ କରି ବ୍ୟବହାର କରନ୍ତୁ ।

୮. ପରିଷଦରୁ ଟ୍ରେଡ ଲାଇସେନ୍ସ କରାଇନିଅନ୍ତୁ ଏବଂ ପୂର୍ବରୁ ଥିବା ଲାଇସେନ୍ସକୁ ନବୀକରଣ କରାଇ ନିଅନ୍ତୁ ।

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ, ଉମରକୋଟ

25001/755/2627
e-mail ID: rw_rayagada@yahoo.co.in

GOVERNMENT OF ODISHA
**OFFICE OF THE EXECUTIVE ENGINEER**
**RURAL WORKS DIVISION: RAYAGADA**
**GEPNIC e-Procurement Notice**
**Bid Identification No: EERWRGD – Online – 07/2026-27**
Letter No.: 2423, Date: 10-7-2026

1. **Name of the Work:** Maintenance of Road works
2. **Total No. of Works:** 7 Nos. (Percentage rate tender)
3. **Estimated Cost:** Varies from 55.08 lakhs to 80.51 lakhs
4. **Class of Contractor:** "B" Class
5. **Time of Completion:** Specified in DTCN.
6. **Mode of submission of tender:** Tender should be submitted only in online https://www.tendersodisha.gov.in
7. **Other details:** Detailed tender condition specified in DTCN. The opening of the financial Bid will be intimated later.

| Procurement Officer | Bid Identification No. | No. of Works | Availability of Tender Online for Bidding | | Last Date & Time of Seeking Tender Clarification | Date & Time of Opening of Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Rayagada | EERWRGD Online – 07/2026-27 | 07 (Seven) Nos | 22.07.2026 at 11.00 A.M. | 03.08.2026 Upto 5.00 P.M. | 01.08.2026 upto 5.00 P.M. | 04.08.2026 at 11.00 A.M. |

Further details can be seen from the website: www.tendersodisha.gov.in

OIPR-25001/25072/1/26-27/0008

**Executive Engineer**
**Rural Works Division, Rayagada**

## ନିଆରା ରଥଯାତ୍ରା
# ରେମଣ୍ଡାରେ ଆଷାଢ଼ ପଞ୍ଚମୀ ତିଥିରେ ଗଡ଼ିଲା ରଥ

ଇବ୍‌ଥର୍ମାଲ,୧୯ ।୭ (ସମିସ)



ସଦଭାବନାର ଶ୍ରୀକ୍ଷେତ୍ର ଭାବେ ପରିଚିତ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ରେମଣ୍ଡାରେ ଆଷାଢ଼ ପଞ୍ଚମୀ ତିଥି ରବିବାର ଦିନ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମୁସଲମାନ ଗୌନ୍ତିଆ ବଂଶଜ ବିଶିଷ୍ଟ କବି ମହମ୍ମଦ ଜମିଉଲ୍ଲାଙ୍କ ବଡପୁଅ ମହମ୍ମଦ୍ ଅଖତର୍ ଏହି ରଥଯାତ୍ରା ବେଳେ ଛେରା ପହଁରା କରିଥିଲେ । ପୂଜକ ସୁବାସ ଶତପଥୀ ଠାକୁରଙ୍କୁ ଗୁଡିଘରେ ପୂଜା ଅର୍ଚ୍ଚନା କରିବା ପରେ କୀର୍ତ୍ତନ, ଘଣ୍ଟଘଣ୍ଟା ସହ ଠାକୁରଙ୍କ ପହଣ୍ଡି ଅନୁଷ୍ଠିତ ହୋଇଥିଲା । ଗ୍ରାମର ହୀନ୍ଦୁ, ମୁସଲମାନ ସମସ୍ତେ ଏକାଠି ହୋଇ ୧୨୬ ତମ ରଥଯାତ୍ରା ପାଳନ କରିଛନ୍ତି । ଗ୍ରାମବାସୀଙ୍କ କହିବା କଥା ଯେ ଏହି ଗ୍ରାମର ଗୌନ୍ତିଆ ହେଉଛନ୍ତି ମୁସଲମାନ ବଂଶର । ଏଣୁ ଗ୍ରାମରେ ହୀନ୍ଦୁ ପର୍ବ, ମୁସଲିମ୍ ପର୍ବ ସବୁ ମିଳିମିଶି ପାଳନ କରାଯାଏ । ଏହି ପରମ୍ପରା ପଛର କାହାଣୀ ହେଲା ୧୯୦୦ ମସିହାରେ ରେମଣ୍ଡା ଗ୍ରାମବାସୀ ନିଜ ଗ୍ରାମରେ ରଥଯାତ୍ରା ଆୟୋଜନ କରିବାକୁ ତତ୍କାଳୀନ ଗୌନ୍ତିଆ ୱାରସ୍ ମହମ୍ମଦଙ୍କ ନିକଟରେ ସେତେବେଳେ ପ୍ରସ୍ତାବ ରଖିଥିଲେ । ଗୌନ୍ତିଆ ଏଭଳି ପ୍ରସ୍ତାବକୁ ଗ୍ରହଣ କରି ନିଜେ ରଥଯାତ୍ରାରେ ସାମିଲ ହେବାର ଘୋଷଣା କରିଥିଲେ । ସେତେବେଳେ ଗାଁରେ ଜଗନ୍ନାଥ ମନ୍ଦିର ନ ଥିଲା । ଏବେ ବି ମନ୍ଦିର ତିଆରି ଚାଲିଛି । ପୂରା ହୋଇନାହିଁ । ସେତେବେଳେ ଠାକୁର ବି ନ ଥିଲେ । ହୀରାକୁଦ ନଦୀବନ୍ଧ ନିର୍ମାଣ ହେବା ପୂର୍ବରୁ କୁଲସର (ଏବେ ହୀରାକୁଦ ଜଳଭଣ୍ଡାରରେ ଜଳମଗ୍ନ) ଗ୍ରାମରୁ କେବଳ ଜଗନ୍ନାଥଙ୍କ ବିଗ୍ରହଙ୍କୁ ଅତିଥି ଭାବେ ଅଣାଯାଇ ପୂଜାର୍ଚ୍ଚନା ସହ ରଥଯାତ୍ରା କରାଯାଉଥିଲା । ଯେହେତୁ ଅନ୍ୟଗ୍ରାମରୁ ବିଗ୍ରହ ଅଣାଯାଉଥିଲା ଏଣୁ ଆଷାଢ଼ ଦ୍ୱିତୀୟା ପରିବର୍ତ୍ତେ ହେରା ପଞ୍ଚମୀ ତିଥିକୁ ରଥଯାତ୍ରା କରିବା ପାଇଁ ସ୍ଥିର କରା ଯାଇଥିଲା । ପରେ ହୀରାକୁଦ ନଦୀବନ୍ଧ ହେତୁ କୁଲସର ଗ୍ରାମ ବୁଡିଗଲା ଓ ଲୋକେ ବିସ୍ଥାପିତ ହେଲେ । ପରେ ସୁନାରୀ ଗ୍ରାମରୁ କେବଳ କାଳିଆ ଠାକୁରଙ୍କୁ ଅଣାଯାଇ ରଥଯାତ୍ରା କରା ଯାଉଥିଲା । ଏବେ ୯/୧୦ବର୍ଷ ହେବ ପ୍ରଭୁ ଜଗନ୍ନାଥ, ବଳଭଦ୍ର, ମାତା ସୁଭଦ୍ରାଙ୍କ ଓ ସୁଦର୍ଶନଙ୍କ ବିଗ୍ରହ ଗାଁକୁ ଅଣାଯାଇ ପୂଜକ ଶ୍ରୀ ଶତପଥୀଙ୍କ ଘରେ ରଖି ରଥଯାତ୍ରା କରା ଯାଉଛି; ହେଲେ ଗ୍ରାମବାସୀ ତିଥିରେ କୌଣସି ପରିବର୍ତ୍ତନ କରିନାହାନ୍ତି ।

**ଛେରାପହଁରା କଲେ ମୁସଲମାନ ଗୌନ୍ତିଆ ମହମ୍ମଦ ଅଖତର୍**

## କାମ କଲାନି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ଇବଥର୍ମାଲ,୧୯ ।୭ (ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ତୃତୀୟ ଜୋନ ଅଧୀନ ରମ୍ପେଲା ସେତୁ ଓ ଏହାକୁ ସଂଯୋଗ କରୁଥିବା ରାସ୍ତାରେ ୨୪ ଘଣ୍ଟା ଭାରୀଯାନ ଚଳାଚଳ କରୁଛି । ଏଣୁ ଜଟିଳ ଟ୍ରାଫିକର ସମସ୍ୟା ସୃଷ୍ଟି ହେଉଛି । ଦୁର୍ଘଟଣା ବଢୁଛି । ଲୋକଙ୍କ ଜନଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ଶନିବାର ଝାରସୁଗୁଡ଼ା ଜିଲ୍ଲାପାଳ କୁନାଳ ମୋତିରାମ ଚୌହାନ କଟକଣା ଜାରି କରିଛନ୍ତି । ୧୮ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ରମ୍ପେଲା ସେତୁ ଉପରେ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ କୌଣସି ଭାରୀଯାନ ଚଳାଚଳ କରିପାରିବ ନାହିଁ ବୋଲି କଟକଣା ଜାରିଛନ୍ତି । ଜିଲ୍ଲାପାଳଙ୍କ ଚିଠି ସୋସିଆଲ ମିଡିଆରେ ଘୁରି ବୁଲୁଛି । ସ୍ଥାନୀୟ ଅଞ୍ଚଳ ଲୋକେ ଏହାପରେ ଆସ୍ୱସ୍ଥ ହୋଇଥିଲେ । ରବିବାରଠାରୁ ଅନ୍ତତଃ ଏହି କଟକଣା କଡ଼ାକଡ଼ି ପାଳନ ହେବ ବୋଲି ଲୋକେ ଆଶା କରୁଥିଲେ; ହେଲେ ଆଜି ସକାଳୁ ଦିନ ସାରା ଭାରୀଯାନ ଚଳାଚଳ କରୁଥିଲା । ସ୍ଥାନୀୟ ଲୋକେ ଏହି ଅଭିଯୋଗ ଆଣିଛନ୍ତି । ଭାରୀଯାନ ଚଳାଚଳ କରୁଥିବା ଫଟୋ ଭାଇରାଲ ହେବାରେ ଲାଗିଛି ।



## ବିଜୁଳି ବିଭ୍ରାଟ ଘଟିଲେ ଜିଓ କାମ କରୁନାହିଁ

**ତରଭା,୧୯ ।୭ (ସମିସ):** ତରଭା ଅଞ୍ଚଳରେ ବିଜୁଳି ବିଭ୍ରାଟ ଘଟିଲେ ଜିଓ ନେଟୱାର୍କ କାମ କରୁନାହିଁ । ଏହି ସମସ୍ୟା ୧ ବର୍ଷରୁ ଅଧିକ ହେଲାଣି ଦେଖିବାକୁ ମିଳୁଛି । ବିଜୁଳି ବିଭ୍ରାଟ ଘଟିଲେ ଜିଓ ନେଟୱାର୍କରେ କଥାବାର୍ତ୍ତା କରିବା ସମ୍ଭବ ହେଉନାହିଁ । ହ୍ୱାଟ୍ସଆପ୍, ୟୁଟ୍ୟୁବ, ଇନଷ୍ଟାଗ୍ରାମ, ଏକ୍ସ କିଛି କାମ କରୁନାହିଁ । ଜିଓ ଗ୍ରାହକଙ୍କଠାରୁ ପ୍ଲାନ ପାଇଁ ଚଢା ଦର ଅସୁଲ କରୁଛି; ହେଲେ ଠିକ୍ ଭାବେ ସେବା ଯୋଗାଇ ପାରୁନାହିଁ । ବର୍ତ୍ତମାନ ରଥଯାତ୍ରା ସମୟ । ରଥଟଣା ସମୟରେ ୪ ଘଣ୍ଟାରୁ ଅଧିକ ବିଜୁଳି କାଟ ହେଉଛି । ଏହି ୪ ଘଣ୍ଟା ଜିଓ ନେଟୱାର୍କ ରହୁନାହିଁ । ଏହାଫଳରେ ଉପଭୋକ୍ତା ନାହିଁ ନ ଥିବା ଅସୁବିଧା ଭୋଗ କରିବା ସହ ଠକାମୀରେ ପଡୁଥିବା ଅନୁଭବ କରୁଛନ୍ତି । ଆଜି ଭାରତ-ଇଂଲଣ୍ଡ ତୃତୀୟ ଏକ ଦିବସୀୟ କ୍ରିକେଟ ମ୍ୟାଚ ଦେଖିବାରୁ ଜିଓ ଗ୍ରାହକ ବଞ୍ଚିତ ହୋଇଛନ୍ତି ।

## ନିଟ୍‌ରେ ୫୮୨ ନମ୍ବର ରଖିଲେ ବୁଣାକାର ପରିବାର ପୁଅ ଭରତ ମେହେର

**ଜହ୍ନାପଙ୍କ,୧୯ ।୭ (ସମିସ ):** ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣନଗର ଗ୍ରାମର ଭରତ କୁମାର ମେହେର ନିଟ୍ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ଜଣେ ସାଧାରଣ ବୁଣାକାର ପରିବାରରୁ ଆସିଥିବା ଭରତ ସମୁଦାୟ ୭୨୦ ନମ୍ବରରୁ ୫୮୨ ନମ୍ବର ହାସଲ କରି ଅଲ ଇଣ୍ଡିଆ ରାଙ୍କ ୧୭୦୨୫ ଅଧିକାର କରିଛନ୍ତି । ତାଙ୍କ ବାପା ଯୋଗୀନ୍ଦ୍ର ମେହେର ଜଣେ ବୁଣାକାର ଏବଂ ମା’ ଗୃହିଣୀ । ନିଜର ଅକ୍ଳାନ୍ତ ପରିଶ୍ରମ ବଳରେ ସେ ଏହି ସଫଳତା ହାସଲ କରିଛନ୍ତି । ଭରତ ଗ୍ରାମରେ ଥିବା ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସମାପ୍ତ କରିଥିଲେ । ପାଲଝାର ନବୋଦୟ ବିଦ୍ୟାଳୟରୁ +୨ ଶିକ୍ଷା ଶେଷ କରିଥିଲେ । ୨ ବର୍ଷ ଧରି କଟକର ଏକ ଘରୋଇ କୋଚିଂ ପ୍ରତିଷ୍ଠାନରେ ପ୍ରସ୍ତୁତି ଚଳାଇଥିଲେ । ସଫଳତା ପଛରେ ଦୈନିକ ୧୦ରୁ ୧୧ ଘଣ୍ଟା ନିୟମିତ ଅଧ୍ୟୟନ ଓ କଠିନ ପରିଶ୍ରମ ରହିଥିବା ଭରତ କହିଛନ୍ତି । ତେବେ ଦ୍ୱିତୀୟ ପ୍ରୟାସରେ ସେ ଏହି ସଫଳତା ହାସଲ କରିଛନ୍ତି ।



## ନିଟ୍‌ରେ କୁନାଲଙ୍କ ସଫଳତା

**ଡୁଙ୍ଗୁରିପାଲି,୧୯ ।୭ (ସମିସ):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ବାଙ୍କିପାଲି ଗ୍ରାମର ଏସ୍‌ଜି କୁନାଲ ତାଣ୍ଡି ଚଳିତ ବର୍ଷର ଏନଇଇଟି ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଛନ୍ତି । ସେ ସମୁଦାୟ ୭୨୦ନମ୍ବରରୁ ୬୦୫ନମ୍ବର ରଖି ସର୍ବଭାରତୀୟସ୍ତରରେ ଡାକ୍ତରୀ ପଢିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । କୁନାଲଙ୍କ ବାପା ଗଣନାଥ ତାଣ୍ଡି ବଲେନପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି । ମା’ ସୂର୍ଯ୍ୟକାନ୍ତି ଦୀପ ମଧ୍ୟ ଜଣେ ଶିକ୍ଷୟିତ୍ରୀ । ସେ ଗାଁ ସ୍କୁଲରେ ନିଯୁକ୍ତ । କୁନାଲ ଷଷ୍ଠରୁ ଦ୍ୱାଦଶ ପର୍ଯ୍ୟନ୍ତ ତରଭା ନବୋଦୟ ବିଦ୍ୟାଳୟ ରେ ଅଧ୍ୟୟନ କରିଥିଲେ । ପରେ ସେ ବଲାଙ୍ଗୀରର ଯୁବୋଦୟ ଶିକ୍ଷାନୁଷ୍ଠାନରେ ଶିକ୍ଷା ଲାଭ କରୁଥିଲେ ।



## ବିପୁଳ ମଦ ସହ ବାଲି ବୋଝେଇ ହାଇୱା ଜବତ
### ୩ ଗିରଫ

**ଶଗଡା,୧୯ ।୭ (ସମିସ):** ମନମୁଣ୍ଡା ପୁଲିସ ୩ଟି ସ୍ଥାନରେ ଚଢ଼ଉ କରି ବିପୁଳ ପରିମାଣର ଦେଶୀ, ବିଦେଶୀ ମଦ ଜବତ କରିଛି । ଏହାସହ ୩ଜଣକୁ ଗିରଫ କରିଛି । ମନମୁଣ୍ଡା ଥାନା ଏଏସ୍‌ଆଇ ଧରଣୀଧର ମହାକୁଡ଼ ପାଟ୍ରୋଲିଂ କରୁଥିବା ସମୟରେ ମନୋହରପୁର ଗ୍ରାମ ନିକଟରେ ଗୋଟିଏ ହାଇୱା (ଓଡ଼ି ୩୧ସି ୩୦୭୫) କୁ ଧରିଥିଲେ । ଏଥିରେ ବେଆଇନ ଭାବେ ବାଲି ଭର୍ତ୍ତି ହୋଇ ଦ୍ରୁତ ଓ ବେପରୁଆ ଭାବେ ଯାଇଥିଲା । ଗାଡିକୁ ଅଟକାଇ ତଦନ୍ତ କଲା ପରେ ଚାଳକ ବାଲି ସମ୍ପର୍କରେ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ । ଆବଶ୍ୟକ କାଗଜପତ୍ର ଦେଖାଇ ପାରି ନ ଥିବାରୁ ବେଆଇନ ବାଲି ଚୋରା ଚାଲାଣ ଅଭିଯୋଗରେ ଭାଲିଆପଦର ଗ୍ରାମର ଲକ୍ଷ୍ମୀଧର ଛନ୍ଦକୁ ପୁଲିସ ଗିରଫ କରିଛି । ସେହିପରି ଶ୍ରୀ ମହାକୁଡ ପାଟ୍ରୋଲିଂ କରୁଥିବା ସମୟରେ ଖଣ୍ଡିକନପା ଗ୍ରାମର ଅଶୋକ ମହାକୁଡକୁ ଧରିଥିଲେ । ସେ ବେଆଇନ ଭାବେ ବିଦେଶୀ ମଦ ରଖି ବିକ୍ରି କରୁଥିବା ଅଭିଯୋଗରେ ଧରା ପଡିଥିଲା । ଅଶୋକ ନିକଟରୁ ୩୬ଟି ଟିଣ ବିୟର ବୋତଲ ଜବତ କରି ପୁଲିସ ତାକୁ ଗିରଫ କରିଛି । ଅନ୍ୟପକ୍ଷେ ଏଏସଆଇ ଅଜୟ ସିଂ ବାରିକଙ୍କ ନେତୃତ୍ୱରେ ମନମୁଣ୍ଡା ପୁଲିସର ଏକ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ମନମୁଣ୍ଡା ଗାନ୍ଧୀ ଛକରେ ଗୋଟିଏ କାର୍ ତଲାସି କରିଥିଲା । ସେଥିରୁ ୩ଟି କାର୍ଟୁନରେ ସମୁଦାୟ ୩୬ଟି ଟିଣ ବିୟର ବୋତଲ ବାହାରିଲା । ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ୧୮ ଲିଟର ବିୟର ଜବତ କରି ପୁଲିସ ଅରଖପଦର ଗ୍ରାମର ଆଲୋକ ଶତପଥୀକୁ ଗିରଫ କରିଛି ।

## ପାଣିଭର୍ତ୍ତି ଗାତରେ ପଡି ଶିଶୁ ମୃତ

**ବଲାଙ୍ଗିର,୧୯ ।୭ (ସମିସ):** ବଲାଙ୍ଗିର ଜିଲ୍ଲା ପୁଇଁତଲା ଥାନା ବରଣ୍ଡାବାହାଲରେ ଜଣେ ୩ ବର୍ଷର ଶିଶୁ ଏକ ପାଣି ଭର୍ତ୍ତି ଗାତରେ ପଡି ମୃତ୍ୟୁ ଘଟିଛି । ମୃତକ ହେଉଛି ଜପେଶ୍ୱର ସାହୁଙ୍କ ୩ବର୍ଷର ପୁଅ । ବର୍ଷା ଯୋଗୁଁ ଗାତରେ ପାଣି ରହିଥିଲା । ଦୀର୍ଘ ସମୟ ପର୍ଯ୍ୟନ୍ତ ପରିବାର ଲୋକେ ଖୋଜାଖୋଜି କରିବା ପରେ ଗାତରୁ ପାଇଥିଲେ । ଏହାପରେ ଭୀମଭୋଇ ମେଡିକାଲ କଲେଜକୁ ନେଇଥିଲେ । ଡାକ୍ତରଚିନ୍ହୁ ମୃତ ଘୋଷଣା କରିଥିଲେ ।

## ମାଣିକପୁର ଫିଡରରେ ନାହିଁ ଜନସମ୍ପର୍କ କେନ୍ଦ୍ର

**କଣ୍ଟାମାଲ,୧୯ ।୭ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ଷ୍ଟ୍ରକଚର୍ ଅଧୀନରେ ଥିବା ମାଣିକପୁର ଫିଡର ଉପରେ ୭ଟି ପଞ୍ଚାୟତର ୪୮ଟି ଗ୍ରାମ ବିଦ୍ୟୁତ୍ ସେବା ପାଇଁ ନିର୍ଭର କରୁଛନ୍ତି; ହେଲେ ଦୁଃଖର ବିଷୟ ଏହି ଫିଡରରେ ଜନସଂପର୍କ କେନ୍ଦ୍ରଟିଏ ନ ଥିବାରୁ ଉପଭୋକ୍ତା ବଦ୍ୟୁତ ସମସ୍ୟା ହେଲେ ୫୦ କିମି ଦୂର ମନମୁଣ୍ଡା ଅଫିସକୁ ଯିବାକୁ ପଡୁଛି । ତା ସହ ବିଦ୍ୟୁତ୍ ବିଲ୍ ପଇଠ କରିବା, ବିଦ୍ୟୁତ୍ ସମସ୍ୟା ଜଣାଇବା ପାଇଁ ଘୋର ଅସୁବିଧାର ସମ୍ମୁଖୀନ ଭୋଗୁଛନ୍ତି । ପ୍ରତି ଫିଡରରେ ଗୋଟିଏ ଲେଖାଏଁ ଜନସଂପର୍କ କେନ୍ଦ୍ର ରହିବାର ନିୟମ ଥିବାବେଳେ କାଗଜ କଲମରେ ମାଣିକପୁର ଫିଡରର ଜନସଂପର୍କ କେନ୍ଦ୍ର ଚାଲିଛି ।

## ଦହ୍ୟା କଲେଜ ସିଟ୍ ସଂଖ୍ୟା ବୃଦ୍ଧି

**ମନମୁଣ୍ଡା/ଶଗଡ଼ା,୧୯ ।୭ (ସମିସ):** ଦହ୍ୟା ଜୀବନ ବିକାଶ ଡିଗ୍ରୀ କଲେଜ ଯୁକ୍ତ ୩ କଳା ପ୍ରଥମ ବର୍ଷ ସିଟ୍ ସଂଖ୍ୟା ୧୨୮ ରୁ ୧୯୨ ସଂଖ୍ୟାକୁ ବୃଦ୍ଧି କରାଯାଇଛି । ରାଜନୀତି ବିଜ୍ଞାନ, ଓଡ଼ିଆ ଓ ଶିକ୍ଷା ବିଭାଗ (ସମ୍ମାନ) ସିଟ୍ ସଂଖ୍ୟା ୩୨ରୁ ୪୮ କୁ ବଢିଛି । ଇତିହାସ (ସମ୍ମାନ) ରେ ୧୬ରୁ ୩୨କୁ ବୃଦ୍ଧି ପାଇଛି । ସେହିଭଳି ସଂସ୍କୃତ (ସମ୍ମାନ) ସିଟ୍ ସଂଖ୍ୟା ୧୬ କରାଯାଇଛି ।

## ବଉଲସିଙ୍ଗା ବିଦ୍ୟାଳୟ ପରିଚାଳନା କମିଟି ଗଠିତ

**ଶଗଡା,୧୯ ।୭ (ସମିସ):** କଣ୍ଟାମାଳ ବ୍ଲକ୍ ଦପଲା ପଞ୍ଚାୟତ ବଉଲସିଙ୍ଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠିତ ହୋଇଛି । ପୁଣି ଥରେ କୁଶ ପ୍ରଧାନଙ୍କୁ ସଭାପତି ଓ ପୁଷ୍ପାଞ୍ଜଳି କଳତାଙ୍କୁ ଉପସଭାପତି ଭାବରେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି । ରାମଚନ୍ଦ୍ର ମଲ୍ଲିକ, ରଞ୍ଜନ ମଲ୍ଲିକ, ଊର୍ମିଳା ପ୍ରଧାନ, ଲକ୍ଷ୍ମୀ ସେଠୀ, ଝରଣା ଖେତି, ଅନିତା ଖେତି, ପ୍ରଭାସିନୀ ମହାକୁଡ଼, ସବିତା ସେଠୀ, ଖଇରୁ ନାଏକ, ମହେନ୍ଦ୍ର ପ୍ରଧାନ, ଶିବ ବାଘ ଓ କେଶବ ଦନ୍ତାଙ୍କୁ କମିଟି ସଦସ୍ୟ ଭାବେ ମନୋନିତ କରାଯାଇଛି । ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରୋହିତାଶ୍ୱ ମଲ୍ଲିକଙ୍କୁ ସଦସ୍ୟ ସଚିବ ଭାବେ ମନୋନୀତ କରାଯାଇଛି ।

## ନବୋଦୟ ଅଭିଭାବକ-ଶିକ୍ଷକ ବୈଠକ




**ଜହ୍ନାପଙ୍କ,୧୯ ।୭ (ସମିସ):** ବୌଦ୍ଧ ଜିଲ୍ଲା ପିଏମଶ୍ରୀ ନବୋଦୟ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ପରିଷଦର ସାଧାରଣ ପରିଷଦ ବୈଠକ ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ ସାହୁ ଅଧ୍ୟକ୍ଷତ କରିଥିଲେ । ଉପ ପ୍ରଧାନ ଶିକ୍ଷୟିତ୍ରୀ ସରିତା ଦାସ ଓ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଡି. କେ. ବନ୍ଦଦୀୟାଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ ।

## ଧଳପୁରରୁ ଚୋରି ମୋବାଇଲ ବଲାଙ୍ଗିରରୁ ଉଦ୍ଧାର

**ହରଭଙ୍ଗା,୧୯ ।୭ (ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଅଧୀନ ଧଳପୁରର ଅଶୋକ ନାଏକଙ୍କ ଦୋକାନରୁ ଚୋରି ହୋଇଥିବା ମୋବାଇଲ ମିଳିଛି । ଏହି ମାମଲାର ତଦନ୍ତ କରି ହରଭଙ୍ଗା ପୁଲିସ ବଲଙ୍ଗୀରରୁ ଫୋନ୍ ଉଦ୍ଧାର କରିଛି । ପୁଲିସ ତାଙ୍କୁ ଥାନାକୁ ଡାକି ମୋବାଇଲ ଜିମା ଦେଇଛି ବୋଲି ଆଇଆଇସି ଶାରଦା ପ୍ରସନ୍ନ ଦାଶ ସୂଚନା ଦେଇଛନ୍ତି ।



## ୨୧୯ ଲିଟର ବିଦେଶୀ ମଦ ଜବତ, ଜଣେ ଗିରଫ

**ଶଗଡା,୧୯ ।୭ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଅଧୀନ ସାନରୁଣ୍ଡିମହୁଲ ଗ୍ରାମରେ ବେଆଇନ ମଦ କାରବାର ଉପରେ ପୁଲିସ ଚଢ଼ଉ କରିଛି । ଏଏସ୍‌ଆଇ ବବିତା ସାହୁ ପାଟ୍ରୋଲିଂ କରୁଥିବା ସମୟରେ ଖବର ପାଇ ଚଢ଼ଉ କରିଥିଲେ । ଅଭିଯୁକ୍ତ ସୁନୀଲ ଗେଜ (୨୧) ନିକଟରୁ ୨୧୯ ଲିଟର ୧୦୫ ମିଲିଲିଟର ବିଦେଶୀ ମଦ ଜବତ କରାଯାଇଛି । ଏହି ଘଟଣାରେ କଣ୍ଟାମାଳ ଥାନାରେ ଏକ ମାମଲା ରୁଜୁ କରାଯାଇଛି ।



## ବନ ମହୋତ୍ସବରେ ଓପିଜିସି ଲଗାଇଲା ୨୫୦୦ଚାରା



**ଇବଥର୍ମାଲ,୧୯ ।୭ (ସମିସ):** ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ (ଓପିଜିସି) ପକ୍ଷରୁ ଇବ ଥର୍ମାଲ ପାୱାର ଷ୍ଟେସନ (ଆଇଟିପିଏସ୍) ହେଲିପ୍ୟାଡ୍ ପଡ଼ିଆରେ “ବନ ମହୋତ୍ସବ’ ପାଳନ ହୋଇଛି । ଏହି କାର୍ଯ୍ୟକ୍ରମରେ ଓପିଜିସିର ନିର୍ଦ୍ଦେଶକ (ପରିଚାଳନା) ଏ. ଆର୍. ଦାଶ ନେତୃତ୍ୱ ନେଇଥିଲେ । ଓପିଜିସିର ପରିବେଶ ବିଭାଗ ଏହାର ପରିଚାଳନା କରିଥିଲା । ଓପିଜିସି କର୍ମଚାରୀଙ୍କ ସହ ଇବ୍‌ଥର୍ମାଲ ଡିଏଭି ସ୍କୁଲର ଛାତ୍ରଛାତ୍ରୀ ଏବଂ ଆଇଟିପିଏସ୍ ଲେଡିଜ୍ କ୍ଲବର ସଦସ୍ୟ ଅଂଶଗ୍ରହଣ କରି ଚାରା ରୋପଣ କରିଥିଲେ । ଏହି ଅବସରରେ ନିମ୍ବ, କରଞ୍ଜ, ଜାମୁ, ଶିଶୁ, ଆଁଳା ଏବଂ ଅର୍ଜୁନ ଆଦି ୨,୫୦୦ ଚାରା ରୋପଣ କରାଯାଇଥିଲା ।

## ସ୍ୱତନ୍ତ୍ର ସଘନ ସଂଶୋଧନ ଶୁଣାଣିର ସମୀକ୍ଷା

**ଝାରସୁଗୁଡ଼ା,୧୯ ।୭ (ସମିସ):** ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ଅଧିକ ବ୍ୟବସ୍ଥିତ ଓ ତ୍ୱରାନ୍ୱିତ କରାଯାଇଛି । ଏହି ପରିପ୍ରେକ୍ଷୀରେ ୦୭-ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ସବ୍ୟସାଚୀ ପଣ୍ଡା ଶୁଣାଣି ପ୍ରକ୍ରିୟାକୁ ତଦାରଖ କରିଛନ୍ତି । ଝାରସୁଗୁଡ଼ା ପୌରାଞ୍ଚଳ ଏବଂ ଲାଇକେରା ବ୍ଲକ ପରିସରରେ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେଉଥିବା ଶୁଣାଣି କାର୍ଯ୍ୟକ୍ରମର ସେ ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା କାଳରେ ଭୋଟର ତାଲିକାରେ ନୂତନ ନାମ ସାମିଲ କରିବା, ସଂଶୋଧନ କରିବା ଏବଂ ବାଦ୍ ପଡ଼ିଥିବା ଆବେଦନଗୁଡ଼ିକର ସଠିକତା ଯାଞ୍ଚ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ବିଶେଷ କରି ପ୍ରକ୍ରିୟା ଯେପରି ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ହେବ ସେଥିପାଇଁ ସେ ଉପସ୍ଥିତ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କୁ ଆବଶ୍ୟକ ଦିଗ୍‌ଦର୍ଶନ ଦେଇଛନ୍ତି । କୌଣସି ଯୋଗ୍ୟ ଭୋଟର ଯେପରି ନିଜର ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ନ ହୁଅନ୍ତି ତାହା ନିଶ୍ଚିତ କରିବାକୁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଉଛି । ଏହି ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ସହ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଶୁଣାଣି ସମୟରେ ସମ୍ପୃକ୍ତ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



## ରିଆମାଳରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର

**ଦେବଗଡ଼,୧୯ ।୭ (ସମିସ):** ରିଆମାଳ ବ୍ଲକ୍ ମୁଖ୍ୟାଳୟସ୍ଥିତ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନଙ୍କ କାର୍ଯ୍ୟାଳୟରେ ଆଜି ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଉପସ୍ଥିତ ରହି ୧୭ଟି ଅଭିଯୋଗ ଗ୍ରହଣ କରିଥିଲେ । ବିଶେଷ କରି ଗ୍ରାମାଞ୍ଚଳରେ ରାସ୍ତା ନିର୍ମାଣ ଓ ଉନ୍ନତିକରଣ, ଷ୍ଟ୍ରିଟ୍ ଲାଇଟ୍ ସଂଯୋଗ, ବାସଗୃହ ପ୍ରଦାନ, ବିଦ୍ୟୁତ୍ ସମସ୍ୟା ସମେତ ବିଭିନ୍ନ ଜନସମସ୍ୟା ସମ୍ପର୍କିତ ଅଭିଯୋଗ ଆସିଥିଲା । ବିଧାୟକ ଶ୍ରୀ ବିଶ୍ୱାଳ ଅଭିଯୋଗଗୁଡ଼ିକ ଶୁଣି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିକୁ ଆଣି ସେଗୁଡ଼ିକର ଶୀଘ୍ର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସେହିପରି କିଛି ଅଭିଯୋଗର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲେ । ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ ଏବଂ ବିଜେଡି ରିଆମାଳ ବ୍ଲକ୍ ସଭାପତି ପାଞ୍ଜିଆ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।



## ଖଲିଆପାଲିରେ ଆମ ପୁଲିସ ସମିତି ବୈଠକ

**ଶଗଡା,୧୯ ।୭ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ପୁଲିସ ପକ୍ଷରୁ ଖଲିଆପାଲି ପଞ୍ଚାୟତରେ ଆମ ପୁଲିସ ସମିତି ବୈଠକ ସହ ବେଆଇନ ଗଞ୍ଜେଇ ଚାଷ ନିରାକରଣ ଏବଂ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଥାନା ଅଧିକାରୀ ଓମ୍‌ପ୍ରକାଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ, ସାର୍ବଜନୀନ ସୁରକ୍ଷା, ଦାୟିତ୍ୱବାନ ନାଗରିକତା ଏବଂ ନିଶାମୁକ୍ତ ଓ ଦୁର୍ଘଟଣାମୁକ୍ତ ସମାଜ ଗଠନ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା । ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ଅଞ୍ଚଳରେ ଅପରାଧ ଦମନ ହେବା ସହ ବିକାଶ ହୋଇ ପାରିବ ବୋଲି ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବୁଦ୍ଧିଜୀବୀ, ବହୁ ଜନସାଧାରଣ ଯୋଗ ଦେଇଥିଲେ ।



## ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ହେଲା

**‘ସକାଳ’ ପ୍ରଭାବ**

**ଶଗଡା, ୧୯ ।୭ ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଖୁଣ୍ଟିଗୋରାରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଶେଷରେ ବିଦ୍ୟୁତ ସଂଯୋଗ ହୋଇଛି । ଏଠାରେ ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ନ ଥିଲା । ଏଣୁ କର୍ମଚାରୀ କଳବଲ ଥିଲେ । ବିଦ୍ୟୁତ ସଂଯୋଗ ପାଇଁ ଆବେଦନ କରିବାର ଦୀର୍ଘ ମାସ ବିତି ଯାଇଥିଲେ ସୁଦ୍ଧା ସମସ୍ୟା ସମାଧାନ ହୋଇ ନ ଥିଲା । ଏ ନେଇ ଦୈନିକ ‘ସକାଳ’ରେ ଖବର ପ୍ରକାଶ ପାଇଥିଲା । ଏହି ଖବରକୁ କଣ୍ଟାମାଳର ଆଜାଦ କଲତା ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ । ଆଜି ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ବିଦ୍ୟୁତ ସଂଯୋଗ ଦିଆ ଯାଇଛି ।

### ଦୁଧିଆଳି ଗାଈ ପାଲଟିଛି ଡଝରଣ-ବାଲିଝରୀ ରାସ୍ତା
# ବର୍ଷ ବର୍ଷ ଧରି ମାଟି, ମୋରମ୍ ଛିଞ୍ଚା ଚାଲିଛି

ଦେବଗଡ଼,୧୮ ।୭ (ସମିସ)

ବିକାଶ ଧାରା ଓଡିଶା ସାରା ନାରା ଦେଇ ରାଜ୍ୟ ସରକାର ନିଜ ପ୍ରଶଂସା ନିଜ ମୁହଁରେ କରୁଛନ୍ତି । ରାଜ୍ୟର ଗ୍ରାମାଞ୍ଚଳରେ କିନ୍ତୁ ବିକାଶର ଚିତ୍ର ଭିନ୍ନ ଦେଖିବାକୁ ମିଳିଛି । ଗମନାଗମନ ଭଳି ମୌଳିକ ସୁବିଧାରୁ ଆଜି ମଧ୍ୟ ଅନେକ ଗ୍ରାମ ବଞ୍ଚିତ ରହିଛି । ଏଭଳି ଏକ ବିକାଶର ନଗ୍ନ ଚିତ୍ର ଦେଖିବାକୁ ମିଳିଛି ରିଆମାଳ ବ୍ଲକ୍ ଲୁଲଙ୍ଗ ପଞ୍ଚାୟତ ବଡଝରଣ ଓ ବାଲିଝରୀ ଗାଁ ରାସ୍ତାରେ । ଦେବଗଡ଼-ଅନୁଗୁଳ ୫୩ ନମ୍ବର ଜାତୀୟ ରାଜପଥରୁ ପ୍ରାୟ ୩/୪ କିମି ଦୂରରେ ଏହି ଗାଁ ଅବସ୍ଥିତ । । ଆଜି ପର୍ଯ୍ୟନ୍ତ ଗାଁକୁ ପକ୍କା ରାସ୍ତା ନିର୍ମାଣ କରାଯାଇ ପାରିନାହିଁ । ଏହି ଗ୍ରାମ ପ୍ରତି ପଞ୍ଚାୟତ ପ୍ରତିନିଧିଙ୍କ ଦୃଷ୍ଟି ଅଛି ନା ବ୍ଲକ୍ ପ୍ରଶାସନର ଦୃଷ୍ଟି । ବର୍ଷ ବର୍ଷ ଧରି ପ୍ରତିବର୍ଷ ରାସ୍ତା ମରାମତି ନାମରେ ରାସ୍ତାରେ ମାଟି, ମୋରମ ଛିଞ୍ଚି ଲକ୍ଷ ଲକ୍ଷ ଟଙ୍କା ଲୁଟ୍ ହେଉଛି । ପଞ୍ଚାୟତ ପ୍ରତିନିଧିଠାରୁ ଯନ୍ତ୍ରୀ ଓ ଠିକାଦାରଙ୍କ ଲାଗି ଏହି ରାସ୍ତା ରୋଜଗାରର ମାଧ୍ୟମ ସାଜିଛି । କହିବାକୁ ଗଲେ ରିଆମାଳ ବ୍ଲକ୍ ଲୁଲଙ୍ଗ ପଞ୍ଚାୟତର ଏହି ଗାଁ ରାସ୍ତା ଠିକାଦାର ଓ ଯନ୍ତ୍ରୀଙ୍କ ପାଇଁ ଦୁଧିଆଳୀ ଗାଈ ସାଜିଛି । ଖରା ଓ ଶୀତ ଋତୁରେ କୌଣସି ମତେ କାମ ଚଳି ଯାଉଛି । ବର୍ଷା ଋତୁରେ ସମସ୍ୟା ହେଉଛି । ବର୍ଷା ଦିନେ ଏହି ଗ୍ରାମକୁ ଆମ୍ବୁଲାନ୍ସ ଯିବା ମଧ୍ୟ ଅସମ୍ଭବ ହୋଇପଡୁଛି । ଏଥିଯୋଗୁଁ ଗ୍ରାମବାସୀ ଅକଥନୀୟ ଦୁର୍ଦ୍ଦଶା ଭୋଗିବାକୁ ବାଧ୍ୟ ହେଉଛନ୍ତି । ବଡ଼ଝରଣ-ବାଲିଝରି ଗ୍ରାମବାସୀ ରାସ୍ତା ପିଚୁ କରିବାକୁ ଅନେକ ଥର ବ୍ଲକ୍ ପ୍ରଶାସନ ନିକଟରେ ଦାବି କରିଛନ୍ତି । ବ୍ଲକ୍ ପ୍ରଶାସନ କିନ୍ତୁ ଆଖି ବୁଜି ଦେଇଛି । ଏଣୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।



# ଦୁର୍ଘଟଣାରେ ୨ ଗୁରୁତର

ଅମ୍ବାଭୋନା,୧୯ ।୭(ସମିସ): ଅମ୍ବାଭୋନା ବ୍ଲକ ସମରଧରା ନିକଟ ଅମ୍ବାଭୋନା ଜଙ୍ଗଲ ବୁଲାଣି ରାସ୍ତାରେ ଦୁଇ ଜଣ ବାଇକ ଆରୋହୀ ଭୟଙ୍କର ସଡ଼କ ଦୁର୍ଘଟଣାରେ ଆହତ ହୋଇଥିଲେ। ଆହତ ଦୁଇ ବ୍ୟକ୍ତି ହେଲେ ଭଟଲି ବ୍ଲକ ଖର୍ସଲ ଗ୍ରାମର ଅଟା ଜାଲ (୬୦) ଓ ଭରତ ଜାଲ (୫୬)। ଏହି ସମୟରେ ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ତଥା ଯୁବନେତା ସୁବ୍ରତ ସିଂହ ଅମ୍ବାଭୋନାରୁ ସୋହେଲା ଅଭିମୁଖେ ଯାଉଥିବା ବେଳେ ଆହତମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ବିଳମ୍ବ ହେବାରୁ ଆହତଙ୍କୁ ନିଜ ଗାଡ଼ିରେ ଅମ୍ବାଭୋନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତରଖାନା ବନ୍ଦ ଥିବାରୁ ଭୁକ୍ତା ମୁଖ୍ୟ ଚିକିତ୍ସାଳୟକୁ ନେଇ ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା କରିଥିଲେ। ଡାକ୍ତରଙ୍କ ସୂଚନା ଅନୁଯାୟୀ, ଆହତ ଅଟା ଜାଲଙ୍କୁ ଠିକ୍ ସମୟରେ ଚିକିତ୍ସାଳୟରେ ପହଞ୍ଚାଇଥିବାରୁ ତାଙ୍କ ଜୀବନ ବଞ୍ଚିଯାଇଛି। ତାଙ୍କୁ ବରଗଡ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏଥିପାଇଁ ଡାକ୍ତର ସୁବ୍ରତ ସିଂହ ଓ ତାଙ୍କ ଡ୍ରାଇଭର ଗୌରୀ ଶଙ୍କର ବେହେରାଙ୍କୁ ପ୍ରଶଂସା କରିଥିଲେ।

# ଆନ୍ଦୋଳନ ପରେ ସିଲ୍ ହେଲା ମଦ ଦୋକାନ





ବରଗଡ଼,୧୯ ।୭(ସମିସ):

ମଦ ଦୋକାନ ବନ୍ଦ ଦାବିରେ ବରଗଡ଼ରେ ରାସ୍ତା ରୋକ ଆନ୍ଦୋଳନ। ବରଗଡ଼ର ୱାର୍ଡ ନମ୍ବର-୧ ଜିରାନଦୀ ବିହାର ଏରିଆରେ ମଦ ଦୋକାନକୁ ବିରୋଧ କରି ରାସ୍ତାରୋକ କରାଯାଇଥିବା ବେଳେ ଯାତ୍ରୀଙ୍କ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ବରଗଡ଼ ଟାଉନ ପୁଲିସ ଓ ଅବକାରୀ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସେଠାରେ ମଦ ଦୋକାନକୁ ସ୍ଥାନୀୟ ମହିଳା ମାନେ ବନ୍ଦ କରିବାକୁ ଦାବି କରିଥିଲେ। ସ୍କୁଲ କଲେଜ ଛାତ୍ରଛାତ୍ରୀ ଦୈନନ୍ଦିନ ଯାତାୟାତ କରୁଥିବା ବେଳେ ଏହି ସ୍ଥାନରେ ମଦ ଦୋକାନ ବନ୍ଦ ହେବା ନେଇ ଦୃଢ଼ ଦାବି କରଯାଇଥିଲା। ତେବେ ସ୍ଥାନୀୟ ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ ପୁଲିସ ଉପସ୍ଥିତିରେ ଉଭୟ ଅଞ୍ଚଳବାସୀ ଓ ଅବକାରୀ ବିଭାଗ ଅଧିକାରୀଙ୍କ ଆଲୋଚନା ପରେ ମଦ ଦୋକାନକୁ ବନ୍ଦ କରାଯିବା ସହ ଲାଖ ଲଗାଇ ସିଲ କରଯାଇଥିଲା।

# ଫିଡ୍ ଟ୍ରଷ୍ଟ ତରଫରୁ ମେଧାବୀ ଛାତ୍ରଙ୍କୁ ସହାୟତା



ବରଗଡ,୧୯ ।୭(ସମିସ): ବରଗଡ ଜିଲ୍ଲା ଅତାବିରା ବ୍ଲକ୍ ଜନ୍ମାପଡ଼ା ଗ୍ରାମର ପ୍ରତିଭାବାନ ଛାତ୍ର ଆୟୁଷ ପାଇକ। ବାପା ଓ ମା କେହି ନଥିବାବେଳେ ଆୟୁଷ ତାଙ୍କର କାକା ଅର୍ଜୁନ ପାଇକ ଏବଂ କାକି ସନ୍ତୋଷୀନି ପାଇକଙ୍କ ପାଖରେ ରୁହନ୍ତି। ମାଟ୍ରିକ ପରୀକ୍ଷାରେ ଆୟୁଷ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖି ପାସ୍ କରିବା ସହ ସମ୍ବଲପୁରର ବେଦିକ କଲେଜରେ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ବିଜ୍ଞାନ ବିଭାଗରେ ନାମ ଲେଖାଇବାକୁ ସ୍ଥାନ ପାଇଥିଲେ। ମାତ୍ର ତାଙ୍କର କାକା ଅର୍ଜୁନ ପାଇକଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଆୟୁଷକୁ ପାଠ ପଢ଼ାଇବାକୁ ଅକ୍ଷମ ଥିବାରୁ ସେ ଶିକ୍ଷକ ଉଦ୍ଧବ ମହାନନ୍ଦଙ୍କ ପରାମର୍ଶ କ୍ରମେ ବରଗଡ଼ ଜିଲ୍ଲାର ଦାତବ୍ୟ ଅନୁଷ୍ଠାନ ଫିଡ୍ (ଫାଉଣ୍ଡେସନ ଫର୍ ଏଜୁକେସନାଲ ଆଣ୍ଡ ଇକୋନୋମିକ ଡେଭଲପମେଣ୍ଟ) ଟ୍ରଷ୍ଟକୁ ଯୋଗାଯୋଗ କରିଥିଲେ। ଖବର ପାଇ ଫିଡ୍ ଟ୍ରଷ୍ଟର ଚେୟାରମେନ ଫଣୀନ୍ଦ୍ର କୁମାର ତାଣ୍ଡି, ଡାହାରୁପଡ଼ା ୟୁପି ସ୍କୁଲର ଶିକ୍ଷକ କିଚକ ସୁନା, ଆଗଲପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅଶୋକ ନାରଙ୍ଗ, ସୋହେଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ରମେଶ ନାଗ ପ୍ରମୁଖ ଜହ୍ନାପଡ଼ାରେ ପହଞ୍ଚି ଆୟୁଷକୁ ଶିକ୍ଷା ସହାୟତା ସ୍ୱରୂପ ଫିଡ୍ ଟ୍ରଷ୍ଟ ତରଫରୁ ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏହି ସମୟରେ ଆୟୁଷର କାକା ଅର୍ଜୁନ ଏବଂ କାକି ସନ୍ତୋଷୀନି ଉପସ୍ଥିତ ଥିଲେ।

# ରଥଯାତ୍ରା ଉପରେ କବିତା ପାଠୋତ୍ସବ



ବରଗଡ,୧୯।୭(ସମିସ): ଆଜି ବରଗଡ଼ ୱାଡର୍ ନଂ-୦୧ ଦିନବନ୍ଧୁ ନଗର ସ୍ଥିତ ସୁପ୍ରିୟା ମାର୍ଗ ଶ୍ରୀ ଜଗନ୍ନାଥ ଟ୍ରଷ୍ଟ ବୋର୍ଡ ଭଟଲି ଛକ ରଥଯାତ୍ରା କମିଟି ପକ୍ଷରୁ ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ରୌପ୍ୟ ଜୟନ୍ତୀ ଅବସରରେ ଜଗନ୍ନାଥଙ୍କ ଉପରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଯାତ୍ରା କମିଟି ସଂପାଦକ କେଦାର ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଗୁରୁମା ନୂରାବତୀ ସାହୁ, ଶିକ୍ଷୟିତ୍ରୀ ସନ୍ତୋଷିନୀ ଦାଶ, ଡାକ୍ତର ଘନଶ୍ୟାମ ମେହେର, ଚନ୍ଦ୍ର ଶେଖର କାଲିଆ, ଗୋବିନ୍ଦ ଦାଶ, ତୁଳସୀ ଚରଣ ଦାଶ ମଞ୍ଚାସିନ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନିମା ଚକ୍ରବର୍ତ୍ତୀ ଓ ସଂଗୀତା ଦୀପ ସଂଯୋଜନା କରିଥିଲେ। ଆଜିର କବିତା ଆସରରେ ପ୍ରାୟ ୪୦ ଜଣ କବି କବୟିତ୍ରୀ ଯୋଗଦେଇ ଜଗନ୍ନାଥଙ୍କ ଉପରେ କବିତା ପରିବେଷଣ କରିଥିଲେ। କମିଟି ପକ୍ଷରୁ ସମସ୍ତଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା।

# ବିର୍ଜାମ୍ କ୍ଲଷ୍ଟରର ୧୧ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା




ମେଲଛାମୁଣ୍ଡା,୧୯ ।୭(ସମିସ): ସୋହେଲା ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନସ୍ଥ ବିର୍ଜାମ୍ କ୍ଲଷ୍ଟରସ୍ତରୀୟ ପୁରାତନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଏକ ଭାବପୂର୍ଣ୍ଣ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। କୁଚିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବରିଷ୍ଠ ଶିକ୍ଷକ ଜଗଦୀଶ ପଧାନଙ୍କ ସଭାପତିତ୍ୱରେ ଏହି ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋତିଲାଲ ନନ୍ଦ ଏବଂ ମନୋହର ଉଟି ଯୋଗଦେଇଥିଲେ। ଶିକ୍ଷାଦାନ କ୍ଷେତ୍ରରେ ନିଜର ସୁଦୀର୍ଘ ଜୀବନ ଉତ୍ସର୍ଗ କରିଥିବା ବିର୍ଜାମ୍ କ୍ଲଷ୍ଟରର ଅବସରପ୍ରାପ୍ତ ଶିକ୍ଷକ ଦିବ୍ୟ ଶଙ୍କର ପୁରୋହିତ, ଚନ୍ଦ୍ରଶେଖର ପୁରୋହିତ, ଉମାକାନ୍ତ ମିଶ୍ର, ସଫେଟଲାଲ ସାହୁ, ତେଜରାଜ ସାହୁ, ଜୟମିତ୍ର ସୁନା, ସୌକେସ ଚନ୍ଦ୍ର ଚୌହାନ, ପ୍ରଫୁଲ୍ଲ କୁମାର ମିଶ୍ର,"ଚୈତନ୍ୟ ପଧାନ, ଘାସିରାମ ସାହୁ, ନେତ୍ରାନନ୍ଦ ପଧାନ ପ୍ରମୁଖ ୧୧ ଜଣ ଅବସରପ୍ରାପ୍ତ ପୁରାତନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ପ୍ରଧାନ ଶିକ୍ଷୟିତ୍ରୀ ସୂର୍ଯ୍ୟକାନ୍ତୀ ବେହେରା ସଭା ପରିଚାଳନା କରିଥିବା ବେଳେ ବିର୍ଜାମ୍ କ୍ଲଷ୍ଟରର ସିଆରସିସି ଦୁର୍ଗା ଚରଣ ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ କେଲେଣ୍ଡା କ୍ଲଷ୍ଟର୍‌ର ସିଆରସିସି ଟିକେଶ୍ୱର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଦଧିବାମନ କଲେଜରେ ବନ ମହୋତ୍ସବ



ଭଟଲି,୧୯ ।୭(ସମିସ): ସ୍ଥାନୀୟ ଦଧିବାମନ ମହାବିଦ୍ୟାଳୟ ଭଟଲିରେ ରାଷ୍ଟ୍ରୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସ୍ ତରଫରୁ ବନମହୋତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସରୋଜ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଭଟଲି ବନଖଣ୍ଡ ଅଧିକାରୀ କଂଗ୍ରେସ ସୁନା ଏବଂ ପ୍ରକୃତି ବନ୍ଧୁ ଡ. ଡୋଳାମଣୀ ଶତପଥି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ରାଷ୍ଟ୍ରୀୟ ସେବା ଯୋଜନା କାର୍ଯ୍ୟନିର୍ବାହୀ ଅଧିକାରୀ ସଂଗ୍ରାମ ସାହୁ ସଭା ପରିଚାଳନା କରିଥିବା ବେଳେ ଅତିଥି ପରିଚୟ ଯୁବ ରେଡକ୍ରସ ସଂଯୋଜକ ଅଧ୍ୟାପକ ଶମ୍ଭୁନାଥ ଠାକୁର ପ୍ରଦାନ କରିଥିଲେ। ଶେଷରେ ରେଡକ୍ରସ ସଂଯୋଜକ ଅଧ୍ୟାପକ ଅଜିତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଭେଡେନ ବ୍ଲକରେ ନୂତନ ବିଡ଼ିଓ



ଭେଡେନ,୧୯।୭(ସମିସ): ଦୀର୍ଘଦିନ ପରେ ଭେଡେନ ବ୍ଲକ କାର୍ଯ୍ୟାଳୟରେ ନୂତନ ବିଡ଼ିଓ ଭାବରେ ଦେବାଶିଷ ସିହ୍ନା ଯୋଗଦାନ କରିଛନ୍ତି। ସେ ପାଇକମାଲ ଠାରେ ଏବିଡ଼ିଓ ଭାବରେ କାର୍ଯ୍ୟରତ ଥିଲେ।

# ପୁରୀରୁ ଭଟଲି ଆସିଲା ୩ ରଥ ଚକ



ଭଟଲି,୧୯।୭(ସମିସ): ପଶ୍ଚିମ ଓଡିଶାର ଶ୍ରୀକ୍ଷେତ୍ର ଭାବେ ପରିଚିତ ଭଟଲିପୀଠକୁ ରବିବାର ଦିନ ପୁରୀରୁ ଜଗନ୍ନାଥ ମହାପ୍ରଭୁ, ଶ୍ରୀ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ରଥର ପବିତ୍ର ତିନୋଟି ଚକ ପହଞ୍ଚିଛି। ସକାଳ ପ୍ରାୟ ୧ଟାରେରେ ଗୋପାଳପୁର ସ୍ଥିତ ଦଧିବାମନ ତୋରଣ ପାଖରେ ଏହା ପହଞ୍ଚିବା ପରେ ଭବ୍ୟ ସ୍ୱାଗତ କରାଯାଇଥିଲା। ବୈଦିକ ମନ୍ତ୍ରୋଉଚ୍ଚାରଣ, ଶଙ୍ଖ, ଘଣ୍ଟ, ମୃଦଙ୍ଗ, ସଂକୀର୍ତ୍ତନ, ଭକ୍ତମାନଙ୍କ ଜୟଧ୍ୱନୀରେ ଏକ ବିରାଟ ଶୋଭାଯାତ୍ରା ବାହାରି ଭଟଲି ସହର ପରିକ୍ରମା କରି ମାଉସୀ ମା' ମନ୍ଦିରଠାରେ ପହଞ୍ଚିଥିଲା। ସେଠାରେ ଏହି ରଥ ଚକଗୁଡିକୁ ଅସ୍ଥାୟୀ ଭାବେ ସ୍ଥାପନା କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ତେବେ ଏହି ଭକ୍ତିମୟ ପରିବେଶରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କ ପୃଷ୍ଠପୋଷକରେ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ସୁରେଶ୍ୱର ଶତପଥୀ, ମନ୍ଦିର ଟ୍ରଷ୍ଟର ବୋର୍ଡର ଟ୍ରଷ୍ଟି ମୋତିଲାଲ ବନଛୋର, ବିଜୟ ମେହେର ଏବଂ ସମସ୍ତ ସଦସ୍ୟଙ୍କ ସହିତ ହଜାର ହଜାର ଭକ୍ତ ସାମିଲ ଥିଲେ।

# ସୋନମ ୱାଙ୍ଗଚୁକଙ୍କ ସମର୍ଥନରେ ମଶାଲ ରାଲି




ବରଗଡ଼,୧୯ ।୭(ସମିସ): ନିଟ ପ୍ରଶ୍ନପତ୍ର ପ୍ରଘଟ ଘଟଣାକୁ ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଇସ୍ତଫା ନେଇ ଦିଲ୍ଲୀ ଯନ୍ତରମନ୍ତରରେ ଅନଶନ କରିଥିବା ଶିକ୍ଷାବିତ୍ ତଥା ସମାଜସେବୀ ସୋନମ ୱାଙ୍ଗଚୁକ୍‌ଙ୍କ ସମର୍ଥନରେ ରବିବାର ବରଗଡ଼ ସହରରେ ଏକ ବିଶାଳ ମଶାଲ ରାଲି ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଗାନ୍ଧୀଛକରୁ ଆରମ୍ଭ ହୋଇଥିବା ଏହି ରାଲିରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଓ ଯୁବପିଢ଼ି ଯୋଗଦେଇ ସୋନମ ୱାଙ୍ଗଚୁଙ୍ଗଙ୍କ ପ୍ରତି ସମର୍ଥନ ଜଣାଇଥିଲେ। ଛାତ୍ରନେତା ଗୌରବ ପତି ଆଜାଦଙ୍କ ନେତୃତ୍ୱରେ ଆୟୋଜିତ ଏହି ରାଲି ଗାନ୍ଧୀଛକରୁ ବାହାରି ସହରର ବିଭିନ୍ନ ମୁଖ୍ୟ ରାସ୍ତା ଦେଇ ମାଁ ଶ୍ୟାମାକାଳୀ ମନ୍ଦିରରେ ପହଞ୍ଚିଥିଲା। ସେଠାରେ ଉପସ୍ଥିତ ଯୁବକ ଓ ଛାତ୍ରଛାତ୍ରୀମାନେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରି କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସଦ୍‌ବୁଦ୍ଧି କାମନା କରିଥିଲେ। ରାଲିରେ ଯୋଗଦେଇଥିବା ଯୁବପିଢ଼ି ସୋନମ ୱାଙ୍ଗଚୁଙ୍ଗଙ୍କ ଆନ୍ଦୋଳନକୁ ସମର୍ଥନ କରିବା ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଥିଲେ। ରାଲିବେଳେ ସମୟରେ ଅଂଶଗ୍ରହଣକାରୀମାନେ ବିଭିନ୍ନ ସ୍ଲୋଗାନ ଦେଇ ନିଜ ଦାବି ଉପସ୍ଥାପନ କରିଥିଲେ।

# ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ



ବରଗଡ଼,୧୯ ।୭(ସମିସ): ଆଚିଭର୍ସ ହେଲ୍‌ପିଂ ଫାଉଣ୍ଡେସନ ଏବଂ ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟ ଖୁଣ୍ଟପାଲିର ମିଳିତ ଆନୁକୂଲ୍ୟରେ ବୁଧବାର ବନମହୋତ୍ସବ ଆୟୋଜିତ ହୋଇଥିଲା। ବୃକ୍ଷରୋପଣ ସହ ପରିବେଶ ସଚେତନତା ଏବଂ ଶିକ୍ଷା କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ କୁମାର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, "ପ୍ରତ୍ୟେକ ଛାତ୍ରଛାତ୍ରୀ ଅତି କମରେ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବାକୁ ସଂକଳ୍ପ କରିବା ଉଚିତ।" ସେ ନିଜେ ଏକ ଚାରା ରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ବିଦ୍ୟାଳୟ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଫାଉଣ୍ଡେସନର ସଭାପତି ଦିବାକର ମାଝୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ରାଉତ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଏନ୍‌ଏମ୍‌ଏମ୍‌ଏସ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ଅସ୍ମିତା ମେହେର, ପଲକ ସାହୁ ଓ ବିନି ମେହେରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

# ଦିବ୍ୟାଙ୍ଗଙ୍କୁ ଆଚିଭର୍ସ ହେଲ୍ପିଂ ଫାଉଣ୍ଡେସନର ସହଯୋଗ



ବରଗଡ଼,୧୯ ।୭(ସମିସ): ଆଚିଭର୍ସ ହେଲ୍ପିଙ୍ଗ ଫାଉଣ୍ଡେସନ ପକ୍ଷରୁ ବରଗଡ଼ ବ୍ଲକର ରୁହୁଣିଆଁ ଗ୍ରାମର ଦିବ୍ୟାଙ୍ଗ ନିର୍ମଳ ନାୟକଙ୍କୁ ଟ୍ରାଇସାଇକଲ ପ୍ରଦାନ ପାଇଁ ସହଯୋଗ କରାଯାଇଛି। ଆଚିଭର୍ସ ହେଲ୍ପିଙ୍ଗ ଫାଉଣ୍ଡେସନର ସଭାପତି ଦିବାକର ମାଝୀ ବଲାଙ୍ଗୀର ଆଲିମକୋର ଡା. ସୁରେନ୍ଦ୍ର ଭୋଇ ଓ ଡା. ଧରିତ୍ରୀ ଗାଡ଼ତିଆଙ୍କ ସହ ଯୋଗାଯୋଗ କରି ନିର୍ମଳଙ୍କ ପାଇଁ ଟ୍ରାଇସାଇକଲ ବ୍ୟବସ୍ଥା କରିଥିଲେ। ସେମାନଙ୍କ ପରାମର୍ଶ ଅନୁଯାୟୀ ଆବଶ୍ୟକୀୟ କାଗଜପତ୍ର ଆଲିମ୍‌କୋ କାର୍ଯ୍ୟାଳୟରେ ଦାଖଲ କରାଯାଇଥିଲା। ସଭାପତି ଦିବାକର ମାଝୀ କହିଛନ୍ତି ଯେ, ୮୦ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ଦିବ୍ୟାଙ୍ଗ ଭାଇଭଉଣୀମାନେ ଫଟୋ, ଆଧାର କାର୍ଡ, ରାସନ କାର୍ଡ ଓ ୟୁଡିଆଇଡି ପ୍ରମାଣପତ୍ର ସହ ଯୋଗାଯୋଗ କଲେ ଫାଉଣ୍ଡେସନ ପକ୍ଷରୁ ସରକାରୀ ସହାୟକ ଉପକରଣ ପାଇବାରେ ସହଯୋଗ କରାଯିବ। ଏହି ମାନବିକ କାର୍ଯ୍ୟକ୍ରମରେ ବରଗଡ଼ର ସାମାଜିକ କର୍ମୀ ସାରଥୀ ମେହେର ମଧ୍ୟ ସକ୍ରିୟ ସହଯୋଗ କରିଥିଲେ। ତାଙ୍କ ସହଯୋଗରେ ସମଗ୍ର ପ୍ରକ୍ରିୟା ସୂଚାରୁ ଭାବେ ସମ୍ପନ୍ନ ହୋଇଥିଲା। ଶେଷରେ ନିର୍ମଳ ନାୟକ ଆଚିଭର୍ସ ହେଲ୍ପିଙ୍ଗ ଫାଉଣ୍ଡେସନର ସଭାପତି ଦିବାକର ମାଝୀ, ଡା. ସୁରେନ୍ଦ୍ର ଭୋଇ, ଡା. ଧରିତ୍ରୀ ଗାଡ଼ତିଆ ଏବଂ ସାମାଜିକ କର୍ମୀ ସାରଥୀ ମେହେରଙ୍କୁ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ପଦ୍ମପୁର,୧୯ ।୭(ସମିସ): ପଦ୍ମପୁର ରାଜବୋଡା ସମ୍ବର ହାଇସ୍କୁଲର ପୂର୍ବତନ ଖେଳ ଶିକ୍ଷକ ଦୁଃଶାସନ ବୁଡ଼େକଙ୍କ ରବିବାର ଭୋର ୪ଟାରେ ୮୦ ବର୍ଷ ବୟସରେ ପରଲୋକ ଘଟିଛି। ସେ ଏକାଧାରରେ ଫୁଟବଲ, ଖୋଖୋ, କବାଡି, ଆଥେଲେଟିକ ରେ ଜାତୀୟ ଓ ରାଜ୍ୟସ୍ତରରେ ଖେଳାଳି ସୃଷ୍ଟି କରିଥିଲେ। ଏହା ସହିତ ତାଙ୍କ ସମୟରେ ରାଜବୋଡାସମ୍ବର ହାଇସ୍କୁଲ ଫୁଟବଲରେ ରାଜ୍ୟସ୍ତରରେ ଖ୍ୟାତି ଅର୍ଜନ କରିଥିଲା। ୨୦୦୪ରୁ ଅବସର ନେଇଥିଲେ ମଧ୍ୟ ସେ ପ୍ରଶିକ୍ଷଣ ଦେବାରେ ବେଶ୍ ସକ୍ରିୟ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଏକମାତ୍ର ପୁତ୍ର ଚନ୍ଦ୍ରକାନ୍ତ, ପୁତ୍ରବଧୂ, ଝିଅ ନିରୁପମା, ଜ୍ୱାଇଁ, ନାତି ନାତୁଣୀ, ବନ୍ଧୁ ବାନ୍ଧବ ଓ ସହକର୍ମୀ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ଲକ୍ଷ୍ମୀ ନାରାୟଣ ଶ୍ମଶାନ ଘାଟରେ ଶେଷକୃତ୍ୟ ହୋଇଥିବାବେଳେ ପୁତ୍ର ଚନ୍ଦ୍ରକାନ୍ତ ମୁଖାଗ୍ନି ଦେଇଥିଲେ।

# ବିଶିଷ୍ଟ ବ୍ୟବସାୟୀଙ୍କ ପରଲୋକ



ପଦ୍ମପୁର,୧୯ ।୭ (ସମିସ): ପଦ୍ମପୁର ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ କମଲ କିଶୋର ଅଗ୍ରୱାଲଙ୍କ ୬୬ବର୍ଷ ବୟସରେ ଚିକିତ୍ସାଧିନ ଅବସ୍ଥାରେ ମୁମ୍ବାଇରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ପଶ୍ଚିମ ଓଡ଼ିଶାର ବ୍ୟବସାୟିକ ମହଲରେ ଶୋକର ଛାୟା ଖେଳିଯାଇଛି। ପତ୍ନୀ ଶୀଳା ଦେବୀ, ଭାଇ ଗଜାନନ (ଗଜୁ)ପୁଅ ଆଲୋକ ଝିଅ ଜ୍ୱାଇଁ ଓ ପରିବାରଙ୍କୁ ଛାଡ଼ି ଚାଲିଯାଇଛନ୍ତି। ତାଙ୍କର ଶେଷକୃତ୍ୟ ରାୟପୁର ଛତିଶଗଡ଼ରେ ସମାପନ ହୋଇଥିବାବେଳେ ଏକ ମାତ୍ର ପୁତ୍ର ଆଲୋକ ମୁଖାଗ୍ନି ଦେଇଥିଲେ।

# ୧୦ବର୍ଷରୁ କମ୍ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ବରଗଡ,୧୯ ।୭(ସମିସ):

ଓଡିଶା ରାଜ୍ୟ ବ୍ୟାଡ଼ମିଣ୍ଟନ ଆସୋସିଏସନ ଦ୍ୱାରା ଓ ବରଗଡ଼ ଜିଲ୍ଲା ବ୍ୟାଡ଼ମିଣ୍ଟନ ଆସୋସିଏସନ ଆନୁକୂଲ୍ୟରେ ବରଗଡ଼ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଠାରେ ତିନିଦିନ ଧରି ଚାଲିଥିବା ରାଜ୍ୟ ଜୁନିଅର (୧୯ ବର୍ଷରୁ କମ) ବାଳକ ଓ ବାଳିକା ବର୍ଗର ରାଜ୍ୟ ବ୍ୟାଡ଼ମିଣ୍ଟନ ର୍‌ୟାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ବ୍ୟାଡ଼ମିଣ୍ଟନ ସଂଘର ସଭାପତି ଚନ୍ଦ୍ର ପ୍ରକାଶ ବିନ୍ଦଲ ଓ ସମ୍ପାଦକ ଶିଭମ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଯାପନୀ ଦିବସରେ ସୂର୍ଯ୍ୟ ପାଣିଗ୍ରାହୀଙ୍କର ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅତାବିରା ବିଧାୟକଙ୍କ ପ୍ରତିନିଧି ଚନ୍ଦନ ବିନ୍ଦଲ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭଟଲି ବିଧାୟକ ଆଚାର୍ଯ୍ୟ ବିଭିନ୍ନ ବର୍ଗର ପ୍ରତିଭାବାନ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

ସମ୍ମାନିତ ଅତିଥି ଭାବରେ ସଂଘର ବରିଷ୍ଠ ଖେଳାଳି ଅଜିତ ପଟ୍ଟନାୟକ, ଦୀପକ ରେଖାନି, ଦିଲୀପ ସାୱାଡିଆ ମ୍ୟାଚ ରେଫରି ଅସିତ ପଟ୍ଟନାୟକ, ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ସନ୍ଦୀପ ମିଶ୍ର, ଟିଓ କୋରଡିନେଟର ଲକ୍ଷପତି ନନ୍ଦ, ଟିଓ ଅବଜର୍ଭର ଦୀପକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଏହି ୧୯ ବର୍ଷରୁ କମ ରାଜ୍ୟ ବ୍ୟାଡ଼ମିଣ୍ଟନ ର୍‌ୟାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟର ମିକ୍ସଡ଼ ଡବଲ୍ସ ବର୍ଗରେ ବିଜେତା ସୋମ୍ୟଜିତ ସାହୁ ଓ ଅମ୍ବୀକା ମିଶ୍ର, ଉପ-ବିଜେତା ଦିଭ୍ୟାମ କେଜ୍ରିୱାଲ ଓ ସ୍ୱିଟି ପ୍ରିୟା ପ୍ରଧାନ, ବାଳିକା ଡବଲ୍ସ ବର୍ଗରେ ନିମିଶା ଓଝା ଓ ସ୍ୱାତୀ ନାୟକ ବିଜେତା, ଅମ୍ବୀକା ମିଶ୍ର ଓ ସ୍ୱିଟି ପ୍ରିୟା ପ୍ରଧାନ: ଉପବିଜେତା, ବାଳକ ଡବଲସ ବର୍ଗରେ ବିଜେତା ଦିଭ୍ୟାମ କେଜ୍ରିୱାଲ ଓ ଶୁଭ୍ର କେତନ ମଲ୍ଲିକ, ଉପ-ବିଜେତା ବାପୁନ ରାଉତ ଓ ଜୟକୃଷ୍ଣ ଗର୍ଡିଆ, ବାଳିକା ସିଙ୍ଗିଲ୍ସ ବର୍ଗରେ ଖୋର୍ଦ୍ଧାର ନିମିଶା ଓଝା ବିଜେତା ଓ କଟକର ସ୍ୱାତୀ ନାୟକ ଉପ-ବିଜେତା ହୋଇଥିବା ବେଳେ ବାଳକ ବିଭାଗ ର ବିଜେତା ବଲାଙ୍ଗୀରର ଦିଭ୍ୟାମ କେଜ୍ରିୱାଲ ଓ ଖୋର୍ଦ୍ଧାର ସୌମ୍ୟଜିତ ସାହୁ ଉପ-ବିଜେତା ହୋଇଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଶତାଧିକ ପ୍ରତିଭାବାନ ବାଳକ ଓ ବାଳିକା ବ୍ୟାଡ଼ମିଣ୍ଟନ ଖେଳାଳି ଯୋଗ ଦେଇଥିବା ବେଳେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ରାଜ୍ୟ ବ୍ୟାଡ଼ମିଣ୍ଟନ ସଂଘର ୩୦ ଜଣ ଅମ୍ପାୟାର ଖେଳ ପରିଚାଳନା କରିଥିଲେ।

ସକାଳ THE SAKALA



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୬.୨୮ ● ପାଉଣ୍ଡ ୧୧୯.୭୦
- ୟୁରୋ ୧୧୦.୧୭ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୧,୩୫୦ (ଭୁବନେଶ୍ୱର)
- ରୁପା : ୨,୩୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୮,୧୫୧.୦୦
- ନିଫ୍ଟି ୨୪,୩୩୪.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦




# ଭାରତରୁ ପ୍ରତିଭା ପଳାୟନ ଜାରି

ନୂଆଦିଲ୍ଲୀ,୧୯।୭(ଏଜେନ୍ସି): ଭାରତରେ ବିଭିନ୍ନ କ୍ଷେତ୍ରରେ ପ୍ରତିଭାର ଅଭାବ ନାହିଁ। ହେଲେ ଦେଶରୁ ଏହି ପ୍ରତିଭାର ପଳାୟନ ଜାରି ରହିଛି। ବର୍ତ୍ତମାନ ସମୟରେ ଏହି ପ୍ରତିଭା ପଳାୟନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ଷେତ୍ରକୁ ହେବାରେ ଲାଗିଛି। ବିଶେଷକରି ଭାରତରୁ ଦକ୍ଷତାର ପଳାୟନ ଆମେରିକାକୁ ହେବାରେ ଲାଗିଛି। ଭାରତର ଦକ୍ଷ ଏଆଇ ପ୍ରତିଭା ନିଜ ଦେଶରେ କାମ କରିବା ବଦଳରେ ଆମେରିକା ଯାଇ କାମ କରିବାକୁ ପସନ୍ଦ କରୁଛନ୍ତି। ଯେଉଁମାନେ ଦେଶ ଛାଡ଼ି ଚାଲିଯାଉଛନ୍ତି ସେମାନେ ଆଉ ଫେରିବାକୁ ଚାହୁଁନାହାନ୍ତି। ଯଦି ଫେରୁଛନ୍ତି, ସେଥିରୁ ବହୁତ କମ୍ ଲୋକ ଫେରୁଥିବା ଫୋର୍ବ୍ସ ଇଣ୍ଡିଆ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି।

ଆମେରିକାର ସିଲିକନ୍ ଭ୍ୟାଲି ବୈଠକରେ, ଭାରତୀୟ ଗବେଷକମାନେ ସ୍ପଷ୍ଟ କହୁଛନ୍ତି ଯେ ସେମାନଙ୍କୁ ଭାରତ ଫେରିବାର କୌଣସି ଦୃଢ଼ କାରଣ ଦେଖାଯାଉନାହିଁ। ଫଳରେ ଅନେକ ଭାରତୀୟ ଷ୍ଟାର୍ଟଅପ୍ ପ୍ରତିଷ୍ଠାତା ଭାରତ ବଦଳରେ ଆମେରିକାରେ ସେମାନଙ୍କର ନୂଆ ଏଆଇ ଷ୍ଟାର୍ଟଅପ୍ ଆରମ୍ଭ କରୁଛନ୍ତି। ଯାହାର ପରିଣାମ ସ୍ୱରୂପ ଭାରତ ବିଶ୍ୱ ଏଆଇ ଦୌଡ଼ରେ ପଛରେ ପଡ଼ିଯାଉଛି। ଏଣ୍ଟରପ୍ରାଇଜ୍ ଏଆଇ ଟାଲେଣ୍ଟରେ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତମ କେନ୍ଦ୍ର ବୋଲି କିଛି ବିଶେଷଜ୍ଞ ମାନୁଥିବାବେଳେ, ଭାରତରୁ କିନ୍ତୁ ଶ୍ରେଷ୍ଠ ପ୍ରତିଭାଙ୍କର ନିୟମିତ ପଳାୟନ ଜାରି ରହିଛି। ଫୋର୍ବ୍ସ ଇଣ୍ଡିଆର ରିପୋର୍ଟ ଅନୁସାରେ ଆମେରିକାର ଅଧିକ ଦରମା, ଆଡଭାନ୍ସ ଏଆଇ ପ୍ରକଳ୍ପରେ କାମ କରିବା ନେଇ ଦିଆଯାଉଥିବା ସୁଯୋଗ ଯୁବ ପ୍ରତିଭାଙ୍କୁ ଆକର୍ଷିତ କରୁଛି।

ଭାରତୀୟ ଆଇଟି କମ୍ପାନୀଗୁଡ଼ିକ



## ଫୋର୍ବ୍ସ ଇଣ୍ଡିଆ ରିପୋର୍ଟ

### ଦେଶର ଦକ୍ଷ ଏଆଇ ପ୍ରତିଭାଙ୍କ ପସନ୍ଦ ଆମେରିକା

### ୟୁଏସ୍‌ରେ ଏଆଇ ଷ୍ଟାର୍ଟଆପ୍ ଖୋଲିବାକୁ ଚାହୁଁଛନ୍ତି ଭାରତୀୟ

ବହୁତ ଦିନ ପରେ ନିଯୁକ୍ତି ଦେବା ଆରମ୍ଭ କରିଛନ୍ତି। ହେଲେ ଏଥିରେ ଏକ ବଡ଼ ସମସ୍ୟା ହେଉଛି, ଅଧିକାଂଶ ନୂଆ ନିଯୁକ୍ତି ଏଆଇ କ୍ଷେତ୍ରର ବିଶେଷଜ୍ଞଙ୍କ ପାଇଁ ରହିଛି। ଜବସ୍ପିକର ୨୦୨୬ ଜୁନ୍ ରିପୋର୍ଟ ଅନୁଯାୟୀ, ଦେଶରେ ଏଆଇ ଚାକିରି ୧୬% ବୃଦ୍ଧି ପାଇଥିବାବେଳେ ମୋଟ ନିଯୁକ୍ତି ୩% ହ୍ରାସ ପାଇଛି। ଅନ୍ୟପଟେ କମ୍ପାନୀଗୁଡ଼ିକ ନିର୍ଦ୍ଦିଷ୍ଟ ନିଯୁକ୍ତି କରି ପୁରୁଣା କର୍ମଚାରୀମାନଙ୍କୁ ନୂଆ କୌଶଳ ଶିଆଇ ତାଙ୍କୁ ଦକ୍ଷ କରିବାକୁ ଚାହୁଁଛନ୍ତି। ନ୍ୟାସନାଲ ଆସୋସିଏସନ୍ ଅଫ୍ ସଫ୍ଟୱେର ଆଣ୍ଡ ସର୍ଭିସ୍ କମ୍ପାନୀଜ୍ (ନାସ୍‌କମ୍)ର ଏକ ରିପୋର୍ଟ ଅନୁଯାୟୀ, ଭାରତରେ ୨୦୨୭ ସୁଦ୍ଧା ୬ ଲକ୍ଷରୁ ଅଧିକ ଏଆଇ ବୃତ୍ତିଗତଙ୍କ ଅଭାବ ଦେଖାଦେଇପାରେ। ପ୍ରାରମ୍ଭିକ କ୍ୟାରିଅରର ୯୦% ରୁ ଅଧିକ ଟେକ୍ ବୃତ୍ତିଗତ ଏଆଇ ଉପକରଣ ବ୍ୟବହାର କରୁଥିବାବେଳେ, କେବଳ ୨୩% ପ୍ରଫେସନାଲଙ୍କ ପାଖରେ ସ୍ୱତନ୍ତ୍ର ରୂପରେ ଏଆଇ ସିଷ୍ଟମଗୁଡ଼ିକୁ ବନାଇବା ଓ କାର୍ଯ୍ୟକାରୀ କରିବା ପାଇଁ ଟେକ୍ନିକାଲ ଭିତ୍ତିକ ଜ୍ଞାନ ରହିଛି।

# ୧୮ ମାସରେ ଏୟାର ଇଣ୍ଡିଆ ଫ୍ଲିଟ୍‌ରେ ସାମିଲ କରିବ ୬୦ ନୂଆ ବିମାନ

ମୁମ୍ବଇ,୧୯।୭(ଏଜେନ୍ସି): ଟାଟା ସମୂହର ମାଲିକାନାଧୀନ ଏୟାର ଇଣ୍ଡିଆ ଆଗାମୀ ୧୮ ମାସରେ ତାର ଫ୍ଲିଟ୍ ବିସ୍ତାର କରିବା ଯୋଜନାରେ ଅଛି। କମ୍ପାନୀ ଘୋଷଣା କରିଛି ଯେ ଏହି ସମୟରେ ଏୟାର ଇଣ୍ଡିଆ ଫ୍ଲିଟ୍ ରେ ୫୦ଟିରୁ ୬୦ଟି ନୂଆ ବିମାନ ସାମିଲ ହୋଇପାରେ। ଏୟାର ଇଣ୍ଡିଆର କହିବା କଥା ହେଉଛି ବୈଶ୍ୱିକ ଚ୍ୟାଲେଞ୍ଜ ସତ୍ତ୍ୱେ ତାର ମହତ୍ୱାକାଂକ୍ଷୀ ଟ୍ରାନସଫର୍ମେସନ ଯୋଜନା ସଠିକ ଦିଗରେ ଆଗକୁ ବଢୁଛି ଓ ଆଗାମୀ ବର୍ଷମାନଙ୍କରେ ଯାତ୍ରୀଙ୍କୁ ଉନ୍ନତ ସେବା ମିଳିବ।ଏୟାର ଇଣ୍ଡିଆର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ତଥା ଏୟାରଇଣ୍ଡିଆ ଏକ୍ସପ୍ରେସ୍ ର ଚେୟାରମ୍ୟାନ ନିପୁଣ ଅଗ୍ରୱାଲ କହିଛନ୍ତି ଯେ କମ୍ପାନୀ ପାଖାପାଖି ୬୦୦ ବିମାନ ପାଇଁ ଅର୍ଡର ଦେଇଛି। ତେବେ ଏ ପର୍ଯ୍ୟନ୍ତ ମୋଟ ଅର୍ଡରର ୧୦%ରୁ ବି କମ ଡେଲିଭରୀ ହୋଇଛି। ହେଲେ ଆଗାମୀ ୭ରୁ ୮ ବର୍ଷ ପର୍ଯ୍ୟନ୍ତ ପ୍ରତିବର୍ଷ ୫୦ରୁ ୬୦ଟି ନୂଆ ବିମାନ ମିଳିବ ବୋଲି ଆଶା କରାଯାଉଛି। ଏଥିରେ ୧୦ରୁ ୧୫ଟି ୱାଇଡ ବଡି (ବଡ଼ ବିମାନ) ଓ ୪୫ରୁ ୫୦ଟି ନ୍ୟାରୋ ବଡି (ଛୋଟ ବିମାନ) ରହିବେ।ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଆଗାମୀ ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ପୁରା ଫ୍ଲିଟ୍ କୁ ଗୋଟିଏ ପ୍ରକାର ବିମାନ ମଡେଲରେ ବଦଳାଇବା ଯୋଜନାରେ କାମ କରୁଛି। ସେହିପରି ଏୟାର ଇଣ୍ଡିଆର ବୋଇଂ ୭୮୭ ଡ୍ରିମଲାଇନର ବିମାନଙ୍କ ଅପଗ୍ରେଡ ଆଗାମୀ ବର୍ଷ ମଧ୍ୟ ସୁଦ୍ଧା ପୁରା ହୋଇଯିବ ବୋଲି ଆଶା କରାଯାଉଛି। କମ୍ପାନୀ ଏହା ବି କହିଛି ଯେ ବୋଇଂ ମ୍ୟାକ୍ସ-୮ ବିମାନଙ୍କ ଡେଲିଭରୀ ନିର୍ଦ୍ଧାରିତ ସମୟରେ ହେବ। ତେବେ ମ୍ୟାକ୍ସ ୧୦ ବିମାନଙ୍କ ଡେଲିଭରୀ ସାର୍ଟିଫିକେସନ ପ୍ରକ୍ରିୟା ପୁରା ହେବା ପରେ ଆରମ୍ଭ ହେବ।ପଶ୍ଚିମ ଏସିୟା ଉତ୍ତେଜନା ଓ ବିମାନ ଇନ୍ଧନ ମୂଲ୍ୟ ବୃଦ୍ଧି ଯୋଗୁ ଏୟାର ଇଣ୍ଡିଆ କିଛି ଉଡାଣ ସାମୟିକ ବନ୍ଦ କରିଥିଲା। ଏବେ କମ୍ପାନୀ ଚଳିତବର୍ଷ ଦ୍ୱିତୀୟାର୍ଦ୍ଧରେ ନିଜ ନେଟୱାର୍କକୁ ପୁଣି ମଜଭୁତ କରିବାକୁ ଯାଉଥିବା କହିଛି। ପରବର୍ତ୍ତି ମାସ ମାନଙ୍କରେ ଯୁଦ୍ଧ ପୂର୍ବ ସ୍ତରକୁ ସେବା ଫେରାଇ ଆଣିବାକୁ ଲକ୍ଷ୍ୟ ରଖିଛି। ଏହାଛଡା ଯାତ୍ରୀଙ୍କ ଯାତ୍ରା ଅଭିଜ୍ଞତାକୁ ସ୍ମରଣୀୟ କରିବା ପାଇଁ ଚାଳକ ଦଳ ଓ ଏୟାରପୋର୍ଟ କର୍ମଚାରୀଙ୍କ ପ୍ରଶିକ୍ଷଣ, ନୂଆ ସେବା ପ୍ରକ୍ରିୟା ଓ ଆଧୁନିକ ଟେକ୍ନୋଲଜିରେ ମଧ୍ୟ ଲଗାତାର ନିବେଶ କରାଯାଉଛି।

# ସାରା ବିଶ୍ୱରେ ଇନଷ୍ଟାଗ୍ରାମ୍,ଫେସବୁକ୍ ସେବା ଠପ୍

## ୟୁଜରଙ୍କ ପ୍ରୋଫାଇଲ୍ ଦେଖାଯାଉନାହିଁ, କି ଷ୍ଟୋରୀ ଲୋଡ୍ ହେଉନାହିଁ

ନୂଆଦିଲ୍ଲୀ,୧୯।୭(ଏଜେନ୍ସି): ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମ ଡାଉନ୍ ହୋଇଛି। ଫେସବୁକ୍ ଏବଂ ମେସେଞ୍ଜରରେ ମଧ୍ୟ ବ୍ୟବହାରକାରୀମାନେ ଏଥିଯୋଗୁ ବହୁସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆଉଟେଜ୍ ଟ୍ରାକିଂ ୱେବସାଇଟ୍ ଡାଉନ୍ ଡିଟେକ୍ଟର ଅନୁଯାୟୀ, ୪୦୦୦ ରୁ ଅଧିକ ଲୋକ ଇନଷ୍ଟାଗ୍ରାମରେ ସମସ୍ୟା ସମ୍ପର୍କରେ ରିପୋର୍ଟ କରିଛନ୍ତି। ୩୦୦୦ ରୁ ଅଧିକ ବ୍ୟବହାରକାରୀ ଫେସବୁକ୍‌ରେ ମଧ୍ୟ ଏନେ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ୧୦୦ ରୁ ଅଧିକ ଲୋକ ମେସେଞ୍ଜରରେ ସେବା ପାଇବା ନେଇ ବାଧା ରିପୋର୍ଟ କରିଛନ୍ତି। ଏହି ବିଭ୍ରାଟ ଆଜି ବିଶ୍ୱବ୍ୟାପୀ ଦେଖିବାକୁ ମିଳିଛି। ତଥାପି, ଭାରତୀୟ ବ୍ୟବହାରକାରୀମାନେ କୌଣସି ବିଭ୍ରାଟ ରିପୋର୍ଟ କରିନାହାଁନ୍ତି। ଏହି ବିଭ୍ରାଟର ସଠିକ୍ କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ମେଟା କିମ୍ବା ଏହାର ବ୍ୟକ୍ତିଗତ ସେବା ଦ୍ୱାରା ବ୍ୟବହାରକାରୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ କୌଣସି ସରକାରୀ ବିବୃତ୍ତି ଜାରି କରାଯାଇନାହିଁ। ଅନେକ ବ୍ୟବହାରକାରୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ'ରେ ମଧ୍ୟ ଭ, ନେଇ ଅଭିଯୋଗ କରିଛନ୍ତି। ଏଭଳି ସମସ୍ୟା ଯୋଗୁ ଏକ୍ସ' ରେ ଜଣେ ବ୍ୟବହାରକାରୀ ରିପୋର୍ଟ କରିଛନ୍ତି ଯେ ପ୍ରୋଫାଇଲ୍ ଏବଂ ଷ୍ଟୋରି ଲୋଡ୍ କରିହେଉନାହିଁ।

ଜଣେ ଇନଷ୍ଟାଗ୍ରାମ ବ୍ୟବହାରକାରୀ ରିପୋର୍ଟ କରିଛନ୍ତି ଯେ ସେମାନଙ୍କର ଫିଡ୍ କାମ କରୁଛି, କିନ୍ତୁ ସେମାନେ ସେମାନଙ୍କର ପ୍ରୋଫାଇଲ୍ ଦେଖିପାରୁନାହାଁନ୍ତି। ଅନ୍ୟ ଜଣେ ବ୍ୟବହାରକାରୀ କହିଛନ୍ତି ଯେ ହୋମ୍ ପେଜ୍ ଲୋଡ୍ ହେଉନାହିଁ ଏବଂ ସେମାନେ ଷ୍ଟୋରୀ ପୋଷ୍ଟ କରିପାରୁନାହାନ୍ତି। ଏକ୍ସ'ରେ ଜଣେ ବ୍ୟବହାରକାରୀ ଲେଖିଛନ୍ତି, ଇନଷ୍ଟାଗ୍ରାମ୍ ବନ୍ଦ ଅଛି। ଫେସବୁକ୍ ବ୍ୟବହାରକାରୀ ଲଗଇନ୍ ଏବଂ ଫିଡ୍ ସହିତ ତ୍ରୁଟି ଅନୁଭବ କରୁଛନ୍ତି। ଜଣେ ବ୍ୟବହାରକାରୀ ରାତି ୨ଟାରେ ଲେଖିଛନ୍ତି, ଫିଡରେ କେବଳ ଦୁଇଟି ପୋଷ୍ଟ ଦେଖାଗଲା ଏବଂ ତା'ପରେ ଏକ ତ୍ରୁଟି ଆସିଲା, ଏହା ପୁଣି ଲୋଡ୍ ହେଉନାହିଁ। ୟୁକେରୁ ଆମେରିକାର ଟେନେସି ପର୍ଯ୍ୟନ୍ତ ଲୋକମାନେ ମେଟାର ଏହି ସେବାରେ ସମସ୍ୟା ବିଷୟରେ ଅଭିଯୋଗ କରିଛନ୍ତି। ଅନେକ ବ୍ୟବହାରକାରୀ ସ୍କ୍ରିନ୍‌ରେ ମେସେଜ ପାଉଛନ୍ତି ଯେ ଆକାଉଣ୍ଟ ଅସ୍ଥାୟୀ ଭାବରେ ଉପଲବ୍ଧ ନାହିଁ (ଅର୍ଥାତ୍ ସାଇଟରେ ସମସ୍ୟା ଯୋଗୁଁ ଆକାଉଣ୍ଟ ବର୍ତ୍ତମାନ ଉପଲବ୍ଧ ନାହିଁ)। ଜଣେ ବ୍ୟବହାରକାରୀ ପଚାରିଥିଲେ ଯେ ସେମାନେ ମୋବାଇଲରେ ଫେସବୁକ୍ ଆକ୍ସେସ୍ କରିପାରିବେ, କିନ୍ତୁ ଲାପ୍‌ଟପ୍‌ରେ ନୁହେଁ।

# ଭାରତର ଅଭିବୃଦ୍ଧିକୁ ମୁଦ୍ରାସ୍ଫୀତି ବଡ଼ ଆହ୍ୱାନ

ନୂଆଦିଲ୍ଲୀ,୧୯।୭(ଏଜେନ୍ସି): ଚଳିତ ଆର୍ଥିକବର୍ଷ ୨୦୨୬-୨୭ରେ ଭାରତୀୟ ଅର୍ଥନୀତି ୬.୫ରୁ ୬.୮ ପ୍ରତିଶତ ହାରରେ ଅଭିବୃଦ୍ଧି ଘଟିବ। ଯଦିବା ଚଳିତ ଆର୍ଥିକବର୍ଷର ପ୍ରଥମାର୍ଦ୍ଧରେ ଅଭିବୃଦ୍ଧିରେ କିଛିଟା ହ୍ରାସ ଘଟିବ, କିନ୍ତୁ ଫେଷ୍ଟିଭ୍ ଚାହିଦା, ମୁଦ୍ରା ନୀତିକୁ ସହଜ କରିବା ଏବଂ ବିଶ୍ୱ ପରିସ୍ଥିତିରେ ଉନ୍ନତି ଯୋଗୁଁ ଦ୍ୱିତୀୟାର୍ଦ୍ଧରେ ଅର୍ଥନୀତିକୁ ଗତି ମିଳିବା ନେଇ ଆଶା କରାଯାଉଛି। ହେଲେ ଭାରତର ଅଭିବୃଦ୍ଧି ଆଗରେ ମୁଦ୍ରାସ୍ଫୀତି ବଡ଼ ଆହ୍ୱାନ ସାଜିବ ବୋଲି ଡେଲଏଟ୍ ଇଣ୍ଡିଆ ପକ୍ଷରୁ ସଦ୍ୟତମ ଅର୍ଥନୈତିକ ଆଉଟଲୁକ୍ ରିପୋର୍ଟରେ ଏହା କୁହାଯାଇଛି।

ରିପୋର୍ଟରେ କୁହାଯାଇଛି ଯେ ଭାରତ ବର୍ଷ ୨୦୨୬କୁ ଏକ ଦୃଢ଼ ଆର୍ଥିକ ଭିତ୍ତିଭୂମି ସହିତ ଆରମ୍ଭ କରିଥିଲା, କିନ୍ତୁ ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ଏବଂ ବିଶ୍ୱ ବିକାଶ ଅର୍ଥନୈତିକ ପରିବେଶକୁ ପ୍ରଭାବିତ କରିଛି। ଏହା ପ୍ରମୁଖ ସାମୁଦ୍ରିକ ମାର୍ଗରେ ବାଧା, ସାମଗ୍ରୀ ମୂଲ୍ୟରେ ଉତ୍ଥାନ-ପତନ, ନିବେଶକଙ୍କ ଚିନ୍ତା ଏବଂ ପୁଞ୍ଜି ପ୍ରବାହ ସୃଷ୍ଟି କରିଛି। ଏହା ବାଣିଜ୍ୟ ନିଅଣ୍ଟ ଏବଂ ଟଙ୍କାର ବିନିମୟ ହାରକୁ ମଧ୍ୟ ପ୍ରଭାବିତ କରିଛି। ଏହି ଘଟଣାକ୍ରମକୁ ଦୃଷ୍ଟିରେ ରଖି, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସମ୍ପ୍ରତି ଚଳିତ



ଆର୍ଥିକବର୍ଷ ପାଇଁ ଏହାର ଆର୍ଥିକ ଅଭିବୃଦ୍ଧି ପୂର୍ବାନୁମାନ ୬.୯%ରୁ ୬.୬%କୁ ହ୍ରାସ କରିଛି। ପୂର୍ବରୁ, ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ଅର୍ଥନୀତି ୭.୭% ବୃଦ୍ଧି ରେକର୍ଡ କରିଥିଲା।

ଡେଲଏଟ୍ ଇଣ୍ଡିଆ ଅର୍ଥନୀତିଜ୍ଞ ରୁମକି ମଜୁମଦାର କହିଛନ୍ତି ଯେ, ବିଶ୍ୱ ଅର୍ଥନୀତି ପରିସ୍ଥିତି ପୂର୍ବ ଅପେକ୍ଷା ଅଧିକ ଅନିଶ୍ଚିତ ହୋଇଗଲାଣି। ସେ କହିଛନ୍ତି ଯେ ସାମ୍ପ୍ରତିକ ଭୂ-ରାଜନୈତିକ ବିକାଶ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ନୀତି କାର୍ଯ୍ୟ କିଛି ବିପଦକୁ ହ୍ରାସ କରିପାରେ, କିନ୍ତୁ ପାଣିପାଗ ସମ୍ବନ୍ଧୀୟ ଅନିଶ୍ଚିତତା, ବିଶେଷ କରି କୃଷି ଉତ୍ପାଦନ

## ଡେଲଏଟ୍ ଇଣ୍ଡିଆ ରିପୋର୍ଟ

### ପ୍ରଥମାର୍ଦ୍ଧରେ କମିବ, ଜିଡିପି ୬.୮% ରହିବ

ଏବଂ ଖାଦ୍ୟ ମୂଲ୍ୟ ଉପରେ ଏଲ୍ ନିନୋର ପ୍ରଭାବ ଏକ ପ୍ରମୁଖ ଚ୍ୟାଲେଞ୍ଜ ରହିଛି।

ରିପୋର୍ଟରେ କୁହାଯାଇଛି ଯେ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ବିସ୍ତାର ମଧ୍ୟମ ଅବଧିରେ ଭାରତର ଅଭିବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ବାହକ ହୋଇପାରେ। ତଥାପି, ଘରୋଇ ଶିଳ୍ପକୁ ସୁଦୃଢ଼ କରିବା, ଉନ୍ନତ ଭିତ୍ତିଭୂମି ନିର୍ମାଣ କରିବା, ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବା ଏବଂ ନବସୃଜନ ଏବଂ ଦକ୍ଷତା ବିକାଶରେ ନିବେଶ ବୃଦ୍ଧି କରିବା ବଜାର ପ୍ରବେଶକୁ ବିସ୍ତାର କରିବା ସହିତ ଅତ୍ୟାବଶ୍ୟକ ହେବ। ଡେଲଏଟ୍ ଆର୍ଥିକ ଅଭିବୃଦ୍ଧି ପାଇଁ ମୁଦ୍ରାସ୍ଫୀତିକୁ ଏକ ପ୍ରମୁଖ ବିପଦ ଭାବରେ ଚିହ୍ନଟ କରିଛନ୍ତି। ଅଶୋଧିତ ତୈଳ, ସାର, ଅତ୍ୟାବଶ୍ୟକ ଖଣିଜ ପଦାର୍ଥ ଏବଂ ଖାଦ୍ୟ ତେଲର ବୃଦ୍ଧି, ଦୁର୍ବଳ ଟଙ୍କା ସହିତ ଘରୋଇ ମୂଲ୍ୟକୁ ପ୍ରଭାବିତ କରିପାରେ। ଜୁନ୍ ମାସରେ ଭାରତର ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ମୁଦ୍ରାସ୍ଫୀତି ହାର ୪.୩୮ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ୧୮ ମାସର ସର୍ବୋଚ୍ଚ। ରିପୋର୍ଟ ଅନୁଯାୟୀ, ଦୁର୍ବଳ ମୌସୁମୀ ଆଗାମୀ ମାସଗୁଡ଼ିକରେ ଖାଦ୍ୟ ମୁଦ୍ରାସ୍ଫୀତି ଚାପ ବୃଦ୍ଧି କରିପାରେ, କାରଣ ଖାଦ୍ୟ ସାମଗ୍ରୀ ସିପିଆଇର ପ୍ରାୟ ୪୬ ପ୍ରତିଶତ। ରିପୋର୍ଟରେ କୁହାଯାଇଛି ଯେ ନୀତି ନିର୍ଦ୍ଧାରକମାନେ ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ସନ୍ତୁଳିତ କରିବା ଏବଂ ଆର୍ଥିକ ଶୃଙ୍ଖଳା ବଜାୟ ରଖିବାର ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ।

# ଗ୍ରାହକଙ୍କୁ ଲାଭ ପ୍ରଦାନ କଲା ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସ

ଭୁବନେଶ୍ୱର,୧୯।୭: ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ ଗତ ଜୁନ୍ ୨୦୨୬ରେ ଶେଷ ହୋଇଥିବା ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୨୭.୮%ର ବାର୍ଷିକ ଅଭିବୃଦ୍ଧି ସହିତ ୩୮୬ କୋଟି ଟଙ୍କାର ଶୁଦ୍ଧ ଲାଭ ହାସଲ କରିଛି। ପ୍ରଥମ ତ୍ରୈମାସିକରେ କମ୍ପାନୀର ଟର୍ମ ପ୍ଲାନ (ରିଟେଲ ପ୍ରୋଟେକ୍ସନ) ବ୍ୟବସାୟ ବାର୍ଷିକ ଆଧାରରେ ୬୦.୪% ବୃଦ୍ଧି ହୋଇଛି। କମ୍ପାନୀ ଏହି ତ୍ରୈମାସିକରେ ୯୯.୩%ର ଦାବି ସମାଧାନ ଅନୁପାତ ହାସଲ କରିଛି। ଏଥିସହିତ କମ୍ପାନୀ ବୋର୍ଡ ପକ୍ଷରୁ କମ୍ପାନୀର ନାମ 'ଆଇସିଆଇସିଆଇ ଲାଇଫ ଇନ୍ସୁରାନ୍ସ ଲିମିଟେଡ'କୁ ପରିବର୍ତ୍ତନ କରିବା ପାଇଁ ମଞ୍ଜୁରୀ ପ୍ରଦାନ କରାଯାଇଛି। କମ୍ପାନୀର ନିର୍ଦ୍ଦେଶକ ବୋର୍ଡ ପକ୍ଷରୁ ନିକଟରେ ପ୍ରାସଙ୍ଗିକ ଅନୁମୋଦନ ଅନୁଯାୟୀ କମ୍ପାନୀର ନାମକୁ 'ଆଇସିଆଇସିଆଇ ଲାଇଫ ଇନ୍ସୁରାନ୍ସ ଲିମିଟେଡ' ଭାବେ ପରିବର୍ତ୍ତନ କରିବା ପାଇଁ ଏକ ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଛି।

# ବିବେକ ନିଶାନ୍ତ ନାଥଙ୍କୁ ଏନ୍‌ଏମ୍‌ଡିସିର ନିର୍ଦ୍ଦେଶକ ଦାୟିତ୍ୱ



ନୂଆଦିଲ୍ଲୀ, ୧୯।୭ (ଏଜେନ୍ସି): ବିବେକ ନିଶାନ୍ତ ନାଥ ଭାରତର ସର୍ବବୃହତ ଲୁହାପଥର ଉତ୍ପାଦକ ଏନ୍‌ଏମ୍‌ଡିସି ଲିମିଟେଡର ନିର୍ଦ୍ଦେଶକ (ବାଣିଜ୍ୟିକ) ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଧାତୁ ଏବଂ ଖଣି କ୍ଷେତ୍ରରେ ତିନି ଦଶନ୍ଧିରୁ ଅଧିକ ଅଭିଜ୍ଞତା ସହିତ ଶ୍ରୀ ନାଥ ବିକ୍ରିଏବଂ ମାର୍କେଟିଂ, ଆନ୍ତର୍ଜାତୀୟ ବାଣିଜ୍ୟିକ କାର୍ଯ୍ୟ, କ୍ରୟ, ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳା ପରିଚାଳନାରେ ବ୍ୟାପକ ବିଶେଷଜ୍ଞତା ରଖିଛନ୍ତି। ଶ୍ରୀ ନାଥ ୧୯୯୨ରେ ଏନ୍‌ଏମ୍‌ଡିସିରେ ତାଙ୍କର ବୃତ୍ତିଗତ କ୍ୟାରିଅର ଆରମ୍ଭ କରିଥିଲେ ଏବଂ କମ୍ପାନୀ ମଧ୍ୟରେ ବିଭିନ୍ନ ବାଣିଜ୍ୟିକ ଭୂମିକାରେ ପ୍ରାୟ ପନ୍ଦର ବର୍ଷ ବିତାଇଥିଲେ, ଘରୋଇ ଲୁହାପଥର ବିକ୍ରୟ ଏବଂ ମାର୍କେଟିଂରେ ବ୍ୟାପକ ଅଭିଜ୍ଞତା ଅର୍ଜନ କରିଥିଲେ। ପରବର୍ତ୍ତୀ ସମୟରେ ସେ ଏସାର ଷ୍ଟିଲ୍ ଲିମିଟେଡ୍ ଏବଂ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆରେ ପ୍ରମୁଖ ପଦବୀରେ ରହିଥିଲେ ଏବଂ ୨୦୨୧ରେ ଓଡିଶା ମାଇନିଂ କର୍ପୋରେସନ ଲିମିଟେଡ୍ (ଓଏମ୍‌ସି) ରେ ମହାପ୍ରବନ୍ଧକ (ବିକ୍ରୟ ଏବଂ ମାର୍କେଟିଂ) ଭାବରେ ଯୋଗ ଦେଇଥିଲେ। ୨୦୨୪ରେ ତାଙ୍କୁ ଓଏମ୍‌ସିରେ ମୁଖ୍ୟ ମହାପ୍ରବନ୍ଧକ (ବିକ୍ରି ଏବଂ ମାର୍କେଟିଂ) ପଦବୀକୁ ପଦୋନ୍ନତି ଦିଆଯାଇଥିଲା, ଯେଉଁଠାରେ ସେ ଲୁହାପଥର, କ୍ରୋମ ଅର, ମାଙ୍ଗାନିଜ ଅର, ବକ୍ସାଇଟ୍, ଚୂନାପଥର ଏବଂ ଫେରୋକ୍ରୋମର ବିକ୍ରୟ ଏବଂ ମାର୍କେଟିଂ କାର୍ଯ୍ୟର ନେତୃତ୍ୱ ନେଇଥିଲେ। ସେ ପୁଣେର ସିମ୍ବାୟୋସିସ୍ ସେଣ୍ଟର ଫର୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍ ରୁ ଆନ୍ତର୍ଜାତୀୟ ବ୍ୟବସାୟରେ ଏମ୍‌ବିଏ ଡିଗ୍ରୀ ହାସଲ କରିଛନ୍ତି।

# ବିଶ୍ୱକର୍ମା ମହାରଣାଙ୍କୁ ଅଭିବାଦନ ଜଣାଇଲା 'ଆଶୀର୍ବାଦ'

ଭୁବନେଶ୍ୱର ,୧୯।୬: ପ୍ରସିଦ୍ଧ ପୁରୀ ରଥ ଯାତ୍ରା ସହିତ ଗଭୀର ଭାବରେ ସମ୍ପୃକ୍ତିକୁ ନିରନ୍ତର ଜାରି ରଖି ଭାରତର ନମ୍ବର ୧ ପ୍ୟାକେଜଡ୍ ଅଟା ବ୍ରାଣ୍ଡ 'ଆଶୀର୍ବାଦ', ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ରଥର ଅଭିଜ୍ଞ କାରିଗର 'ବିଶ୍ୱକର୍ମା ମହାରଣା ସମୁଦାୟ'ଙ୍କର ଦୀର୍ଘସ୍ଥାୟୀ ପରମ୍ପରାରେ ଅନୁପ୍ରେରିତ ହୋଇ ଏକ ତଲ୍ଲିନକାରୀ ସାଂସ୍କୃତିକ ଅନୁଭୂତିରେ 'ଗୁଣାତ୍ମକ ପରମ୍ପରା'କୁ ଉପସ୍ଥାପନ କରୁଛି। ଏହି ଅଭିଯାନ, ଯାହାର ନାମ 'ଗୁଣାତ୍ମକ ପରମ୍ପରା'ଭାବରେ ପରିଚିତ ହେଉଛି ତାହା ପିଢି ପରେ ପିଢି କୁଶଳତା, ନିଖୁଣତା ଏବଂ କାରିଗରୀକୁ ପାଳନ କରୁଛି ଏବଂ ସେହି ସମୟରେ ଆଶୀର୍ବାଦର 'କ୍ୱାଲିଟି କି ଗ୍ୟାରେଣ୍ଟି'ର ପ୍ରତିଶ୍ରୁତି ଜୀବନ୍ତ କରି ଗଢିତୋଳୁଛି। ଏହି ଅନୁଭୂତି ବିଶିଷ୍ଟ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଏଲିନା ସାମନ୍ତରାୟଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଥିଲା, ଯିଏ ବିଶ୍ୱକର୍ମା ସମୁଦାୟ, ଭକ୍ତଗଣଙ୍କ ସହିତ ଭାବ ବିନିମୟ କରିଥିଲେ ଏବଂ ତଲ୍ଲିନକାରୀ ସ୍ଥାପନାର ଅନୁଭୂତି ହାସଲ କରିଥିଲେ। ଓଡ଼ିଶାର ଶହ ଶହ ବର୍ଷ ପୁରାତନ ପରମ୍ପରାରେ ମୂଳ ରଖୁଥିବା ଏହି ଅନୁଭୂତି ମହାପ୍ରଭୁ ଜଗନ୍ନାଥଙ୍କ ରଥ ନିର୍ମାଣରେ ସଂପୃକ୍ତ ନିଖୁଣ କାରିଗରୀରୁ ପ୍ରେରଣା ଲାଭ କରୁଛି। ପ୍ରତିବର୍ଷ ପରମପୂଜ୍ୟ ରଥଗୁଡିକ ବିଶ୍ୱକର୍ମା ମହାରଣା ସମୁଦାୟଙ୍କ ଦ୍ୱାରା ନିର୍ମାଣ କରାଯାଇଆସୁଛି, ଯାହାଙ୍କର ଉତ୍ସର୍ଗୀକୃତ ଭାବ ଏବଂ ବିଦ୍ୱତ୍ତା ଏହି ପବିତ୍ର ପରମ୍ପରାକୁ ପିଢି ପରେ ପିଢି ସଂରକ୍ଷିତ କରି ରଖିଆସିଛି।



# 'ଦି ମାଡ୍ରାସ ବ୍ୟାଙ୍କ' ଦେଶର ପ୍ରଥମ ବ୍ୟାଙ୍କ

## ମୋଗଲ ଯୁଗରେ ୟୁରୋପୀୟ ବ୍ୟବସାୟୀ କରିଥିଲେ ସ୍ଥାପନା

ନୂଆଦିଲ୍ଲୀ,୧୯।୭(ଏଜେନ୍ସି): ବର୍ତ୍ତମାନ ଭାରତରେ ୪୦ ଟି ପ୍ରମୁଖ ବ୍ୟାଙ୍କ କାର୍ଯ୍ୟ କରୁଛି। ଏଥିମଧ୍ୟରୁ ୧୨ ଟି ରାଷ୍ଟ୍ରାୟତ୍ତ କ୍ଷେତ୍ରର ବ୍ୟାଙ୍କ (ପିଏସ୍‌ବି)। ଏଥିରେ ଘରୋଇ କ୍ଷେତ୍ରର ବ୍ୟାଙ୍କ ସଂଖ୍ୟା ୨୧। ଏହାବ୍ୟତୀତ, ୭ଟି ବିଦେଶୀ ବ୍ୟାଙ୍କ ଭାରତରେ କାର୍ଯ୍ୟରତ। ଏଥିସହ କିଛି କ୍ଷୁଦ୍ର ଆର୍ଥିକ ବ୍ୟାଙ୍କ ଏବଂ ପେମେଣ୍ଟ ବ୍ୟାଙ୍କ ମଧ୍ୟ ସେବା ପ୍ରଦାନ କରୁଛନ୍ତି। ପ୍ରମୁଖ ସରକାରୀ କ୍ଷେତ୍ର ବ୍ୟାଙ୍କଗୁଡ଼ିକ ମଧ୍ୟରେ ଏସ୍‌ବିଆଇ, ପିଏନ୍‌ବି ଏବଂ ବ୍ୟାଙ୍କ ଅଫ୍ ବରୋଦା (ବିଓବି) ଅନ୍ତର୍ଭୁକ୍ତ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏବଂ ଆଇସିଆଇସିଆଇ ବ୍ୟାଙ୍କ ଭଳି ବ୍ୟାଙ୍କଗୁଡ଼ିକ ଘରୋଇ କ୍ଷେତ୍ରରେ ପ୍ରମୁଖ ନାମ। ଭାରତର ବିଭିନ୍ନ ସ୍ଥାନରେ ଅନେକ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ଏବଂ ସମବାୟ ବ୍ୟାଙ୍କ ମଧ୍ୟ କାର୍ଯ୍ୟ କରୁଛି। ତଥାପି, ବହୁତ କମ୍ ଲୋକ ଜାଣନ୍ତି ଯେ ଦେଶର ସବୁଠାରୁ ପୁରୁଣା ଏବଂ ପ୍ରଥମ ବ୍ୟାଙ୍କ କେଉଁଟି। ଭାରତର ପ୍ରଥମ ବ୍ୟାଙ୍କ ଥିଲା 'ଦି ମାଡ୍ରାସ ବ୍ୟାଙ୍କ'। ଏହା ୧୬୮୩ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ସେତେବେଳେ ଭାରତର ଅଧିକାଂଶ ଅଂଶ ମୋଗଲମାନଙ୍କ ଦ୍ୱାରା ଶାସିତ ହୋଇଥିଲା। ଏହି ବ୍ୟାଙ୍କ ୩୪୩ ବର୍ଷ ପୂର୍ବେ ୟୁରୋପୀୟ ବ୍ୟବସାୟୀଙ୍କ ଦ୍ୱାରା ଆରମ୍ଭ ହୋଇଥିଲା।

### ଇମ୍ପେରିଆଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ହୋଇ ପରେ ଏସ୍‌ବିଆଇ ଭାବେ ପରିଚିତ

୧୬୮୩ରେ ପ୍ରତିଷ୍ଠା ହେବା ପରେ, 'ଦି ମାଡ୍ରାସ ବ୍ୟାଙ୍କ' ୧୮୦୬ରେ ବନ୍ଦ ହେବା ନିକଟରେ ଥିଲା। ପ୍ରକୃତରେ, ଏହା ସରକାରୀ ଭାବରେ ବନ୍ଦ ହୋଇଯାଇଥିଲା। ତଥାପି, ଏହା ଫେବୃଆରୀ ୧୮୦୬ ରେ ଫୋର୍ଟ ସେଣ୍ଟ ଜର୍ଜରୁ କାର୍ଯ୍ୟ କରୁଥିବା ମାଡ୍ରାସ ବ୍ୟାଙ୍କ ଭାବରେ ପୁନଃ ଖୋଲିଥିଲା। ୧୮୦୬ରେ ପ୍ରତିଷ୍ଠିତ ଏହି ବ୍ୟାଙ୍କ ପରେ ୧୮୪୩ରେ ବ୍ୟାଙ୍କ ଅଫ୍ ମାଡ୍ରାସ ସହିତ ମିଶ୍ରଣ ହୋଇଥିଲା, ଯାହା ଆଜିର ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରାରମ୍ଭିକ ରୂପ ଥିଲା। ବ୍ୟାଙ୍କ ଅଫ୍



ମାଡ୍ରାସ ଆଉ ନାହିଁ, କିନ୍ତୁ ଏହା ଆଜି କିପରି ବଞ୍ଚି ରହିଛି ତାହା ବହୁତ ଆକର୍ଷଣୀୟ। ଏହା ଉଲ୍ଲେଖ ଯୋଗ୍ୟ, ଯେ ୧୮୪୩ରେ ବ୍ୟାଙ୍କ ଅଫ୍ ମାଡ୍ରାସ ସହିତ ମିଶ୍ରଣ ପରେ, ୧୯୨୧ରେ ବ୍ୟାଙ୍କ ଅଫ୍ କଲିକତା ଏବଂ ବ୍ୟାଙ୍କ ଅଫ୍ ବମ୍ବେ ସହିତ ଏହାର ମିଶ୍ରଣ ହୋଇଥିଲା। ତା'ପରେ ଏହି ତିନୋଟିକୁ ମିଶ୍ରଣ କରି ଇମ୍ପେରିଆଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଗଠନ କରାଯାଇଥିଲା। ତା'ପରେ ୧୯୫୫ ରେ ଯେତେବେଳେ ଇମ୍ପେରିଆଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ନାମ ପରିବର୍ତ୍ତନ କରି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ରଖାଯାଇଥିଲା, ଏବଂ ସେବେଠାରୁ ଏହା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନାମରେ କାର୍ଯ୍ୟ କରିଆସୁଛି।

ମାଡ୍ରାସ ବ୍ୟାଙ୍କ ୟୁରୋପୀୟ ବ୍ୟବସାୟୀଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ଏବଂ ସେମାନେ ଏହାର ଅଧିକାଂଶ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ଏହି ବ୍ୟବସାୟୀମାନେ ସେତେବେଳେ ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନୀ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିଥିଲେ। ବ୍ୟାଙ୍କର ଅଧିକାଂଶ କର୍ମଚାରୀ ବ୍ରିଟିଶ ନାଗରିକ ଥିଲେ। ଏହି ବ୍ୟାଙ୍କର ଅଧିକାଂଶ କାର୍ଯ୍ୟାଳୟ ଏବଂ ଶାଖା ମାଡ୍ରାସ ପ୍ରେସିଡେନ୍ସି ଅଧୀନରେ ଥିଲା, ଯେତେବେଳେ କି ମୁଖ୍ୟାଳୟ ଜର୍ଜ ଟାଉନ୍ (ଚେନ୍ନାଇ)ରେ ଥିଲା।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୨୯୬-ଆଲ୍ଲାଉଦ୍ଦିନ୍ ଖିଲଜି ନିଜକୁ ଦିଲ୍ଲୀର ସୁଲ୍‌ତାନ ଘୋଷଣା କଲେ।
- ୧୯୦୩- ଫୋର୍ଡ ମୋଟର କମ୍ପାନି ତା'ର ପ୍ରଥମ କାର୍ ବଜାରକୁ ଛାଡ଼ିଲା।
- ୧୯୪୯- ଇସ୍ରାଏଲ ଓ ସିରିଆ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ।
- ୧୯୬୯- ନୀଲ ଆର୍ମଷ୍ଟ୍ରଙ୍ଗ୍ ଚନ୍ଦ୍ରପୃଷ୍ଠରେ ପାଦ ଦେଲେ।
- ୨୦୦୨- ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ ମଧ୍ୟରେ ବିମାନ ସେବା ଆରମ୍ଭ।
- ୨୦୦୫- କାନାଡ଼ାରେ ସମଲିଙ୍ଗୀ ବିବାହକୁ ଆଇନ ମାନ୍ୟତା।



## ଅନ୍ତର୍ଜାତୀୟ ଚେସ୍ ଦିବସ

ପ୍ରତିବର୍ଷ ଜୁଲାଇ ୨୦ ତାରିଖକୁ ସାରା ବିଶ୍ୱରେ ଅନ୍ତର୍ଜାତୀୟ ଚେସ୍ ଦିବସ ଭାବେ ପାଳନ କରାଯାଏ। ୧୯୨୪ ମସିହା ଜୁଲାଇ ୨୦ ତାରିଖରେ ପ୍ୟାରିସ୍‌ଠାରେ ଆନ୍ତର୍ଜାତୀୟ ଚେସ୍ ମହାସଂଘ ଗଠନ କରାଯାଇଥିଲା। ୧୯୬୬ ମସିହାରେ ୟୁନେସ୍କୋର ପ୍ରସ୍ତାବ କ୍ରମେ ପ୍ରଥମ କରି ଏହି ଦିନକୁ ଚେସ୍ ଦିବସ ଭାବେ ପାଳନ କରାଗଲା। ଚେସ୍ ହେଉଛି ରଣନୀତି ଏବଂ ବୌଦ୍ଧିକ ଦକ୍ଷତାର ଏକ ଖେଳ ଯାହା ସମଗ୍ର ବିଶ୍ୱରେ ଲୋକପ୍ରିୟ। ଏହା ସ୍ମରଣଶକ୍ତି, ମାନସିକ ଦକ୍ଷତା, ଗଣନା କ୍ଷମତା, ଭାବନା ଶକ୍ତି, ସୃଜନଶୀଳତା, ଏକାଗ୍ରତା ବୃଦ୍ଧିରେ ସାହାଯ୍ୟ କରିଥାଏ। ଏହା ସବୁ ବୟସରେ ଖେଳିହୁଏ। ଚେସ୍ ଖେଳ ଅନ୍ୟ ଖେଳଠାରୁ ସମ୍ପୂର୍ଣ୍ଣ ଭିନ୍ନ। 'ଚେସ୍' ଦୁଇ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ଖେଳାଯାଉଥିବା ପ୍ରାଚୀନ, ବୌଦ୍ଧିକ ଓ ସାଂସ୍କୃତିକ ଖେଳଗୁଡ଼ିକ ମଧ୍ୟରୁ ଅନ୍ୟତମ। ଏଥିରେ ତାଳି ନ ଥାଏ କି ଜୟ ପରାଜୟରେ କୌଣସି ଶବ୍ଦ ବା ଚିତ୍କାର ବି ନ ଥାଏ। ଅନ୍ତରାଷ୍ଟ୍ରୀୟ ଅଲିମ୍ପିକ୍ ସମିତି ଫିଡେକୁ ୧୯୯୯ରେ ଏକ ବିଶ୍ୱସ୍ତରର ଖେଳ ସଂଗଠନର ମାନ୍ୟତା ପ୍ରଦାନ କରିଛି। ଚତୁର୍ଥରୁ ଷଷ୍ଠ ଶତାବ୍ଦୀ ମଧ୍ୟରେ ଭାରତରେ ଚେସ୍ ଖେଳର ଉଦ୍ଭବ ହୋଇଥିବା କଥା କୁହାଯାଏ। ପ୍ରଥମେ ଏହାର ନାମ ଥିଲା 'ଚତୁରଙ୍ଗ'। ଗୁପ୍ତବଂଶ ଶାସନ କାଳରେ ଏହାର ପ୍ରଚାର ପ୍ରସାର ହୋଇଥିବା କଥା କୁହାଯାଏ। ସେତେବେଳେ ଯୁଦ୍ଧ ରଣନୀତି ଓ ବୁଦ୍ଧିର ବିକାଶ ପାଇଁ ଚେସ୍ ଖେଳାଯାଉଥିଲା। ଏହା ଭାରତରୁ ପରେ ପର୍ସିଆ ଓ ୟୁରୋପକୁ ବ୍ୟାପିଥିଲା। ପ୍ରାଚୀନ କାଳରୁ ଚେସ୍‌କୁ ମାନସିକ ଶକ୍ତିର ଏକ ଖେଳ ରୂପେ ଖେଳାଯାଉଛି। ଏହାକୁ ଯେକୌଣସି ସ୍ଥାନ ଓ ସମୟରେ ଖେଳାଯାଇ ପାରିବ। ଭାରତରେ ଚେସ୍‌କୁ ଅଧିକ ଲୋକପ୍ରିୟ କରିବାରେ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ୍ ଆନନ୍ଦଙ୍କର ବଡ଼ ଯୋଗଦାନ ରହିଛି। ଜଣେ ଅନ୍ୟ ଜଣକୁ ଚେସ୍ ଖେଳିବା ଶିଖାଇବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଏହା ଦ୍ୱାରା ନୂଆ ପିଢ଼ିଙ୍କ ମଧ୍ୟରେ ଏହି ଖେଳ ପ୍ରତି ଆଗ୍ରହ ବଢ଼ିବ।

## ଝୁମରକୁ ବିବାହ କଲେ ମହିଳା

ପ୍ରେମ ଏବଂ ସମ୍ପର୍କର ଦୁନିଆରେ ଏମିତି ଅନେକ ଆଶ୍ଚର୍ଯ୍ୟଜନକ କାହାଣୀ ଦେଖିବାକୁ ମିଳେ, ଯାହା ସାଧାରଣ ମଣିଷର ଚିନ୍ତାଧାରା ବାହାରେ ହୋଇଥାଏ। ଏହି କ୍ରମରେ ବ୍ରିଟେନର ୪୨ ବର୍ଷୀୟା ଅମାଣ୍ଡା ଲିବର୍ଟି ନାମକ ଜଣେ ମହିଳା ନିଜ ସ୍ୱାମୀଙ୍କଠାରୁ ଧୋକା ପାଇବା ପରେ ଏକ ୯୮ ବର୍ଷ ପୁରୁଣା ଝୁମର(ଲୁମିୟର)କୁ ୨୦୧୯ ମସିହାରେ ବିବାହ କରିଥଲେ। ବିବାହ ପୂର୍ବରୁ 'ଷ୍ଟାଚ୍ୟୁ ଅଫ୍ ଲିବର୍ଟି' ସହ ତାଙ୍କର ପ୍ରେମ ସମ୍ପର୍କ ଥିବା କଥା ମଧ୍ୟ ସେ ସ୍ୱୀକାର କରିଛନ୍ତି। ଅମାଣ୍ଡା ସ୍ୱାମୀଙ୍କ ଠାରୁ ଧୋକା ଖାଇବା ପରେ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ପ୍ରେମରେ ପଡ଼ିଥିଲେ। ପରେ ଇବେରେ 'ଲୁମିନର'କୁ ଭେଟିବା ପରେ ପ୍ରଥମ ଦେଖାରେ ସେ ପ୍ରେମରେ ପଡ଼ି ଯାଇଥିଲେ। ଅମାଣ୍ଡା ନିଜକୁ 'ଅବଜେକ୍ଟମ୍ ସେକ୍ସୁଆଲ' କୁହନ୍ତି। ଏଭଳି ସ୍ଥିତିରେ ଅନେକ ସମୟରେ ମଣିଷଠାରୁ ଧୋକା ବା ମାନସିକ ଆଘାତ ପାଇବା ପରେ ଲୋକେ ନିର୍ଜୀବ ବସ୍ତୁ ସହିତ ସମ୍ପର୍କ ଗଢ଼ନ୍ତି। ବସ୍ତୁଗୁଡ଼ିକ କେବେ ପ୍ରତାରଣା କରନ୍ତି ନାହିଁ କିମ୍ବା ସେମାନଙ୍କୁ ଛାଡ଼ି ଚାଲିଯାଆନ୍ତି ନାହିଁ ସେମାନେ ଭାବନ୍ତି। ଅମାଣ୍ଡା ଲୁମିନର ସହ ପ୍ରେମ ସମ୍ପର୍କରେ ରହିବା ପରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଅମାଣ୍ଡାଙ୍କ ଏଇ କାହାଣୀ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଅନେକେ ଏହାକୁ ପ୍ରେମର ନୂଆ ପରିଭାଷା ବୋଲି କହୁଥିବାବେଳେ ଆଉ କେତେଜଣ ଏହାକୁ ଏକପ୍ରକାର ବିକୃତ ମାନସିକ ସ୍ଥିତି ବୋଲି କହୁଛନ୍ତି।



## 'ନାଗଜିଲା'ରେ ରବି କିଷନ

ବଲିଉଡ୍ ଅଭିନେତା କାର୍ତ୍ତିକ ଆର୍ୟନ ଏବେ 'ନାଗଜିଲା'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ସେ ପ୍ରଥମ ଥର ପାଇଁ ପରଦା ଉପରେ ଏକ ଇଚ୍ଛାଧାରୀ ନାଗ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ଏହି ହରର୍-କମେଡି ଡ୍ରାମାର ହିରୋଇନ୍ ମଧ୍ୟ ଫାଇନାଲ୍ ହୋଇଯାଇଛନ୍ତି। ଏଥିରେ ଏବେ ଆଉ ଜଣେ ଅଭିନେତାଙ୍କ ଏଣ୍ଟ୍ରି ହୋଇଥିବା ଖବର ଆସିଛି। ଏହି ଅଭିନେତା ଜଣକ ହେଉଛନ୍ତି ରବି କିଷନ। ଚଳଚ୍ଚିତ୍ର 'ଲାପତା ଲେଡିଜ୍' ଏବଂ ୱେବ୍ ସିରିଜ୍ 'ମାମଲା ଲିଗାଲ୍ ହୈ'ର ସଫଳତା ପରେ ହିନ୍ଦୀ ସିନେମାରେ ରବି କିଷନଙ୍କ ଚାହିଦା ବଢ଼ୁଥିବା ଦେଖିବାକୁ ମିଳୁଛି। ଏବେ ସେ କାର୍ତ୍ତିକଙ୍କ ଫିଲ୍ମ 'ନାଗଜିଲା'ର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବେ। ଏଥିରେ ସେ ଖଳନାୟକ ଭାବେ ନଜର ଆସିବେ। 'ଫୁକ୍‌ରେ' ଚଳଚ୍ଚିତ୍ର ଫେମ୍ ମୃଗଦୀପ ସିଂହ ଲାମ୍ବାଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ଏହି ଚଳଚ୍ଚିତ୍ରକୁ କରନ୍ ଜୋହର ଏବଂ ମହାବୀର ଜୈନ ମିଶି ନିର୍ମାଣ କରୁଛନ୍ତି। 'ନାଗଜିଲା'ରେ ରବି କିଷନଙ୍କୁ କାଷ୍ଟ କରାଯିବା ନେଇ ନିଜେ ମହାବୀର ନିଶ୍ଚିତ କରିଛନ୍ତି। ସେ କହିଛନ୍ତି ଯେ, 'ରବି କିଷନଙ୍କ ସହ କାମ କରିବା ଏକ ଭଲ ଅନୁଭବ ଥିଲା। ସେ ଜଣେ ପ୍ରତିଭାବାନ୍ ଅଭିନେତା। 'ନାଗଜିଲା'ରେ ସେ ଏକ ନିଆରା ଭୂମିକା ନିଭାଉଛନ୍ତି। ଏହି ଫିଲ୍ମ ମାଧ୍ୟମରେ କାର୍ତ୍ତିକ ଓ ସେ ବଡ଼ ପରଦାରେ ପ୍ରଥମ ଥର ପାଇଁ ଏକାଠି କାମ କରିଛନ୍ତି। ସେଟ୍‌ରେ ଦୁହେଁ ମିଶି ଖୁବ୍ ମଜାମସ୍ତି କରିଥିଲେ।" 'ନାଗଜିଲା'ରେ କାର୍ତ୍ତିକଙ୍କ ସହ ଅଭିନେତ୍ରୀ ପ୍ରୀତି ମୁଖୁନ୍ଦନ ମୁଖ୍ୟ ଭୂମିକାରେ ଅଛନ୍ତି। ପ୍ରୀତି ଏହି ଫିଲ୍ମରେ କାମ କରିବା ପୂର୍ବରୁ ତେଲୁଗୁ, ତାମିଲ ଓ ମଲାୟାଲମ୍ ଫିଲ୍ମରେ କାମ କରିଥିଲେ। ଚଳଚ୍ଚିତ୍ରର ସୁଟିଂ ଶେଷ ହୋଇ ବର୍ତ୍ତମାନ ପୋଷ୍ଟ-ପ୍ରଡକ୍ସନ ଏବଂ ଭିଏଫ୍ଏକ୍ସ କାମ ଚାଲିଛି। ଏହା ୨୦୨୭ ଫେବୃଆରୀ ୧୨ (ଭାଲେଣ୍ଟାଇନ୍ସ ସପ୍ତାହ)ରେ ପ୍ରେକ୍ଷାଳୟକୁ ଆସିବ।



## ସ୍ୱସ୍ତି

## କେବେ ତୋଳିବେନି ବେଲପତ୍ର



**ଭଗବାନ ଶିବଙ୍କ ଅତ୍ୟନ୍ତ ପ୍ରିୟ ହେଉଛି ବେଲପତ୍ର। ଶିବଭକ୍ତ ମହାଦେବଙ୍କୁ ପ୍ରସନ୍ନ କରିବା ଲାଗି ବେଲପତ୍ର ଲାଗି କରନ୍ତି। ହିନ୍ଦୁ ପରମ୍ପରା ଅନୁସାରେ, କିଛି ବିଶେଷ ତିଥି ତଥା ଦିନରେ ବେଲପତ୍ର ଗଛରୁ ତୋଳିବାକୁ ବାରଣ କରାଯାଇଛି। ଯାହା ବାବଦରେ ଅନେକ ହୁଏତ ଜାଣନ୍ତି ନାହିଁ।**

ଶିବ ପୁରାଣ ଅନୁସାରେ, ବେଲପତ୍ର ସୋମବାର ତୋଳିବା ବର୍ଜନୀୟ। ସୋମବାର ଶିବଙ୍କ ପ୍ରିୟ ଦିନ। ତେଣୁ ସୋମବାରରେ ବେଲପତ୍ର ତୋଳିବାକୁ ମନା କରାଯାଏ। ସେହିପରି ଅମାବାସ୍ୟା, ପୂର୍ଣ୍ଣିମା, ସଂକ୍ରାନ୍ତି, ଚତୁର୍ଥୀ, ଅଷ୍ଟମୀ, ନବମୀ, ତ୍ରୟୋଦଶୀ ଦିନ ମଧ୍ୟ ବେଲପତ୍ର ତୋଳିବା ବର୍ଜନୀୟ। ହିନ୍ଦୁ ମାନ୍ୟତାନୁସାରେ, ଏଭଳି କରିବା ଭଲ ନୁହେଁ ବୋଲି କୁହାଯାଇଛି। ଏହାବାଦ୍ ସୂର୍ଯ୍ୟାସ୍ତ ସମୟ ଏବଂ ରାତିରେ ବି ବେଲପତ୍ର ତୋଳିବା ବର୍ଜନୀୟ। ତେବେ ଏହି ବିଶେଷ ଦିନରେ ଶିବଙ୍କ ପୂଜାରେ ବେଲପତ୍ର ଲାଗି କରିବା ପାଇଁ ଏହାକୁ ଦିନକୁ ପୂର୍ବରୁ ତୋଳି ରଖିବା ଉତ୍ତମ। କାରଣ ଶିବପୂଜା ପାଇଁ ବେଲପତ୍ର କେବେ ବି ବାସି ହୋଇ ନ ଥାଏ। ଏଭଳି କରିବା ଦ୍ୱାରା ଭଗବାନ ଶିବ ପ୍ରସନ୍ନ ହୋଇଥାନ୍ତି।

## ହେରାପଞ୍ଚମୀ
## ଅଭିମାନରେ ନନ୍ଦିଘୋଷ ରଥ ଭାଙ୍ଗନ୍ତି ମହାଲକ୍ଷ୍ମୀ

**ଆଜି ହେଉଛି ପବିତ୍ର ହେରାପଞ୍ଚମୀ। ଏହା ରଥଯାତ୍ରାର ଏକ ବିଶେଷ ନୀତି। ରଥଯାତ୍ରାରୁ ପଞ୍ଚମ ଦିବସରେ ଅର୍ଥାତ୍ ଆଷାଢ଼ ଶୁକ୍ଳ ଷଷ୍ଠୀରେ ଏହା ପାଳିତ ହୋଇଥାଏ। ମହାପ୍ରଭୁ ଗୁଣ୍ଡିଚା ଘରେ ବିଜେ କରିଥିବା ସମୟରେ ଏହି ନୀତି ପାଳିତ ହୋଇଥାଏ। ଏଥିରେ ଦାମ୍ପତ୍ୟ ଜୀବନର ମାନ ଅଭିମାନ ପ୍ରତିଫଳନ ଦେଖିବାକୁ ମିଳିଥାଏ। ଶ୍ରୀ ଜଗନ୍ନାଥ ବଡ଼ ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କ ସହିତ ରତ୍ନବେଦୀ ଛାଡ଼ି ଜନ୍ମବେଦୀକୁ ଯାଇଥାନ୍ତି। କିନ୍ତୁ ସାଙ୍ଗରେ ମା' ଲକ୍ଷ୍ମୀଙ୍କୁ ନେଇ ନ ଥିବାରୁ ସେ ଅଭିମାନ କରନ୍ତି। ସେଥିପାଇଁ ମହାଲକ୍ଷ୍ମୀ ରାଗରେ ନନ୍ଦିଘୋଷ ରଥର ଖଣ୍ଡେ କାଠ ଭାଙ୍ଗି ଦିଅନ୍ତି।**



'ଦେଖା ହେବା' ବା 'ଦର୍ଶନ କରିବା' ବିଧିକୁ ଶ୍ରୀମନ୍ଦିର ଭାଷାରେ 'ହେରା' କୁହାଯାଏ। ହେରାପଞ୍ଚମୀକୁ ନେଇ ଏକ ଉପାଖ୍ୟାନ ଅଛି। ଶ୍ରୀ ଜଗନ୍ନାଥ ବଡ଼ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ରଥଯାତ୍ରା ଦିନ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି। ଫଳରେ ଲକ୍ଷ୍ମୀଙ୍କ ମନ ଦୁଃଖ ହୁଏ। ନିଜର ଦୁଃଖ ସେ ମା' ବିମଳାଙ୍କ ପାଖରେ ପ୍ରକାଶ କରନ୍ତି। ମା' ବିମଳା ମହାଲକ୍ଷ୍ମୀଙ୍କୁ ସାନ୍ତ୍ୱନା ଦିଅନ୍ତି। ଏହା ପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ମହାଲକ୍ଷ୍ମୀ ଶ୍ରୀମନ୍ଦିରରୁ ଗୋପନରେ ଯାତ୍ରା କରନ୍ତି। ଏହି ପରମ୍ପରା ଆଧାରରେ ହେରାପଞ୍ଚମୀ ନୀତି ପାଳିତ ହୁଏ।

ଏହିଦିନ ଶ୍ରୀମନ୍ଦିରର ଭଣ୍ଡାର ଘରେ ବିଜେ କରିଥିବା ମା' ଲକ୍ଷ୍ମୀ ଠାକୁରାଣୀଙ୍କ ମାଜଣା, ବନକଲାଗି, ପାଟ, ଅଳଙ୍କାର ଲାଗି ପରେ ପନ୍ତି ଭୋଗ ହୁଏ। ମା' ଲକ୍ଷ୍ମୀ ପାଲିଙ୍କିରେ ସିଂହଦ୍ୱାର ଦେଇ ବଡ଼ଦାଣ୍ଡ ଦେଇ ଗୁଣ୍ଡିଚା ଘର ରଥ ପାଖକୁ ଯାଆନ୍ତି। ଘଣ୍ଟ, କାହାଳି ବାଜାରେ ପରିବେଶ ମୁଖରିତ ହୁଏ। ମହାଲକ୍ଷ୍ମୀଙ୍କ ବିମାନ ନାକଚଣା ଦ୍ୱାର ଦେଇ ଗଲାବେଳେ ତେନ୍ତୁଳି ଗଛ ମୂଳରେ ବନ୍ଦାପନା ହୁଏ। ଏହାପରେ ମା' ଲକ୍ଷ୍ମୀଙ୍କ ବିମାନକୁ ରଥ ପାଖକୁ ନିଆଯାଏ। ତେବେ ମହାଲକ୍ଷ୍ମୀ ଶ୍ରୀ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବା ପରେ ମହାପ୍ରଭୁଙ୍କ ଦର୍ଶନ ପାଆନ୍ତି ନାହିଁ।

ଗୁଣ୍ଡିଚା ମନ୍ଦିରରେ ବିଜେ କରି ଶ୍ରୀ ଜଗନ୍ନାଥଙ୍କ ସହ ଭେଟ ନ ହେବାରୁ ମା' ଲକ୍ଷ୍ମୀ ଅଭିମାନ କରନ୍ତି। ସେଥିପାଇଁ ସେ ରାଗରେ ନନ୍ଦିଘୋଷ ରଥର ଖଣ୍ଡିଏ କାଠ ଭାଙ୍ଗି ଦିଅନ୍ତି। ରଥ କାଠ ଭାଙ୍ଗିବାର କାରଣ ହେଲା, ଜଗନ୍ନାଥ ମହାଲକ୍ଷ୍ମୀଙ୍କୁ ସାଙ୍ଗରେ ନ ନେଇ ଭଉଣୀ ସୁଭଦ୍ରାଙ୍କୁ ନେଇ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି। ଅନ୍ୟପଟେ ମା' ଲକ୍ଷ୍ମୀ ଯେଭଳି ଭାବେ ଗୁଣ୍ଡିଚା ମନ୍ଦିରକୁ ଶୋଭାଯାତ୍ରାରେ ଯାଆନ୍ତି, ପ୍ରତ୍ୟାବର୍ତ୍ତନ ତାଙ୍କର ବେଶ୍ ନିରାଡମ୍ବର ଭାବେ ହୋଇଥାଏ। ହେରାଗୋହିରୀ ସାହି ବାଟେ ଲକ୍ଷ୍ମୀଙ୍କୁ ବଡ଼ ଦେଉଳକୁ ବାହୁଡ଼ା ବିଜେରେ ଅଣାଯାଏ। ଏହାପରେ ପ୍ରତ୍ୟାଗମନ ପାଇଁ ରଥ ଦକ୍ଷିଣାଭିମୁଖୀ କରାଯିବା ନିମନ୍ତେ ମହାପ୍ରଭୁ ଆଦେଶ ଦେଇଥାନ୍ତି। ଫଳରେ ହେରା ପଞ୍ଚମୀ ପରଦିନ ପ୍ରଭୁଙ୍କର ଆଜ୍ଞାମାଳ ଦିଆଯିବା ପରେ ରଥ ଦକ୍ଷିଣମୋଡ଼ ହୋଇଥାଏ। ତେବେ ଏହି ଧାର୍ମିକ ନୀତି ପଛରେ ସାମାଜିକ ଭାବ ଜଡ଼ିତ ହୋଇ ରହିଛି। ଏଣୁ ହେରାପଞ୍ଚମୀକୁ ଦାମ୍ପତ୍ୟ ଅଭିମାନର ପ୍ରତୀକ ଭାବେ ବିବେଚନା କରାଯାଏ।

## ଅମାବାସ୍ୟାରେ ରାଶି ଅନୁସାରେ ଦାନ

**ହିନ୍ଦୁ ଧର୍ମରେ ଅମାବାସ୍ୟ ଦିନ ଶ୍ରଦ୍ଧା ଓ ସାମର୍ଥ୍ୟ ମୁତାବକ କରାଯାଉଥିବା ଦାନକୁ ଶୁଭ ବୋଲି କୁହାଯାଏ। ଏହିଦିନ ରାଶି ଅନୁସାରେ, ଦାନ କରିବା ଦ୍ୱାରା ପୁଣ୍ୟ ପ୍ରାପ୍ତି ହୁଏ ଏବଂ ଜୀବନରେ ସକାରାତ୍ମକତା ସଂଚାର ହୁଏ। କେଉଁ ରାଶି କ'ଣ ଦାନ କରିବା ଶୁଭ, ସେ ସମ୍ପର୍କରେ ଜାଣିବା।**

**ମେଷ:** ପିତୃପୁରୁଷଙ୍କୁ ନିୟମିତ ଜଳ, ଗୁଡ଼ ଦାନ କରିବା ଉଚିତ।
**ବୃଷ:** ଏହିଦିନ ଧନ ଓ ଅନ୍ନ ଦାନ କରିବା ବୃଷ ରାଶି ବ୍ୟକ୍ତିଙ୍କ ପାଇଁ ଶୁଭ।
**ମିଥୁନ:** ଏହି ରାଶି ବ୍ୟକ୍ତିବିଶେଷ ଆଖୁରସ ତଥା ଶୀତଳ ଜଳ ଦାନ କରିବା ଉଚିତ।
**କର୍କଟ:** କର୍କଟ ରାଶି ବ୍ୟକ୍ତି ଅମାବାସ୍ୟାରେ ଅନ୍ନ ଦାନ କରିବା ଲାଭକାରୀ।
**ସିଂହ:** ଗୁଡ଼, ଚଣା ଏବଂ ସରବତ ସିଂହ ରାଶି ବ୍ୟକ୍ତିବିଶେଷଙ୍କ ପାଇଁ ଅମାବାସ୍ୟାରେ ଦାନ କରିବା ମଙ୍ଗଳକାରୀ।
**କନ୍ୟା:** କନ୍ୟା ରାଶିଧାରୀ ଏହିଦିନ ଘିଅରେ ପ୍ରସ୍ତୁତ ବ୍ୟଞ୍ଜନ ଦାନ କରନ୍ତୁ।
**ତୁଳା:** ଏହିଦିନ ବ୍ରାହ୍ମଣଙ୍କୁ ଭୋଜନ ଦେବା ସହ ଧଳା ବସ୍ତ୍ର ଦାନ କରନ୍ତୁ।
**ବିଛା:** ଗୁଡ଼, ନାଲି ବସ୍ତ୍ର ଏବଂ ମସୁର ଡାଲି ବିଛା ରାଶି ବ୍ୟକ୍ତି ଅମାବାସ୍ୟାରେ ଦାନ କରନ୍ତୁ।



**ଧନୁ:** ମିଠା, କଦଳୀ, ଏବଂ ହଳଦିଆ ବସ୍ତ୍ର ଅମାବାସ୍ୟାରେ ଧନୁ ବ୍ୟକ୍ତି ଦାନ କଲେ ପୁଣ୍ୟ ଫଳ ପ୍ରାପ୍ତି ହୁଏ।
**ମକର:** ମକର ରାଶିଧାରୀ କଳା ରାଶି ଏବଂ ଲୁହା ସାମଗ୍ରୀ ଦାନ କରିବା ଉଚିତ।
**କୁମ୍ଭ:** ଧନ ତଥା ଜୋତା, ଚପଲ କୁମ୍ଭ ରାଶି ବ୍ୟକ୍ତି ବିଶେଷ ଅମାବାସ୍ୟାରେ ଦାନ କରନ୍ତୁ।
**ମୀନ:** ଶୀତଳ ଜଳ ଏହି ଦିନ ଦାନ କରିବା ମୀନ ରାଶିଙ୍କ ପାଇଁ ମଙ୍ଗଳଦାୟୀ।

## ମଙ୍ଗଳବାର ମଙ୍ଗଳସୂତ୍ର କିଣିବା ମନା

**ପ୍ରତ୍ୟେକ ସଧବା ନାରୀଙ୍କ ମୁଖ୍ୟ ଆଭୂଷଣ ମଙ୍ଗଳସୂତ୍ର। ସ୍ୱାମୀଙ୍କ ଦୀର୍ଘାୟୁ ଏବଂ ସୁଖ, ସମୃଦ୍ଧି କାମନା କରି ବିବାହିତ ମହିଳାମାନେ ଗଳାରେ ପରିଧାନ କରିଥାନ୍ତି। ଏହା କଳା ମାଳି ଓ ସୁନାରେ ତିଆରି ହୋଇଥାଏ। ତେବେ ମଙ୍ଗଳସୂତ୍ରକୁ ନେଇ କିଛି ନିୟମ ଅଛି।**



- ମଙ୍ଗଳସୂତ୍ର ସର୍ବଦା ସୁନା ଏବଂ କଳା ମୋତିରେ ତିଆରି ପିନ୍ଧିବା ଉଚିତ।
- ସୁନା ଭଗବାନ ଶିବ ଏବଂ କଳା ମୋତି ହେଉଛି ମା' ପାର୍ବତୀଙ୍କ ପ୍ରତୀକ।
- ମଙ୍ଗବାର ଦିନ ମଙ୍ଗଳସୂତ୍ର କିଣିବା ଭଲ ନୁହେଁ।
- ବାରମ୍ବାର ଗଳାରୁ ମଙ୍ଗଳସୂତ୍ର ଉତାରିବା ଅନୁଚିତ।
- ମଙ୍ଗଳସୂତ୍ର କେବେ ବି ହାତରେ ପିନ୍ଧନ୍ତୁ ନାହିଁ।
- ମଙ୍ଗଳସୂତ୍ର ଅନ୍ୟ କାହାକୁ ଦିଅନ୍ତୁ ନାହିଁ।
- ସାବିତ୍ରୀ ବ୍ରତରେ ମଙ୍ଗଳସୂତ୍ର ପୂଜା କରନ୍ତୁ।
- ନୂଆ ମଙ୍ଗଳସୂତ୍ର ସବୁବେଳେ ପାର୍ବତୀ ମାତାଙ୍କୁ ସମର୍ପଣ କରିବା ପରେ ଧାରଣ କରନ୍ତୁ।






## ବିଶ୍ୱକପ୍‌ରେ ୨୨ଟି ଗୋଲ୍ ଦେବାରେ ଏମ୍‌ବାପେ ପ୍ରଥମ

ମିଆମି,୧୯।୭ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ବିଶ୍ୱକପ୍ ତୃତୀୟସ୍ଥାନ ମୁକାବିଲାରେ ଫ୍ରାନ୍ସ ଅଧିନାୟକ କିଲିଆନ୍ ଏମବାପେ ୨ଟି ଗୋଲ ସ୍କୋର କରିଥିଲେ। ଫଳରେ ଚଳିତ ବିଶ୍ୱକପ୍‌ରେ ତାଙ୍କ ଗୋଲ୍ ସଂଖ୍ୟା ୧୦ରେ ପହଞ୍ଚିଛି। ଫାଇନାଲ ଖେଳିବା ପୂର୍ବରୁ ଆର୍ଜେଣ୍ଟିନାର ଲିଓନେଲ ମେସି ୮ଟି ଗୋଲ୍ କରିଛନ୍ତି। ଇଂଲଣ୍ଡର ଜୁଡ୍ ବେଲିଂହାମ୍ ଓ ନରୱେର ଏର୍ଲିଙ୍ଗ ହଲାଣ୍ଡ ୭ଟି ଲେଖାଏଁ ଗୋଲ ଦେଇଛନ୍ତି। ଇଂଲଣ୍ଡ ଅଧିନାୟକ ହ୍ୟାରୀ କେନ୍ ଓ ଫ୍ରାନ୍ସର ଓଉସ୍‌ମାନେ ଡେମ୍ବେଲେ ୬ଟି ଲେଖାଏଁ ଗୋଲ ଦେଇଛନ୍ତି।

ଚଳିତ ସଂସ୍କରଣରେ ୧୦ଟି ଗୋଲକୁ ମିଶାଇ ଫ୍ରାନ୍ସର କିଲିଆନ୍ ଏମ୍‌ବାପେ ବିଶ୍ୱକପ୍ ଇତିହାସରେ ମୋଟ ୨୨ଟି ଗୋଲ ସ୍କୋର କରିଛନ୍ତି। ଫଳରେ ୨୨ଟି ଗୋଲ ଦେବାରେ ଏମ୍‌ବାପେ ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି। ପ୍ରଥମ ଖେଳାଳିଭାବେ ୨୧ଟି ଗୋଲ ଦେଇଥିବା ଲିଓନେଲ ମେସିଙ୍କୁ ଏହି ମ୍ୟାଚ୍‌ରେ ଏମ୍‌ବାପେ ଅତିକ୍ରମ କରିଥିଲେ। ଜର୍ମାନୀର ମିରୋସ୍ଲାଭ୍ କ୍ଲୋଜ୍ ୧୬ଟି, ବ୍ରାଜିଲର ରୋନାଲ୍ଡୋ ୧୫ଟି, ଜର୍ମାନୀର ଗର୍ଡ ମୁଲର ୧୪ଟି, ଫ୍ରାନ୍ସର ଜଷ୍ଟ ଫୋଣ୍ଟେନ୍ ୧୩ଟି (ଗୋଟିଏ ବିଶ୍ୱକପ୍‌ରେ) ଓ ବ୍ରାଜିଲର ପେଲେ ୧୨ଟି ଗୋଲ୍ ସ୍କୋର କରି ଯଥାକ୍ରମେ ତୃତୀୟରୁ ସପ୍ତମ ସ୍ଥାନରେ ରହିଛନ୍ତି।

## ଫାଇନାଲ ଲାଗି ସୋମବାର ଭାରତର ୪ ରାଜ୍ୟରେ ସ୍କୁଲ ଛୁଟି

ବୁଲାୱାୟୋ, ୧୮।୭ (ଏଜେନ୍ସି): ଫିଫା ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଲାଗି ସୋମବାର ଭାରତର ୪ଟି ରାଜ୍ୟରେ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ଏହି ୪ଟି ରାଜ୍ୟ ହେଲା କେରଳ, ମଣିପୁର, ମେଘାଳୟ ଓ ମିଜୋରାମ। ରବିବାର ରାତିରେ ଆର୍ଜେଣ୍ଟିନା ଓ ସ୍ପେନ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଯାହା ଫଳରେ ଫୁଟବଲ ପାଗଳ ଏହି ୪ ରାଜ୍ୟର ଛାତ୍ରଛାତ୍ରୀମାନେ ସୋମବାର କ୍ଲାସରେ ଯୋଗଦେବା ବିଷୟରେ ଚିନ୍ତା ନକରି ମଧ୍ୟରାତ୍ରି ପର୍ଯ୍ୟନ୍ତ ଅନିଦ୍ରା ରହି ମ୍ୟାଚ୍ ଉପଭୋଗ କରନ୍ତୁ ବୋଲି କୁହାଯାଇଛି। ମେଘାଳୟ ମୁଖ୍ୟମନ୍ତ୍ରୀ କେ. ସାଙ୍ଗମା ମଧ୍ୟ ଭୋର ସମୟରେ ବିଶ୍ୱକପ୍ ଫାଇନାଲ୍ ପାଇଁ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ପାଇଁ ଛୁଟି ଘୋଷଣା କରିଛନ୍ତି। 'ଫାଇନାଲ୍ ଉପଭୋଗ କରନ୍ତୁ' ବୋଲି ସେ ଏକ ସାମାଜିକ ଗଣମାଧ୍ୟମ ବାର୍ତ୍ତାରେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଫୁଟବଲ୍ ହେଉଛି ମଣିପୁରର ସବୁଠାରୁ ଲୋକପ୍ରିୟ ଖେଳ। ଭାରତର ଅଧିକାଂଶ ଶ୍ରେଷ୍ଠ ଫୁଟବଲ କ୍ଲବଗୁଡ଼ିକର ମଣିପୁର, କେରଳ, ମେଘାଳୟର ଖେଳାଳିଙ୍କ ସର୍ବାଧିକ ପ୍ରତିନିଧିତ୍ୱ ଦେଖିବାକୁ ମିଳିଥାଏ।

## ଫ୍ରାନ୍ସ କୋଚ୍ ଡେସ୍‌ଚାମ୍ପଙ୍କ ଅବସର

ପ୍ୟାରିସ୍,୧୯।୭ (ଏଜେନ୍ସି): ଦୀର୍ଘ ୧୪ ବର୍ଷ ଧରି ଫ୍ରାନ୍ସ ଜାତୀୟ ଫୁଟବଲ ଦଳର ହେଡ୍ କୋଚ୍ ରହିବା ପରେ ଡିଡିଏର ଡେସ୍‌ଚାମ୍ପ



ତାଙ୍କ ପଦରୁ ଅବସର ଗ୍ରହଣ କରିଛନ୍ତି। ଫ୍ରାନ୍ସ ଫୁଟବଲ ମହାସଂଘ ଦ୍ୱାରା ହୋଇଥିବା ଚୁକ୍ତିନାମା ଶେଷ ହୋଇଗଲେ ତଥା ୨୦୨୬ ବିଶ୍ୱକପ୍ ପରେ ସେ କୋଚ୍ ପଦରୁ ଅବ୍ୟାହତି ନେବେ ବୋଲି ବର୍ଷକ ତଳେ ଘୋଷଣା କରିଥିଲେ। ଏବେ ସେ ତାହାକୁ କାର୍ଯ୍ୟରେ ପରିଣତ କରିଛନ୍ତି। ତାଙ୍କ ପ୍ରଶିକ୍ଷଣ ସମୟରେ ଏକାଧିକ ବିଶ୍ୱସ୍ତରୀୟ ଫରୱାର୍ଡ ତଥା ଅନ୍ୟ ଖେଳାଳି ସୃଷ୍ଟି ହୋଇଥିଲେ ମଧ୍ୟ ଦଳରେ ସନ୍ତୁଳନ ରକ୍ଷା କରିବା ଲାଗି ସର୍ବଦା ସମସ୍ତଙ୍କୁ ସୁଯୋଗ ଦେଇ ନ ଥାନ୍ତି। ଯାହା ଫଳରେ ଅନେକ ଖେଳାଳିଙ୍କ କ୍ୟାରିୟର ଏଭଳି ସୁଯୋଗ ନ ପାଇ ଶେଷ ହୋଇଯାଇଛି। ୨୦୧୨ରେ ସେ ମୁଖ୍ୟ କୋଚ୍ ଦାୟିତ୍ୱ ନେବା ପରେ ଫ୍ରାନ୍ସକୁ ୨୦୧୮ ବିଶ୍ୱକପ୍‌ରେ ଚାମ୍ପିଅନ ଓ ୨୦୨୨ ବିଶ୍ୱକପ୍‌ରେ ରନର୍ସଅପ୍ କରାଇଥିଲେ।

**ମିଆମି ଷ୍ଟାଡିୟମ୍‌ରେ ଗୋଲ୍ ବର୍ଷା**

# ଫ୍ରାନ୍ସକୁ ହରାଇ କାଂସ୍ୟ ଜିତିଲା ଇଂଲଣ୍ଡ

ମିଆମି,୧୯।୭ (ଏଜେନ୍ସି):



ଏଠାରେ ଗତକାଲି ରାତିରେ ଅନୁଷ୍ଠିତ ଫିଫା ବିଶ୍ୱକପ୍ ପ୍ଲେ ଅଫ୍ ମୁକାବିଲାରେ ଇଂଲଣ୍ଡ ୬-୪ ଗୋଲରେ ଫ୍ରାନ୍ସକୁ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଛି। ଫଳରେ ଦୀର୍ଘ ୬୦ ବର୍ଷ ପରେ ଇଂଲଣ୍ଡ ପଦକ ଜିତିବାରେ ସମର୍ଥ ହୋଇଛି। ୧୯୬୬ରେ ଇଂଲଣ୍ଡ ପ୍ରଥମ ତଥା ଶେଷଥର ଚାମ୍ପିଅନ ହୋଇଥିଲା। ଏହି ମ୍ୟାଚ୍‌ରେ ବୁକାୟୋ ସାକାଙ୍କ ହ୍ୟାଟ୍ରିକ୍ ବଳରେ ଇଂଲଣ୍ଡର ଏହି ବୃହତ୍ ବିଜୟ ସମ୍ଭବ ହୋଇଥିଲା। ସେହିପରି ଫ୍ରାନ୍ସ ପକ୍ଷରୁ ଅଧିନାୟକ କିଲିଆନ୍ ଏମ୍‌ବାପେ ୨ଟି ଗୋଲ ଦେବା ସହ ବିଶ୍ୱକପ୍ ଇତିହାସରେ ପ୍ରଥମ ଖେଳାଳି ୨୨ଟି ଗୋଲ ଦେବାର ରେକର୍ଡ କରିଛନ୍ତି। ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଉଭୟ ଦଳ ଟାଇଟଲ ଜିତିବାକୁ ଆଶାୟୀ ଥିଲେ। କିନ୍ତୁ ସେମିଫାଇନାଲରେ କଡ଼ା ଲଢ଼େଇ କରିଥିଲେ ମଧ୍ୟ ପରାଜିତ ହୋଇଥିଲା। ସ୍ପେନ୍‌ଠାରୁ ଫ୍ରାନ୍ସ ଓ ଆର୍ଜେଣ୍ଟିନାଠାରୁ ଇଂଲଣ୍ଡ ପରାଜିତ ହେବା ଫଳରେ ବିଶ୍ୱକପ୍ ଫାଇନାଲ ଖେଳିବା ଆଶା ଧୂଳିସାତ୍ ହୋଇଯାଇଥିଲା। ତୃତୀୟ ସ୍ଥାନ ହାସଲ କରିବା ସହ ଇଂଲଣ୍ଡ କାଂସ୍ୟ ପଦକ ହାସଲ କରିଛି।

ମିଆମି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ପ୍ଲେ-ଅଫ୍ ମୁକାବିଲାରେ ଉଭୟ ଦଳ କିଛି ତାରକା ଖେଳାଳିଙ୍କୁ ବିଶ୍ରାମ ଦେଇ ଖେଳିଥିଲେ। ଇଂଲଣ୍ଡ ପକ୍ଷରୁ ଚଳିତ ବିଶ୍ୱକପ୍‌ରେ ୬ଟି ଲେଖାଏଁ ଗୋଲ ସ୍କୋର କରିଥିବା ଅଧିନାୟକ ହ୍ୟାରୀ କେନ୍ ଓ ଯୁବ ଖେଳାଳି ଜୁଡ୍ ବେଲିଂହାମ୍‌ଙ୍କୁ ବିଶ୍ରାମ ଦିଆଯାଇଥିଲା। ସେହିପରି ଫ୍ରାନ୍ସର ବାଲନ ଡି'ଅର ପୁରସ୍କାର ବିଜେତା ଓଉସମାନେ ଡେମ୍ବେଲେ ଓ ବ୍ରାଡ୍‌ଲୀ ବାର୍କୋଲାଙ୍କୁ ଆରମ୍ଭରୁ ସୁଯୋଗ ମିଳି ନ ଥିଲା। ଖେଳ ଆରମ୍ଭର ମାତ୍ର ତୃତୀୟ ମିନିଟ୍‌ରେ ଇଂଲଣ୍ଡର ମିଡ୍‌ଫିଲ୍ଡର ଡେକଲାନ ରାଇସ୍ ଲଙ୍ଗ ରେଞ୍ଜର ସଟ୍ ମାରି ପ୍ରଥମ ଗୋଲ ସ୍କୋର କରିଥିଲେ। ଖେଳର ୧୫ତମ ମିନିଟ୍‌ରେ ଏଜରୀ କୋନ୍‌ସା ହେଡର ଜରିଆରେ ଦ୍ୱିତୀୟ ଗୋଲ ଦେଇଥିଲେ। ଏହି ମ୍ୟାଚ୍‌ରେ ଆରମ୍ଭରୁ ଖେଳୁଥିବା ବୁମାୟୋ ସାକା ଖେଳର ୩୬ ମିନିଟ୍ ଓ ୪୫ତମ ମିନିଟ୍‌ରେ ଦୁଇଟି ଗୋଲ ଦେବା ଫଳରେ ପ୍ରଥମାର୍ଦ୍ଧ ଖେଳ ଶେଷସୁଦ୍ଧା ଇଂଲଣ୍ଡ ୪-୦ ଗୋଲରେ ଆଗୁଆ ରହିଥିଲା। ଫିଫା ବିଶ୍ୱକପ୍ ଇତିହାସରେ ଇଂଲଣ୍ଡ ପ୍ରଥମଥର ଏଭଳି ରେକର୍ଡ ଗୋଲରେ ଅଗ୍ରଣୀ ରହିଥିଲା।

ଚଳିତ ବିଶ୍ୱକପ୍‌ରେ ଫ୍ରାନ୍ସ ଏଭଳି ଦୟନୀୟ ପ୍ରଦର୍ଶନ କରି ନ ଥିଲା। ଦଳ ୪ଟି ଗୋଲରେ ପଛୁଆ ଥିଲେ ମଧ୍ୟ ମ୍ୟାଚ୍ ଜିତିବା କଷ୍ଟକର ଜାଣି ମଧ୍ୟ ଫ୍ରାନ୍ସ ଦ୍ୱିତୀୟାର୍ଦ୍ଧରେ ଆରମ୍ଭରୁ ଘନ ଘନ ଆକ୍ରମଣ କରିଥିଲା। ଏକାଦଶରେ ଫ୍ରାନ୍ସ ୪ଜଣ ଖେଳାଳିଙ୍କୁ ପରିବର୍ତ୍ତନ କରି ଡେମ୍ବେଲେ, ବାର୍କୋଲ, ପାଉଚେମୋନେଙ୍କୁ ଖେଳିବାର ସୁଯୋଗ ଦେବା ଫଳରେ ଖେଳର ସ୍ଥିତି ବଦଳି ଯାଇଥିଲା। ଡେମ୍ବେଲେ ଓ ବାର୍କୋଲାଙ୍କ ସହଯୋଗରେ କିଲିଆନ୍ ଏମ୍‌ବାପେ ୪୮ତମ ମିନିଟ୍‌ରେ ପ୍ରଥମ ଗୋଲ ଶୁଝାଇଥିଲେ।


ସାକାଙ୍କ ହ୍ୟାଟ୍ରିକ୍

ପ୍ରଥମାର୍ଦ୍ଧରେ ଇଂଲଣ୍ଡ ଗୋଲରକ୍ଷକ ଆଣ୍ଡରସନଙ୍କୁ ପରାସ୍ତ କରିବା କଷ୍ଟକର ମନେହେଉଥିଲାବେଳେ ଫ୍ରାନ୍ସର ଫରୱାର୍ଡ ଖେଳାଳି ଦ୍ୱିତୀୟାର୍ଦ୍ଧରେ ତାଙ୍କୁ ଅଣନିଶ୍ୱାସୀ କରି ପକାଇଥିଲେ। ଘନ ଘନ ଆକ୍ରମଣ ପରେ ୫୩ତମ ମିନିଟ୍‌ରେ ବାର୍କୋଲା ଆଉ ଗୋଟିଏ ଗୋଲ ଶୁଝାଇଦେଇଥିଲେ। ୬୫ତମ ମିନିଟ୍‌ରେ ଏମ୍‌ବାପେ ଚଳିତ ବିଶ୍ୱକପ୍‌ରେ ୧୦ମ ଗୋଲ ଦେବା ପରେ ଇଂଲଣ୍ଡ କିଛିଟା ପ୍ରତିରୋଧ କରିବାରେ ସଫଳ ହୋଇଥିଲା। ଦଳ ମଧ୍ୟ ବେଲିଂହାମ୍‌ଙ୍କ ସମେତ ୩ଜଣ ଖେଳାଳି ବଦଳାଇଥିଲା। ଖେଳର ୮୬ତମ ମିନିଟ୍‌ରେ ପେନାଲ୍ଟି ପାଇଥିବା ଇଂଲଣ୍ଡ ପକ୍ଷରୁ ସାକା ତୃତୀୟ ତଥା ହ୍ୟାଟ୍ରିକ୍ ଗୋଲ ସ୍କୋର କରିବା ଫଳରେ ଇଂଲଣ୍ଡ ୨ ଗୋଲ ବ୍ୟବଧାନରେ ଆଗୁଆ ରହିଥିଲା। ଖେଳ ଶେଷବେଳକୁ ଫ୍ରାନ୍ସ ଗୋଲ ଶୁଝାଇବାକୁ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲା। ଏହା ଫଳରେ ଇଞ୍ଜୁରୀ ଟାଇମ୍ ବା ୯୫ତମ ମିନିଟ୍‌ରେ ଡେମ୍ବେଲେ ଗୋଲ ସ୍କୋର କରି ଖେଳକୁ ଅତିରିକ୍ତ ସମୟ ନେବାର ସମ୍ଭାବନା ସୃଷ୍ଟି କରିଥିଲେ। ଏହାର ୨ ମିନିଟ୍ ପରେ ବେଲିଂହାମ୍‌ଙ୍କ ଏକକ ପ୍ରଚେଷ୍ଟା ବଳରେ ଇଂଲଣ୍ଡ ୬ଷ୍ଠ ଗୋଲ ସ୍କୋର କରିଥିଲା। ଏହି ଗୋଲ ବଳରେ ଇଂଲଣ୍ଡ ୬-୪ରେ ଅଗ୍ରଣୀ ରହିବା ସହ ମ୍ୟାଚ୍‌କୁ ଜିତିନେଇଥିଲା। ଏହି ବିଶ୍ୱକପ୍‌ରେ ବେଲିଂହାମ୍ ୭ଟି ଗୋଲ ସ୍କୋର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଥିଲେ।

## ପ୍ଲେ ଅଫ୍ ମୁକାବିଲାରେ ବିଶ୍ୱକପ୍ ରେକର୍ଡ

ମିଆମି,୧୯।୭ (ଏଜେନ୍ସି): ଫ୍ରାନ୍ସକୁ ୬-୪ ଗୋଲରେ ପରାସ୍ତ କରି ଇଂଲଣ୍ଡ ଏଠାରେ ଅନୁଷ୍ଠିତ ପ୍ଲେ ଅଫ୍ ବା ତୃତୀୟସ୍ଥାନ ଲାଗି ମୁକାବିଲାରେ ବିଜୟୀ ହୋଇଛି। ସେମିଫାଇନାଲରେ ପରାଜୟ ହେଉ କିମ୍ବା ଖେଳାଳିଙ୍କ ମନୋବଳ ବଳରେ ଏହି ମ୍ୟାଚ୍‌ରେ ଏକାଧିକ ବିଶ୍ୱକପ୍ ରେକର୍ଡ ହୋଇଛି କିମ୍ବା ଦୀର୍ଘ ବର୍ଷ ପରେ ପୁନରାବୃତ୍ତି ହୋଇଛି। ଏହି ମ୍ୟାଚ୍‌ରେ ୧୦ଟି ଗୋଲ୍ ହୋଇଛି। ପ୍ରତ୍ୟେକ ଦଳ ଅତିକମ୍‌ରେ ୪ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି। ଗୋଟିଏ ମ୍ୟାଚ୍‌ରେ ଉଭୟ ଦଳ ୪ଟି ଲେଖାଏଁ ଗୋଲ ସ୍କୋର କରିବା ୬୪ବର୍ଷ ପରେ ଦେଖିବାକୁ ମିଳିଛି। ୧୯୬୨ ବିଶ୍ୱକପ୍‌ରେ କଲମ୍ବିଆ ଓ ସୋଭିଏତ ୟୁନିଅନ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ ୪-୪ ଗୋଲରେ ଡ୍ର ରହିଥିଲା। ଶେଷଥର ବିଶ୍ୱକପ୍‌ରେ ଏହା ଦେଖିବାକୁ ମିଳିଥିଲା।

୧୯୮୨ ପରେ ଖେଳାଯାଇଥିବା ବିଶ୍ୱକପ୍ ମୁକାବିଲାରେ ଏଠାରେ ସର୍ବାଧିକ ଗୋଲ ହୋଇଥିଲା। ୧୯୮୨ ବିଶ୍ୱକପ୍‌ରେ ଏଲ୍‌ସାଲ୍‌ଭାଡରକୁ ୧୦-୧ ଗୋଲରେ ହରାଇବା ଶେଷଥର ଲାଗି ଗୋଟିଏ ବିଶ୍ୱକପ୍ ମ୍ୟାଚ୍‌ରେ ୧୦ଟି ଗୋଲ ହେବାର ରେକର୍ଡ ରହିଥିଲା। ସେହିପରି ପ୍ଲେ ଅଫ୍ ମୁକାବିଲାରେ ଇଂଲଣ୍ଡ ୬-୪ ଗୋଲରେ ଫ୍ରାନ୍ସକୁ ପରାସ୍ତ କରିଥିଲା। ଫଳରେ ଏହି ମ୍ୟାଚ୍‌ରେ ୧୦ଟି ଗୋଲ ହୋଇଥିଲା। ବିଶ୍ୱକପ୍‌ରେ ଏଯାଏ ଖେଳାଯାଇଥିବା ସମସ୍ତ ମ୍ୟାଚ୍‌ରେ ଏହା ସର୍ବାଧିକ। ବିଶ୍ୱକପ୍ ଇତିହାସରେ ମଧ୍ୟ ଇଂଲଣ୍ଡର ସର୍ବବୃହତ୍ ବିଜୟ।

## ପ୍ରଥମ ଭାରତୀୟ ଭାବେ ଜାପାନ ଓପନ୍ ଜିତିଲେ ସିନ୍ଧୁ

ଟୋକିଓ, ୧୯।୭ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ଇତିହାସ ରଚିଛନ୍ତି। ପ୍ରଥମ ଭାରତୀୟ ଭାବେ ସିନ୍ଧୁ ସମ୍ମାନଜନକ ଜାପାନ ଓପନ୍ ଟାଇଟଲ୍ ଜିତିଛନ୍ତି। ରବିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ ସିନ୍ଧୁ ୨୧-୧୭, ୨୧-୧୭ ସିଧାସଳଖ ଗେମରେ ଘରୋଇ ତାରକା ଅକାନେ ୟାମାଗୁଚିଙ୍କୁ



ପରାସ୍ତ କରିଥିଲେ। ତିନିଥରର ବିଶ୍ୱ ବିଜୟିନୀ ୟାମାଗୁଚି ଲଢ଼େଇ କରି ନ ପାରି ମାତ୍ର ୫୦ ମିନିଟ ମଧ୍ୟରେ ପରାସ୍ତ ହୋଇଥିଲେ। ସିନ୍ଧୁଙ୍କ ବିପକ୍ଷରେ ୩୦ତମ ମୁକାବିଲାରୁ ୟାମାଗୁଚିଙ୍କ ଏହା ୧୬ତମ ପରାଜୟ ହୋଇଛି। ଚାମ୍ପିଅନ ହେବା ସହ ସିନ୍ଧୁ ତାଙ୍କ ଟ୍ରଫି ମରୁଡ଼ିର ଅନ୍ତ ଘଟାଇ ୨ ବର୍ଷ ପରେ ପ୍ରଥମ ବିଡବ୍ଲ୍ୟୁଏଫ୍ ଟାଇଟଲ୍ ହାସଲ କରିଛନ୍ତି। ଶେଷଥର ଲାଗି ସିନ୍ଧୁ ୨୦୨୪ରେ ସୟଦ ମୋଦି ଇଣ୍ଟରନ୍ୟାସନାଲ ଟୁର୍ଣ୍ଣାମେଣ୍ଟ ଟାଇଟଲ୍ ଜିତିଥିଲେ। ସେହିଭଳି ୪ ବର୍ଷ ପରେ ବିଦେଶ ମାଟିରେ ସିନ୍ଧୁଙ୍କ ଏହା ପ୍ରଥମ ସଫଳତା ଥିଲା। ଶେଷଥର ଲାଗି ସେ ୨୦୨୨ରେ ସିଙ୍ଗାପୁର ଓପନରେ ଚାମ୍ପିଅନ ହୋଇଥିଲେ। ଅପରପକ୍ଷରେ ୩୧ ବର୍ଷୀୟା ସିନ୍ଧୁଙ୍କ ଏହା ମୋଟ୍ ଉପରେ ଷଷ୍ଠ ବିଡବ୍ଲ୍ୟୁଏଫ୍ ଟାଇଟଲ୍ ହୋଇଛି।

## ଟି-୨୦ ସିରିଜ ଜିତିଲା ବାଂଲାଦେଶ

ବୁଲାୱାୟୋ, ୧୮।୭ (ଏଜେନ୍ସି): ଘରୋଇ ଜିମ୍ବାୱେ ବିପକ୍ଷ ତୃତୀୟ ଟି-୨୦ ମ୍ୟାଚକୁ ବାଂଲାଦେଶ ୪ ୱିକେଟରେ ବିଜୟୀ ହୋଇଛି। ରବିବାର ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଜିମ୍ବାୱେ ଡିଅନ ମେୟର୍ସ (୭୩)ଙ୍କ ଅର୍ଦ୍ଧଶତକ ବଳରେ ୭ ୱିକେଟରେ ୧୪୩ ରନ କରିଥିଲା। ଜବାବରେ ଭ୍ରମଣକାରୀ ବାଂଲାଦେଶ ତାନଜିଦ ହାସାନ ତମିମ (୫୮ ବଲରେ ୬୬ ରନ)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ୨ଟି ବଲ୍ ବାକି ଥାଇ ୬ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଏହି ବିଜୟ ସହ ବାଂଲାଦେଶ ୨-୧ରେ ଟି-୨୦ ସିରିଜ ଜିତିନେଇଛି। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚକୁ ଜିମ୍ବାୱେ ୩୨ ରନରେ ଓ ବାଂଲାଦେଶ ୩୪ ରନରେ ଦ୍ୱିତୀୟ ମ୍ୟାଚରେ ବିଜୟୀ ହୋଇଥିଲା।

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

## ଉଷୁ ବିଚାରକ ସେମିନାରରେ ଭାଗନେଲେ ୪୨

ଭୁବନେଶ୍ୱର, ୧୯।୭ (ସମିସ): ଉଷୁ ଆସୋସିଏସନ ଅଫ୍ ଓଡ଼ିଶା ଓ ଖୋର୍ଦ୍ଧା ସଂଘର ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ଓଡ଼ିଶା ରାଜ୍ୟ ଉଷୁ ବିଚାରକ (ଜଜ୍) ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜ୍ୟରୁ ୪୨ଜଣ ଜଜ୍ ଭାଗନେଇଥିଲେ। ଏହି ଦୁଇ ଦିନିଆ ସେମିନାରରେ ବିଶେଷଜ୍ଞଙ୍କ ଦ୍ୱାରା ତାଓଲୁ (ଇଭେଣ୍ଟସ୍) ଏବଂ ସ୍ୟାଣ୍ଡ(ଫାଇଟ୍), ବକ୍ତୃତା ଅଧିବେଶନ ସହିତ ଭିଡିଓ



ବିଶ୍ଳେଷଣ ଏବଂ ଅନଲାଇନ୍ ପରୀକ୍ଷା ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା। ଆୟୋଜକ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ଉତ୍ସବରେ କ୍ରୀଡ଼ା ବିଭାଗର କ୍ଷଣପ୍ରଭା ମହାନ୍ତି ଓ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଓକିଲ ସୂର୍ଯ୍ୟ ନାରାୟଣ ଦାସ ଅତିଥିଭାବେ ଯୋଗଦେଇଥିଲେ।

(ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି)



ସ୍ୱର୍ଗତଃ ମିନତି ସାମନ୍ତରାୟ
ଆବିର୍ଭାବ - ୧୩/୪/୧୯୬୫ / ତିରୋଧାନ - ୩୦/୭/୨୦୨୫
ଆଜି ପୁଣି ସେହି ଦିନ ଫେରିଆସିଛି—
ଯେଉଁ ଦିନ ଆମ ଘରର ଆକାଶରୁ
ଏକ ଉଜ୍ଜ୍ୱଳ ତାରା ନିରବରେ ଅସ୍ତ ହୋଇଗଲା।
ସମୟ ତା'ର ଗତିରେ ଆଗକୁ ବଢ଼ି ଚାଲିଛି,
ଋତୁ ବଦଳିଛି, ବର୍ଷା ଆସିଛି, ଫୁଲ ଫୁଟିଛି, ପୁଣି ଝରି ଯାଇଛି,
କିନ୍ତୁ ତୋର ବିୟୋଗର ଶୂନ୍ୟତା
ଆଜିବି ସେହିପରି ତାଜା, ସେହିପରି ଗଭୀର।
-: ଶୋକସନ୍ତପ୍ତ :-
( ବାପା, ଟୁକୁନା, ଲୀନା, ବାବୁଲି, ବୁଦୁ, ଜୁନ୍ ଯୁନ୍, ଚିକୁ , ବନ୍ଦନା, ଚୁମକି)

## ଲର୍ଡ୍ସରେ ରୋହିତ୍‌ଙ୍କ ଶତକ କୀର୍ତ୍ତିମାନ

ଲଣ୍ଡନ, ୧୯।୭ (ଏଜେନ୍ସି): ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ରବିବାର ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୩୮୮ ରନର ବିଶାଳ ଟାର୍ଗେଟ୍ ଭାରତ ସାମ୍ନାରେ ଧାର୍ଯ୍ୟ କରିଛି। ଏହାକୁ ପିଛା କରିଥିବା ଭାରତ ଶେଷ ଖବର ସୁଦ୍ଧା ୪୩ ଓଭରରେ ୨ ୱିକେଟ ହରାଇ ୩୦୦ ରନ ସଂଗ୍ରହ କରିଛି। ଓପନର୍ ରୋହିତ୍ ଶର୍ମା ୧୧୦ ବଲରେ ସର୍ବାଧିକ ୧୩୮ ରନ କରି ଆଉଟ୍ ହୋଇଛନ୍ତି। ଫଳରେ



ଏହି ଆଇକନିକ ଗ୍ରାଉଣ୍ଡରେ ଦିନିକିଆ ଶତକ ହାସଲ କରିବାରେ ସେ ପ୍ରଥମ ଭାରତୀୟ ବ୍ୟାଟର ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଶୁବମାନ ଗିଲ୍ ୭୭, ବିରାଟ କୋହଲି ଅପରାଜିତ ୬୩ ରନ କରିଛନ୍ତି। ସିରିଜ ୧-୧ରେ ସମାନସ୍ତରରେ ରହିଥିବାରୁ ଏହି ମ୍ୟାଚ୍ ଜିତି ଉଭୟ ଦଳ ସିରିଜ ହାତେଇବା ଲକ୍ଷ୍ୟରେ ରହିଛନ୍ତି।

ପୂର୍ବରୁ ଟସ୍ ଜିତି ବ୍ୟାଟିଂ କରିଥିବା ଇଂଲଣ୍ଡ ଟପ୍ ଅର୍ଡରର ସଫଳତା ବଳରେ ୩ ୱିକେଟରେ ୩୮୭ ରନର ପାହାଡ଼ ଭଳି ସ୍କୋର ଠିଆ କରିଥିଲା। ବେନ୍ ଡକେଟ ୧୩୫ ବଲରେ ସର୍ବାଧିକ ୧୪୧ ରନ କରିଥିଲେ। ନିଜର ଏହି ୪ର୍ଥ ଦିନିକିଆ ଶତକୀୟ ପାଳିରେ ସେ ୧୮ ଚୌକା ଓ ଗୋଟିଏ ଛକା ମାରିଥିଲେ। ସେହିଭଳି ଅନ୍ୟତମ ଓପନର ଜାକବ ବେଥେଲ ୯୧, ଅଧିନାୟକ ଜୋ ରୁଟ୍ ୪୮ ବଲରେ ୭୪ ରନର ଅପରାଜିତ ପାଳି ଖେଳିଥିଲେ। ଜୋଶ ବଟଲର ୩ଟି ଛକା ଓ ୪ଟି ଚୌକା ବଳରେ ୧୩ ବଲରୁ ୪୧ ରନ କରି ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୨ଟି ୱିକେଟ୍ ନେଇଥିଲେ। ଲର୍ଡ୍ସ ଗ୍ରାଉଣ୍ଡରେ ଦିନିକିଆରେ ଏହା ସର୍ବବୃହତ୍ ସ୍କୋର ହୋଇଛି। ପୂର୍ବରୁ ୧୯୭୫ରେ ସମାନ ଭାରତ ବିପକ୍ଷରେ ଇଂଲଣ୍ଡ ୪ ୱିକେଟରେ ୩୩୪ ରନ କରିଥିଲା।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS